# ଜୟନାରାୟଣଙ୍କ ବିରୋଧରେ ପ୍ରତିବାଦ କଲା ମହିଳା ବିଜେଡି


ସମ୍ବଲପୁରରେ ମହିଳା ଆଇଆଇସିଙ୍କୁ ମାଡ଼ ମାରିବା ଘଟଣାରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ କରାଯାଉଛି।

ଭୁବନେଶ୍ୱର, ୧୬।୨ (ବ୍ୟୁରୋ)

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଜଣେ କର୍ତ୍ତବ୍ୟରତ ମହିଳା ପୋଲିସ ଅଧିକାରୀଙ୍କୁ ମାଡ଼ ମାରିବା ପ୍ରତିବାଦରେ ଗୁରୁବାର ମହିଳା ବିଜେଡି ରାସ୍ତାକୁ ଓହ୍ଲାଇଛି। ଜୟନାରାୟଣଙ୍କ ଏପରି ଆଚରଣ ବିରୋଧରେ ଶତାଧିକ ମହିଳା ବିକ୍ଷୋଭ ପ୍ରଦର୍ଶନ କରିବା ସହ ତାଙ୍କର ଗିରଫ ଦାବି ମଧ କରିଛନ୍ତି। ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ପ୍ରତିବାଦ ସମାବେଶ ସହିତ ଜୟନାରାୟଣଙ୍କ କୁଶପୁତଳିକା ଦାହ କରାଯାଇଛି। ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି, ଜୟନାରାୟଣ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ରାସ୍ତା ଉପରେ ଖଣ୍ଡା ବୁଲାଇ ହିଂସା ସୃଷ୍ଟି କରି ଅନ୍ୟକୁ ଭୟଭୀତ କରନ୍ତି। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସରକାରୀ ଅଫିସରଙ୍କୁ ମାଡ଼ ମାରି ହାତ ଭାଙ୍ଗିବା, ବିଧାୟକ ସୁବାସ ପାଣିଗ୍ରାହୀ ଆଦିବାସୀ ବିଡିଓଙ୍କୁ ମାଡ଼ ମାରିବା

**ଭାଜପା ଯଦି ବହିଷ୍କାର ନ କରେ ଆନ୍ଦୋଳନ ତୀବ୍ର ହେବ**

ଏବଂ ଏମ୍ପି ଜୁଏଲ ଓରାମ ନିଜ ଦଳର ମହିଳା ନେତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଆଦି ଭାଜପାର ନିତିଦିନିଆ ଅଭ୍ୟାସ ହୋଇଛି ବୋଲି ରାଜ୍ୟସଭା ଏମ୍ପି ସୁଲତା ଦେଓ କହିଛନ୍ତି।

ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର କହିଛନ୍ତି, ଜନପ୍ରତିନିଧିମାନେ ଆଗରୁ ଏଭଳି କରିବା ଦେଖି ନ ଥିଲେ। ଏହି ଘଟଣାକୁ ନେଇ ଦାବି କରୁଛୁ ଯେ, ବିରୋଧୀ ଦଳ ନେତା ନୈତିକତା ଦୃଷ୍ଟିରୁ ତାଙ୍କ ପଦରୁ ଇସ୍ତଫା ଦିଅନ୍ତୁ। ଏହି ବିକ୍ଷୋଭ ସମାବେଶରେ ସୁମିତ୍ରା ଜେନା, ମୀରା ପରିଡ଼ା, ଗୀତା ବସ୍ତିଆ, ସନ୍ଧ୍ୟା ବିଶ୍ୱାଳ, କସ୍ତୁରୀ ମହାପାତ୍ର, ଲୋପାମୁଦ୍ରା ବକ୍ସିପାତ୍ର, ଇପ୍ସିତା ସାହ ସାମିଲ ହୋଇ ଜୟନାରାୟଣଙ୍କ ଆଚରଣକୁ ନିନ୍ଦା କରିଛନ୍ତି। ଆଗାମୀ ଦିନରେ ଯଦି ଭାଜପା ଜୟନାରାୟଣ ମିଶ୍ରଙ୍କୁ ବହିଷ୍କାର ନ କରେ କିମ୍ବା ପୋଲିସ ଗିରଫ ନ କରିବ ତେବେ ମହିଳା ବିଜେଡି ପକ୍ଷରୁ ଏହି ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି।


ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗକୁ ନେଇ ରାଜଭବନ ନିକଟରେ ଗୁରୁବାର ଭାଜପା ପକ୍ଷରୁ ଧାରଣା ଦିଆଯାଇଛି।

# ଆଇନ ଶୃଙ୍ଖଳାକୁ ନେଇ ବର୍ଷିଲା ଭାଜପା

## ନବଙ୍କୁ ହତ୍ୟା, ଜୟନାରାୟଣଙ୍କ ସହ ପୋଲିସର ଲଢ଼େଇ ନେଇ ରାଜନୀତି ସରଗରମ

ଭୁବନେଶ୍ୱର, ୧୬।୨ (ବ୍ୟୁରୋ)

ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ଘଟଣା ଏବଂ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଗତ ୩ ଦିନ ହେଲା ରାଜ୍ୟବ୍ୟାପୀ ଭାଜପା ପକ୍ଷରୁ ଆନ୍ଦୋଳନ କରାଯାଉଛି। ଏହି ପ୍ରସଙ୍ଗରେ ଗୁରୁବାର ରାଜଧାନୀରେ ହେଭିୱେଟ୍ ନେତାଙ୍କ ପାୱାର ଶୋ' ଦେଖିବାକୁ ମିଳିଛି। ରାଜଭବନ ଆଗରେ ଭାଜପା ନେତା ଓ କର୍ମୀ ବହୁ ସଂଖ୍ୟାରେ ଏକାଠିହୋଇ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଛନ୍ତି। ଧାରଣାରେ ଭାଜପାର ବହୁ ହେଭିୱେଟ୍ ନେତା ସାମିଲହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ ବୁଧବାର ସବୁ ଜିଲାରେ ଭାଜପା ବିକ୍ଷୋଭ ଓ ପ୍ରତିବାଦ କରିଥିଲା। ସମ୍ବଲପୁରରେ ଭାଜପାର ବିକ୍ଷୋଭ ବେଳେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଓ ଜଣେ ମହିଳା ଆଇଆଇସିଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି। ଏହିସବୁ ପ୍ରସଙ୍ଗରେ ଭାଜପା ନେତାମାନେ ଧାରଣା ଦେଇଥିବା ବେଳେ ଏଥିରେ ଏମ୍ପି ସୁରେଶ ପୂଜାରୀ, ପ୍ରତାପ ଷଡ଼ଙ୍ଗୀ, ରାଜ୍ୟ ସଭାପତି ସମୀର ମହାନ୍ତି, ଏମ୍ପି ଅପରାଜିତା ଷଡ଼ଙ୍ଗୀ, ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଓ ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ପ୍ରମୁଖ ସାମିଲ ହୋଇଥିଲେ।

ଏହି ଅବସରରେ ସଭାପତି ସମୀର କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଭାଜପା ବିରୋଧ କରୁଥିବାରୁ ବିରୋଧୀ ଦଳ ନେତାଙ୍କୁ ପୋଲିସ ପ୍ରଶାସନ ମାଧ୍ୟମରେ ଅପମାନିତ କରାଯାଉଛି। ଭାଜପା ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ କହିଛନ୍ତି, ଓଡ଼ିଶାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜୟନାରାୟଣ ମିଶ୍ରଙ୍କ ଉପରେ ମିଥ୍ୟା ଆରୋପ ଲଗାଯାଉଛି। ଏହିସବୁ ଘଟଣା ନେଇ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି।

**ଜୟନାରାୟଣ-ପୋଲିସ କଳି**

# ବିଜେଡି–ଭାଜପା ମୁହାଁମୁହିଁ

ଭୁବନେଶ୍ୱର, ୧୬।୨ (ବ୍ୟୁରୋ)

ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ଏବଂ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଭାଜପାର ଜିଲାସ୍ତରୀୟ ପ୍ରତିବାଦ ଏବଂ ବିକ୍ଷୋଭ ଚାଲିଥିବା ବେଳେ ବୁଧବାର ବିରୋଧୀ ଦଳ ନେତା ଓ ଜଣେ ମହିଳା ଆଇଆଇସିଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ହୋଇଛି। ନବଙ୍କୁ ହତ୍ୟା ପ୍ରସଙ୍ଗରେ ଭାଜପା ଶାସକ ଦଳକୁ ଟାର୍ଗେଟ କରୁଥିବା ବେଳେ ଜୟନାରାୟଣଙ୍କ ଘଟଣା ବିଜେଡିକୁ ବେଶ୍ ସୁହାଇଛି। ବିଜେଡି ଏବେ ଜୟନାରାୟଣଙ୍କ କଥାକୁ ଧରି ମହିଳାଙ୍କୁ ଭାଜପା ନେତା ଅସମ୍ମାନ କରୁଥିବା ପ୍ରଚାର ଆରମ୍ଭ କରିଦେଇଛି। ତେବେ ଏହି କଥାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହାର ଉତ୍ତର ମାଗିଛନ୍ତି। ଅନ୍ୟପଟେ ଧର୍ମେନ୍ଦ୍ର ଏହି ପ୍ରସଙ୍ଗରେ ଉତ୍ତର ରଖି ଶାସକ ବିଜେଡିର ଡଜନେ ନେତା, ମନ୍ତ୍ରୀ ବିଭିନ୍ନ ଆପରାଧିକ ଘଟଣାରେ ଅଭିଯୁକ୍ତ ବୋଲି କହିଛନ୍ତି।

ପ୍ରଣବ ପ୍ରକାଶ ଟୁଇଟ୍ କରି କହିଛନ୍ତି, ଧର୍ମେନ୍ଦ୍ର ଭାଇ ଏବେ ଯିଏ ବିରୋଧୀ ଦଳ ନେତା ହୋଇଛନ୍ତି ଅତୀତରେ ସେ ଭାଜପା ରାଜ୍ୟ ସଭାପତିଙ୍କୁ ଚପଲରେ ପିଟି ରକ୍ତାକ୍ତ କରିଦେଇଥିଲେ। ଏଥିଲାଗି ଜୟନାରାୟଣଙ୍କୁ ଦଳରୁ ୬ ବର୍ଷ ସସ୍‌ପେଣ୍ଡ ମଧ କରାଯାଇଥିଲା। ଗୋଟିଏ ପରେ ଗୋଟିଏ ଅପରାଧ କରିଚାଲିଥିବା ଜୟନାରାୟଣ ବୁଧବାର ଜଣେ କର୍ତ୍ତବ୍ୟରତ ମହିଳା ଆଇଆଇସିଙ୍କୁ ମାଡ଼ ମାରିଛନ୍ତି। ବିଡ଼ମ୍ବନା ହେଉଛି ଯେଉଁ ଜୟନାରାୟଣଙ୍କଠାରୁ ଦିନେ ରାଜ୍ୟ ସଭାପତି ମାଡ଼ ଖାଇଥିଲେ ସେ ଜୟନାରାୟଣଙ୍କ ପାଇଁ ଭାଜପା ଏବେ ଓକିଲାତି କରିବାକୁ ବାଧ ହେଉଛନ୍ତି। ଭାଜପା ଭଳି ଏକ ରାଷ୍ଟ୍ରୀୟ ଦଳର ରାଜ୍ୟ ସଭାପତିଙ୍କୁ ବିରୋଧୀ ଦଳ ନେତା ଯେଉଁଭଳି ବ୍ୟବହାର କରୁଛନ୍ତି ତାହା ଦେଖି

**ଭାଜପା ସଭାପତିଙ୍କୁ ପିଟି ରକ୍ତାକ୍ତ କରିଥିଲେ ଜୟନାରାୟଣ: ପ୍ରଣବ**

**ମୂଳ ପ୍ରସଙ୍ଗରୁ ନଜର ହଟାଇବାକୁ ପ୍ରାୟୋଜିତ କାର୍ଯ୍ୟକ୍ରମ: ଧର୍ମେନ୍ଦ୍ର**

ତାଙ୍କୁ ଦୁଃଖ ଲାଗୁଛି। ଆପଣଙ୍କ ଦଳର ରାଜ୍ୟ ସଭାପତିଙ୍କ ଏଭଳି ଦୟନୀୟ ଅବସ୍ଥା ଦେଖି ନୀରବ ନ ରହିବାକୁ ସେ ଉଲ୍ଲେଖ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡର ମୂଳ ବିଷୟକୁ ନ ଖୋଜି ଶାସକ ଦଳ ପ୍ରାୟୋଜିତ କାର୍ଯ୍ୟ କରୁଛି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ଶାସକ ଦଳର ଅନେକ ମନ୍ତ୍ରୀ ହତ୍ୟା ଓ ବିଭିନ୍ନ କେଲେଙ୍କାରୀରେ ସାମିଲ ଅଛନ୍ତି। ନୈତିକତା କଥା କିଏ କହୁଛି ବୋଲି ସେ ପଚାରିଛନ୍ତି। ରାଜନୀତିରେ ହିଂସାର ସ୍ଥାନ ନାହିଁ। କିନ୍ତୁ ପ୍ରସଙ୍ଗ କେବଳ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ନୁହେଁ। ରାଜ୍ୟର କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଜଣେ ଏଏସ୍‌ଆଇ ହତ୍ୟାକଲେ, ତାହା ହେଉଛି ମୂଳ ବିଷୟ। ଏହି ହତ୍ୟା ଘଟଣାର ମୂଳ କାରଣକୁ ନ ଖୋଜି ଶାସକ ଦଳର ଏଭଳି ପ୍ରାୟୋଜିତ କାର୍ଯ୍ୟକ୍ରମ ଦୁର୍ଭାଗ୍ୟଜନକ। ଓଡ଼ିଶା ପୋଲିସକୁ ଜୟନାରାୟଣ ବିଶ୍ୱାସକରୁ ନ ଥିବା କଥା କହିଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀ ପୋଲିସ ଲାଞ୍ଚ ନେଉଥିବା କଥା ଯେତେବେଳେ କହିଲେ, ସେହି ସମୟରେ ତାଙ୍କୁ କେହି ସଂସ୍ଥା ବିରୋଧ କରିଥିଲେ କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଶାସକ ଦଳ ୩ଟି ବଡ଼ ବଡ଼ ପୋଲିସ ଟିମ୍‌କୁ ଲଗାଇ ପ୍ରାୟୋଜିତ ଭାବେ ଜୟନାରାୟଣଙ୍କୁ ଭୁଲ୍ ମାଗିବା ପାଇଁ ବାଧ କରୁଛି। ତେବେ ଜୟନାରାୟଣ ବିରୋଧୀ ଦଳର ନେତା, କାହାର ଦୟାର ପାତ୍ର ନୁହନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ସର୍କିଟ୍ ହାଉସ ଘେରିଲା ବିଜେଡି

ସମ୍ବଲପୁର, ୧୬।୨ (ବ୍ୟୁରୋ)

ଭାଜପା ପକ୍ଷରୁ ବୁଧବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ଘେରାଉ ସମୟରେ ହୋଇଥିବା ଘଟଣାକୁ ନେଇ ବିଜେଡି ପ୍ରତିକ୍ରିୟାଶୀଳ ହୋଇଛି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ରହୁଥିବା ସର୍କିଟ ହାଉସକୁ ଗୁରୁବାର ଦଳର କର୍ମକର୍ତ୍ତା ଘେରାଉ କରିଥିଲେ। ଜିଲା ବିଜେଡି ଆହ୍ୱାନ କ୍ରମେ ଶତାଧିକ ମହିଳା କର୍ମୀଙ୍କ ସହ ଯୁବ ବିଜେଡି କର୍ମକର୍ତ୍ତା ସର୍କିଟ ହାଉସ ଭିତରକୁ ଧସେଇ ପଶିଥିଲେ। ହେଲେ ସେହି ସମୟରେ ସର୍କିଟ ହାଉସରେ ବିରୋଧୀ ଦଳ ନେତା ଅନୁପସ୍ଥିତ ରହିଥିଲେ। ଭିତରେ କର୍ମକର୍ତ୍ତାମାନେ ଜୟନାରାୟଣ ମିଶ୍ର ମୁର୍ଦ୍ଦାବାଦ, ଇସ୍ତଫା ଦିଅନ୍ତୁ କହି ନାରାବାଜି କରିଥିଲେ। ସର୍କିଟ ହାଉସକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ମଧ୍ୟ ମହିଳାମାନେ ଧାରଣାରେ ବସି ବିକ୍ଷୋଭ କରିଥିଲେ। ବିରୋଧୀ ଦଳ ନେତା ଜୟନାରାୟଣ ଧନୁପାଲି ଥାନା ଅଧିକାରୀ ଅନିତା ପ୍ରଧାନଙ୍କୁ ମାଡ଼ ମାରିବା ସହ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବାରୁ ସର୍ବସମ୍ମୁଖରେ ସେ ମହିଳାମାନଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେମାନେ

**ଜୟନାରାୟଣଙ୍କ କ୍ଷମା ପ୍ରାର୍ଥନା, ଇସ୍ତଫା ଦାବି**

ଦାବି କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା, ଟାଉନ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣଙ୍କ ସମେତ ପୋଲିସ କର୍ମଚାରୀ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ଜିଲାପରିଷଦ ସଭାପତି କୁମୁଦିନୀ ନାଏକ ପ୍ରମୁଖ ସାମିଲ ଥିଲେ।







# ଏକତରଫା ନେଇ ଏନ୍‌ଏଚ୍‌ଆର୍‌ସିରେ ମାମଲା

ସମ୍ବଲପୁର, ୧୬।୨ (ବ୍ୟୁରୋ)

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ନାମରେ ଏକତରଫା ଭାବେ ଥାନାରେ ମାମଲା ରୁଜୁ ଘଟଣାକୁ ନେଇ ଜାତୀୟ ମାନବ ଅଧିକାର କମିଶନରଙ୍କ ପାଖରେ ଅଭିଯୋଗ ହୋଇଛି। ଏନ୍‌ଏଚ୍‌ଆର୍‌ସି କେସ୍ ନମ୍ବର ୨୮୩୧/ଇନ/୨୦୨୩ରେ ମାମଲା ଦାଏର ହୋଇଛି। 'ନ୍ୟାୟ ପାଇଁ ଲଢେଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏନ୍‌ଏଚ୍‌ଆର୍‌ସିରେ ଏହି ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଭାଜପା ନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ପୋଲିସ ବିରୋଧରେ ଦେଇଥିବା ଅଭିଯୋଗର ଏକ ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ। ଅନ୍ୟପଟେ ପୂର୍ବତନ ଆଇପିଏସ୍ ଅଫିସର ଅରୂପ ପଟ୍ଟନାୟକ ଜୟନାରାୟଣ ମିଶ୍ରଙ୍କୁ ଖୋଲାଖୋଲି ଧମକ ଦେଉଛନ୍ତି, ଯାହା ଗଣତନ୍ତ୍ରକୁ ହତ୍ୟା ସଦୃଶ ବୋଲି ସେ ଉଲ୍ଲେଖ କରିଛନ୍ତି।




# 'କାର୍ଯ୍ୟାନୁଷ୍ଠାନ ନିଆଯାଉ'

ସମ୍ବଲପୁର, ୧୬।୨ (ବ୍ୟୁରୋ)

**ପୋଲିସ କର୍ମଚାରୀ ସଂଘର ଡିଜିପିଙ୍କୁ ଦାବିପତ୍ର**

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଧନୁପାଲି ଥାନା ଅଧିକାରୀ ଅନିତା ପ୍ରଧାନଙ୍କୁ ଚାପୁଡା ଦେଖାଇବା ସହ ଗାଳିଗୁଲଜ କରିବା ଘଟଣାରେ ପୋଲିସ କର୍ମଚାରୀ ସଂଘ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ସଂଘ କର୍ମକର୍ତ୍ତା ଗୁରୁବାର ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାରଙ୍କ ଜରିଆରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ପୋଲିସ କର୍ମଚାରୀ ଓ ଅଧିକାରୀମାନଙ୍କୁ ବାରମ୍ବାର ବିରୋଧୀ ଦଳ ନେତା ସମାଲୋଚନା କରୁଛନ୍ତି। ଏପରି କି ଗାଳିଗୁଲଜ ଓ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏଥିପାଇଁ କାମ କରିବାରେ ମାନସିକ ଚାପ ସୃଷ୍ଟି ହେଉଛି। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ଧନୁପାଲି ଥାନା ଅଧିକାରିଣୀ ଅନିତା ପ୍ରଧାନ, କ୍ଷେତରାଜପୁର ଥାନା ଅଧିକାରୀ ମମତା ନାଏକ, ସଦର ଥାନା ଅଧିକାରିଣୀ ଅନିତା ପଟ୍ଟନିଆ, ଡିଏସ୍‌ପି ହୋମଗାର୍ଡ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ରାଜେଶ୍ୱରୀ ଭୋଇ, ଡିଏସ୍‌ପି ଥୋମାସ କେରକେଟା, ପ୍ରଭାତୀ ସେଟ, ରେଢାଖୋଲ ଥାନା ଅଧିକାରିଣୀ ଜୟରଶ୍ମି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ପକ୍ଷରୁ ମଧ୍ୟ ଆଇଜିଙ୍କ ଜରିଆରେ ଡିଜିପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।









# ବଦଳିଲା ବିଏମ୍‌ସି କାର୍ଯ୍ୟାଳୟ ଠିକଣା

**ଭୁବନେଶ୍ୱର, ୧୬।୨ (ବ୍ୟୁରୋ)**

ବହୁ ପ୍ରତୀକ୍ଷିତ ବିଏମ୍‌ସି ଆଇସିଓଏମ୍‌ସି ଟାୱାର ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଆଇସିଓଏମ୍‌ସି କୋଠା (ଇଣ୍ଟେଲିଜେଣ୍ଟ ସିଟି ଅପରେଶନ୍ସ ଆଣ୍ଡ୍ ମ୍ୟାନେଜମେଣ୍ଟ ସେଣ୍ଟର) ସମ୍ପର୍କିତ ଭିଡିଓ ସ୍କ୍ରିନିଂ ପରେ ବିଏମ୍‌ସି ପକ୍ଷରୁ ପ୍ରସ୍ତୁତ 'ସଫା' ଆପ୍‌କୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ। ଏଣିକି ସତ୍ୟନଗରସ୍ଥିତ ଆଇସିଓଏମ୍‌ସି ଟାୱାରରେ ବିଏମ୍‌ସି କାର୍ଯ୍ୟାଳୟ ଚାଲିବ। ଉଦ୍‌ଘାଟନ ଉତ୍ସବରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ପ୍ରିନ୍ସିପାଲ ସେକ୍ରେଟାରି ଜି. ମାଥି ଭାଥନନ୍, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସାମାଜିକ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବିଏମ୍‌ସି ଆଇସିଓଏମ୍‌ସି ଟାୱାର ଲୋକାର୍ପିତ

ସତ୍ୟନଗରଠାରେ ୪.୦୪ ଏକର ଅଞ୍ଚଳରେ ନିର୍ମିତ ୧୧ ମହଲା ବିଶିଷ୍ଟ ଟାୱାରର ନିର୍ମାଣରେ ୭୩ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି। ଟାୱାରର ଲୋୟର ଗ୍ରାଉଣ୍ଡ, ଅପର ଗ୍ରାଉଣ୍ଡ, ତୃତୀୟ ଏବଂ ଚତୁର୍ଥ ମହଲା ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ରହିବ। ସେଥିମଧ୍ୟରେ ଅପରଗ୍ରାଉଣ୍ଡରେ ମେୟର, ଡେପୁଟି ମେୟରଙ୍କ କକ୍ଷ ରହିବା ସହ କର୍ପୋରେଟର ଲାଉଞ୍ଜ, ଏଷ୍ଟାବ୍ଲିସ୍‌ମେଣ୍ଟ ଏବଂ ହେଲ୍‌ଥ ଆଦି ବିଭାଗ ରହିଛି। ତୃତୀୟ ମହଲାରେ ବିଏମ୍‌ସିର ହାଉସିଂ, ଏବିସି, ଓଡିଏ, ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ, ମାର୍କେଟ, ଲ୍ୟାଣ୍ଡ, ଆସେଟ୍, ଲିଗାଲ୍, ପିଏମ୍‌ୟୁ, ରାଜସ୍ୱ, ପ୍ରୋକ୍ୟୁରମେଣ୍ଟ, କ୍ୟାଣ୍ଟିନ୍, ଲାଇବ୍ରେରି ଏବଂ ଜିମ୍ ରହିବ। ସେହିପରି ୪ର୍ଥ ମହଲାରେ କମିଶନରଙ୍କ କକ୍ଷ ରହିବ। ଅପରପକ୍ଷେ ପ୍ରଥମ ଏବଂ ଦ୍ୱିତୀୟ ମହଲା ଆଇସିଓଏମ୍‌ସିକୁ ଦିଆଯାଇଥିବାବେଳେ ୫ମ ମହଲାରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ୍)ର କାର୍ଯ୍ୟାଳୟ ଏବଂ ୬ଷ୍ଠରୁ ୧୦ମ ମହଲା ପର୍ଯ୍ୟନ୍ତ ଡେଲଏର୍‌କୁ ପ୍ରଦାନ କରାଯାଇଛି। ପୂର୍ବରୁ ଡେଲଏଟ୍ ଏଠାରେ ତା'ର କାର୍ଯ୍ୟାଳୟ ଆରମ୍ଭ କରି ସାରିଥିବାବେଳେ ପ୍ରାୟ ସପ୍ତାହତଳେ ସ୍ମାର୍ଟସିଟିର ଠିକଣା ଏଠାକୁ ବଦଳି ସାରିଛି। ବିଏମ୍‌ସିର ନୂତନ କୋଠା ଉଦ୍‌ଘାଟନ ପରେ ଆସନ୍ତା ୨୦ତାରିଖରେ ପ୍ରସ୍ତାବିତ କର୍ପୋରେଶନ ବୈଠକ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ସେହିଭଳି କଳ୍ପନା ଛକରୁ ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ସ୍ଥାନାନ୍ତର ପରେ ସାମନ୍ତରାପୁରଠାରେ ଭଡ଼ାରେ ଚାଲିଥିବା ବିଏମସିର ଦକ୍ଷିଣ-ପୂର୍ବ ଜୋନାଲ କାର୍ଯ୍ୟାଳୟ ପୁରୁଣା ବିଏମ୍‌ସି କୋଠାକୁ ସ୍ଥାନାନ୍ତର ହେବ ବୋଲି ସୂଚନା ମିଳିଛି।




ଭୁବନେଶ୍ୱର ସତ୍ୟନଗରସ୍ଥିତ ବିଏମ୍‌ସି ଆଇସିଓଏମ୍‌ସି ଟାୱାରକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି।

## ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**କଟକ ଅଫିସ/ ଚୌଦ୍ୱାର, ୧୬।୨ (ଡି.ଏନ୍.ଏ.)**

ଚୌଦ୍ୱାର ଜେଲରେ ରହୁଥିବା ଜଣେ ବିଚାରାଧୀନ କଏଦୀଙ୍କର ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ୪୨ ମୌଜା ଥାନା ଅନ୍ତର୍ଗତ ତଇଲିପଡ଼ା ଗ୍ରାମର ତ୍ରିନାଥ ବେହେରା(୬୫)। ସେ ଏକ ଠକେଇ ମାମଲାରେ ଗିରଫ ହୋଇ ଗତ ଜାନୁୟାରୀ ୧୦ ତାରିଖରେ ଚୌଦ୍ୱାର ଜେଲକୁ ଆସିଥିଲେ। ଗୁରୁବାର ସକାଳ ସାଢେ ୭ଟାରେ ହଠାତ୍ ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ଜେଲ ପକ୍ଷରୁ ଆମ୍ବୁଲାନ୍ସ ଯୋଗେ କଟକ ବଡ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳାବାଗ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଦିନକ ପରେ କପିଳାସ ଜାଗରଯାତ୍ରା

**ଢେଙ୍କାନାଳ ଅଫିସ, ୧୬।୨**



କପିଳାସ କ୍ଷେତ୍ରାଧିପତି ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଶନିବାର ଅନୁଷ୍ଠିତ ହେଉଛି ପ୍ରସିଦ୍ଧ ଜାଗରଯାତ୍ରା। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମହାଦେବଙ୍କ ଏହି ବାର୍ଷିକ ଯାତ୍ରା ଉପଲକ୍ଷେ ପ୍ରାତଃ ୪ଟା ୯ରେ ପାଳିଆ ସେବକଙ୍କ ଦ୍ୱାରା ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ। ଏଥିପୂର୍ବରୁ ୩ଟା ୫୫ରେ ବେଢ଼ା ପରିକ୍ରମା ଅନୁଷ୍ଠିତ ହେବ। ମହାଦୀପ ଉଠିବା ପରେ ୪ଟା ୨୫ରେ ପୂଜା ପଣ୍ଡାଙ୍କ ଦ୍ୱାରା ହରିହର ବେଶ ଅନୁଷ୍ଠିତ ହେବ। ଏଥିସହ ଯଥାନୀତି ଷୋଳପୂଜା, ନାଗାଭରଣ ବେଶ, ପଞ୍ଚବକ୍ର ପୂଜା ହେବ। ମହାଦେବଙ୍କ ଏହି ବାର୍ଷିକ ଯାତ୍ରା ଉପଲକ୍ଷେ ମୁଖ୍ୟ ମନ୍ଦିର, ପାର୍ଶ୍ୱ ମନ୍ଦିରଗୁଡ଼ିକରେ ଚୂନଲିପା କାର୍ଯ୍ୟ ଶେଷ ହୋଇଛି। ଯାନବାହନ ନିୟନ୍ତ୍ରଣ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି। ଜାଗର ଉପଲକ୍ଷେ ପୀଠ ପରିସର ଏବଂ ପାଦଦେଶରେ ଉଠା ଦୋକାନୀ ପସରା ମେଲାଇଲେଣି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୬ ପ୍ଲାଟୁନ ପୋଲିସ ମୁତୟନ କରାଯିବ ବୋଲି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଜାଗର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କପିଳାସ ପାଦଦେଶରେ ମହାଦେବଙ୍କ ଭବ୍ୟ ପ୍ରତିକୃତି ଏବଂ ବାରବାଙ୍କ ଘାଟି ରାସ୍ତାରେ ଚାଲିଥିବା ବିଦ୍ୟୁତୀକରଣ କାର୍ଯ୍ୟ ଲୋକାର୍ପଣ କରାଯିବା କାର୍ଯ୍ୟକ୍ରମ ରହିଛି।




## ପରିବାର ଅଦାଲତରେ ବର୍ଷାଙ୍କୁ ଜେରା ଅସମ୍ପୂର୍ଣ୍ଣ



**କଟକ ଅଫିସ, ୧୬।୨**

କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାହ ବିଚ୍ଛେଦ ମାମଲାର ଶୁଣାଣି ଗୁରୁବାର କଟକ ପରିବାର ଅଦାଲତରେ ହୋଇଥିଲା। ବର୍ଷାଙ୍କୁ ଦୁଇଟି ପର୍ଯ୍ୟାୟରେ ଜେରା କରାଯାଇଥିବା ଜଣାପଡ଼ିଛି। ହେଲେ ଜେରା ଅସମ୍ପୂର୍ଣ୍ଣ ରହିଛି। ଅନୁଭବଙ୍କ ଓକିଲ ଗୀତା ଲୁଥ୍ରା ଜେରାବେଳେ ପିଟିଶନ୍‌ରେ ଦର୍ଶାଯାଇଥିବା ତଥ୍ୟ ବାହାରୁ କିଛି ପଚାରୁଥିବାରୁ ତାହାର ବିରୋଧ କରାଯାଇଥିବା ବର୍ଷାଙ୍କ ଓକିଲ ସିଦ୍ଧାର୍ଥ ଦାସ କହିଛନ୍ତି। ପ୍ରଶ୍ନ ପଚାରିବାବେଳେ ବର୍ଷା ଅସ୍ୱାଭାବିକ ମନେ କରିଛନ୍ତି। କିଛି ପ୍ରଶ୍ନ ଉପରେ ଆପତ୍ତି ଉଠାଇ କୋର୍ଟଙ୍କୁ ଜଣାଇଥିବା ବର୍ଷାଙ୍କ ଓକିଲ କହିଛନ୍ତି। ଅପରପକ୍ଷରେ ଗୀତା କହିଛନ୍ତି, ଜେରାରେ ଆମର ସବୁବେଳେ ସହଯୋଗ ରହିଆସିଛି ଓ ଆଗକୁ ବି ରହିବ। ଜେରାବେଳେ ଆମର କୌଣସି ପ୍ରଶ୍ନ ଅସ୍ୱାଭାବିକ ନ ଥିଲା ଓ କୋର୍ଟଙ୍କ ନିର୍ଦ୍ଦେଶ ମାନି ଅନୁଭବ ଗୁରୁବାର କୋର୍ଟରେ ହାଜର ହୋଇଥିବା ସେ କହିଛନ୍ତି। ତେବେ ପରବର୍ତ୍ତୀ ଶୁଣାଣି ସମ୍ପର୍କରେ ତାରିଖ ଧାର୍ଯ୍ୟ ହୋଇ ନ ଥିବା ଜଣାପଡିଛି।

# ୫ଜଣଙ୍କୁ ଆଜୀବନ କାରାଦଣ୍ଡ

■ **ସନ୍ତୋଷ ପ୍ରଧାନୀ ହତ୍ୟା ଘଟଣା**

**ବାଲିଗୁଡା, ୧୬।୨(ଡି.ଏନ୍.ଏ)**

କନ୍ଧମାଳ ଜିଲା ବାଲିଗୁଡା ଅତିରିକ୍ତ ଜିଲା ଦୌରାଜଜ୍ ଦିଲୀପ କୁମାର ବିଶ୍ୱାଳ ଏକ ହତ୍ୟା ଘଟଣାର ବିଚାର କରି ଗୁରୁବାର ୫ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଦଣ୍ଡାଦେଶ ପାଇଥିବା ୫ ଦୋଷୀ ହେଲେ ଗଙ୍ଗାଧର ପାତ୍ର, ପ୍ରଦୀପ ଦଣ୍ଡସେନା, ବାରାଣସୀ ପାତ୍ର, ବିନାୟକ ପାତ୍ର ଓ ଗୋଲକ ପୂଜାରୀ । ଅନ୍ୟଜଣେ ଅଭିଯୁକ୍ତ ସନ୍ତୋଷ ପାତ୍ରଙ୍କର ପୂର୍ବରୁ ମୃତ୍ୟୁ ହୋଇଯାଇଛି।

ସୂଚନାଯୋଗ୍ୟ, ୨୦୧୪ ମାର୍ଚ୍ଚ ୧୨ରେ ବାଲିଗୁଡା ଥାନା ଅନ୍ତର୍ଗତ ବୁଢ଼ାଗୁଡ଼ା ନେଡ଼ିସାହିର ସନ୍ତୋଷ ପ୍ରଧାନୀଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉପରୋକ୍ତ ଅଭିଯୁକ୍ତମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ସନ୍ତୋଷଙ୍କୁ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଲିଗୁଡ଼ା ପୋଲିସ ମାମଲା ରୁଜୁ କରି ୬ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନରେ ଆସିଥିଲେ। ସରକାରୀ ଓକିଲ ରବୀନ ଚନ୍ଦ୍ର ସାହୁ ଓ ମୁଦାଲାଙ୍କ ପକ୍ଷରୁ ସୁରେନ୍ଦ୍ର ପାତ୍ର ମାମଲା ପରିଚାଳନା କରୁଥିଲେ।

# ବାଇକ୍‌କୁ ପିଟିଲା ଟ୍ରକ୍: ବାପ ପୁଅ ମୃତ

**ନୂଆପଡ଼ା ଅଫିସ୍, ୧୬।୨(ଡି.ଏନ୍.ଏ)**

ନୂଆପଡ଼ା ଜିଲା ଲଖନା ଥାନା କୁସଦହନାସ୍ଥିତ ବିଜୁ ଏକ୍ସପ୍ରେସ୍ ୱେରେ ଗୁରୁବାର ମଧ୍ୟାହ୍ନରେ ଦୁର୍ଘଟଣା ଘଟିଛି। ବାଇକ୍‌କୁ ଟ୍ରକ୍ ଧକ୍କା ଦେବାରୁ ବାପ ପୁଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋମନା ଥାନା ମିଛାପାଲି ଗାଁର କମଳ ପାଟକୀନାରା (୩୫) ଓ ତାଙ୍କ ପୁଅ ଦୀପକ (୫)। କମଳ ଓଏପିଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିଲେ। ଲଖନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାପ ଓ ପୁଅଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୀପକଙ୍କୁ ଝାଡ଼ାବାନ୍ତି ହେଉଥିବାରୁ ଚିକିତ୍ସା ପାଇଁ କମଳ ନିଜ ବାଇକ୍‌ରେ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣୁଥିଲେ। କୁସଦହନା ନିକଟରେ ଏକ ଟ୍ରକ୍ ବାଇକ୍‌କୁ ଧକ୍କା ଦେଇଥିଲା। ଟ୍ରକ୍ ସହ ଡ୍ରାଇଭରଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି।






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ବୁଦ୍ଧିରେ ଠାକୁର,
ପର ବୁଦ୍ଧିରେ କୁକୁର।**

ନିଜ ବୁଦ୍ଧିର ପରିଣତି ଯାହାହେଉ ପଛେ ସେଥିରେ ଆତ୍ମସନ୍ତୋଷ ଲଭିବାକୁ ପଡେ। ନିଜ ବୁଦ୍ଧି ବିବେକକୁ ପାଥେୟ କରି ଆଗକୁ ବଢ଼ିବା ଭଲ। ପରନ୍ତୁ ପର ବୁଦ୍ଧିରେ ପଡି ବାଟ ଚାଲିବା ଉଚିତ ନୁହେଁ। କାରଣ ପର ବୁଦ୍ଧିରେ ପରିଚାଳିତ ହେଲେ ପଛରେ ହୀନସ୍ତା ଭୋଗିବାକୁ ପଡିପାରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଆଲୋ ମୂତୁରୀ ଶୋଇବା;
ତୁ ତ ମୂତୁରୀ, ମୁଁ ତ ମୂତୁରୀ,
ହେଁସ କାହିଁ ପାଇଁ ଧୋଇବା ?**

ଯେଉଁଠାରେ ଉଭୟ ପକ୍ଷ ଦୋଷଯୁକ୍ତ ହୋଇଥାନ୍ତି, ସେଠାରେ କେହି କାହାର ଦୋଷ ଦୁର୍ବଳତା ଦେଖିବା ଉଚିତ ହୋଇ ନ ଥାଏ। ଦୁଇ ସମଭାବାପନ୍ନ ବା ସମସ୍ୱଭାବ ବିଶିଷ୍ଟ ବ୍ୟକ୍ତି ପରସ୍ପର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଘରେ ପଶି ମହିଳାଙ୍କୁ ନିର୍ମମ ହତ୍ୟା

ଛତ୍ରପୁର,୧୬।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଧୀନ ବିପୁଲିଙ୍ଗି ଗାଁରେ ବୁଧବାର ବିଳମ୍ବିତ ରାତିରେ ଘରେ ପଶି ଜଣେ ମହିଳାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ମହିଳା ହେଲେ ଉକ୍ତ ଗାଁର ରାଧାଶ୍ୟାମ ଚୌଧୁରୀଙ୍କ ସ୍ତ୍ରୀ ସୁପ୍ରଭା ଚୌଧୁରୀ। ଧାରୁଆ ଅସ୍ତ୍ରରେ ମୁଣ୍ଡକୁ ବାରମ୍ବାର ଚୋଟ ପକାଇ ତାଙ୍କୁ ହତ୍ୟା କରାଯାଇଛି। ଗୁରୁବାର ଛତ୍ରପୁର ଥାନା ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ଜବତ ପରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

ସୂଚନା ଅନୁସାରେ, ସୁପ୍ରଭାଙ୍କ ସ୍ୱାମୀ ରାଧାଶ୍ୟାମ ଗାଁରେ ଦୋକାନଟିଏ କରିଛନ୍ତି। ପୁଅମାନେ ହାଇଦ୍ରାବାଦରେ ରହୁଛନ୍ତି। ସବୁଦିନ ଭଳି ରାଧାଶ୍ୟମ ବୁଧବାର ରାତିରେ ଘରେ ଖାଇପିଇ ଦୋକାନକୁ ଶୋଇବାକୁ ଯାଇଥିଲେ। ସୁପ୍ରଭା ଘରେ ଏକାକୀ ଶୋଇଥିଲେ। ବିଳମ୍ବିତ ରାତିରେ ଘର ପଛପଟ କବାଟ ଭାଙ୍ଗି କେହି ଦୁର୍ବୃତ୍ତ ଘରକୁ ଆସି ଶୋଇଥିବା ସୁପ୍ରଭାଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ବାରମ୍ବାର ଚୋଟ ପକାଇ ହତ୍ୟା କରିବା ପରେ ଛାତ ଦେଇ ଚାଲିଯାଇଛନ୍ତି। ସକାଳେ ରାଧାଶ୍ୟାମ ଘରକୁ ଆସିଥିବା ବେଳେ ସୁପ୍ରଭାଙ୍କ ମୃତଦେହ ପଡିଥିବା ଦେଖି ଛତ୍ରପୁର ଥାନାକୁ ଖବର ଦେଇଥିଲେ। ଏ ନେଇ ରାଧାଶ୍ୟାମଙ୍କ ଏତଲା ପ୍ରକାରେ ପୋଲିସ ନଂ.୧୨୮/୩୩ରେ ମାମଲା ରୁଜୁ କରିଛି। ଟଙ୍କା, ସୁନା ଓ ବିଭିନ୍ନ ସାମଗ୍ରୀ ମଧ୍ୟ ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ଛତ୍ରପୁର ଏସ୍‌ଡିପିଓ ଗୌତମ କିଶାନ ପହଞ୍ଚି ଅନୁଧ୍ୟାନ କରଛନ୍ତି।

## ସ୍ଥାପନ ହେବ ୧ ହଜାର...

ପ୍ରଥମ ପୃଷ୍ଠାରୁ...

ଫସଲ ବିବିଧତା ଉପରେ ଗୁରୁତ୍ୱାରୋପ କରି ଚାଷୀମାନଙ୍କୁ ନୂଆ ଜ୍ଞାନକୌଶଳ ବ୍ୟବହାର କରିବା ସହିତ ଅଧିକ ପରିମାଣରେ ଅଣଧାନ ଅର୍ଥକରୀ ଫସଲ ଚାଷ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଟେକ୍ନୋଲୋଜି ହେଉଛି ବିକାଶର ଆଧାର। କୃଷି କ୍ଷେତ୍ରରେ ମଧ୍ୟ ଟେକ୍ନୋଲୋଜିର ବହୁତ ଆବଶ୍ୟକତା ରହିଛି। ଏ ବର୍ଷ ମେଳାରେ କୃଷି କ୍ଷେତ୍ରରେ ନୂଆ ଟେକ୍ନୋଲୋଜିର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ସେ ଖୁସି ପ୍ରକାଶ କରିଛନ୍ତି। ଚାଷୀମାନେ ସମସ୍ତେ ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବେ, ବ୍ୟବହାର କରିବେ ଏବଂ କୃଷି କ୍ଷେତ୍ରରେ ସଫଳ ହୋଇ ନିଜର ଓ ନିଜ ରାଜ୍ୟର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। କୃଷି ଓ କୃଷକମାନଙ୍କ ଉନ୍ନତି ରାଜ୍ୟ ସରକାରଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। କୃଷି କ୍ଷେତ୍ରରେ ଓଡ଼ିଶା ଆଜି ଏକ ଆଗୁଆ ରାଜ୍ୟ ହୋଇପାରିଛି। ଖାଦ୍ୟରେ ଅଭାବ ଥିବା ଏକ ରାଜ୍ୟ ଖାଦ୍ୟ ଶସ୍ୟରେ ଏକ ବଳକା ରାଜ୍ୟ ହୋଇ ସାରା ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଚାଉଳ ଯୋଗାଇ ପାରୁଛି ବୋଲି ସେ କହିଛନ୍ତି। କାଳିଆ ଯୋଜନା ଦ୍ୱାରା ଚାଷୀମାନଙ୍କୁ ରୋଜଗାର ସୁରକ୍ଷା ମିଳିପାରିଛି ବୋଲି ପ୍ରକାଶ କରି ସେ କହିଲେ, ଫାର୍ମ ମେକାନାଇଜେଶନ ଉପରେ ଗୁରୁତ୍ୱ ଦିଆଯାଇ ଫସଲ ଉତ୍ପାଦକତା ବଢ଼ାଇବା ପାଇଁ ଉଦ୍ୟମ ଜାରି ରହିଛି। ପଣସ ମିଶନ, ଛତୁ ମିଶନ ଆଦି ସ୍ୱତନ୍ତ୍ର ମିଶନ ଜରିଆରେ ଚାଷୀଙ୍କ ରୋଜଗାର ସହିତ ପୁଷ୍ଟି ନିରାପତ୍ତା ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ମିଲେଟ ମିଶନ ଆଜି ସାରା ଦେଶ ଓ ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି। ଏହା ମିଶନ ଶକ୍ତି ମା'ମାନଙ୍କର ରୋଜଗାର ବଢ଼ାଇବାରେ ସହାୟକ ହୋଇପାରିଛି। 'କୃଷି ଓଡ଼ିଶା'ରେ ଉପସ୍ଥିତ ଥିବା ଡବ୍ଲୁଏଫ୍‌ପି, ଆଇଏଫ୍‌ଏଡି ଏବଂ ଏଫ୍‌ଏଓ ଭଳି ସଂସ୍ଥାର ପ୍ରତିନିଧିମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କୃଷି କ୍ଷେତ୍ରରେ ସେମାନଙ୍କ ନିରନ୍ତର ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ କୃଷି ବିଭାଗ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛି। କୃଷକମାନଙ୍କ ଆୟବୃଦ୍ଧିରେ କୃଷି ଆନୁଷଙ୍ଗିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇ ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ମାଛ, ମାଂସ, ଅଣ୍ଡା ଓ ଦୁଗ୍ଧ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବା ସହିତ ଚାଷୀମାନଙ୍କ ରୋଜଗାର ମଧ୍ୟ ବୃଦ୍ଧି କରାଯାଇପାରିଛି ବୋଲି ସେ କହିଛନ୍ତି। ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିକାଶ ପ୍ରମୁଖ ସଚିବ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ପ୍ରେମଚନ୍ଦ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

ମୁଖ୍ୟମନ୍ତ୍ରୀ ଏକ ଗଛରେ ପାଣି ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଛୋଟ ଗଛ ପ୍ରଦାନ କରାଯାଇଥିଲା। 'କୃଷି ଓଡ଼ିଶା' ତିନି ଦିନ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷର ରାଜ୍ୟ କୃଷି ମହୋତ୍ସବର ଶୀର୍ଷକ ହେଉଛି 'କୃଷି ବିକାଶରେ ନୂତନ ଜ୍ଞାନକୌଶଳ'।

ରାଜ୍ୟର ବିଭିନ୍ନ ସ୍ଥାନରୁ ଚାଷୀମାନେ ଏହି ମହୋତ୍ସବକୁ ଆସୁଛନ୍ତି। ବିଭିନ୍ନ କମ୍ପାନୀ ଦ୍ୱାରା କୃଷି କ୍ଷେତ୍ରରେ ପ୍ରଦର୍ଶିତ ହେଉଥିବା ମେଶିନ ଓ ଯନ୍ତ୍ରାଂଶ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯିବ। ପାରମ୍ପରିକ କୃଷି ବ୍ୟତୀତ ନୂତନ ଜ୍ଞାନକୌଶଳରେ କିପରି ଚାଷ କରାଯିବ ସେ ସମ୍ପର୍କରେ ଆଲୋଚନା ହେବ। ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି କଲ୍ୟାଣ ଯୋଜନାର ମଧ୍ୟ ସମୀକ୍ଷା ହେବ।

## ତ୍ରିପୁରାରେ ୮୧%...

ଇଣ୍ଡିଜେନିଅସ୍ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରା (ଆଇପିଏଫ୍‌ଟି) ୬ଟି ଆସନରେ ଲଢ଼ୁଛି। ବାମସାମ୍ମୁଖ୍ୟ ୪୭ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ଏହାର ସହଯୋଗୀ କଂଗ୍ରେସ ୧୩ଟି ଆସନରେ ଲଢ଼ୁଛି। ଆଞ୍ଚଳିକ ଦଳ ଟିପ୍ରା ମୋଥା ୪୨ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୫୮ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ମୁଖ୍ୟମନ୍ତ୍ରୀ ମାନିକ୍ ଶାହା ବର୍ଦୋୱାଲି ଟାଉନ ଆସନରୁ ଉପନିର୍ବାଚନରେ ବିଜୟୀ ହୋଇଥିଲେ। ଏଥର ମଧ୍ୟ ସେ ଉକ୍ତ ଆସନରୁ ଲଢ଼ୁଛନ୍ତି। ସେହିପରି ବାମଦଳ-କଂଗ୍ରେସ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ସିପିଆଇଏମ୍ ରାଜ୍ୟ ସମ୍ପାଦକ ଜିତେନ୍ଦ୍ର ଚୌଧରୀ ସାବ୍ରୁମ୍ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ମାର୍ଚ୍ଚ ୨ରେ ଭୋଟ ଗଣତି ହୋଇ ଫଳ ପ୍ରକାଶ ପାଇବ।

## ମୋତେ ମାରିବାକୁ ଉଦ୍ୟମ...

ଓଡ଼ିଶାବାସୀ ଦେଖିଛନ୍ତି। ସରକାରରେ ଥାଇ ସରକାରୀ ସମ୍ପତ୍ତିକୁ ଭାଙ୍ଗି ନଷ୍ଟ କରିଛନ୍ତି। ଏହାକୁ ନେଇ କାହା ପାଖରେ ଅଭିଯୋଗ କରିବାର ନାହିଁ। ପୋଲିସ ସରକାରୀ କଳକୁ ନେଇ କାମ କରୁଛି। ଭାଜପା ପକ୍ଷରୁ ବୁଧବାର ଟାଉନ ଥାନାରେ ଅଭିଯୋଗ କରାଯାଇଥିଲା। ହେଲେ ପୋଲିସ ମାମଲାକୁ ଏ ପର୍ଯ୍ୟନ୍ତ ପଞ୍ଜୀକୃତ କରିନାହିଁ। ଏହାକୁ ନେଇ କୋର୍ଟକୁ ଯିବୁ ବୋଲି ଜୟନାରାୟଣ କହିଛନ୍ତି।

ଭୁବନେଶ୍ୱରଠାରେ ଅରୂପ ପଟ୍ଟନାୟକ ବିରୋଧୀ ଦଳ ନେତା ଜୟନାରାୟଣଙ୍କୁ ପରୋକ୍ଷରେ ଧମକ ଦେଇଛନ୍ତି। ଏହାର ପ୍ରତିକ୍ରିୟାରେ ଜୟନାରାୟଣ କହିଛନ୍ତି ଯେ, ମୁମ୍ବାଇ ପୋଲିସ କମିଶନର ଥିବାବେଳେ ଅରୂପ ପଟ୍ଟନାୟକଙ୍କ କାର୍ଯ୍ୟଧାରା ବିଷୟରେ ସମସ୍ତେ ଜାଣିଛନ୍ତି। ବାଂଲାଦେଶୀମାନଙ୍କ ଗୋଟିଏ ଆନ୍ଦୋଳନ ସମୟରେ ତାଙ୍କର ଭୂମିକା କ'ଣ ଥିଲା ଦେଶବାସୀ ଜାଣିଛନ୍ତି। ସେ କେତେ ଦମ୍‌ଦାର ଲୋକ ସମସ୍ତେ ଜାଣନ୍ତି। ଉକ୍ତ ଘଟଣାରେ ତାଙ୍କୁ ତଡ଼ା ଖାଇବାକୁ ପଡ଼ିଥିଲା ବୋଲି ଜୟନାରାୟଣ କହିଛନ୍ତି।

## ଷଣ୍ଢପଣିଆ ଦେଖାଉଛି...

ଆଇନଶୃଙ୍ଖଳା ବିରୋଧରେ ବୁଧବାର ଭାଜପା ପକ୍ଷରୁ କରାଯାଇଥିବା ଆନ୍ଦୋଳନରେ ସାମିଲ ହୋଇ ସମ୍ବଲପୁର ବିଧାୟକ ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଧନୁପାଲି ଥାନା ଅଧିକାରୀ ଅନିତା ପ୍ରଧାନଙ୍କୁ ଧକ୍କା ମାରିବା ସହିତ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପ୍ରଧାନ ମଧ୍ୟ ପାଲଟା ଜୟନାରାୟଣଙ୍କୁ ମୁଥ ମାରିଥିବା ଅଭିଯୋଗ ହୋଇଛି। ଅନିତାଙ୍କ ଅଭିଯୋଗକ୍ରମେସମ୍ବଲପୁରଟାଉନଥାନାପୋଲିସଜୟନାରାୟଣଙ୍କବିରୋଧରେ ମାମଲା ରୁଜୁ କରିଛି। ପୂର୍ବରୁ ମଧ୍ୟ ଜୟନାରାୟଣଙ୍କ ନାଁରେ ମାମଲା ରହିଛି।

## ସିଗାରେଟ୍ ପାଇଁ...

ଯେ, ମୁଁ ଛୋଟ ପିଲାଙ୍କୁ ଭଲପାଏ। ମୁଁ ଜାଣିଛି ଏହାପରେ ମୁଁ ମେଣ୍ଟାଲ ହସ୍ପିଟାଲ କିମ୍ବା ଜେଲ ଯିବି। କିନ୍ତୁ ଯାହାହେଲେ ବି ମୁଁ କକ୍‌ପିଟ୍‌କୁ ଯିବି। କ୍ରିଉ ମୋସ୍କଭିଟିନାଙ୍କୁ ଶାନ୍ତ କରିବା ପାଇଁ ଯେତେ ଚେଷ୍ଟା କରିଥିଲେ ମଧ୍ୟ ବିମାନ ଭିତରେ ଉଲଗ୍ନ ହୋଇ ସେ ଚିତ୍କାର କରିବା ବନ୍ଦ କରୁ ନ ଥିଲେ। ଶେଷରେ ଜଣେ ମହିଳା କ୍ରିଉ ଏକ କପଡ଼ାରେ ତାଙ୍କ ଦେହକୁ ଢାଙ୍କି ଥିଲେ ଏବଂ ତାଙ୍କ ହାତରେ ପ୍ଲାଷ୍ଟିକ୍ ହାଣ୍ଡକଫ୍ ପିନ୍ଧାଇଥିଲେ। ବିମାନରେ ଥିବା ଡାକ୍ତର କିଛି ସମୟ ପାଇଁ ମୋସ୍କଭିଟିନାଙ୍କୁ ମୋନିଟର କରିଥିଲେ। ମସ୍କୋର ଶେରେମେଟିଇଭୋ ବିମାନ ବନ୍ଦରରେ ଫ୍ଲାଇଟ୍ ଲ୍ୟାଣ୍ଡ କଲା ପରେ ପୋଲିସ ତାଙ୍କୁ ଅଟକାଇ ରଖିଥିଲା। ବିମାନରେ ଏ ପ୍ରକାର ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରୁଥିବା ଯାତ୍ରୀଙ୍କ ପାଇଁ ନୂଆ ନିୟମ ଲାଗୁ କରାଯିବାର ଆବଶ୍ୟତା ରହିଥିବା ଏରୋଫ୍ଲୋଟ ଫ୍ଲାଇଟ୍ ପକ୍ଷରୁ କୁହାଯାଇଛି।

## ୬ ମାସ ପରେ...

୩୦ଲକ୍ଷ ଟଙ୍କା ଦାବି କରିଥିଲେ। ହେଲେ ଏହାକୁ ମନା କରିବାରୁ ସୌମ୍ୟଜିତ୍‌ଙ୍କ ପରିବାର ଲୋକ ଶ୍ୱେତାଙ୍କ ପରିବାର ଲୋକଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଥିସହ ଶ୍ୱେତାଙ୍କ ସହିତ ସୌମ୍ୟଜିତ୍ କଥା ହେବା ବନ୍ଦ କରିଦେଇଥିଲେ। ପ୍ରେମ ପ୍ରତାରଣାର ଶିକାର ହୋଇ ଶ୍ୱେତା ଭାଙ୍ଗି ପଡ଼ିଥିଲେ। ୨୦୨୨ ଅଗଷ୍ଟ ୧୯ ରାତିରେ ଆପାର୍ଟମେଣ୍ଟରେ ସାଙ୍ଗମାନେ ନ ଥିବା ବେଳେ ଶ୍ୱେତା ଫ୍ୟାନରେ ଓଢ଼ଣୀ ଦ୍ୱାରା ଆତ୍ମହତ୍ୟା କରିଥିଲେ। ଝିଅ ଫୋନ ନ ଉଠାଇବାରୁ ପରିବାର ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶ୍ୱେତାଙ୍କ ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୫୬/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସୌମ୍ୟଜିତ୍‌ଙ୍କୁ ଥାନାକୁ ଡାକି ପଚରାଉଚରା କରିବା ପରେ ସିଆର୍‌ପିସି ୪୧ ଧାରାରେ ନୋଟିସ୍ ଦେଇ ଛାଡ଼ି ଦେଇଥିଲା। ଘଟଣାର ୨ଦିନ ପରେ ଶ୍ୱେତାଙ୍କ ବାପା ସୁଶାନ୍ତ ଦାସ ଥାନାରେ ସୌମ୍ୟଜିତ୍‌ଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ଆଇପିସି ଦଫା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ସୌମ୍ୟଜିତ୍‌ଙ୍କ ବିରୋଧରେ ଏକ ମାମଲା (ନଂ.୨୮୩/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଉଭୟଙ୍କ ଅଡିଓ କଲ୍ ଭାଇରାଲ ହୋଇଥିଲା, ଯେଉଁଥିରେ ଶ୍ୱେତାଙ୍କୁ ସୌମ୍ୟଜିତ ଗାଳି ଦେଉଥିବା ଏବଂ ଶ୍ୱେତା ତାଙ୍କ ଜୀବନରୁ ଚାଲିଯିବାକୁ କହୁଥିବା ଜଣାପଡ଼ିଥିଲା। ଏହାପରେ ଗିରଫକୁ ଏଡ଼ାଇବା ପାଇଁ ସୌମ୍ୟଜିତ୍ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରି ଅନ୍ତରୀଣ ସୁରକ୍ଷା ପାଇଥିଲେ। ହେଲେ ୧୦ ଦିନ ତଳେ ଏହାର ଅବଧି ସରିଯାଇଥିଲା। ଇତିମଧ୍ୟରେ ସୌମ୍ୟଜିତ ରାଜ୍ୟ ବାହାରକୁ ଖସିଯିବାକୁ ଯୋଜନା କରି ଫୋନ ମଧ୍ୟ ବ୍ୟବହାର କରୁ ନ ଥିଲେ। ରାଜ୍ୟ ବାହାରକୁ ଯିବା ପାଇଁ ସେ ଟିକେଟ୍ ମଧ୍ୟ କରିଦେଇଥିଲେ।

# ଝିଅ ମୃତଦେହ ଜଙ୍ଗଲରେ ଫିଙ୍ଗିଦେଲେ ବାପା

### ଅନ୍ଧବିଶ୍ୱାସ, ପଡ଼ୋଶୀଙ୍କ ବାସନ୍ଦ ଧମକ

### ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା କଲେ ଶବ ସତ୍କାର

ସୋନପୁର,୧୬।୨(ନି.ପ୍ର.)

ଅନ୍ଧବିଶ୍ୱାସ ଓ ସାହିପଡିଶାଙ୍କ ବାସନ୍ଦ ଧମକ ଗ୍ରାମାଞ୍ଚଳରେ ଏବେ ବି ଦେଖିବାକୁ ମିଳୁଛି। ସୁବର୍ଣ୍ଣପୁର ଜିଲା ତରଭା ଥାନା ବଡଯୋର ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କମସରା ପଞ୍ଚାୟତ ବଡଯୋର ଗାଁ ରାଜେନ୍ଦ୍ର ଦ୍ୱାରୀଙ୍କ ଝିଅ ସଞ୍ଜୁକ୍ତା(୨୯)ଙ୍କ ପାଟିରେ ଘା' ହୋଇଥିଲା। ଚିକିତ୍ସା ପରେ ବି ସେ ସୁସ୍ଥ ହୋଇ ନ ଥିଲେ। ଗାଁ ଲୋକେ ବସନ୍ତ ହୋଇଥିବା କହି ନାକ ଟେକିଥିଲେ। ମଙ୍ଗଳବାର ସଞ୍ଜୁକ୍ତାଙ୍କ ମୃତ୍ୟୁ ହୋଇଥିଲା। ଜ୍ଞାତି କୁଟୁମ୍ବ, ଗାଁ ଲୋକ ଓ ପଡୋଶୀ ଶବକୁ କାନ୍ଧ ଦେଇ ନ ଥିଲେ। ବାସନ୍ଦ ଭୟରେ ରାଜେନ୍ଦ୍ର ନିଜ ପୁଅ ସହିତ ମିଶି ଝିଅର ମୃତଦେହକୁ ଜଙ୍ଗଲକୁ ନେଇ ଫିଙ୍ଗି ଦେଇଥିଲେ। ମୃତଦେହ ଉପରେ ଡାଳ ପତ୍ର ରଖି ଦେଇ ଆସିଥିଲେ। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ମୃତଦେହକୁ ଅସମ୍ମାନ ସମ୍ପର୍କରେ ସୂଚନା ପାଇ ବଲାଙ୍ଗୀର ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ବୁଧବାର ରାଜେନ୍ଦ୍ରଙ୍କ ଘରେ ପହଞ୍ଚିଥିଲେ। ପୋଲିସ ଓ ମୃତାଙ୍କ ପରିବାର ନିକଟରୁ ଅନୁମତି ପାଇ ମୃତଦେହକୁ ସେମାନେ ଜଙ୍ଗଲରୁ ଆଣିଥିଲେ। ବୁଧବାର ସନ୍ଧ୍ୟାରେ ସ୍ୱେଚ୍ଛାସେବୀମାନେ ମୃତଦେହ ବଲାଙ୍ଗୀର ସହର ନେଇ ବିଭୂତିପଡା ଶ୍ମଶାନରେ ସମ୍ମାନର ସହ ସତ୍କାର କରିଥିଲେ।

ସୂଚନା ଅନୁଯାୟୀ, ଗତ ୨ ମାସ ପୂର୍ବରୁ ସଞ୍ଜୁକ୍ତାଙ୍କ ରୋଗ ସମ୍ପର୍କରେ ଜଣାପଡିଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ କମସରା ସ୍ୱାସ୍ଥ୍ୟକେନ୍ଦ୍ର ଓ ତରଭା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ବଲାଙ୍ଗୀରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ତେବେ ରୋଗ ଭଲ ନ ହେବାରୁ ଝିଅକୁ ଧରି ଘରକୁ ପଳାଇ ଆସିଥିଲେ ରାଜେନ୍ଦ୍ର। ଝିଅକୁ ଭଲ କରିବା ପାଇଁ ଗୁଣିଗାରେଡିର ସହାୟତା ମଧ୍ୟ ନେଇଥିଲେ। ମାତ୍ର ରୋଗ ଭଲ ହୋଇ ନଥିଲା। ସେ କିଛି ଖିଆପିଆ କରୁ ନ ଥିଲେ। ସଞ୍ଜୁକ୍ତାଙ୍କ ଯନ୍ତ୍ରଣା ଦେଖି ନିରୁପାୟ ହୋଇ ପଡିଥିଲେ ରାଜେନ୍ଦ୍ର। ଧାରଉଧାର କରି ଝିଅକୁ କଟକ ଏସ୍‌ସିବିକୁ ନେବା ପାଇଁ ପ୍ରସ୍ତୁତ ହେଉଥିଲେ। ହେଲେ ତା ପୂର୍ବ ଦିନ ଅର୍ଥାତ ମଙ୍ଗଳବାର ସଞ୍ଜୁକ୍ତାଙ୍କ ମୃତ୍ୟୁ ହୋଇଥିଲା। ବସନ୍ତ ରୋଗ ଯୋଗୁ ସଞ୍ଜୁକ୍ତାଙ୍କ ମୃତ୍ୟୁ ହୋଇଥିବା ଗାଁରେ ଗୁଜବ ପ୍ରଚାର ହେଲା। ମୃତଦେହ ସତ୍କାର ପାଇଁ କେହି ଆସିଲେନି। ଗାଁର ପ୍ରଥା ଅନୁସାରେ ବସନ୍ତ ରୋଗରେ କାହାର ମୃତ୍ୟୁ ହେଲେ ମୃତଦେହ ପୋଡା ଯାଇ ନଥାଏ କିମ୍ବା ମାଟି ଖୋଳି ପୋତା ଯାଏନି। ତେଣୁ ଝିଅର ମୃତଦେହକୁ ଜଙ୍ଗଲ ମଝିରେ ଫିଙ୍ଗି ଦେବାକୁ ଗାଁ ଲୋକ କହିଥିଲେ। ଯାହାକୁ ନେଇ ଅଡୁଆରେ ପଡି ଯାଇଥିଲେ ରାଜେନ୍ଦ୍ର। ନିଜର ଅନିଚ୍ଛା ସତ୍ତ୍ୱେ ପୁଅ ଓ ପୁତୁରାଙ୍କ ସହ ମିଶି ଝିଅ ମୃତଦେହକୁ ଖଟରେ ୩ କିଲୋମିଟର ଦୂର ବୋହି ନେଇ ଜଙ୍ଗଲରେ ଫିଙ୍ଗି ଦେଇଥିଲେ ବୋଲି ରାଜେନ୍ଦ୍ର କହିଛନ୍ତି। ତେବେ ବସନ୍ତ ହାଡଫୁଟି ରୋଗର ନିରାକରଣ ହେଲାଣି। ତାର ଔଷଧ ମଧ୍ୟ ବାହାରିଲାଣି। କିନ୍ତୁ ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର ହୋଇନି। ଗ୍ରାମାଞ୍ଚଳର ଲୋକଙ୍କୁ ସଚେତନ କରିବାରେ ଜିଲା ପ୍ରଶାସନ ଓ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଫଳ ହୋଇଥିବା ଏଭଳି ଘଟଣାରୁ ସ୍ପଷ୍ଟ ହେଉଛି।

# ୩ ବନ କର୍ମଚାରୀଙ୍କୁ କୋର୍ଟ ଚାଲାଣ

### ମୁଖ୍ୟ ସାକ୍ଷୀଙ୍କ ଆତ୍ମହତ୍ୟା ଘଟଣା

### ଶିମିଳିପାଳରେ ହାତୀ ପୋଡ଼ି, ପ୍ରମାଣ ନଷ୍ଟ ଉଦ୍ୟମ

ବାରିପଦା ଅଫିସ,୧୬।୨

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ବହୁ ଚର୍ଚ୍ଚିତ ଦନ୍ତାହାତୀ ପୋଡ଼ି ଓ ପ୍ରମାଣ ନଷ୍ଟ ଉଦ୍ୟମ ମାମଲାର ମୁଖ୍ୟ ସାକ୍ଷୀ ବିଷପିଇ ଆତ୍ମହତ୍ୟା କରିବା ଘଟଣାରେ ୩ ବନ କର୍ମଚାରୀଙ୍କୁ ଯଶିପୁର ପୋଲିସ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ କରଞ୍ଜିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ରେଞ୍ଜ ଦାୟିତ୍ୱରେ ଥିବା ଫରେଷ୍ଟର ଶିବ ଶଙ୍କର ସାମଲ, ଫରେଷ୍ଟ ଗାର୍ଡ ଚନ୍ଦ୍ରଭାନୁ ବେହେରା ଓ ବିନୋଦ କୁମାର ଦାସ।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଜେନାବିଲ ରେଞ୍ଜ ଗୁରୁଣ୍ଡିଆ ସେକ୍ସନ ଅଞ୍ଚଳରେ ଗତ ଡିସେମ୍ବର ୭ତାରିଖରେ ଏକ ଦନ୍ତାହାତୀ ଶିକାର କରାଯାଇଥିଲା। ପ୍ରମାଣ ନଷ୍ଟ ପାଇଁ ୩ ବନ କର୍ମଚାରୀ ହାତୀ ମୃତଦେହକୁ ପୋଡ଼ି ଅବଶିଷ୍ଟ ଦେହାବଶେଷକୁ ନିକଟସ୍ଥ ନଦୀରେ ଫିଙ୍ଗି ଦେଇଥିଲେ। ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ତେବେ ଏହି ଘଟଣାର ମୁଖ୍ୟ ସାକ୍ଷୀ କୁହାଯାଉଥିବା ଅନ୍ୟତମ ବନ କର୍ମଚାରୀ ଡୁରାମ ପୂର୍ତ୍ତି କଥା ପ୍ରଘଟ କରିବା ସନ୍ଦେହ କରି କର୍ମଚାରୀମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଜେଲରେ ଭର୍ତ୍ତି କରିବାକୁ ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ଡୁରାମ ବିଷ ପିଇ ଆତ୍ମହତ୍ୟା କରିଥିଲେ। କର୍ମଚାରୀମାନେ ତାଙ୍କୁ ବିଷ ପିଇବାକୁ ବାଧ୍ୟ କରିଥିବା ନେଇ ଡୁରାମଙ୍କ ସ୍ତ୍ରୀ ଚିଲମ ପୂର୍ତ୍ତି ଅଭିଯୋଗ କରିଥିଲେ। ଏନେଇ ଯଶିପୁର ଥାନା ପୋଲିସ ଏକ ମାମଲା (ନଂ. ୩୨୦/୨୨)ରୁଜୁ କରି ତଦନ୍ତ ଚଳାଇବା ସହ ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

# ୨ ଦିନିଆ ଓଡ଼ିଶା ଗସ୍ତରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ



ଭୁବନେଶ୍ୱର ବିମାନ ବନ୍ଦରରେ ଗୁରୁବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ପ୍ରମୁଖ ସ୍ୱାଗତ କରୁଛନ୍ତି।

### ଆଜି ବଜେଟ ସମ୍ପର୍କିତ ସୂଚନା ଦେବେ

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଗୁରୁବାର ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟା ବେଳେ ସ୍ଥାନୀୟ ଏକ ହେଟେଲ୍‌ରେ ଆୟୋଜିତ ଖବରଦାନା ସମ୍ମିଳନୀରେ ଯୋଗ ଦେଇ ନିର୍ମଳା ପୋଷ୍ଟ ବଜେଟ ସଂକ୍ରାନ୍ତରେ ସୂଚନା ପ୍ରଦାନ କରିବେ। ଗତ ୧ତାରିଖରେ ପାର୍ଲାମେଣ୍ଟରେ ଉପସ୍ଥାପିତ ହୋଇଥିବା କେନ୍ଦ୍ର ବଜେଟ ସମ୍ପର୍କରେ ସେ ବିସ୍ତୃତ ସୂଚନା ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ଏହାପରେ ଖୋର୍ଦ୍ଧା ଅରୁଗୁଳସ୍ଥିତ ଆଇଆଇଟିରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ଗୁରୁବାର ରାତି ପ୍ରାୟ ୮ଟାରେ ଭୁବନେଶ୍ୱର ବିମାନବନ୍ଦରରେ ସୀତାରାମନ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ଭାଜପା ନେତା ମନମୋହନ ସାମଲ ଏବଂ ଠାକୁର ରଞ୍ଜିତ ଦାସ ପ୍ରମୁଖ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ।

# ଦୁର୍ଘଟଣାରେ ଆଈ ମୃତ, ନାତୁଣୀ ଗୁରୁତର

ଉଦଳା,୧୬।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଜୁଆଳିଆ ଛକ ନିକଟରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଆଈଙ୍କ ମୃତ୍ୟୁ ହୋଇଥିବା ବେଳେ ନାତୁଣୀ ଗୁରୁତର ହୋଇଛନ୍ତି। ମୃତ ମହିଳା ହେଲେ ସ୍ଥାନୀୟ ହାତୀସାହି ଗ୍ରାମର ନିର୍ମିମଣି ବେହେରା(୫୮)। ନାତୁଣୀ ରଶ୍ମିରେଖାଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଆଈ ଓ ନାତୁଣୀ ମଉଦା ଗ୍ରାମରୁ କାମ ସାରି ଏକ ସ୍କୁଟି ଯୋଗେ ହାତୀସାହିକୁ ଫେରୁଥିଲେ। ଜୁଆଳିଆ ଛକ ନିକଟରେ ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରି ଫେରୁଥିବା ଏକ ପିକ୍‌ଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଆଈ, ନାତୁଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉଦଳା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ଆଈ ନିର୍ମିମଣିଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଭ୍ୟାନ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ସେଥିରେ ବସିଥିବା ସିକ୍ୟୁରିଟି ଗାର୍ଡଙ୍କୁ ପୋଲିସ ଅଟକ ରଖିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଧର୍ମସ୍ଥାନରେ ଚନ୍ଦ୍ର ହେତୁ ଧର୍ମକାର୍ଯ୍ୟ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁମିଳନ ଅବଶ୍ୟ ଘଟିବ। କିନ୍ତୁ ଦ୍ୱିଜାନକ୍ଷତ୍ର ଜାତବ୍ୟକ୍ତିମାନେ କାମ ହାସଲ କ୍ଷେତ୍ରରେ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଆକସ୍ମିକ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ।

**ବୃଷ** ଆଜି ମୃଗଶିରା ନକ୍ଷତ୍ର ଅନିୟମିତ ଆହାର ଗ୍ରହଣରେ ଶରୀର କଷ୍ଟ ଅନୁଭବ କରିପାରନ୍ତି। ଦକ୍ଷତା ଓ ସମୟାନୁବର୍ତ୍ତିତା ହେତୁ କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ମିଳିବ। ଆଲୋଚନା ଅବସରରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମିଥୁନ** ଶୁଭଚନ୍ଦ୍ରଜନିତ ଆପଣଙ୍କ କାର୍ଯ୍ୟଶୈଳୀର ପ୍ରଶଂସା ମିତ୍ରମାନେ ଗାଇବୁଲିବେ। କ୍ରୀଡା, ସଙ୍ଗୀତ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପାରିବାରିକ କ୍ଷେତ୍ରରେ ପୁନର୍ବସୁ ନକ୍ଷତ୍ର ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ ହେବେ। ପ୍ରତ୍ୟେକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମ କଲେ ଉପକୃତ ହେବେ।

**କର୍କଟ** ବାରମ୍ବାର ପାଇବା ଜିନିଷର ଅନିଶ୍ଚିତତା ମନରେ ଗଭୀର ଆଲୋଡ଼ନ ସୃଷ୍ଟି କରିବ। ରାହୁଙ୍କ କୁପ୍ରଭାବରୁ କର୍ମକ୍ଷେତ୍ରରେ ବିଭିନ୍ନ କାରଣକୁ ନେଇ ଅସ୍ଥିରତା ଲାଗିରହିବ। ବନ୍ଧୁଗହଣରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ।

**ସିଂହ** ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ଦୀର୍ଘଦିନରୁ ରହିଆସିଥିବା ସମସ୍ୟା ସମାଧାନ ହୋଇଯିବ। ପୂର୍ବାଫାଲଗୁନୀ ନକ୍ଷତ୍ର ଜାତ ବ୍ୟକ୍ତିମାନେ ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କନ୍ୟା** ମଙ୍ଗଳଙ୍କ ଦୃଷ୍ଟିଜନିତ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହାକି କରୁଥିବା କାମ ପାଇଁ ସାହାଯ୍ୟକାରୀ ହେବ। କର୍ମକ୍ଷେତ୍ରରେ ଈର୍ଷା ଓ ଅସୂୟାଜନିତ ଶତ୍ରୁତା ଯୋଗୁ ସାମୟିକ ବିଚଳିତବୋଧ କରିପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ଗମ୍ଭୀର ରହିବ କିନ୍ତୁ ଆପଣ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ।

**ତୁଳା** ସୁସ୍ଥ ଚିନ୍ତାଧାରା ପ୍ରସୂତ କାର୍ଯ୍ୟଶୈଳୀ ଦ୍ୱାରା ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ଚିତ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସଭାସମିତିରେ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ନୀରବତା ଅବଲମ୍ବନ ଫଳରେ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ କମିଯାଇପାରେ।

**ବିଛା** ଅନୁରାଧା ନକ୍ଷତ୍ରର ଆନୁଷ୍ଠାନିକ କାମ ସକାଶେ ଆଜିର ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ଶୁଭକାର୍ଯ୍ୟରେ ଯୋଗଦେଇ ଦୀର୍ଘଦିନର ଅଦେଖା ବନ୍ଧୁଙ୍କ ସାନ୍ନିଧ ଲାଭ କରିପାରନ୍ତି। ନିକଟ ସମ୍ପର୍କୀୟ କୌଣସି ବ୍ୟକ୍ତିଙ୍କ କାର୍ଯ୍ୟକଳାପରେ ସନ୍ଦେହୀ ହୋଇଉଠିବେ।

**ଧନୁ** ଅଷ୍ଟମାଧିପ ଚନ୍ଦ୍ରଙ୍କ ପ୍ରଭାବରେ ବିଭିନ୍ନ ପ୍ରକାରର ଅତୀତ କଥାକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରିପାରିବେ ନାହିଁ। ପରିସ୍ଥିତି ଯେତେ ଗମ୍ଭୀର ହେଉନା କାହିଁକି, ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ଆଶା ପୂରଣରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ମକର** ଅନ୍ୟାନ୍ୟ କୌଣସି ଅସୁବିଧା ନ ଥିଲେ ମଧ୍ୟ ଶାରୀରିକ ଅସୁସ୍ଥତା କର୍ମକ୍ଷେତ୍ରକୁ ସ୍ଥଗିତ ରଖିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଧନିଷ୍ଠା ନକ୍ଷତ୍ରର କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଘରକଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲାଭଳି କାମ କରି ଉପକୃତ ହେବେ।

**କୁମ୍ଭ** ସମସ୍ୟାକୁ ନିୟନ୍ତ୍ରଣ କରିବା ସକାଶେ ପ୍ରିୟ କଥା କହି ସୁଧାରି ନେବେ। ଶତଭିଷା ନକ୍ଷତ୍ରର ପାରିବାରିକ ଅସ୍ଥିରତା ବୃଦ୍ଧି ପାଇବା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବାଣିଜ୍ୟ, ପରିବହନରେ ସଫଳତା ହାସଲ କରିବେ। ଆର୍ଥିକ ସ୍ଥିତି ବେଳକୁ ବେଳ ଦୁର୍ବଳ ରହିବା କାରଣରୁ କାମଗୁଡିକ ବାଧାପ୍ରାପ୍ତ ହେବ।

**ମୀନ** ମାନସିକ ଅସୁସ୍ଥତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଲାଗିରହିବ। ରେବତୀ ନକ୍ଷତ୍ରର ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତିକରିବ। ବନ୍ଧୁମେଳରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

ଆଜି ଫାଲଗୁନ କୃଷ୍ଣ ଦ୍ୱାଦଶୀ ଶୁକ୍ରବାର, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଫେବୃୟାରୀ ୧୭ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ପ୍ରତିଷ୍ଠା, ବିଦ୍ୟାରମ୍ଭ, ବିକ୍ରୟ ବାଣିଜ୍ୟ ପାଇଁ ଶୁଭଦିନ। ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୮ମି. ଗତେ ଘ.୦୭।୦୪ମି. ମଧ୍ୟେ, ଘ.୦୭।୪୯ମି. ଗତେ ଘ.୦୯।୦୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୫ମି. ଗତେ ଘ.୧୨।୦୦ମି. ମଧ୍ୟେ ରାହୁକାଳ।

DSPL - 455

Government of Odisha

**ODISHA**
NEW OPPORTUNITIES




# The New Manufacturing Hub of India

**The state has successfully conducted the Make in Odisha Conclave 2022 garnering massive investment interest from investors across sectors and geographies.**

Keeping the Hon'ble Chief Minister's vision of faster conversion of intents to grounding, the Government of Odisha's focus now moves on to the grounding of more & more industrial projects. The Industries Department is pleased to announce...

## 16th PHASE

## Inauguration/Ground Breaking of

**19 New Industrial Projects* across 7 sectors in 7 Districts**

by

## Shri Naveen Patnaik

Hon'ble Chief Minister

on

17th February, 2023



"With implementation of our '5T' framework, Odisha has become the investment destination of choice for the investor community.

We welcome you to join our journey of industrial growth."

Shri Naveen Patnaik
Hon'ble Chief Minister, Odisha

### Inauguration

Ashirvad Pipes Pvt. Ltd. | Supreme Industries Ltd.

### Ground Breaking

Amrit Dhara Nutrifoods LLP | Aspen Lake Suites LLP | DN Sea Shells Pvt. Ltd. | Globus Spirits Limited
IFGL Refractories Limited | Incture Technologies Pvt. Ltd. | Indian Potash Ltd. | JMS Medicon | JSE Infotech Pvt. Ltd.
KGMI Services Pvt. Ltd. | Luxurio Assets Private Limited | Mayfair Hotels & Resorts Ltd. | Nilachal Engineers
Oricon Enterprises Ltd. | Oriclean Private Limited | Sao Breweries and Distilleries Pvt. Ltd. | SMS India Pvt. Ltd.

***Investment of ₹ 1,650.25 crores with potential employment for 4,527**

#Source: Center for Monitoring Indian Economy (CMIE)

OIPR-14005/13/0059/2223

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Follow us on @investInOdisha /InvestOdisha

## ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ମୁରିବାହାଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ପତ୍ରପାଲି(କ)ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଗ୍ରାମବାସୀ ତରଫରୁ ଷୋହଳ ପ୍ରହର ନାମଯଜ୍ଞ ପାଇଁ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୧୦୮ ମହିଳା ଭାଲୁବନ୍ଧରୁ ପୂର୍ଣ୍ଣ ଜଳ କଳସ ଆଣିବା ପରେ ଅଧିବାସ ହୋଇଥିଲା। କର୍ତ୍ତାଭାବେ ବିରଞ୍ଚି ପୁଟେଲ ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ପୁଟେଲ କାର୍ଯ୍ୟ କରିବେ। ଶୁକ୍ରବାର ନାମ ଆରମ୍ଭ ହେବ। ସଭାପତି କୈଳାସ ସାହୁ, ସାଧାରଣ ସମ୍ପାଦକ ବିଭଞ୍ଜ ମାଝି, କୋଷାଧ୍ୟକ୍ଷ ରୋମାଞ୍ଚନ ମାଝି , ଗୋଗେଶ୍ୱର ପୁଟେଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଚାଲିଛି।

## ସଂକ୍ଷେପରେ

### କାମରେ ଲାଗୁନି ଷ୍ଟ୍ରିଟ ଲାଇଟ

**ସଇଁତଳା,୧୬।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ସହରରେ ରାସ୍ତାଘାଟ ଆଲୋକୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଇଁତଳା ପଞ୍ଚାୟତକୁ ୨୦ଟି ଷ୍ଟ୍ରିଟ ଲାଇଟ ପ୍ରଦାନ କରିଛି । ଲାଇଟଗୁଡ଼ିକ ଏକମାସରୁ ଉର୍ଦ୍ଧ୍ୱ ହେବ ଖୁଣ୍ଟରେ ଲାଗିଥିଲେ ମଧ୍ୟ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇନାହିଁ । ଫଳରେ ସହରର ରାସ୍ତାଘାଟ ରାତିରେ ଅନ୍ଧାରରେ ରହୁଛି। ବିଦ୍ୟୁତ୍ ବିଭାଗ ଏସ୍‌ଡ଼ିଓ ଅଂଶୁମାନ ସାହୁଙ୍କୁ ପଚାରିବାରୁ ପଞ୍ଚାୟତ ତରଫରୁ ଆବଶ୍ୟକ କାଗଜପତ୍ର ଦିଆଯାଇ ନ ଥିବା କହିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଖଗେଶ୍ୱର କମ୍ପଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଯାଇ ସମସ୍ତ ଷ୍ଟ୍ରିଟ ଲାଇଟ ଜଳିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

### ଶିବରାତ୍ରି ପାଇଁ କଳସ ଶୋଭାଯାତ୍ରା

**ଦେଓଗାଁ,୧୬।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ସିଦ୍ଧେଶ୍ୱର ବାବା ଶିବମନ୍ଦିରର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରହରୀ କର୍ତ୍ତାଭାବେ ବିଜୟ ରଣା ଦାୟିତ୍ୱ ତୁଲାଉଛନ୍ତି । ଏହି ମେଳାକୁ କମିଟି ସଭାପତି ଦୀଜନ ସାମଲ, ସମ୍ପାଦକ ଘନଶ୍ୟାମ ସାହୁ, ପ୍ରତାମ ତମଲିଆ, ସାଧୁରାମ ଗଡତ୍ୟା, ଶମ୍ଭୁ ସାହୁ, ମୋହନ ପଧାନ, କବି ସାହୁ, ଅମିନ ପଧାନ, ଦେବାନନ୍ଦ ପଧାନ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି । ସେହିପରି ବହଲିରେ ଶିବରାତ୍ରୀ ଉପଲକ୍ଷେ ଗୋପଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପୂଜା କର୍ତ୍ତାଭାବେ ମନରଞ୍ଜନ ପଟେଲ ଓ ମଥୁରା ପଟେଲ ଦାୟିତ୍ୱ ତୁଲାଉଛନ୍ତି ।

### ଆଜିଠାରୁ ଟିଟିଲାଗଡ଼ ମହାଶିବରାତ୍ରି ମେଳା

**ଟିଟିଲାଗଡ,୧୬।୨ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ଗୁରୁବାରଠାରୁ ଆରମ୍ଭ ହେଉଛି ମହାଶିବରାତ୍ରୀ ମେଳା। ଦଧିବାମନ ଓ ଧବଳେଶ୍ୱର ଟ୍ରଷ୍ଟ ବୋର୍ଡ ଓ ସ୍ଥାନୀୟ ନାଗରିକଙ୍କୁ ନେଇ ଆସନ୍ତା ୨୩ ପର୍ଯ୍ୟନ୍ତ କୁମୁଡା ପାହାଡ଼ରେ ଅବସ୍ଥାନ କରିଥିବା ଧବଳେଶ୍ୱରଙ୍କ ପୀଠରେ ମେଳା ଆୟୋଜନ କରାଯାଇଛି। କରୋନା ମହାମାରୀ ଯୋଗୁଁ ମେଳା ୨ବର୍ଷ ବନ୍ଦ ଥିଲା। ଚଳିତବର୍ଷ ଆଡମ୍ବରରେ ମେଳା ଆୟୋଜନ ନେଇ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ମନ୍ଦିର ପରିସରରେ ଯଜ୍ଞ ଓ ମହାଦୀପ ପାଇଁ ସ୍ଥିର ହୋଇଛି। ମନ୍ଦିର ପାଦଦେଶରେ ପ୍ରହରୀ ନାମଯଜ୍ଞ ହେବ। ଦୋକାନୀ ମୀନାବଜାର ଓ ଅନ୍ୟାନ୍ୟ ବିଭାଗକୁ ଷ୍ଟଲ ଆବଣ୍ଟନ ସରିଛି। ମନ୍ଦିରକୁ ରଙ୍ଗଦେଇ ସାଜସଜା, ମେଳାପଡିଆକୁ ଆଲୋକୀକରଣ ଦାୟିତ୍ୱ ପୌର ପରିଷଦ, ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପାନୀୟ ଜଳ ଯୋଗାଣ, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ମେଳା ଆୟୋଜନ ନେଇ ବିଭିନ୍ନକମିଟି ନିଜନିଜ ଦାୟିତ୍ୱ ସୁଚାରୁ ରୂପେ ସମ୍ପୂର୍ଣ୍ଣ କରିଛନ୍ତି । ଦୀର୍ଘ ୨ବର୍ଷ ପରେ ମେଳା ହେଉଥିବା ଯୋଗୁଁ ପ୍ରବଳ ଜନସମାଗମ ହେବା ନିଶ୍ଚିତ। ମେଳାକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ପାଇଁ ଆୟୋଜକ କମିଟି ଅଧକ୍ଷ ତଥା ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ୀ ଅନୁରୋଧ କରିଛନ୍ତି ।

### ସାଧାରଣ ଶ୍ରେଣୀ ଟିକେଟ ପାଇଁ ଯାତ୍ରୀ ହଇରାଣ

**ଲାଠୋର,୧୬।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରୋଡ୍ ରେଳ ଷ୍ଟେଶନରେ ସାଧାରଣ ଶ୍ରେଣୀ ଟିକେଟ ପାଇଁ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ନାରାୟଣ ବାଗ, ଅପିନ୍ଦ୍ର ନାଗ, ସୁରେନ୍ଦ୍ର ବରିହା, ଦାଇମତି ବରିହା ପ୍ରମୁଖ ଯାତ୍ରୀ ଅଭିଯୋଗ କରିଛନ୍ତି। ଗୁରୁବାର ବିଶାଖାପାଟଣା-କୋରବା ଏକ୍ସପ୍ରେସ ପାଇଁ ୨୦ ଯାତ୍ରୀ ଛତିଶଗଡ ରାୟପୁର ଯିବା ପାଇଁ ହରିଶଙ୍କର ରୋଡ଼ ରେଳ ଷ୍ଟେଶନରେ ସାଧାରଣ ଶ୍ରେଣୀ ଟିକେଟ ମାଗିଥିଲେ। ହେଲେ ଟିକେଟ କାଉଣ୍ଟରରେ ଟିକେଟ ବିକ୍ରି ପାଇଁ ଥିବା ସିଷ୍ଟମର ପ୍ରିଣ୍ଟର ମେଶିନ କାମ କରୁ ନ ଥିବା ଯୋଗୁଁ ଯାତ୍ରୀମାନଙ୍କୁ ଟିକେଟ ମିଳି ପାରି ନଥିଲା । ଫଳରେ ବିଭିନ୍ନ କାମରେ ଯାଉଥିବା ଯାତ୍ରୀମାନେ ନାନା ଅସୁବିଧା ମଧ ଦେଇ ରେଳରେ ଯାତ୍ରା କରିଥିଲେ । ଏହି ଟିକେଟ କାଉଣ୍ଟର ରେ କେବେ ସିଷ୍ଟମ ସମସ୍ୟା ସୃଷ୍ଟି କରୁଛି ତ ଆଉ କେବେ ପ୍ରିଣ୍ଟର ସମସ୍ୟା ସୃଷ୍ଟି କରୁଛି। ସମସ୍ୟାର ସମାଧାନ ପାଇଁ ଯାତ୍ରୀମାନେ ଦାବି କରି ଆସୁଥିଲେ ମଧ ସେମାନଙ୍କ ଦାବିକୁ ନେଇ ରେଳ ପ୍ରଶାସନ ତତ୍ପରତା ପ୍ରକାଶ କରୁ ନାହିଁ। ଏଥିଯୋଗୁଁ ଯାତ୍ରୀଙ୍କୁ ବିଭିନ୍ନ ରେଳରେ ଯାତ୍ରା କରିବା ସମୟରେ ଫାଇନ ଗଣିବାକୁ ପଡୁଛି। ଏ ନେଇ ଡିୟୁଟିରେ ଥିବା ଷ୍ଟେଶନ ମ୍ୟାନେଜର ପଙ୍କଜ କୁମାରଙ୍କୁ ପଚାରିବାରୁ ସମସ୍ୟାକୁ ନେଇ ଉପରସ୍ଥ ଅଧିକାରୀଙ୍କୁ ଅବଗତ କରି ସମାଧାନ କରାଯିବ ବୋଲି କହିଥିଲେ।

# ଅପରାଧୀଙ୍କୁ ସାବାଡ଼ କରିବ ମିଶନ୍ ବୁଲ୍‌ଡୋଜର

**ବଲାଙ୍ଗୀର ଅଫିସ,୧୬।୨**

**ବଲାଙ୍ଗୀର ପୋଲିସର ଅଭିନବ ପ୍ରୟୋଗ**
- ଚତୁର୍ଥ ଦିନରେ ବୁଲିଲା ଜେସିବି ମେଶିନ୍
- ଭଙ୍ଗାଯାଉଛି ସରକାରୀ କବ୍‌ଜାରେ ଥିବା ଅଭିଯୁକ୍ତଙ୍କ ଘର

ବଲାଙ୍ଗୀର ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ ଏବେ ଏକ ନୂଆ ପ୍ରୟୋଗ ଆରମ୍ଭ କରିଛି । ଅଭ୍ୟାସଗତ ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ପୋଲିସ ଚଳାଇଛି ମିଶନ୍ ବୁଲଡୋଜର । ଗୁରୁବାର ଚତୁର୍ଥଦିନରେ ପୋଲିସ ଅଭିଯୁକ୍ତ ଶ୍ରୀପତି ସିଂଙ୍କ ରାଜୀବନଗରପଡା ସ୍ଥିତ ଘରେ ବୁଲଡୋଜର ଚଢ଼ାଉ ଭାଙ୍ଗି ଦେଇଛି। ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶକ୍ରମେ ଆଡିସନାଲ ଏସ୍‌ପି ସୁରେଶ ନାଏକ, ଏସ୍‌ଡିପିଓ ତୋଫାନ ବାଗ, ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ ଓ ପୋଲିସ ଟିମ୍ ରାଜୀବନଗରରେ ପହଞ୍ଚିଥିଲେ । ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା ସ୍ଥିତି ତଦାରଖ କରିଥିଲେ । ବୁଧବାର ମାଲଗୋଦାମପଡାଠାରେ ତେଜରାଜ ନନ୍ଦ, ନିରୋଜ ହରପାଲ ଏବଂ ସଞ୍ଜୟ ତାଣ୍ଡିଙ୍କ ଘରକୁ ଉଚ୍ଛେଦ କରାଯାଇଥିଲା ।


ରାଜୀବନଗରଠାରେ ଅଭିଯୁକ୍ତ ଶ୍ରୀପତି ସିଂଙ୍କ ଘରକୁ ପୋଲିସ ପକ୍ଷରୁ ଉଚ୍ଛେଦ କରାଯାଉଛି ।

ମଙ୍ଗଳବାର ଅଭିଯୁକ୍ତ ବବ୍‌ଲୁ ମହାନନ୍ଦଙ୍କ ବେଆଇନ ଆଡ୍ଡାସ୍ଥଳୀ ସହର ଉପକଣ୍ଠ ଧୁମମରା ବଲାଙ୍ଗୀର-ପାଟଣାଗଡ ୪୨ ନମ୍ବର ରାଜ୍ୟ ରାଜପଥ କଡରେ ଥିବା ହୋଟେଲ ଗଜପତି ଷ୍ଟଲ ଉପରେ ଏବଂ ସୋମବାର ଆରଟିଓ ଅଫିସ ଛକରେ ଅଭିଯୁକ୍ତ ଶ୍ରୀପତି ସିଂ ଅପରାଧିକ ଆଡ୍ଡାସ୍ଥଳୀକୁ ପୋଲିସ ଓ ପ୍ରଶାସନିକ ଟିମ୍ ଭାଙ୍ଗି ଦେଇଛି । ଏସ୍‌ପି କୁଶଲକର କହିଛନ୍ତି ଯେ, ଅପରାଧିମାନେ ଅପରାଧ ନ ଛାଡିବା ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ । ବଲାଙ୍ଗୀର ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବା କୌଣସି ଅଭିଯୁକ୍ତଙ୍କୁ ଛଡାଯିବନାହିଁ ବୋଲି ସେ କହିଛନ୍ତି । ବଲାଙ୍ଗୀର ସହରରେ କିଛିମାସ ଭିତରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧିକୁ ନେଇ ଜନଅସନ୍ତୋଷ ତୀବ୍ର ହୋଇଥିଲା । ପୋଲିସର ଦକ୍ଷତା ଉପରେ ଲୋକେ ପ୍ରଶ୍ନ କରିବା ଆରମ୍ଭ କରିଥିଲେ ।

## ଜବ୍‌କାର୍ଡଧାରୀଙ୍କ କାର୍ଯ୍ୟ ନେଇ କର୍ମଶାଳା


କର୍ମଶାଳାରେ ଯୋଗ ଦେଇଥିବା ମୁରିବାହାଲ ଗ୍ରାମ ପଞ୍ଚାୟତର ଜବକାର୍ଡଧାରୀ ।

**ମୁରିବାହାଲ,୧୬।୨(ଡି.ଏନ.ଏ.)**

**ଯୋଗ ଦେଇଥିଲେ ୨୫୦ରୁ ଉର୍ଦ୍ଧ୍ୱ ଜବକାର୍ଡଧାରୀ**

ବଲାଙ୍ଗୀର ଜିଲା ମୁରିବାହାଲ ଗ୍ରାମ ପଞ୍ଚାୟତର ୧୨ଗୋଟି ୱାର୍ଡର ଏମଜିଏନଆରଇଜିଏସ ଜବକାର୍ଡଧାରୀମାନଙ୍କୁ ନେଇ ବୁଧବାର ତ୍ରିଖୁଟି ଛକ ନିକଟ ଆମ୍ବବଗିଚାଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ୨୫୦ରୁ ଉର୍ଦ୍ଧ୍ୱ ଜବକାର୍ଡଧାରୀ ଯୋଗ ଦେଇଥିଲେ । ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ କର୍ମଶାଳାରେ ମୁରିବାହାଲ ଏଇଇ ଅବିନାଶ ମୋଡି, କନିଷ୍ଠ ଯନ୍ତ୍ରୀ ଟି.ଏସ.କେ ପାତ୍ର, ଏପିଓ ବସନ୍ତ କୁମାର ବଳିୟାର ସିଂ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୁଣନିଧି ପାଇକ, ଗ୍ରାମ ରୋଜଗାର ସେବକ ରାଜେଶ ପୁଟେଲ ଓ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଗ୍ରାମ ପଞ୍ଚାୟତର ସମସ୍ତ ଜବକାର୍ଡଧାରୀ କିପରି ବାହାର ରାଜ୍ୟକୁ ଦାଦନ ଖଟିବାକୁ ନ ଯାଇ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତ ଯୋଜନାରେ ସାମିଲ ହୋଇ କାର୍ଯ୍ୟ କରିବା ସହ ଆର୍ଥିକ ଦିଗରୁ ସୁଦୃଢ ହୋଇପାରିବେ ସେନେଇ ଆଲୋଚନା କରାଯାଇଥିଲା । ଏହାସହ ମୁରିବାହାଲ ଖଜୁରୀବନ୍ଧର ପୁନରୁଦ୍ଧାର ପାଇଁ ଗତ କିଛି ଦିନ ପୂର୍ବରୁ ପାଣି କଟାଯାଇଛି । ତେଣୁ ଉକ୍ତ ବନ୍ଧ କାମ ପାଇଁ ଗ୍ରାମ ପଞ୍ଚାୟତର ସମସ୍ତ ଜବକାର୍ଡଧାରୀ ଆସି କାର୍ଯ୍ୟ କରିବାକୁ ସରପଞ୍ଚ ଯୋଶୀ ଅନୁରୋଧ କରିଥିଲେ । ସରକାରୀ ନିୟମ ଅନୁସାରେ ପ୍ରତି ଖୁନ୍ତି ପାଇଁ ୬୫୦ ଟଙ୍କା ଦେବା ନେଇ ମଧ କର୍ମଶାଳାରେ ଆଲୋଚନା କରାଯାଇଥିଲା । କର୍ମଶାଳାରେ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, ଗାଁ ସାଥୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଗାଈଖାଇ ଇକୋଟରିଜିମ ପ୍ରକଳ୍ପ ପାଇଁ ଶିଳାନ୍ୟାସ

**ଲୋଇସିଂହା,୧୬।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ସାଲଭେଟା ଗାଈଖାଇ କ୍ଷୁଦ୍ରଜଳସେଚନ ପ୍ରକଳ୍ପ ଇକୋଟରିଜିମ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଡିଏଫଓ ନୀତିଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥିଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହା ଜିଲାର ଏକ ବଡ ଇକୋଟୋରିଜିମ ପ୍ରକଳ୍ପ ହେବ ବୋଲି ଶିଳାନ୍ୟାସ ଅବସରରେ ମହାଲିଙ୍ଗ କହିଥିଲେ । ଡିଏଫଓ କୁମାର ସୂଚନା ଦେଇ କହିଥିଲେ ଯେ,ଏହି ପ୍ରକଳ୍ପର ପ୍ରାଥମିକ ବିକାଶ ପାଇଁ ରାଜ୍ୟ ବନ୍ୟପ୍ରାଣୀ ସଂରକ୍ଷକ ୭୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ଗେଟ, ଟିକଟ କାଉଣ୍ଟର, ପାନୀୟ ଜଳ ଏବଂ ଶୌଚାଳୟ ବ୍ୟବସ୍ଥା କରାଯିବ । ଏଠାରେ ପର୍ଯ୍ୟଟକମାନେ ନୌବିହାର ସୁବିଧା ପାଇ ପାରିବେ । ସ୍ପିଡବୋଟ, ୱାଟର ସ୍କୁଟର, ୱାଟର ବଲ, ସାଇଲ, କାୟାକିଂ, ନେରୋ, ପାଦମଡା ନୌକା, ମୁମ୍ବାଇରୁ ସ୍ୱତନ୍ତ୍ର ଭାବେ ମଗା ଯାଇଥିବା ଡୋନଟବୋଟର ଏପରି ୭ ପ୍ରକାରର ଅତ୍ୟାଧୁନିକ ବୋଟ ରହିବ । ଆଗାମୀ ମାର୍ଚ୍ଚ ସୁଦ୍ଧା ପର୍ଯ୍ୟଟକମାନେ ଏହାର ସୁବିଧା ନେଇ ପାରିବେ । ଅବଶ୍ୟକସ୍ଥଳେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠି, ଏମସିଏଲ ଅନୁଦାନରେ ଫରେଷ୍ଟ ଗେଷ୍ଟ ହାଉସ ନିକଟରେ ଏକ ଶିଶୁ ଉଦ୍ୟାନ, ମିଶନ ଶକ୍ତି ରେଷ୍ଟୁରାଣ୍ଟ ଖୋଲିବା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଡିଏଫଓ କୁମାର କହିଥିଲେ । ସ୍ଥାନୀୟ ରେଞ୍ଜ ଅଫିସର ପାଉଲ ହରପାଲ, ଫରେଷ୍ଟର ବିମ୍ବାଧର ବେହେରା, ଚିନ୍ମୟ ପ୍ରଧାନୀ, ସଞ୍ଜୀବ ନାଗ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।



ଶିଳାନ୍ୟାସ ଅବସରରେ ବିଧାୟକ ଓ ଡିଏଫଓ ।

**ପର୍ଯ୍ୟଟକଙ୍କୁ ନୌକାବିହାର ସୁବିଧା ମିଳିବ: ଡିଏଫଓ**

## ବନ୍ଦ ହେଲା ଟିଟିଲାଗଡ଼ ରେଳ ପାଦଚଲା ବ୍ରିଜ

**ଟିଟିଲାଗଡ, ୧୬।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ଥିବା ରେଳ ପାଦଚଲା ବ୍ରିଜକୁ ଗୁରୁବାର ବନ୍ଦ କରାଯାଇଛି । ବ୍ରିଜ ବିପଦସଙ୍କୁଳ ଘୋଷିତ ପରେ ରେଳ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି । ଶୁକ୍ରବାରଠାରୁ ମହାଶିବରାତ୍ରୀ ମେଳା ଆରମ୍ଭ ହେଉଛି । ଏହି ପାଦଚଲା ବ୍ରିଜ ଦେଇ ଟ୍ରେନରୁ ଓହ୍ଲାଇ ଶ୍ରଦ୍ଧାଳୁ ମେଳାକୁ ଯାଇଥାନ୍ତି । ବ୍ରିଜ ବନ୍ଦ ହେବା ଯୋଗୁଁ ଯେଉଁମାନେ ଚାଲିଚାଲି ଉଭୟ ପାର୍ଶ୍ୱକୁ ଯିବାଆସିବା କରୁଥିଲେ ଅସୁବିଧା ଭୋଗିବେ । ଶିବରାତ୍ରି ପୂର୍ବରୁ ଏହି ବ୍ରିଜର ମରାମତି କରାଯାଇଥିଲେ ଶ୍ରଦ୍ଧାଳୁ ଜାଗର ଯାତ୍ରାରେ ବହୁ ସଂଖ୍ୟାରେ ସାମିଲ ହୋଇ ପାରିଥାନ୍ତେ । ସଂକ୍ରାନ୍ତରେ ରେଳବିଭାଗର କୌଣସି ପ୍ରତିକ୍ରିୟା ମିଳିନାହିଁ

## ଆତ୍ମରକ୍ଷା ତାଲିମ ଶିବିର

**ଲୋଇସିଂହା,୧୬।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା କଲେଜରରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବର ଅନୁଷ୍ଠିତ ହୋଇଯାଇଛି । ମାଷ୍ଟର ଟ୍ରେନର ସବନମ୍ ବାନୁଙ୍କ ତତ୍ତ୍ୱାବଧନାରେ କଲେଜର ୧୦୧ଜଣ ଛାତ୍ରୀ ତାଲିମ ନେଇଥିଲେ । ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ରଘୁମଣୀ ସାହୁ ଅଧ୍ୟକ୍ଷତା କରିଥିଲେ । ଏଥିରେ ସିଡିପିଓ ପ୍ରଜ୍ଞାରାଣୀ ବାରିକ ମୁଖ୍ୟ ଅତିଥି, ଅଧ୍ୟାପକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ନିଜ ସୁରକ୍ଷା ନିଜେ ହେବାକୁ ଆହ୍ୱାନ ଦେଇଥିଲେ ଅତିଥି । ବିକାଶ ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

## ୩ ସଂସାଈ ହେଲେ ଜଜ ରେଫରି



ତିନି ଜଜ ରେଫରିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

**ଟିଟିଲାଗଡ, ୧୬।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ର ଉତ୍କଳ କରାଟେ ସଂଘ ଶାଖାର ୩ଜଣ ସଂସାଇ ଜଜ୍ ଓ ରେଫରି ପରୀକ୍ଷାରେ ସଫଳ ହେବା ପରେ ଗୁରୁବାର ସ୍ଥାନୀୟ ମାଉସୀ ମନ୍ଦିର ପରିସରରେ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଟିଟିଲାଗଡ଼ ବିଡିଓ ନବୀନ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ସମ୍ମାନୀତ ଅତିଥି ସନ୍ତୋଷ ମହାନ୍ତି, ମନୋଜ କୁମାର ହାତୀ, ଦିଲ୍ଲୀପ ପୁରୋହିତ, ପ୍ରମୋଦ ସରାଫ, ସତ୍ୟବ୍ରତ ପଣ୍ଡା, ସୁଧୀର ସାହୁ ଓ ଶରତ ମିଶ୍ରଙ୍କ ଉପସ୍ଥିତିରେ ସଂସାଇ ସୁରେଶ ଜାଲ ଏ ଗ୍ରେଡ଼ ଜଜ ରେଫରି, ବ୍ୟୋମକେଶ ବେହେରା ବି ଗ୍ରେଡ଼ ଜଜ ରେଫରି, ଗୋପାଳ ଦୀପ ବି ଗ୍ରେଡ଼ ଜଜ ରେଫରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ କ୍ଷୀରୋଦ ସୁନା, କୃଷ୍ଣସିଂ ପାତ୍ର ପ୍ରହଲ୍ଲାଦ ସାହୁ, ମୁକେଶ ସାହୁ, ଗୋପାଳକୃଷ୍ଣ ସାହୁ, ବୃହସ୍ପତି ଖରସେଲ, ଶ୍ରଦ୍ଧାଞ୍ଜଳି ଜାଲଓ ରାହୁଲ ଜାଲ ଉପସ୍ଥିତ ଥିଲେ ।

## ନୋଡ଼ାଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବେଲପଡା,୧୬।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ଘାଘୁର୍ଲି ସରକାରୀ ନୋଡ଼ାଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ତ୍ରିବିକ୍ରମ ମହାଖୁଡ଼ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଅପରିହାର୍ଯ୍ୟ ବୋଲି ମତ ରଖିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମନୋଜ କୁମାର ମହାଖୁଡ଼ ନିଜ ବକ୍ତବ୍ୟରେ ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ସମାଜର ହିତ ସାଧନ କରିଥାଏ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ମାଝି, ବିଶମୋହନ ପାଣିଗ୍ରାହୀ, ଭୋଳା ମେହେର ମଞ୍ଚାସୀନ ଥିଲେ । ସହକାରୀ ଶିକ୍ଷକ ସୁଚୀବ୍ରତ ସାମନ୍ତରାୟ ମଞ୍ଚ ପରିଚାଳନା, ଶିକ୍ଷୟିତ୍ରୀ ମୀରାବାଈ ପଧାନ ଧନ୍ୟବାଦ ଦେଇଥିଲେ । ପରିଚାଳନା କମିଟି ସଭାପତି ସୋମନାଥ ଶବର ସଭା ସାଙ୍ଗ କରିଥିଲେ । ଏହାପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# କେନ୍ଦ୍ର ଅବହେଳା ପ୍ରତିବାଦରେ ବିଜେଡିର ଧାରଣା


ଲୋଇସିଂହା ବ୍ଲକ ଅଫିସ ସମ୍ମୁଖ ପ୍ରତିବାଦ ସଭାରେ ଯୁବନେତା ନୀହାର ରଞ୍ଜନ ବେହେରା ବକ୍ତବ୍ୟ ରଖୁଛନ୍ତି ।


ମୁରିବାହାଲ ବିକ୍ଷୋଭ ସଭାରେ ଯୋଗ ଦେଇଥିବା ବିଜେଡି ନେତୃବର୍ଗ ।

**କେନ୍ଦ୍ର ସରକାର ବଜେଟରେ କ୍ରୟ ପାଣ୍ଠିରେ ୨୦ହଜାର କୋଟି ଟଙ୍କା ହ୍ରାସ କରିଛି। ଏଥିସହିତ ଉଷୁନା ଚାଉଳ ଉଠାଣ ପରିମାଣ କମାଇବା ଓ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମିଳୁଥିବା ଖାଦ୍ୟ ସୁରକ୍ଷା ଅଧିନିୟମ ଅଧିନରେ ୫କେଜି ମାଗଣା ଚାଉଳ ବନ୍ଦ କରିଦେଇଛି ନରେନ୍ଦ୍ର ମୋଦୀ ସରକାର। ଏହା ବିରୋଧରେ ବଲାଙ୍ଗୀର ଜିଲାରେ ବିଜେଡି ରାସ୍ତାକୁ ଓହ୍ଲାଇଛି। ଗୁରୁବାର ବ୍ଲକ ଅଫିସ ସମ୍ମୁଖରେ ଦଳ ପକ୍ଷରୁ ଧାରଣା ଦିଆଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।**

**ମୁରିବାହାଲ, ୧୬।୨(ଡି.ଏନ.ଏ.)**

ମୁରିବାହାଲ ବ୍ଲକ ଅଫିସ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଯୁଧିଷ୍ଠିର ପୁଟେଲଙ୍କ ଅଧକ୍ଷତା କରିଥିଲେ । ପୂର୍ବତନ କଣ୍ଟାବାଞ୍ଜି ଆୟୁବ ଖାଁ, ବରିଷ୍ଠ ନେତା ଅଜୟ ଦାଶ, ସିଦ୍ଧେଶ୍ୱର ଦାସ, ସମିତି ସଭ୍ୟ ସନ୍ୟାସୀ ପୁଟେଲ, ଚକ୍ରଧର ହେର୍ଣ୍ଣା ପ୍ରମୁଖ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିର ସମାଲୋଚନା କରିଥିଲେ । ପରେ ଏକ ଦାବିପତ୍ର ବିଡିଓଙ୍କ ଅନୁପସ୍ଥିତରେ ମୁଖ୍ୟ କିରାଣୀ ବିଭୂତି ସେଟଙ୍କୁ ପ୍ରଦାନ କରାଯାଇଥିଲା ।
**ପାଟଣାଗଡ(ଡି.ଏନ.ଏ.):** ପାଟଣାଗଡ ବିଜେଡି ତରଫରୁ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏନଏସି ଉପନଗରପାଳ ପ୍ରଫୁଲ୍ଲ କୁମାର ମେହେରଙ୍କ ନେତୃତ୍ୱରେ ନଗରପାଳ ମାନସୀ ବିଶ୍ୱାଳ, ପରେଶ ସାହୁ, ଯୁବ ବିଜେଡି ସଭାପତ, ପରେଶ ସାହୁ, ପାଟଣାଗଡ ବ୍ଲକ ଅଧକ୍ଷ ନୀଳକାନ୍ତ ବାଗ, ସୁକୁମାର ବାରିକ, ଯୁବରାଜ ମେହେରଙ୍କ ସହ ସମସ୍ତ କାଉନସିଲର ଓ ମିଡିଆସେଲ ଆବାହକ ପ୍ରଦୀପ ମେହେର ଉପସ୍ଥିତ ଥିଲେ ।
**ଲୋଇସିଂହା(ଡି.ଏନ.ଏ):** ଲୋଇସିଂହା ବ୍ଲକ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ବିଡିଓ ଆକାଶ ରଞ୍ଜନ ସାହୁଙ୍କୁ ଏକ ସ୍ମରକ ପତ୍ର ପ୍ରଦାନ କରାଯାଇଛି। ବ୍ଲକ ସଭାପତି ହୃଦୟାନନ୍ଦ ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ରାମମନ୍ଦିରରୁ ବ୍ଲକ ଅଫିସକୁ ଯାଇଥିଲେ। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ମହିଳା ସଭାନେତ୍ରୀ ଜ୍ୟୋସ୍ନାମୟୀ ନାଗ, ସଂଯୁକ୍ତା ବରିହା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।
**ଖପ୍ରାଖୋଲ (ଡି.ଏନ.ଏ.):** ବିଧାୟକ ପ୍ରତିନିଧି ରମେଶ ପ୍ରଧାନଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପାଟଣାଗଡ ବିଧାୟକ ସରୋଜ ମେହେର, ବ୍ଲକ ଅଧକ୍ଷା ନିରୂପମା ପଟେଲ, ଜିଲା ପରିଷଦ ସଭ୍ୟ ସଂଯୁକ୍ତ ମେହେର, ପ୍ରମିଳା ପାଥର, ପବିତ୍ର ପଟେଲ, ଗୋବିନ୍ଦ ବାରିକ, ମୋହନ ସୁନା, ସତ୍ୟନାରାୟଣ ମେହେର ବକ୍ତବ୍ୟ ରଖିଥିଲେ। ପରେ ଦାବିପତ୍ର ବିଡ଼ିଓ ରଶ୍ମିରଞ୍ଜନ ରାଉତଙ୍କୁ ପ୍ରଦାନ କରାଯାଇଥିଲା ।
**ଟିଟିଲାଗଡ଼(ଡି.ଏନ.ଏ.):** ଟିଟିଲାଗଡ ବ୍ଲକ ଏବଂ ପୌର କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମରେ ପୌର ଉପାଧକ୍ଷା ପୁଷ୍ପାମଞ୍ଜରି ଜାଲ, ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ ନେତୃତ୍ୱ ନେଇଥିଲେ। ଉଭୟ ସ୍ଥାନରେ ଦଳୀୟ କର୍ମକର୍ତ୍ତା କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି ପରେ ଦାବିପତ୍ର ପ୍ରଦାନ କରିଥିଲେ । ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ଦଳର ଜିଲା କୋଷାଧକ୍ଷ ପ୍ରେମଚାନ୍ଦ ଜୈନ, ନଗର ସଭାପତି ରଣଜିତ ପୃଷ୍ଟି, ରାଜେଶ ପ୍ରଧାନ, କୁନୁ ସାହୁ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ଟିଙ୍କି ପୋଢ, ସଞ୍ଜୟ ବେହେରା, ଗୋବର୍ଦ୍ଧନ ନାଗ, ଅଞ୍ଜନା ବର୍ମା ପ୍ରମୁଖ ସାମିଲ ଥିଲେ ।
**ଗୁଡ଼ଭେଲା(ଡି.ଏନ.ଏ.):** ବିଜେଡି ପକ୍ଷରୁ ଗୁଡ଼ଭେଲା ବ୍ଲକ ଓ ତୁଷୁରା ଏନଏସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଗୁଡ଼ଭେଲା ବ୍ଲକରେ ଜିପିଓ ସାଗର ସାହୁ ଏବଂ ଏନଏସିରେ କାର୍ଯ୍ୟନିର୍ବାହ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଦାବିପତ୍ର ଗ୍ରହଣ କରିଥିଲେ। ତୁଷୁରା ଏନଏସି ଅଧକ୍ଷ ଅଜୟ ଜୟଶ୍ୱାଳ, ଟିଟିଲାଗଡ ବିଧାୟିକାଙ୍କ ପ୍ରତିନିଧି ନିରୋଦ ନାଗ, ଚାନ୍ଦ ବାଗ, ବିନୋଦିନୀ ମହାଲିଙ୍ଗ, ରାମଶଙ୍କର ବାଗ, ରାଜା ବଗର୍ତ୍ତୀ, କ୍ଷମା ସାଗର ସାହୁ, ଗୌର ରଣା, ମନୋଜ ରଣା, ପଦ୍ମବନ ବାଗ, ପୃଥିନନ୍ଦ ଆଦି ସାମିଲ ଥିଲେ ।
**ସଇଁତଳା(ଡି.ଏନ.ଏ.):** ଟିଟିଲାଗଡ ବିଧାୟକଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ଜିଲା ସାଧାରଣ ସମ୍ପାଦକ ରାଜକିଶୋର ଢ଼ାଙ୍ଗଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ ।

## ସଂକ୍ଷେପରେ

### ଟ୍ରକ ଧକ୍କାରେ ବାଇକ ଆରୋହୀ ମୃତ

**ବିନିକା, ୧୬।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା-ରାମପୁର ମୁଖ୍ୟରାସ୍ତାର ଘାଟି ଜାମପାଲି ନିକଟରେ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀ ମୃତ୍ୟୁ ଘଟିଛି। ମୃତକ ହେଲେ ବିନିକା ବ୍ଲକ ସିନ୍ଦୁରପୁର ପଞ୍ଚାୟତ ଚେରୁପାଲି ଗ୍ରାମର ଜୟଦେବ ଭୋଇ(୪୦)। ଜୟଦେବ ଓ ଅନ୍ୟ ଦୁଇ ଜଣ ବାଇକ(ନଂ ଓଡି ୩୧ଜେ୨୦୭୯) ଯୋଗେ ବିନିକାରୁ ରାମପୁର ଆଡକୁ ଯାଉଥିବା ବେଳେ ସେମାନଙ୍କୁ ପଛପଟୁ ଏକ ଟ୍ରକ(ନଂ ଡବ୍ଲ୍ୟୁବି ୧୧ଡି୨୮୬୬) ଧକ୍କା ଦେଇଥିଲା। ଏଥିରେ ତିନିଜଣ ଯାକ ଗାଡିରୁ ଛିଟିକ ପଡିଥିଲେ। ଖବର ପାଇ ବିନିକା ଅଗ୍ନିଶମ ବିଭାଗ ଆହତଙ୍କୁ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ସେଠାରେ ଡାକ୍ତର ଜୟଦେବଙ୍କୁ ମୃତ ଘୋଷଣା କରିଥିଲେ। ବିନିକା ପୋଲିସ ଟ୍ରକକୁ ଜବତ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଡୁଙ୍ଗୁରିପାଲିରେ ଟ୍ରେନ ରହଣି ପାଇଁ ଦାବିପତ୍ର

**ଡୁଙ୍ଗୁରିପାଲି, ୧୬।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲାର ଏକମାତ୍ର ରେଳ ଷ୍ଟେଶନ ଡୁଙ୍ଗୁରିପାଲିରେ ଇସ୍ପାତ ଓ ପୁରୀ-ଦୁର୍ଗ ଇଣ୍ଟରସିଟି ଏକ୍ସପ୍ରେସର ପୁନଃ ରହଣି ଦାବି ହୋଇଛି। ସ୍ଥାନୀୟ ସାମ୍ବାଦିକ ସଂଘ ପକ୍ଷରୁ ସମ୍ବଲପୁର ଡିଆରଏମ ବିନିତ ସିଂଙ୍କୁ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି କିଷନ ଅଗ୍ରୱାଲା, ପବିତ୍ର ମୋହନ ପାଣ୍ଡିଆ, ବନମାଳୀ ପୋଢ଼, ମହାଦେବ ଗଡ଼ତିଆଙ୍କ ସହ ଅନ୍ୟ କର୍ମକର୍ତ୍ତା ଡିଆରଏମ ସିଂଙ୍କୁ ସାକ୍ଷାତ କରି ଦୁର୍ଗ-ପୁରୀ ଇଣ୍ଟରସିଟି ଓ ଇସ୍ପାତ ଟ୍ରେନ ପୁନଃ ରହଣି ପାଇଁ ଦାବି କରିଥିଲେ। ସୁବର୍ଣ୍ଣପୁର ଜିଲାର ଏକମାତ୍ର ରେଲୱେ ଷ୍ଟେଶନ ଡୁଙ୍ଗୁରିପାଲି ଠାରେ ଇସ୍ପାତ ଓ ପୁରୀ-ଦୁର୍ଗ ଇଣ୍ଟର ସିଟି ଟ୍ରେନ ରହଣି ଥିଲା। କିନ୍ତୁ କରୋନା ଯୋଗୁଁ ଉକ୍ତ ଦୁଇ ଟ୍ରେନକୁ ଅସ୍ଥାୟୀଭାବେ ବନ୍ଦ କରି ଦିଆଯାଇଥିଲା। ଉକ୍ତ ଦୁଇ ଟ୍ରେନ ପୁଣି ଚାଲିଥିବାବେଳେ ଡୁଙ୍ଗୁରିପାଲି ଷ୍ଟେଶନରେ ରହଣିକୁ ବାଦ୍ ଦିଆଯାଇଛି। ଫଳରେ ଜିଲା ତଥା ପଡୋଶୀ ଜିଲାର ଲୋକେ ଏଠାରୁ ଟ୍ରେନ ଯୋଗେ ଅନ୍ୟତ୍ର ଯିବାକୁ ହଇରାଣ ହେଉଛନ୍ତି।

### ସାଇବର କ୍ରାଇମ ସଚେତନତା କାର୍ଯ୍ୟକ୍ରମ

**ଝାରବନ୍ଧ,୧୬।୨(ଡି.ଏନ.ଏ.):** ଝାରବନ୍ଧ ପୋଲିସ ପକ୍ଷରୁ ସାଇବର କ୍ରାଇମ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଚାନ୍ଦନୀ ଛକରେ ଗୁରୁବାର ଅନୁଷ୍ଠିତ ହୋଇଛି । ଥାନାଧିକାରୀ ଦିଲୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୟୁଜିବି ଶାଖା ପରିଚାଳକ ସବ୍ୟସାଚୀ ବିଶ୍ୱାଳ, ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ସରୋଜ ଲାକ୍ରା, ସେବା ସମବାୟ ବ୍ୟାଙ୍କ ପରିଚାଳକ ଅମୀୟକାନ୍ତ ରଥ ଯୋଗଦାନ କରିଥିଲେ। ବ୍ୟାଙ୍କରୁ ଟଙ୍କା ଉଠାଣ ସମୟରେ କିପରି ସଚେତନତା ଅବଲମ୍ବନ କରିବେ, ଅଜଣା ବ୍ୟକ୍ତିଙ୍କୁ ନିଜର ଆଧାର କାର୍ଡ, ଓଟିପି ପ୍ରଦାନ ନ କରିବା, ଅଜଣା ନମ୍ବରରୁ ଆସୁଥିବା ମେସେଜ ପ୍ରତି ସାବଧାନ ରହିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆମ ପୋଲିସ ସମିତିର ସମସ୍ତ ସଦସ୍ୟ, ବରିଷ୍ଠ ନାଗରିକ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦାନ କରିଥିଲେ।


ବିଜେଡି ପକ୍ଷରୁ ସୋନପୁର ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି ।


ବୀରମହାରାଜପୁର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କେନ୍ଦ୍ର ସରକାରଙ୍କ ଗରିବ ମାରଣ ନୀତିର ପ୍ରତିବାଦ

**ସୋନପୁର,୧୬।୨(ନି.ପ୍ର.)**

କେନ୍ଦ୍ରର ଭାଜପା ନେତୃତ୍ୱାଧିନ ଏନଡିଏ ସରକାର ଗରିବ ମାରଣ ନୀତି ଆପଣାଇଥିବା ବିଜୁ ଜନତା ଦଳ ଅଭିଯୋଗ କରିଛି। ହିତାଧିକାରୀଙ୍କ ମୁଣ୍ଡ ପିଛା ୫କିଲୋ ମାଗଣା ଚାଉଳ କାଟି ଦେଇଥିବା ବେଳେ ଧାନକ୍ରୟ କ୍ଷେତ୍ରରେ ବଜେଟ୍‌ରେ କମ୍ ବ୍ୟୟବରାଦ କରିଛନ୍ତି। ପ୍ରତିବାଦରେ ବିଜେଡି ଆନ୍ଦୋଳନକୁ ଓହ୍ଲାଇଛି। ସୋନପୁର ନିର୍ବାଚନ ମଣ୍ଡଳୀରେ ଦଳ ପକ୍ଷରୁ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଫିସ, ସୋନପୁର ପଞ୍ଚାୟତ ସମିତି ଅଫିସ ଓ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୋନପୁର ପଞ୍ଚାୟତ ସମିତି ଅଫିସ ସମ୍ମୁଖରେ ଦଳ ପକ୍ଷରୁ ଧାରଣା ଦିଆଯିବା ସହ ପ୍ରତିବାଦ ସଭା କରାଯାଇଥିଲା। ପରେ ବିଜେଡି ନେତୃବୃନ୍ଦ ମ୍ୟୁନିସିପାଲିଟି ଅଫିସ, ବ୍ଲକ ଅଫିସ ଓ ଜିଲାପାଳଙ୍କ ଅଫିସକୁ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ଆନ୍ଦୋଳନରେ ସୋନପୁର ବ୍ଲକ ଅଧକ୍ଷ ପ୍ରହ୍ଲାଦ ନାୟକ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ମ୍ୟୁନିସିପାଲିଟି ଅଧକ୍ଷା ତାମସି ତାମସ୍ମିତା ନାୟକ, ଉପାଧକ୍ଷା ମଲ୍ଲିକ ଦାନୀ, ସୋନପୁର ନଗର ବିଜେଡି ସଭାପତି ଜନ୍ମେଜୟ ପାତ୍ର, ସୋନପୁର ବ୍ଲକ ବିଜେଡି ସଭାପତି ଶଙ୍କର ପ୍ରସାଦ ସା, ଅଭିମନ୍ୟୁ କୁଶଳ, ଶାଶ୍ୱତ କୁମାର ମିଶ୍ର, ପିୟୁଷ କୁମାର ପଣ୍ଡା, ସଞ୍ଜିବ ମିଶ୍ର, ଆନନ୍ଦ ବିହାରୀ ଶତପଥୀ, ଗୋପାଳ ବରେଇ, ରାଜ କୁମାର ସୁନା ଓ ସୀତାରାମ ମହାପାତ୍ର ପ୍ରମୁଖ ସାମିଲ ହୋଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ ।

**ଅମରପାଲି(ଡି.ଏନ.ଏ.):** ବିଜୁ ଜନତା ଦଳ ତରଫରୁ ବୀରମହାରାଜପୁର ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦିଆଯାଇ

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଜେଡିର ସ୍ମାରକପତ୍ର**

ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ କେନ୍ଦ୍ର ସରକାର ତୁରନ୍ତ ଏହାର ପୁନଃ ବିଚାର କରନ୍ତୁ ବୋଲି କହିଥିଲେ। ବ୍ଲକ ଉପାଧକ୍ଷ ନାରାୟଣ ଲୁହା ସଭା ପରିଚାଳନା କରିଥିଲେ। ଜିଲା ବିଜେଡି ସମ୍ପାଦକ ସ୍ୱୟମ୍ଭୁନାଥ ଖଣ୍ଡଗିରି, ବ୍ଲକ ଅଧକ୍ଷା ଶାନ୍ତି ଲୁହା, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ କୁମାର ରଥ, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, କିଶୋର ହୋତା, ପ୍ରଦୀପ ମିଶ୍ର, ହିଲୁଙ୍ଗ ସମିତି ସଭ୍ୟ ଶୈଳ ରଞ୍ଜନ ବାଦୀ, ବ୍ଲକ ଛାତ୍ର ବିଜେଡି ସଭାପତି ଭଗବାନ କର୍ଣ୍ଣ, ମିଡିଆ ସେଲର ଆଲୋକ ଦେହୁରୀ, ସରପଞ୍ଚ ମନୋଜ ସାହୁ, ଶ୍ରୀୟା ମହାକୁର, ଜୟଶ୍ରୀ ଦେହୁରୀ, ସୂର୍ଯ୍ୟ ନନ୍ଦ, ଭାରତୀ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ ।

**ବିନିକା(ଡି.ଏନ.ଏ.):** ବିନିକା ଏନଏ.ସି. କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ନଗର ସଭାପତି ସୋମନାଥ ମିଶ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଧାୟକ ପଦ୍ମନାଭ ବେହେରା, ନଗରପାଳ ସୁବାଷ ଚନ୍ଦ୍ର ଭୁଏ,ଉପାଧାକ୍ଷା ତପସ୍ୱିନୀ ମେହେର, ବରିଷ୍ଠ ବିଜେଡି କର୍ମୀ ହାଡୁ ମେହେର, ସୁଧୀର ଭେସ୍ରା, ଧ୍ରୁବଳେଶ୍ୱର ନାଗ, ରବୀନ୍ଦ୍ର ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

**ତରଭା(ଡି.ଏନ.ଏ.):** ତରଭା ଏନଏସି ବ୍ଲକ ଅଫିସ ସମ୍ମୁଖରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ବିଜେଡି ସଭାପତି ତଥା ବ୍ଲକ ଚେୟାରମ୍ୟାନ ସରୋଜ କୁମାର କମ୍ପଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ବିଡ଼ିଓ ବିନୟ କୁମାର ପଟେଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ପୂର୍ବତନ ବ୍ଲକ ଚେୟାରମ୍ୟାନ ଶତ୍ରୁଘନ ପୃଷ୍ଟି, ଗଡିଦାର କୁଅଁର, ଦ୍ୱାଦଶୀ କୁଅଁର, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ, ମିତ୍ରବ୍ରତ ମିଶ୍ର, ଜନାର୍ଦ୍ଦନ ଥନାପତି, ରାମ ସାହୁ, ଘନଶ୍ୟାମ ଡାଙ୍ଗ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

**ଉଲୁଣ୍ଡା(ଡି.ଏନ.ଏ.):** ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସନ୍ତୋଷ ଭୁକ୍ତାଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ କେନ୍ଦ୍ର ସରକାର ଓଡିଶା ପ୍ରତି କରିଥିବା ଅବହେଳା କରିଥିବା କହିଥିଲେ। ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ଯୁବ ନେତା ବିହାରୀଲାଲ ମିଶ୍ର, କୃତିବାସ ମିଶ୍ର, ସୋମନାଥ ପାଣିଗ୍ରାହୀ ଉପସ୍ଥିତ ଥିଲେ।

### ଯୁବକଙ୍କ ମୃତଦେହ ଜବତ

**ବାଉଁଶୁଣୀ,୧୬।୨(ଡି.ଏନ.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ଦନ୍ତାବନ୍ଧ ନିକଟରେ ଗୁରୁବାର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି । ପ୍ରକାଶ ଯେ, ବାଉଁଶୁଣୀ ପଞ୍ଚାୟତ ଅନ୍ତର୍ଗତ ଗଡ଼ଭିତର ଗ୍ରାମର ଅରବିନ୍ଦ ବଡମାଳି ଦନ୍ତାବନ୍ଧ ନିକଟରେ ଥିବା ଏକ ଗଛରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଏନେଇ ମୃତ ଯୁବକଙ୍କ ବଡଭାଇ ରାଜିବ ବଡମାଳି ଥାନାରେ ଲିଖିତ ଏତଲା ଦେଇଛନ୍ତି।

### ବନ୍ଦ ହେଲା ଟିଟିଲାଗଡ଼ ରେଳ ପାଦଚଲା ବ୍ରିଜ

**ଟିଟିଲାଗଡ, ୧୬।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ଥିବା ରେଳ ପାଦଚଲା ବ୍ରିଜକୁ ଗୁରୁବାର ବନ୍ଦ କରାଯାଇଛି। ବ୍ରିଜ ବିପଦସଙ୍କୁଳ ଘୋଷିତ ପରେ ରେଳ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାରଠାରୁ ମହାଶିବରାତ୍ରୀ ମେଳା ଆରମ୍ଭ ହେଉଛି। ଏହି ପାଦଚଲା ବ୍ରିଜ ଦେଇ ଟ୍ରେନରୁ ଓହ୍ଲାଇ ଶ୍ରଦ୍ଧାଳୁ ମେଳାକୁ ଯାଇଥାନ୍ତି । ବ୍ରିଜ ବନ୍ଦ ହେବା ଯୋଗୁଁ ଯେଉଁମାନେ ଚାଲିଚାଲି ଉଭୟ ପାର୍ଶ୍ୱକୁ ଯିବାଆସିବା କରୁଥିଲେ ଅସୁବିଧା ଭୋଗିବେ।

# ବରପାଲି ସହର ସମସ୍ୟା ସମାଧାନ ଦାବି

**ବରପାଲି,୧୬।୨ (ଡି.ଏନ୍.ଏ.)**

ବିଜେପୁର ନିର୍ବାଚନ ମଣ୍ଡଳୀର ପ୍ରାଣକେନ୍ଦ୍ର ହେଉଛି ବରପାଲି ସହର। ମାତ୍ର ଏହି ସହରରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଭଳି ନାନା ସମସ୍ୟା ରହିଛି। ବରପାଲି ସରକାରୀ ଡାକ୍ତରଖାନାରେ ସୁଉଚ୍ଚ ଅଟ୍ଟାଳିକା ରହିଛି। ରୋଗୀସଂଖ୍ୟା ଦିନକୁ ଦିନ ବଢୁଥିବା ବେଳେ ଏଠାରେ ଆବଶ୍ୟକ ଡାକ୍ତର ନାହାନ୍ତି। ହସ୍ପିଟାଲରେ ବାୟୋମେଟ୍ରିକ ବ୍ୟବସ୍ଥା ଥିଲେ ମଧ୍ୟ ତାହା ବହୁଦିନରୁ ଅଚଳ। ସେହିପରି ସହର ସାରା ସରକାରୀ ଟଙ୍କାରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲେ ମଧ୍ୟ କୌଣସି ଗୋଟିଏ ବି କାର୍ଯ୍ୟକ୍ଷମ ନୁହେଁ। ସବୁଯାକ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ସେହିପରି ନୃପଲାଲ ଉଦ୍ୟାନ ନିର୍ମାଣ କାର୍ଯ୍ୟ ଧିମେଇ ଯାଇଛି। ପ୍ରେକ୍ଷାଳୟ, ରେଲୱେ ଓଭର ବ୍ରିଜ୍ କାମ ବନ୍ଦ ରହିଛି। ଏସବୁ ସମସ୍ୟାର ସମାଧାନ ପାଇଁ ବରପାଲି ସଚେତନ ନାଗରିକ କମିଟି ଅଣ୍ଟା ଭିଡିଛି। କମିଟିର କର୍ମକର୍ତ୍ତା ଗୁରୁବାର ବରପାଲି ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଏ ନେଇ ଆଲୋଚନା କରିଥିଲେ।


ନାଗରିକ କମିଟି ସଭ୍ୟମାନେ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

### ଝାରବନ୍ଧ ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ

**ଝାରବନ୍ଧ,୧୬।୨(ଡି.ଏନ.ଏ.)**

ବରଗଡ ଜିଲା ଝାରବନ୍ଧ ବ୍ଲକ ବିଜୁ ଜନତା ଦଳ ତରଫରୁ ବ୍ଲକ କାର୍ଯ୍ୟାଳୟଠାରେ କେନ୍ଦ୍ର ସରକାରଙ୍କ ଗରିବ ମାରଣା ନୀତି ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହ ଦଳୀୟ ନେତାମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଲୋକନାଥ ଶବରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଝାରବନ୍ଧ ବ୍ଲକ ବିଜେଡ଼ି ସଭାପତି ଯାତ୍ରୀନ୍ଦ୍ର ହାତୀଙ୍କ ନେତୃତ୍ୱରେ ବ୍ଲକ ଅଧକ୍ଷା ଲିପ୍ସା ପ୍ରଧାନ, ଜିଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ସୁଶୀଲ ମରେଇ, ବିଦ୍ୟୁତ୍ ରଞ୍ଜନ ପ୍ରଧାନ, ଜୟକୁମାର ନିଗମ, ମାନଭଞ୍ଜନ ବେହେରା, ଧନୁର୍ଯ୍ୟ ସିଦାର, ହୃଷୀକେଶ ବରିହାଙ୍କ ସମେତ ଶତାଧିକ କର୍ମୀ ଅଂଶଗ୍ରହଣ କରିଥିଲେ।

# ହସ୍ତାନ୍ତର ହେଲା ଜବତ ୨୦ ମୋବାଇଲ

**ସୋହେଲା,୧୬।୨(ଡି.ଏନ.ଏ.)**

ଗତ ଦୁର୍ଗାପୂଜା ସମୟରେ ଚୋରି ହୋଇଥିବା ୨୦ଟି ମୋବାଇଲ ଫୋନକୁ ସୋହେଲା ପୋଲିସ ଜବତ କରି ପ୍ରକୃତ ମାଲିକମାନଙ୍କୁ ହସ୍ତାନ୍ତର କରାଯାଇଛି। ଜବତ ମୋବାଇଲଗୁଡିକର ଆନୁମାନିକ ମୂଲ୍ୟ ଦେଢ ଲକ୍ଷ ଟଙ୍କା ହେବ। ଗୁରୁବାର ସୋହେଲା ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ଆଇଆଇସି ହରିବନ୍ଧୁ ଗଡତିଆ ଏ ନେଇ ସୂଚନା ଦେଇଛନ୍ତି। ବରଗଡ଼ ପୋଲିସ ସାଇବର ସେଲ୍ ସହଯୋଗରେ ଆଇଆଇସି ହରିବନ୍ଧୁ ଗଡତିଆ, ଏସ୍‌ଆଇ ସୁଶୀଳା ଟିଗା, ଏଏସ୍‌ଆଇ ଏସ୍. ଏନ୍. ପଧାନ, ହାବିଲଦାର ଅନିରୁଦ୍ଧ ମିଶ୍ର, ବିଜୟ ନାହାକଙ୍କୁ ନେଇ ଗଠିତ ଏକ ଟିମ୍ ତଦନ୍ତ କରି ମୋବାଇଲଗୁଡିକୁ ଜବତ କରିଥିଲେ। ଆଗାମୀ ଦିନରେ ଆହୁରି ଚୋରି ମୋବାଇଲ ଫୋନ ଜବତ କରାଯିବାକୁ ଉଦ୍ୟମ ଜାରି ରହିଛି ବୋଲି ଥାନାଧିକାରୀ ଗଡତିଆ ଜଣାଇଛନ୍ତି ।


ଜବତ ମୋବାଇଲଗୁଡିକୁ ହସ୍ତାନ୍ତର କରାଯାଉଛି।

# ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ


ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ।

**ଭେଡେନ,୧୬।୨(ଡି.ଏନ.ଏ.)**

ବରଗଡ ଜିଲା ଭେଡେନ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମିତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି, ସୂର୍ଯ୍ୟମଣି ଜନତା ହାଇସ୍କୁଲର ପ୍ରଧାନ ଶିକ୍ଷକ ବନମାଳି ଦାଶ, ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ବେହେରା, ଭରତ ବରେଇ, ପ୍ରଦୀପ କ୍ଷେତି, କୃଷ୍ଣଚନ୍ଦ୍ର ମେହେର, ବନିତା ମେହେର ଏବଂ ଗେଲ୍ହେଇ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଛାତ୍ରୀ ଭାବେ ତୋନିଶା ମେହେର ଓ ଗତବର୍ଷ ମାଟ୍ରିକ ବୋର୍ଡରେ ୬୦୦ରୁ ୫୨୫ ମାର୍କ ଆଣି ସ୍କୁଲର ପ୍ରଥମ ସ୍ଥାନ ଅଧିକାର କରିଥିବା ସିମରନ ପ୍ରିୟଦର୍ଶିନୀ ନନ୍ଦଙ୍କୁ ସୂର୍ଯ୍ୟମୁଖି ହୋତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷକ ଗଣେଶ ପଧାନ ସଭା ସଂଯୋଜନା ଓ ମୀନକେତନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସୁଷମା ମଞ୍ଜରୀ ଦାଶ, ମାନସୀ ଠାକୁର, ପ୍ରଦୀପ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ଫସଲବୀମାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୧୬।୨**

ବରଗଡ଼ ବ୍ଲକ ଅନ୍ତର୍ଗତ ସରସରା ସମେତ ବିଭିନ୍ନ ଗ୍ରାମରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ମାଧ୍ୟମରେ ମେରୀ ପଲିସି, ମେରେ ହାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରସରା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀମା କମ୍ପାନୀ ଅଧିକାରୀ ଜ୍ୟୋତିରଞ୍ଜନ ଶତପଥି, ଅନ୍ତର୍ଯାମୀ ନାୟକ, ଆଶିଷ କୁମାର ପ୍ରଧାନ, ସୁନୀତା ଭୋଇ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ପଲିସି ସାର୍ଟିଫିକେଟ୍ ବଣ୍ଟନ କରିଥିଲେ। ସେହିପରି ଉକ୍ତ ବ୍ଲକ ଅନ୍ତର୍ଗତ ଅନ୍ୟ ଗ୍ରାମଗୁଡ଼ିକରେ ମଧ୍ୟ ଏହି କାର୍ଯ୍ୟକ୍ରମ ଚାଲିଛି। ପ୍ରଧାନମନ୍ତ୍ରୀ ଫସଲବୀମା ଉପରେ ସଚେତନତା କରାଯିବା ସହିତ ଚାଷୀଙ୍କୁ ପଲିସି ସାର୍ଟିଫିକେଟ୍ ବଣ୍ଟନ କରାଯାଉଛି।

# ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ

**ଜାମଟିକ୍ରା, ୧୬।୨(ଡି.ଏନ.ଏ.)**

ଅତାବିରା ବ୍ଲକ ଗୋଡଭଗା ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ଶିଶୁ ବାଟିକା ବିଭାଗର ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଯଜ୍ଞକାର୍ଯ୍ୟରେ ପ୍ରଭୁଭକ୍ତି ଆଶ୍ରମର ବେଦାନନ୍ଦ ଶାସ୍ତ୍ରୀ ପୌରୋହିତ୍ୟ କରିଥିଲେ। ଶିଶୁ ଏବଂ ଅଭିଭାବିକା ଅଭିଭାବକମାନେ ନିକଟସ୍ଥ ଜଗନ୍ନାଥ ମନ୍ଦିରକୁପାଲିଙ୍କି ଯାତ୍ରା କରିଥିଲେ। ଏଥିରେ ବିଦ୍ୟାଳୟର ସଭାପତି ପ୍ରଦୀପ କର୍ଣ୍ଣ ଏବଂ ସମ୍ପାଦକ ପ୍ରେମାନନ୍ଦ ସାହୁ ଶିଶୁମାନଙ୍କ ପଦଧୌତ ପୂର୍ବକ ସ୍ୱାଗତ କରିଥିଲେ। ପ୍ରଧାନ ଗୁରୁଜୀ କରୁଣାକର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋଷାଧକ୍ଷ ରଞ୍ଜିତ ଦେବତା ଏବଂ ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ସାଥୁଆ ଉପସ୍ଥିତ ଥିଲେ। ଶିଶୁ ବାଟିକା ପ୍ରମୁଖ ମଞ୍ଜୁଲତା ପ୍ରଧାନ ବାଚନ ପୁସ୍ତିକା ପାଠ କରିଥିଲେ।

# ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି,୧୬।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ହାଇସ୍କୁଲ ଓ ଅମରପାଲୋ ହାଇସ୍କୁଲରେ ଗୁରୁବାର ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭା ଓ ସଚେତନତା ଶୋଭାଯାତ୍ରା କରାଯାଇ ଲୋକଙ୍କୁ ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। କେନଝିରିଆପାଲି ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱାସ୍ଥ୍ୟକର୍ମୀ ଓ ଅଧିକାମାନେ ଯୋଗଦେଇ ତମାଖୁ ବ୍ୟବହାର କଲେ ଏହାର କୁପରିମାଣ ବିଷୟରେ ମତ ରଖିଥିଲେ। ସଭାପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ କୁଇଜ କାର୍ଯ୍ୟକ୍ରମ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅମରପାଲି ହାଇସ୍କୁଲରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ ପୌରୋହିତ୍ୟ କରିଥିଲେ। ଡିଷ୍ଟ୍ରିକ ଆସିଷ୍ଟାଣ୍ଟ ମ୍ୟାନେଜର ଅଫ ଏନସିଡି ଗିତାଞ୍ଜଳି ମେହେର,ମେଡିକାଲ ଅଫିସର ବିଶ୍ୱନାଥ ରଥ, ପିଏଚଇଓ ସ୍ୱର୍ଣ୍ଣପ୍ରଭା କୁଏଡ, ଭାରପ୍ରାପ୍ତ ସୁପରଭାଇଜର୍ ଗିରିଧାରୀ ସାହୁ, ସିଏଚଓ ଲଫି ଦଳେଇ, ପ୍ରବୀଣ କୁମାର ରଥ ପ୍ରମୁଖ ଯୋଗଦେଇ ତମାଖୁର ଅପକାରିତା ଓ ଏହାର ନିରାକରଣ ଉପରେ ଆଲୋଚନା କରିଥିଲେ। ସଭାପରେ ଛାତ୍ରୀଛାତ୍ରମାନେ ଏକ ସଚେତନତା ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରିଥିଲେ।



ଅମରପାଲି ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଯୁବଶକ୍ତିଙ୍କ ଦ୍ୱାରା ସମାଜରେ ପରିବର୍ତ୍ତନ ସମ୍ଭବ

**ସୁବର୍ଣ୍ଣପୁରରେ ଯୁବ ଚେତନା ଜାଗରଣ ଶିବିର**

**ସୋନପୁର,୧୬।୨(ନି.ପ୍ର.)**

ଭାରତ ହେଉଛି ଯୁବତୀ ଯୁବକଙ୍କ ଦେଶ। ଜନସଂଖ୍ୟାର ଅଧାରୁ ଅଧିକ ହେଉଛନ୍ତି ଯୁବବର୍ଗ। ଏହା ଦେଶର ସବୁଠୁ ବଡ ପୁଞ୍ଜି। କାରଣ ଯୁବଶକ୍ତିଙ୍କ ଦ୍ୱାରା ହିଁ ସମାଜରେ ପରିବର୍ତ୍ତନ ସମ୍ଭବ ବୋଲି ସୁବର୍ଣ୍ଣପୁରର ନୂତନ ଟାଉନ ହଲ ପରିସରରେ ଅନୁଷ୍ଠିତ ଯୁବ ଚେତନା ଜାଗରଣ ଶିବିରରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ଗୁରୁବାର ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ଶାନ୍ତିକୁଞ୍ଜ ହରିଦ୍ୱାର ତତ୍ତ୍ୱାବଧାନରେ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ସମାଜକୁ ସଠିକ୍ ମାର୍ଗରେ ଯିବା ପାଇଁ ଅନୁପ୍ରାଣୀତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜର ମୁଖ୍ୟ ଯୁବା ସଂଯୋଜକ କେଦାର ପ୍ରସାଦ ଦୁବେ ଶିବିରରେ ଯୋଗଦାନ କରି ଯୌବନ ଜୀବନର ସର୍ଣ୍ଣିମ ସମୟ। ଏହି ସମୟର ସଦ୍ ବ୍ୟବହାର କରିବା ପାଇଁ ଶ୍ରୀ ଦୁବେ ପରାମର୍ଶ ଦେଇଥିଲେ। ଶାନ୍ତିକୁଞ୍ଜ ଆଶ୍ରମର ଯୁବା ସହ ସଂଯୋଜକ ଆଶିଷ କୁମାର ସିଂ, ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟ ହରିଦ୍ୱାର ର ପ୍ରଫେସର ଗୋପାଳ କୃଷ୍ଣ ଶର୍ମା, ରାଜ୍ୟ ଯୁବ ଆବାହକ ସନ୍ତୋଷ କୁମାର ଜେନା, ସୁଦାମ ଚନ୍ଦ୍ର ଦିଶ୍ରି, ମ୍ୟାନେଜିଂ ଟ୍ରଷ୍ଟି ପ୍ରଭାକର ଦଳେଇ, ବଲାଙ୍ଗୀର ଜିଲା ସଂଯୋଜକ ସତ୍ୟନାରାୟଣ ଗୁପ୍ତା ପ୍ରମୁଖ ଗାୟତ୍ରୀ ପରିବାର ର ବିଚାର ଓ ଯୁବ ସମାଜର ପ୍ରତୀକ ବିବେକାନନ୍ଦଙ୍କ ବାଣୀ ସମ୍ପର୍କରେ ବୁଝାଇବା ସହିତ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଗାୟତ୍ରୀ ପରିବାରର ସୌମିତ୍ରୀ ଥନାପତି, କମଳ ଲୋଚନ ପଧାନ, ପଙ୍କଜ ମେହେର, ମହିଳା ମଣ୍ଡଳର ଭଗବତୀ ରାୟଗୁରୁ ଓ ମାରୱାଡି ସମାଜର ମହିଳା କର୍ମକର୍ତ୍ତା ସହଯୋଗ କରିଥିଲେ। ଶିବିରରେ ବଲାଙ୍ଗୀର, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାରୁ ଶତାଧିକ ଯୁବତୀ ଯୁବକ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ସଂକ୍ଷେପରେ

### ଚିଟ୍‌ଫଣ୍ଡ ସଂସ୍ଥା ଦ୍ୱାରା ଠକେଇର ଶିକାର ଜମାକାରୀଙ୍କ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ

ବଡ଼ଗାଁ/ହେମଗିର, ୧୬।୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ତହସିଲ କାର୍ଯ୍ୟାଳୟ ଓ ହେମଗିର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଆର୍ଥିକ ସଂସ୍ଥା ଦାରା କ୍ଷତିଗ୍ରସ୍ତ ଜମାକାରୀଙ୍କ ଦ୍ୱାରା ଗଠିତ ମିଳିତ ମଞ୍ଚ ପକ୍ଷରୁ ଗଣସତ୍ୟାଗ୍ରହ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତୁରନ୍ତ ଜମାକାରୀଙ୍କ ଟଙ୍କା ଫେରାଇବାକୁ ଦାବି କରାଯାଇଛି। ଏ ସମ୍ପର୍କିତ ଦାବିପତ୍ର ବଡ଼ଗାଁ ତହସିଲଦାର୍ ସରୋଜ କୁମାର ପୃଷେଟଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶା ରାଜ୍ୟପାଳ, ଉଚ୍ଚ ନ୍ୟାୟାଳୟଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ଆର୍ଥିକ କ୍ଷତିଗ୍ରସ୍ତ ମିଳିତ ମଞ୍ଚର ସଭାପତି ରମେଶ ମହାନନ୍ଦ, ପ୍ରମୋଦ ସଏ, ବୈକୁଣ୍ଠ ବେହେରାଙ୍କ ନେତୃତ୍ୱରେ ଏହି ଗଣ ସତ୍ୟାଗ୍ରହ କରାଯାଇଥିଲା। ହେମଗିର ତହସିଲ କାର୍ଯ୍ୟାଳୟ ଠାରେ ଚିଟଫଣ୍ଡ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଜମାକାରୀ ଗଣସତ୍ୟାଗ୍ରହ କରିଛନ୍ତି। ଏକ ରାଲି ମାଧ୍ୟମରେ କ୍ଷତିଗ୍ରସ୍ତ ଜମାକାରୀମାନଙ୍କୁ ଶୀଘ୍ର ଚିହ୍ନଟ କରି କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ହେମଗିର ତହସିଲଦାର ଭିକ୍ଟୋରିଆ ଏକ୍କାଙ୍କ ମାଧ୍ୟମରେ ୪ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ସେନାପତି ଉମେଶ ଚନ୍ଦ୍ର ପାଣ୍ଡେ, କାର୍ତ୍ତିକ କିଷାନ, ଦେବାଧି ମେହେର, ଡୋଲାମଣି ବାଗ, ଟିକେଶ୍ୱର ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ ରାଜଗାଙ୍ଗପୁର, କୁତ୍ରା, ସବଡେଗା, ବାଲିଶଙ୍କରା ତହସିଲରେ ଗଣସତ୍ୟାଗ୍ରହ କରାଯାଇଥିଲା।

### ଦୋକାନରୁ ଚୋରି ଅଭିଯୋଗ

ବ୍ରଜରାଜନଗର, ୧୬।୨(ଡି.ଏନ.ଏ.): ବ୍ରଜରାଜନଗର ଥାନା ଅନ୍ତର୍ଗତ ଆଜାଦ ଛକଠାରେ ଥିବା ଏକ ଭେରାଇଟି ଷ୍ଟୋରରୁ ବୁଧବାର ରାତିରେ ଚୋରି ହୋଇଥିବା ନେଇ ଦୋକାନ ମାଲିକ ଜଗବନ୍ଧୁ କବି ଥାନାରେ ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ଦୋକାନ ସମ୍ମୁଖ ଭାଗ ତାଲା ଭାଙ୍ଗି କ୍ୟାସ ବାକ୍ସ ସହ ୧୨ହଜାର ଟଙ୍କାର ସାମଗ୍ରୀ ଚୋରିକରି ନେଇଥିବା ଜଗବନ୍ଧୁ ଅଭିଯୋଗରେ ଦର୍ଶାଇଛନ୍ତି। ନବନିଯୁକ୍ତ ଥାନା ଅଧିକାରୀ ଧବଳେଶ୍ୱର ସାହୁ ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

### ପୌର କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ଧାରଣା

ବ୍ରଜରାଜନଗର, ୧୬।୨(ଡି.ଏନ.ଏ.): କେନ୍ଦ୍ର ସରକାର ମୁଣ୍ଡ ପିଛା ୫କିଲୋ ଚାଉଳ କାଟିଦେଇଥିବା ପ୍ରତିବାଦରେ ଗୁରୁବାର ଝାରସୁଗୁଡା ଜିଲା ବିଜେଡି ପକ୍ଷରୁ ବ୍ରଜରାଜନଗର ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କ ଗରିବ ମାରଣ ନୀତିକୁ କର୍ମୀମାନେ ନିନ୍ଦା କରିବା ସହ ତୁରନ୍ତ କାଟିଥିବା ଚାଉଳ ପ୍ରଦାନ କରିବାକୁ ଦାବି କରିଥିଲେ। ସ୍ଥାନୀୟ ବିଧାୟିକା ଅଳକା ମହାନ୍ତି, ଝାରସୁଗୁଡ଼ା ବିଜେଡି ସମ୍ପାଦକ ବିଶ୍ୱନାଥ ନାୟକ, ବରିଷ୍ଠ ନେତା କୁଳମଣି ଦାସ, ପୌରାଧକ୍ଷା ଯାଜ୍ଞସେନୀ ଓରାମ, ମହେଶ ମୁଲି, ପ୍ରବୀଣ ମିଶ୍ର, ନୃପ ତଣ୍ଡିଆ, କୋଣାର୍କ ପଟ୍ଟନାୟକ, ବିଜୟ ପାଣି ପ୍ରମୁଖ ଧାରଣାରେ ସାମିଲ ଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲା ବିଜେଡି


ପଡିଆବାହାଲରେ ରାଲିରେ ବାହାରିଥିବା ବିଜେଡି କର୍ମକର୍ତ୍ତା।


ନାକଟିଦେଉଳଠାରେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି ବିଜେଡି ନେତୃବୃନ୍ଦ।

କୁଚିଣ୍ଡା/ ନାକଟିଦେଉଳ/ ରେଙ୍ଗାଲି/ ପଡ଼ିଆବାହାଲ, ୧୬।୨(ଡି.ଏନ.ଏ.)

କେନ୍ଦ୍ରର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ପ୍ରଦାନ କରାଯାଉଥିବା ୫ କେଜି ଚାଉଳ ବନ୍ଦ କରିବା ପ୍ରତିବାଦରେ ଗୁରୁବାର କୁଚିଣ୍ଡା ବିଜେଡି ପକ୍ଷରୁ କୁଚିଣ୍ଡା ବ୍ଲକ ଓ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ବିଡ଼ିଓ ଓ ଏନ୍ଏସିର ଇଓଙ୍କୁ ପ୍ରଦାନ କରାଯାଇଛି। କର୍ମକର୍ତ୍ତା ଦର୍ଶାଇଥିଲେ, ଓଡ଼ିଶାରୁ କେନ୍ଦ୍ର ସରକାର ପୂର୍ବରୁ ୧୮ ଲକ୍ଷ ମେଟ୍ରିକ ଟନ ଉଷୁନା ଚାଉଳ କିଣୁଥିବା ବେଳେ ଏଥର ଏହାକୁ ୪ ଲ ମେଟ୍ରିକ ଟନକୁ କମାଇ ଦେଇଛନ୍ତି। ଏଣୁ ରାଜ୍ୟ ସରକାର ଚାଷୀଙ୍କଠାରୁ ଧାନ କିଣିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ ଗତ ଦୁଇବର୍ଷ ହେବ ଧାନକିଣା ଟଙ୍କା ମଧ୍ୟ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଦେଉ ନାହାନ୍ତି। ଫଳରେ ରାଜ୍ୟ ସରକାର ପ୍ରାୟ ୨୦ ହଜାର କୋଟି ଟଙ୍କା ଋଣ କରି ଚାଷୀଙ୍କୁ ଧାନ କିଣା ଟଙ୍କା ପ୍ରଦାନ କରୁଛନ୍ତି। ଏହାର ପ୍ରତିବାଦରେ ଦଳ ଆନ୍ଦୋଳନକୁ ଓହ୍ଲାଇଥିଲା। ପରେ ଏନ୍ଏସି କାର୍ଯ୍ୟାଳୟରେ ଇଓଙ୍କ ଅନୁପସ୍ଥିତିରେ ବରିଷ୍ଠ କିରାଣି ହିମାଂଶୁ ମହାନନ୍ଦଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ନଗର ସଭାପତି ସଞ୍ଜୟ ବେହେରା, ଛାତ୍ର ସଭାପତି ଅଭିଳାଷ ଅଗ୍ରୱାଲ, ଉପାଧ୍ୟକ୍ଷ ଦେବଯାନୀ କଲୋ, ବରିଷ୍ଠ ନେତା ହୃଦାନନ୍ଦ ଶର୍ମା, କାଉନସିଲର ନବୀନ ହୋତା ପ୍ରମୁଖ ସାମିଲ ଥିଲେ। ସେହିପରି କୁଚିଣ୍ଡା ପଞ୍ଚାୟତ ସମିତିଠାରେ ବିଡ଼ିଓ ନିରଞ୍ଜନ ସାଙ୍କୁ ଦାବିପତ୍ର ଦିଆଯାଇଥିଲା। ଏଥିରେ ଜିଲା ପରିଷଦ ସଦସ୍ୟ ଅଜିତ ମହାପାତ୍ର, ବିଜେଡି ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ନଗର ସଭାପତି ସଞ୍ଜୟ ବେହେରା, ବରିଷ୍ଠ ନେତା ତ୍ରିବିକ୍ରମ ପ୍ରଧାନ, ସଞ୍ଜୟ ମିଶ୍ର, ସମିତି ସଭ୍ୟ ରଶ୍ମି କୁସୁମ ଯୋଗଦେଇଥିଲେ।

**୫କେଜି ଚାଉଳ କାଟିବା ନିଷ୍ପତ୍ତିକୁ ବିରୋଧ**

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ରାଜ୍ୟର ଗରିବ ପରିବାରକୁ ମୁଣ୍ଡ ପିଛା ୫କେଜି ଚାଉଳ ଯୋଗାଣରୁ ବଞ୍ଚିତ କରିଥିବା କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ ଗୁରୁବାର ନାକଟିଦେଉଳ ବ୍ଲକ ବିଜେଡ଼ି ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୂର୍ବଭଳି ଏହି ଚାଉଳ ପ୍ରଦାନ ଦାବିକରି କର୍ମୀମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ବିବେକାନନ୍ଦ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ବ୍ଲକ ବିଜେଡ଼ି ସଭାପତି ମୁଳିଆ ରାଉଳଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରାପାଲି ସରପଞ୍ଚ ଶିବାନୀ ବାରିକ, ସାଲେଭଟା ସରପଞ୍ଚ ପାଣ୍ଡବ ପ୍ରଧାନ, କିସିଣ୍ଡା ସରପଞ୍ଚ ରୀନା ନାଏକ, ବ୍ଲକ ଯୁବ ବିଜେଡ଼ି ସଭାପତି ଧୀରେନ କୁମାର ସାହୁ, ପିଣ୍ଟୁ ଧଳ, ସାଗର ସାହୁ, ଗଗନ ବିହାରୀ ଧଳ, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇଥିଲେ।

ସମ୍ବଲପୁର ଜିଲା ରେଙ୍ଗାଲି ବିଜେଡି ପକ୍ଷରୁ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ରାଜ୍ୟର ଗରିବ ପରିବାରଙ୍କୁ ମୁଣ୍ଡ ପିଛା ୫କେଜି ଚାଉଳରୁ ବଞ୍ଚିତ କରାଯିବା ନିଷ୍ପତ୍ତି ବିରୋଧରେ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ଅଶୋକ କୁମାର ଗୁରୁଙ୍କ ନେତୃତ୍ୱରେ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ମହେନ୍ଦ୍ର ଓରାମ, ମୋତିଲାଲ ତନ୍ତୀ, ରେଙ୍ଗାଲି ପୂର୍ବତନ ବିଧାୟକ ରମେଶ ପଟୁଆ, ପ୍ରଦୀପ ସାହୁ, ଗୋବର୍ଦ୍ଧନ ସାହୁ, ଶୁଶୀଳ କିଷାନ, ଜିଲା ପରିଷଦ ସଭ୍ୟା ଚୋଳଶ୍ରୀ ମହାନନ୍ଦ, ଦେନାରାୟଣ ତିୱାରି, ଦିଲୀପ ଧୁରିଆ, ଶଶୀଭୂଷଣ ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ।

ଗରିବ କଲ୍ୟାଣ ଯୋଜନାରେ ଜଣପ୍ରତି ଦିଆଯାଉଥିବା ୫କେଜି ଚାଉଳ ବନ୍ଦ କରିଦିଆଯିବା ପ୍ରତିବାଦରେ ଗୁରୁବାର ଯୁଯୁମୁରା ବ୍ଲକ ବିଜେଡି ସଭାପତି ବିନୋଦଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମାବେଶରେ ଯୁଯୁମୁରା ବ୍ଲକ ଅଧ୍ୟକ୍ଷା ମମତା ନାଏକ, ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା, ଯୁବ ସଭାପତି ନନ୍ଦ ରଞ୍ଜିତ, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ନରସିଂହ ଦେହୁରି, ପ୍ରହଲ୍ଲାଦ ପଧାନ, ଅବଦୁଲ ମାଝି, ପ୍ରଭାକର ଭୋଇ, ବାବୁଲା ବେହେରା, ଜଗଦୀଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ନିମ୍ନମାନର କାର୍ଯ୍ୟକୁ ନେଇ ଅଭିଯୋଗ କଲେ ଗ୍ରାମବାସୀ

ଲହୁଣୀପଡ଼ା, ୧୬।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଲହୁଣୀପଡ଼ା ପଞ୍ଚାୟତ ଲହଙ୍ଗାପଡାସ୍ଥିତ ଶତ୍ରୁଘ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିର୍ମାଣ ହେଉଥିବା ନୂତନ ଗୃହ ନିମ୍ନମାନର ହେଉଥିବା ବିଦ୍ୟାଳୟର ପରିଚାଳନା କମିଟି ସହିତ ଗ୍ରାମବାସୀ ଲହୁଣୀପଡ଼ା ବିଡ଼ିଓଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଲହଙ୍ଗାପଡା ସ୍ଥିତ ଶତ୍ରୁଘ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ରୂପାନ୍ତର କାମ ସହିତ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଠିକାଦାର ଆରମ୍ଭ କରିଛନ୍ତି। ମାତ୍ର କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ନୂତନ ଗୃହ ନିର୍ମାଣ ପାଇଁ ପିଲର ଉଠା ଯାଉଥିବାବେଳେ ପାଣି ଦିଆଯାଉ ନାହିଁ। ମିକଶ୍ଚର ମେସିନ ବଦଳରେ ହାତରେ କଂକ୍ରିଟ ମସଲା ବନା ଯାଉଛି। ପିଲାର ଗାତରେ ମାଟି,ପଥର,ଇଟା,ଏପରିକି କଦଳୀ ଗଛ ପକାଯାଇ ଗାତ ଭରୁଥିବା ଅଭିଯୋଗ କରିଛନ୍ତି। ଏହା ସହିତ ସୂଚନା ଫଳକ ଲଗା ଯାଇ ନ ଥିବାରୁ ଏହା କେଉଁ ବିଭାଗର ତତ୍ତ୍ୱାବଧାନରେ କାମ ହେଉଛି ଗ୍ରାମବାସୀ ଜାଣି ପାରୁନାହାନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପରିଚାଳନା କମିଟି ଓ ଗ୍ରାମବାସୀ ନିର୍ମାଣ ସ୍ଥାନକୁ ଯାଇ ପଚରାଉଚରା କଲେ ମଧ୍ୟ ସନ୍ତୋଷଜନକ ଉତ୍ତର ନ ପାଇବାରୁ କାମକୁ ବନ୍ଦ କରି ଦେଇଥିବା ଜଣାପଡିଛି। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଜିଲା ପ୍ରକଳ୍ପ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଲହୁଣୀପଡ଼ା ବିଡ଼ିଓ ଏବଂ ଲହୁଣୀପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗପତ୍ର ଦେଇଥିବା ଜଣାପଡିଛି।

## ହକି ବିଶ୍ୱକପ ଟ୍ରଫି ଟୁର୍: ସମ୍ବଲପୁର ଜିଲା ସମ୍ବର୍ଦ୍ଧିତ

ସମ୍ବଲପୁର, ୧୬।୨(ବ୍ୟୁରୋ)

ହକି ବିଶ୍ୱକପ ସମୟରେ ପ୍ରଚାରପ୍ରସାର କରିବା ଦିଗରେ ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏହାକୁ ନେଇ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ଓ ରାଉରକେଲାଠାରେ ପୁରୁଷ ହକି ବିଶ୍ୱକପ ମ୍ୟାଚଗୁଡିକ ହୋଇଥିଲା। ପୂର୍ବରୁ ଏହାର ଟ୍ରଫିକୁ ବିଭିନ୍ନ ଜିଲାରେ ସ୍ୱାଗତ କରାଯାଇଥିଲା। ହକି ବିଶ୍ୱକପ ଟ୍ରଫି ଭ୍ରମଣ ଓ ବିଶ୍ୱକପ ସମୟରେ ବିଭିନ୍ନ ଜିଲାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ନିର୍ବାହ କରିଥିବା ଜିଲାମାନଙ୍କୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମ୍ବର୍ଦ୍ଧିତ କରିଥିଲେ। ସମ୍ବଲପୁରର ଭିସୁଟ୍ ବୁର୍ଲାଠାରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଅଧିକାରୀ, ଜନପ୍ରତିନିଧି, କ୍ରୀଡାବିତ୍, ସାଧାରଣ ଜନତାଙ୍କ ଗହଣରେ ରଙ୍ଗାରଙ୍ଗ ସାଂସ୍କୃତିକ ଓ ସ୍ୱାଗତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଟ୍ରଫିକୁ ସହରରେ ପରିକ୍ରମା କରାଯିବା ସହ ମିନି ମାରାଥନ, ସାଏକ୍ଲୋଥନ ସହିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ପଞ୍ଚାୟତ ସ୍ତରରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ହୋଇଥିଲା। ଏହାସହ ଜିଲା ପ୍ରଶାସନ ପକ୍ଷରୁ ସିଟି କାର୍ଣ୍ଣିଭାଲ, ସମ୍ବଲପୁର ଲୋକ ମହୋତ୍ସବ, ପଲ୍ଲିଶ୍ରୀ ମେଳାରେ ହକି ମ୍ୟାଚ ଦେଖିବା ନିମନ୍ତେ ଏଲ୍ଇଡି ବ୍ୟବସ୍ଥା କରାଯାଇଥିଲା।


ଜିଲାପାଳ ଅନନ୍ୟା ଦାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଉଛନ୍ତି।

### ଜିଲାସ୍ତରୀୟ ପରାମର୍ଶଦାତା ଓ ଟାସ୍କ ଫୋର୍ସ ବୈଠକ

ସୁନ୍ଦରଗଡ଼, ୧୬।୨(ଡି.ଏନ.ଏ.)

ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ସୁନ୍ଦରଗଡ଼ ଜିଲାରେ ପ୍ରାକ୍ ଗର୍ଭାବସ୍ଥା ଓ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ନିଷେଧ ଆଇନ ସମ୍ପର୍କିତ ଜିଲାସ୍ତରୀୟ ପରାମର୍ଶଦାତା ଏବଂ ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାରେ ଅଲଟ୍ରାସାଉଣ୍ଡ କ୍ଲିନିକଗୁଡ଼ିକର ସ୍ଥିତି ଓ କାର୍ଯ୍ୟକାରିତା, ପଞ୍ଜୀକରଣ ତଥା ନବୀକରଣ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସହିତ ଶିଶୁ ଭ୍ରୂଣ ହତ୍ୟା ନିଷେଧ ଆଇନ ଏବଂ କନ୍ୟା ସନ୍ତାନ ସୁରକ୍ଷା ନିମନ୍ତେ ଜିଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମଗୁଡିକ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ସରୋଜ କୁମାର ମିଶ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଶକ୍ତିପ୍ରକାଶ ପାଢ଼ୀ, ଡା ଅମର କୁମାର ଦାସ, ଡା. ମନୋଜ ଆଚାର୍ଯ୍ୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ମାଝୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଏବଂ ଉପ ସଂଯୋଜକ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କର୍ମଶାଳାରେ ଯୋଗଦେବାକୁ ଭୁବନେଶ୍ୱର ଗଲେ ଜନପ୍ରତିନିଧି


କର୍ମଶାଳାରେ ଯୋଗଦେବାକୁ ଭୁବନେଶ୍ୱର ଯାଉଛନ୍ତି ପ୍ରତିନିଧି ଦଳ।

ସମ୍ବଲପୁର, ୧୬।୨(ବ୍ୟୁରୋ)

ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କିଟ୍ ଅଡ଼ିଟୋରିୟମରେ ୩ଦିନ ବ୍ୟାପୀ ହେବାକୁ ଥିବା କର୍ମଶାଳାରେ ଯୋଗଦେବାକୁ ସମ୍ବଲପୁର ଜିଲାର ଜନପ୍ରତିନିଧି ଏକ ସ୍ୱତନ୍ତ୍ର ବସ୍ ଯୋଗେ ଯାତ୍ରା କରିଛନ୍ତି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବଳ ସବୁଜ ପତାକା ଦେଖାଇ ବସ୍ ଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ନିର୍ବାହୀ ଅଧିକାରୀ ରମେଶ ହାଁସଦା, ଜିଲା ପଞ୍ଚାୟତ ଅଧିକାରୀ ଅନଙ୍ଗ ଭଞ୍ଜ ସାଗର, ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱରାଜ ଅଭିଯାନର ଜିଲା ଅଧିକାରୀ ଭବାନୀ ଶଙ୍କର ପ୍ରହରାଜ, ଓଡ଼ିଶା ଜୀବିକା ମିଶନର ଜିଲା ଅଧିକାରୀ ଡ. ପୁଷ୍ପଶ୍ରୀ ନାୟକ, ପ୍ରକଳ୍ପ ଅଧିକାରୀ (ଦକ୍ଷତା ବିକାଶ ) ପ୍ରିୟମ୍ବଦା ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳା ୧୭ରୁ ୧୯ ଫେବୃୟାରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶିଶୁ ଓ ମହିଳା କେନ୍ଦ୍ରିକ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହେବ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ


ମୁଖ୍ୟ ଅତିଥି ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସହ କଳାକାର ଛାତ୍ରୀ।

ଲହୁଣୀପଡ଼ା, ୧୬।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ପରାଗପୋଷସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ। କଲେଇପୋଷ ସରପଞ୍ଚ ଶାନ୍ତି ଓରାମ, ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଝସକେତନ ମାହାନ୍ତ, କୁମାର ଗୌତମ ବାରିକ, ମଦନ ମୋହନ ମାହାନ୍ତ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ଏବିଇଓ ନରହରି କିଷାନ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ ଗୋପାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁନିତା ପଟେଲ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସଙ୍ଗୀତ ଗାଇ ସ୍ୱାଗତ କରିଥିଲେ। ଅତିଥିମାନେ ବିଦ୍ୟାଦାତା ଗଣପତି ଓ ବିଦ୍ୟାଦାୟିନୀ ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପ, ଧୂପଦୀପ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ରଞ୍ଜନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହୃଦେଶ ରକ୍ଷା, ଉର୍ମିଳା ସିଂ, ଭୀମସେନ ଶବର,ବର୍ଷାରାଣୀ ମୁଣ୍ଡା, ସୁରେନ୍ଦ୍ର ଦେହୁରୀ, ହାଫିଜ ଅହମ୍ମଦ, ଅଭୟ ନାୟକ, ଅସିତ ଏକ୍କା, ନିବେଦିତା ଦାଶ, ବିଶ୍ୱଜିତା ମହାନ୍ତି, ମାଧୁରୀ ବେକ, ସସ୍ମିତା ମାହାନ୍ତ, ଅମର ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜେସିସି ଓ ସୋନପୁର ବିଜୟୀ

ସମ୍ବଲପୁର, ୧୬।୨(ବ୍ୟୁରୋ)

ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ୧୧ତମ ଦୀବବନ୍ଧୁ ଗୋସ୍ୱାମୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ହାୱା ମଇଦାନଠାରେ ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନୀ ଦିବସ ମ୍ୟାଚରେ ସମ୍ବଲପୁର ଜେସିସି ଓ

**ସ୍ପୋର୍ଟିଂ ୟୁନିୟନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ସୋନପୁର ଏସ୍‌ଡିସିସି ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି। ଜେସିସି ଦଳ ୫ଉଇକେଟରେ ବରଗଡ ଆମସଢ଼ା କଟାପାଲିକୁ ପରାସ୍ତ କରିଥିଲା। ସେହିପରି ସୋନପୁର ଏସ୍‌ଡିସିସି ଦଳ ୪ ଉଇକେଟରେ ପ୍ରଗତି ସ୍ପୋର୍ଟିଂକୁ ହରାଇଥିଲା। ଗୁରୁଦୀପ ସିଂ, ଟୁକୁ ବାହାଦୁର ମ୍ୟାଚରେ ଅମ୍ପାୟରିଂ କରିଥିଲେ। ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି, ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ଭାଜପା ନେତା ଦାମୋଦର କର, କ୍ରୀଡା ସଂଗଠକ ବିଶ୍ୱଜିତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରକାଶ ପଣ୍ଡା, ଭାଗୀରଥି ସିଂଦେଓ, ପ୍ରଭାତୀ ପତି, ସଞ୍ଜୀବ ପ୍ରସାଦ ଟୁର୍ନାମେଣ୍ଟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ସାଧାରଣ ସମ୍ପାଦକ ସଞ୍ଜୀବ ନାୟକଙ୍କ ସଂଯୋଜନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା।


ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଖେଳାଳିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୭ ଫେବୃୟାରୀ, ୨୦୨୩

**ଯୁବକଙ୍କ ଆତ୍ମହତ୍ୟା**

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଶଙ୍କରମାଲ ଗ୍ରାମର ଦଶରଥ ସୁନା (୩୨ ) ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି । ଗତ ବୁଧବାର ରାତିରେ ସେ କୌଣସି କାରଣରୁ ନିଜ ଘରେ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଖବରପାଇ ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଏକ ମାମଲା ରୁଜୁ କରିଛି ।



## ସଂକ୍ଷେପରେ

### କାଞ୍ଚଲି ଗାଁରେ ବାଘ ଆତଙ୍କ

**ଗୋଟିଏ ଗାଈ ମୃତ, ପହଞ୍ଚିଲା ବନ ବିଭାଗ**

ଲାଞ୍ଜିଗଡ,୧୬।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦକ୍ଷିଣ ବନଖଣ୍ଡ ତଥା ବିଶ୍ୱନାଥପୁର ବନାଞ୍ଚଳ ସଂରକ୍ଷିତ ଜଙ୍ଗଲର କାଞ୍ଚଲି ଗାଁରେ ବାଘ ଆତଙ୍କ ଦେଖାଦେଇଛି। ବାଘ ଆକ୍ରମଣରେ ଗୋଟିଏ ଗାଈର ମୃତ୍ୟୁ ଘଟିବା ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଧୀରେ ଧୀରେ ବାଘ ସଂଖ୍ୟା ଲୋପ ପାଇବାକୁ ବସିଥିବା ବେଳେ ବାଘର ଉପସ୍ଥିତିକୁ ନେଇ କାଞ୍ଚଲି ଓ ଏହାର ଆଖପାଖ ଅଞ୍ଚଳରେ କୋକୁଆ ଭୟ ଖେଳିଯାଇଛି। ଖବର ପାଇ ବନବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସୂଚନା ଅନୁସାରେ,କାଞ୍ଚଲି ଗାଁର କେତେଜଣ ବ୍ୟକ୍ତି ଚରିବାକୁ ଯାଇଥିବା ନିଜ ଗୋରୁଗାଈ ଖୋଜିବାକୁ ଯାଇଥିବା ବେଳେ ବାଘ ଆକ୍ରମଣରେ ଏକ ଗାଈର ମୃତ୍ୟୁ ଘଟିଥିବା ଦେଖିବାକୁ ପାଇଥିଲେ। ସନ୍ଧାନ ନେବାରୁ ଏହା ଉକ୍ତ ଗାଁର ଧନେ ହରିଜନ ଙ୍କର ବୋଲି ଜଣାପଡିଥିଲା। ଏ ନେଇ ବନ ବିଭାଗକୁ ଖବର ଦିଆଯିବା ପରେ ବିଶ୍ୱନାଥପୁର ରେଞ୍ଜର ନରୋତ୍ତମ ମାଝୀଙ୍କ ନେତୃତ୍ୱରେ ସିକେରକୁପା ବନପାଳ ଗିରିଧାରୀ ନାଏକ, ବନରକ୍ଷୀ ତପିମଣି କୁମାର, ବନ କର୍ମଚାରୀ ରାଜ କିଶୋର ନାଏକ, ବିଶ୍ୱମ୍ଭର ଗଉଡ, ଚନ୍ଦ୍ରଧ୍ୱଜ ଶବର, ଡେନି ସେନାପତି, ସରୋଜ ପ୍ରଧାନ, ଅଜିତ ନାଏକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ବାଘର ଗତିବିଧି ଉପରେ ନଜର ରଖିଛନ୍ତି। ଅପରପକ୍ଷରେ ପ୍ରାଣୀ ବିଶେଷଜ୍ଞଙ୍କ ଦ୍ୱାରା ମୃତ ଗାଈର ବ୍ୟବଚ୍ଛେଦ କରାଯାଇ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଏ ବିଷୟରେ ଲାଞ୍ଜିଗଡ ରେଞ୍ଜର ମାଝୀଙ୍କୁ ପଚାରିବାରେ ଏହା ଚିତା ବାଘ ହୋଇପାରେ। ଏ ନେଇ ଅନୁସନ୍ଧାନ କରାଯାଉଛି। ମୃତ ଗାଈର ମାଲିକଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ସେ କହିଛନ୍ତି।

### ଭୀମକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ରୁପ୍ରାରୋଡ,୧୬।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଗତ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ମହାସମାରୋହରେ ପାଳିତ ହୋଇଛି। ପ୍ରଥମ ଦିବସରେ ଗ୍ରାମର ଇଷ୍ଟଦେବତା ରାମେଶ୍ୱର ମହାଦେବଙ୍କ ପୀଠରୁ ମଶାଲ ଶୋଭାଯାତ୍ରାରେ ବାହାରି ବିଦ୍ୟାଳୟ ପରିସରରେ ସ୍ଥାପନା କରାଯାଇଥିଲା । ଏହାଛଡା ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଦିବସରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ମାଝୀ ,ଭୀମକେଲା ସରପଞ୍ଚ ଜାନକୀ ଗଉଡ, ସମିତି ସଭ୍ୟା ସୁମିତ୍ରା ମାଝୀ, ଶାନ୍ତି ନାନୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଭଗବାନ ଦାଶଙ୍କ ସ୍ମୃତିଚାରଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ଏହାଛଡା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### କଳାହାଣ୍ଡି ଜନ ପ୍ରତିନିଧିଙ୍କ ଭୁବନେଶ୍ୱର ଯାତ୍ରା

**ଜାତୀୟ କର୍ମଶାଳାରେ ଯୋଗ ଦେବେ**

ଭବାନୀପାଟଣା,୧୬।୨(ସ୍ୱ.ପ୍ର.): ଭୁବନେଶ୍ୱର ଜାତୀୟ କର୍ମଶାଳାରେ ଯୋଗ ଦେବା ପାଇଁ କଳାହାଣ୍ଡି ଜିଲାର ୪୨ ଜଣ ଜନ ପ୍ରତିନିଧିଙ୍କ ସମେତ ସରକାରୀ ଅଧିକାରୀ ଗୁରୁବାର ମଧାହ୍ନରେ ଗସ୍ତ କରିଛନ୍ତି। ଏଥିରେ ଜିଲାର ୨୬ ଜଣ ସରପଞ୍ଚ, ୧୩ ଜଣ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ତଥା ସରକାରୀ ଅଧିକାରୀ ଭାବେ ଜିଲା ପଞ୍ଚାୟତ ଅଧିକାରୀ ଓ ଡିପିଏମ ( ଆରଜିସିଏ) ଆଦି ରହିଛନ୍ତି। ଭବାନୀପାଟଣା ଜିଲା ପରିଷଦ କାର୍ଯ୍ୟାଳୟରୁ ଏକ ବସ ଯୋଗେ ସେମାନେ ଭୁବନେଶ୍ୱର ଯାତ୍ରା କରିଛନ୍ତି । ଏହି ଯାତ୍ରାକୁ ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ଏସଆଇଆରଡି ଦ୍ୱାରା କିଟ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ପରିସରରେ ଏହି ଜାତୀୟ କର୍ମଶାଳା ଅନୁଷ୍ଠିତ ହେବ ।

# ଯୁବ କଂଗ୍ରେସର ଆମରଣ ଅନଶନ ଦ୍ୱିତୀୟ ଦିନରେ

**ଗୋଲାମୁଣ୍ଡା ଆଇସିଡ଼ିଏସ ଅଫିସ ଦୁର୍ନୀତି**

ଭବାନୀପାଟଣା.୧୬।୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ବିଭିନ୍ନ ଦୁର୍ନୀତି ବିରୋଧରେ ଗର୍ଜିଛି ଜିଲା ଯୁବ କଂଗ୍ରେସ । ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକରୁ ଆସିଥିବା ଯୁବ କଂଗ୍ରେସ କର୍ମୀମାନେ ୧୦ ଦଫା ଦାବି ନେଇ ଗୋଲାମୁଣ୍ଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଠାରୁ ଆମରଣ ଅନଶନରେ ବସିଛନ୍ତି। ଗୁରୁବାର ଆମରଣ ଅନଶନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଗୋଲାମୁଣ୍ଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ ପରିଦର୍ଶନ ପାଇଁ ଉର୍ଦ୍ଧିଷ୍ଟ ଟଙ୍କାର ବ୍ୟାପକ ଦୁର୍ନୀତି କରାଯାଇଛି। ଖେଳ ସାମଗ୍ରୀ, ପୋଷାକ ଓ ଔଷଧ ପାଇଁ ଉର୍ଦ୍ଧିଷ୍ଟ ଟଙ୍କାକୁ ବେନାମୀ ସଂସ୍ଥାର ବିଲ ପ୍ରଦାନ କରି ଆତ୍ମସାତ କରାଯାଉଛି। ଗୋଲାମୁଣ୍ଡା ବ୍ଲକର ଅପପୃଷ୍ଟି ଚିହ୍ନଟ ହୋଇଥିବା ୬୮ ଜଣ ଶିଶୁଙ୍କର ପୁନର୍ବାର ସ୍ୱାସ୍ଥ୍ୟ ପରୀକ୍ଷା କରି ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ପଦକ୍ଷେପ ଗ୍ରହଣ କରିବା , ସ୍ୱୟଂ ସହାୟକ ଗୋଷ୍ଠୀ କିଣିଥିବା ଚଣା, ଚିନି, ଚିନାବାଦାମର ସମସ୍ତ ବିଲର ସତ୍ୟାସତ୍ୟ ତଦନ୍ତ କରିବାକୁ ଦାବି କରାଯାଇଛି । ସେହିପରି ପରିବହନ ଠିକାଦାର ବିନା ଓଜନ ମାପ ଯନ୍ତ୍ର ଧରି ଚାଉଳ ପରିବହନ କରି କମ ପରିମାଣ ଚାଉଳ ପ୍ରଦାନ କରୁଥିବା ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଶିଶୁ ବିକାଶ ପ୍ରକଳ୍ପରେ ସମସ୍ତ ଆର୍ଥିକ କାରବାରର ଭିଜିଲାନ୍ସ ଦ୍ୱାରା ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଯୁବ କଂଗ୍ରେସ । ଦାବି ପୂରଣ ହେବା ପର୍ଯ୍ୟନ୍ତ ଆମରଣ ଅନଶନ ଚାଲୁ ରହିବ ବୋଲି ଜିଲା ଯୁବ କଂଗ୍ରେସ ସଭାପତି ମଙ୍ଗରାଜ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଗୁରୁବାର ଗୋଲାମୁଣ୍ଡା ବ୍ଲକ ଗସ୍ତରେ କଳାହାଣ୍ଡି ଜିଲାପାଳ ଓ ଧର୍ମଗଡ଼ ଉପ ଜିଲାପାଳ ଆସିଥିବା ବେଳେ ଯୁବ କଂଗ୍ରେସର ଧାରଣାସ୍ଥଳକୁ ଆସି ନ ଥିବାରୁ କଂଗ୍ରେସ କର୍ମୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହି ଆମରଣ ଅନଶନରେ ଧର୍ମଗଡ଼ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଡାକେ ଲହଜଲ, ଜୁନାଗଡ଼ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଅନୀଲ କୁମାର ମଲ୍ଲିକ, ଗୋଲାମୁଣ୍ଡା ବ୍ଲକ ଯୁବ କଂଗ୍ରେସ ସଭାପତି ଲମ୍ବୁ ଜାଲ, ଜିଲା ଯୁବ କଂଗ୍ରେସ ସୋସିଆଲ ମିଡିଆ ଅଧ୍ୟକ୍ଷ ଗଣେଶ କୁମାର ଭାଟି, ଦେବରାଜ ଭାଟି, ପୁନମ ଗୁପ୍ତା, ସୋନି ଶ୍ରୀବାସ୍ତବ, କୁମୁଦିନି ଧଙ୍ଗ, ଭୁପିନ୍ଦ୍ର ମାଝୀ, ପିଙ୍କୁ ସରାଫ, ସୁରେନ୍ଦ୍ର ସେଠିଆ ପ୍ରମୁଖ ଆମରଣ ଅନଶନରେ ବସିଛନ୍ତି। ଯୁବ କଂଗ୍ରେସର ଆମରଣ ଅନଶନକୁ ସମର୍ଥନ କରି ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଓ, ବରିଷ୍ଠ ଦଳିତ ନେତା କେଦାରନାଥ ସେଠୀ, ବାସୁଦେବ ବାଗ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ତରଣି ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣର ମାସେ ନ ପୁରୁଣୁ ପାଚେରି ଫାଟି ଆଁ



ପାଚେରି କାମ ମାସେ ନ ପୂରୁଣୁ ଫାଟି ଆଁ କରିଛି ।

ଖଡ଼ିଆଳ,୧୬।୨(ଡି.ଏନ.ଏ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଗଡ୍ରାମୁଣ୍ଡା ଗ୍ରାମ ପଞ୍ଚାୟତ ଅଫିସରେ ନିର୍ମାଣ ହୋଇଥିବା ପାଚେରୀ କାମ ମାସେ ନ ପୁରୁଣୁ ସ୍ଥାନେ ସ୍ଥାନେ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ତେବେ ଅତିନିମ୍ନର କାମ ଯୋଗୁ ପାଚେରୀର ଏହିପରି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଗଡ୍ରାମୁଣ୍ଡା ଗ୍ରାମ ପଞ୍ଚାୟତ ଅଫିସର ପାଚେରୀ ନିର୍ମାଣ କାମ ହୋଇଥିଲା। ବିଭାଗୀୟ ଯନ୍ତ୍ରୀଙ୍କ ସହ ସରପଞ୍ଚ ସଲାସୁତୁରା କରି ପ୍ଲାନ ଏବଂ ଇଷ୍ଟିମେଟ ଅନୁସାରେ କାମ ନ କରି ଅତି ନିମ୍ନମାନର କାମ ଦ୍ୱାରା ପାଚେରୀର ସ୍ଥାନେ ସ୍ଥାନେ ଫାଟି ଆଁ କରିଛି। ପାଚେରୀର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଖୋଦ୍ ପଞ୍ଚାୟତର ସରପଞ୍ଚ ଏବଂ ବିଭାଗୀୟ ଯନ୍ତ୍ରୀ ଏବଂ ଅଧିକାରୀ ସହ ମିଶି ନିମ୍ନମାନର କାମ କରିଥିବାରୁ ନିର୍ମାଣର ମାସେ ନ ପୁରୁଣୁ ପାଚେରୀ ଭାଙ୍ଗିବା ଆରମ୍ଭ କରିଛି। ଏହି ଘଟଣାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେବେ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି। ଏହି ବିଷୟରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ରମେଶ ଦୀପଙ୍କୁ ଯୋଗାଯୋଗ କରାଯିବାରୁ ଏହି ପାଚେରୀ ନିର୍ମାଣ କାର୍ଯ୍ୟ ପାଇଁ ଦୁଇ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ପାଚେରୀ ଫାଟି ଥିବା କଥା ଜାଣି ନାହିଁ ବୋଲି କହିବା ସହ ବାଡ଼ ଦେଖି କହି ପାରିବି ବୋଲି କହିଥିଲେ।

# ବିଜେଡିର ଗଣଧାରଣା, ବିକ୍ଷୋଭ



କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ଲାଞ୍ଜିଗଡ,୧୬।୨(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ବୈମାତୃକ ମନୋଭାବ ଓ କୃଷକ ବିରୋଧୀ ଆଭିମୁଖ୍ୟ ବିରୋଧରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଠାରେ ବିଜେଡି ତରଫରୁ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ରାଜ୍ୟର ଗରିବ ପରିବାରକୁ ମୁଣ୍ଡପିଛା ୫ କେଜି ଚାଉଳ ଯୋଗାଣରୁ ବଞ୍ଚିତ କରାଯାଇଥିବାରୁ କେନ୍ଦ୍ରର ଏଭଳି ନିଷ୍ପତ୍ତି ବିରୁଦ୍ଧରେ ପ୍ରତିବାଦ ସଭା କରାଯାଇଥିଲା । ଲାଞ୍ଜିଗଡ ବ୍ଲକ ବିଜେଡି ପକ୍ଷରୁ ପ୍ରଦୀପ ଘଡ଼େଇଙ୍କ ନେତୃତ୍ୱରେ ୨୬ ଗୋଟି ପଞ୍ଚାୟତରୁ ଆସିଥିବା ଦଳୀୟ କର୍ମୀମାନେ ଏକ ଶୋଭାଯାତ୍ରାରେ ବିଶ୍ୱନାଥପୁର ସହର ପରିକ୍ରମା କରିବା ସହ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଲାଞ୍ଜିଗଡ଼ ପୂର୍ବତନ ବିଧାୟକ ଶିବାଜୀ ମାଝୀ, ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଜଗଦୀଶ ବେନିଆ, ମୁକେଶ ବେହେରା, ମନୋହର ହରପାଲ, ଶ୍ରୀଧର ପେଶନିଆ, ହିମାଦ୍ରୀ ପେଶନିଆ, ଚନ୍ଦ୍ର ଶେଖର ମହାପାତ୍ର, ଟଙ୍କଧର ମାଝୀ, ଦେବାଶିଷ ରଞ୍ଜନ ବିଶିଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଦଳୀୟ କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ।

## ଖଡ଼ିଆଳ, ବୋଡ଼େନ ବ୍ଲକ ସମ୍ମୁଖରେ ବିଜେଡିର ଧାରଣା

ଖଡ଼ିଆଳ/ବୋଡ଼େନ, ୧୬।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ଓ ବୋଡେନ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିଜେଡି ପକ୍ଷରୁ ଧାରଣା ଦିଆଯାଇଥିଲା। କେନ୍ଦ୍ର ସରକାର ଅର୍ଣ୍ଣ ଯୋଜନାରେ ଗରିବ ହିତାଧିକାରୀଙ୍କୁ ପାଞ୍ଚ କେଜି ଚାଉଳ ବଞ୍ଚିତ କରିଛନ୍ତି। ଏନେଇ କେନ୍ଦ୍ର ସରକାର ବିରୋଧରେ ତୀବ୍ର ପ୍ରତିବାଦ କରିବା ସହିତ ଧାରଣା ଦେଇଛନ୍ତି। ପ୍ରତିବାଦ ସଭାରେ ନଗର ସଭାପତି ଦୀପକ ଖମାରୀ ସଭାପତିତ୍ୱ କରିଥିବା ବେଳେ ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ମାଲ୍ୟବନ୍ତ ସୁନା, ତନୟା ଶବର, ଉପସଭାପତି ମନୋଜ ଦୀପ, ମହିଳା ନେତ୍ରୀ ସରସ୍ୱତୀ ବାଗ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାଣ୍ଡେ, ଖଡ଼ିଆଳ ପୂର୍ବତନ ଅଧ୍ୟକ୍ଷା ଖୁଲଣା ବେହେରା, ସନ୍ତୋଷିନି ଶଲମା, ମମତା ମଞ୍ଜରୀ ଥପା, ଦୟା ଥପା, ରାଧେ ରଣା ସମେତ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ। ବୋଡେନ ବ୍ଲକ ସମ୍ମୁଖରେ ମଧ୍ୟ ବିଜେଡି ତରଫରୁ କେନ୍ଦ୍ର ସରକାରଙ୍କ ବିରୋଧରେ ଧାରଣା, ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବୋଡେନ ବ୍ଲକ ବିଜେଡ଼ି ସଭାପତି ଲୋକନାଥ ଛତ୍ରିଆଙ୍କ ନେତୃତ୍ୱରେ ହୋଇଥିଲା। ଉକ୍ତ ସଭାରେ ଜିଲା ପରିଷଦ ଅଧ୍ୟକ୍ଷା ନୂଆପଡା ଡଲି ମାଝୀ, ୧୧ ନଂ. ଜୋନ ଜିଲା ପରିଷଦ ସଭ୍ୟା ସ୍ମୃତି ସିଂ ମାଝି, ପୂର୍ବତନ ଜିଲା ପରିଷଦ ସଦସ୍ୟ ଶ୍ରୀକାନ୍ତ ସିଂମାଝି, ଜିଲା ଯୁବ ବିଜେଡି ଉପସଭାପତି ଇମ୍ରାନ ମହମ୍ମଦ, ଆଇନଜୀବୀ ଗୌତମ ନିଆଲ, ଜିଲା ବିଜେଡି ସହସମ୍ପାଦକ ଶ୍ୟାମସୁନ୍ଦର ବେହେରା, ଜିଲା ବିଜେଡି ସହସମ୍ପାଦକ ଯୋଗେନ୍ଦ୍ରନାଥ ମାଝୀ, ବରିଷ୍ଠ ବିଜେଡି ସଦସ୍ୟ ମହେନ୍ଦ୍ର ବେହେରା, ବିଭୂତି ଭୂଷଣ ବେହେରା, ମହନଲାଲ ବେହେରା, ରଖୀରାମ କାଣ୍ଡ, ପୁଷ୍ପରାଜ ଦିପ, ପରକ୍ଷିତ ହଂସ, ଦେବରାଜ ବାଗ, ଜିକେ ବାଗ, ନୁର ମହମ୍ମଦ ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ବିଜେଡି କର୍ମୀ ଅଂଶଗ୍ରହଣ କରିଥିଲେ। ବୋଡେନ ବ୍ଲକ ସଭାପତି ଲୋକନାଥ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ବୋଡେନ ବିଡିଓ ପ୍ରିୟରଞ୍ଜନ କୁମାରଙ୍କ ସହ ବିଜେଡି କର୍ମୀମାନେ ଆଲୋଚନା କରିଥିଲେ।

# ବାତେରପଡାରେ ପାତରବୁଢାଙ୍କ ଝାମୁଯାତ୍ରା

ଲାଞ୍ଜିଗଡ,୧୬।୨(ଡି.ଏନ.ଏ.)



ଝାମୁଯାତ୍ରା ଅବସରରେ ପୂଜା କରାଯାଉଛି ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ବାତେରପଡା ଗ୍ରାମରେ ପାତରବୁଢାଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ପୂଜକ ପ୍ରଥମେ ପାତରବୁଢା ମନ୍ଦିରରୁ ବାହାରି ନିକଟସ୍ଥ ନଦୀରୁ ବାଲି ଆଣିଥିଲେ। ଏହି ଅବସରରେ ଗାଁରୁ ସଂଗ୍ରହ କରିଥିବା ବିଭିନ୍ନ ପ୍ରକାରର ଶସ୍ୟ ଯଥା ଧାନ, ମକା, ବିରି, କୋଲଥ ଇତ୍ୟାଦି ବିହନ ଗଜା ହେବା ପାଇଁ ୭ଟି ଚାଙ୍ଗୁଡ଼ିରେ ନଦୀରୁ ଅଣାଯାଇଥିବା ବାଲିରେ ପକାଇଥିଲେ। ପୂର୍ବରୁ ନିକଟସ୍ଥ ସିକଡିଂ ଜଙ୍ଗଲରୁ ପୂଜକମାନେ ଝାମେରା କଣ୍ଟା ଆଣି ଦୋଳି ପ୍ରସ୍ତୁତ କରିଥିଲେ। ସେହି ଗଜା ବିହନକୁ ସାତଦିନ ଦିନ ପର୍ଯ୍ୟନ୍ତ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଦିନ ଦେବତା କଞ୍ଚା ମାଟିରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସପ୍ତମ ଦିନରେ ପାତ୍ର ବୁଢା ନିଆଁରେ ତିଆରି ଖନ୍ଦା ଝାମିକୁ ୨ଥର ପ୍ରଦକ୍ଷିଣ କରିବା ପରେ ଝାମେରା କଣ୍ଟାରେ ତିଆରି ଦୋଳିରେ ବସି ଭକ୍ତଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ନିଆଁରେ କାଳିସୀ ଚାଲିବା ସହ ଶକ୍ତିର ପରିଚୟ ଦେଇଥିଲେ। ଏହିପରି ପାରମ୍ପରିକ ଦେବନୀତି ପାଳନ କରି ଗାଁ ଗୌନ୍ତିଆ ଅର୍ଜୁନ ସାହୁ, ପୂଜକ ସାନରା ମାଝୀ ପୂଜାର୍ଚ୍ଚନା କରିଥିଲେ। ଯାତ୍ରା ସରିବା ପରେ ମାନସିକ କରିଥିବା ଲୋକଙ୍କ ଦ୍ୱାରା ପାରା, କୁକୁଡ଼ା ଓ ଛେଳି ଆଦି ବଳି ଦିଆଯାଇଥିଲା। ଗାଁର ଯୁବ ଗୋଷ୍ଠୀ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥଲା। ଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସରପଞ୍ଚ ପ୍ରତିନିଧି ଟୀକା ମାଝୀ, ସମିତି ସଭ୍ୟ ପ୍ରତିନିଧି ଇନ୍ଦ୍ର ମାଝୀ,ବିଜେପୁର ପଞ୍ଚାୟତ ନାଏବ ସରପଞ୍ଚ ଇନ୍ଦ୍ର ମାଝୀ, ଜୟନ୍ତ ନାଏକ, ସଞ୍ଜୟ ନାଏକ, ସାମାଜିକ କର୍ମୀ ରାଜେନ୍ଦ୍ର ମାଳି, ଶିବରାମ ନାଏକ, ଲେଙ୍ଗୁ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଯାତ୍ରାକୁ ସଫଳ କରିବା ପାଇଁ କମିଟି ପକ୍ଷରୁ ଅମର ନାଏକ, ସିଙ୍ଗୁ କରକରିଆ, ବିପନ୍ଦ୍ର ହରିଜନ, ଦିଗାମ୍ବର ସାହୁ, ହରେକୃଷ୍ଣ ସାହୁ, ବିଜୁ ସାହୁ, ବାଉକ ସନ୍ତୋଷ ହରିଜନଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ।

# କେନ୍ଦ୍ର ଚାଉଳ ରାଜନୀତିକୁ ବିରୋଧ କରି ପ୍ରତିବାଦ ସଭା, ଶୋଭାଯାତ୍ରା



ବିଜେଡି କର୍ମୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

କୋକସରା,୧୬।୨(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ଚାଉଳ ରାଜନୀତିକୁ ନେଇ ଗୁରୁବାର କୋକସରା ବ୍ଲକ ବିଜେଡି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା କରାଯାଇଥିଲା । ବିଜେଡି କାର୍ଯ୍ୟାଳୟରୁ ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାରଙ୍କ କୃଷି ଓ ଖାଦ୍ୟ ସୁରକ୍ଷା ନୀତିରେ ପାତରଅନ୍ତର ମନୋଭାବକୁ ବିରୋଧ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। କୋକସରା ବ୍ଲକ ବିଜେଡି ସଭାପତି ସୁଶାନ୍ତ ବେହେରାଙ୍କ ନେତୃତ୍ୱରେ ଧର୍ମଗଡ ବିଧାୟକ ମୌଷଧି ବାଗ, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ହେମନ୍ତ ମାଝୀ, ବୈଜୟନ୍ତି ପୂଝାରି, ଜିଲା ଅନୁସୂଚିତ ଜନଜାତି ସେଲ ସଭାପତି ସୁଶିଳ ଶବର, ବ୍ଲକ ସମ୍ପାଦକ ପଙ୍କଜ ପୋଢ଼, ଦୁର୍ଗା ନାଏକ, ଅନୁସୂଚିତ ଜାତି ସେଲ ସଭାପତି ରମେଶ ଚନ୍ଦ୍ର ଦୁର୍ଗା, ଭୁବନେଶ୍ୱର ମାଝୀ, ସହଦେବ ପଟ୍ଟନାୟକ, ଧନେଶ୍ୱର ଗୋପାଳ, ନାରିନେତ୍ରୀ ଅଶୋକା ନାଏକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ଏକ ଦାବିପତ୍ର ବ୍ଲକ ଜିପିଇଓ ନାରାୟଣ ଭୋଇଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ର ବିରୋଧରେ ବିଜେଡିର ବିକ୍ଷୋଭ ପ୍ରଦର୍ଶନ

ନୂଆପଡ଼ା ଅଫିସ, ୧୬।୨

ନୂଆପଡ଼ା ଜିଲା ବିଜେଡି ସଭାପତି ମନୋଜ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। କେନ୍ଦ୍ର ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ସରକାର ଖାଉଟିଙ୍କ ରାସନରୁ ୫ କେଜି ଚାଉଳ କାଟିଦେଇଥିବାକୁ ବିରୋଧ କରି ବିଜେଡି ନେତା କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଥିଲେ। ସ୍ଥାନୀୟ ପୋଲିସ ପଡ଼ିଆରୁ ଏକ ରାଲି କରି ଶତାଧିକ ବିଜେଡି କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି କେନ୍ଦ୍ର ବିରୋଧୀ ନାରା ବାଜି କରିଥିଲେ। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଯୋଗ ଦେଇଥିଲେ। ବିଜେଡ଼ି ଜିଲା ଯୁବ ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲା ପରିଷଦ ସଦସ୍ୟ ଭାନୁ ମାଝୀ, ସାଧାରଣ ସମ୍ପାଦକ ସୁଧୀର ମିଶ୍ର ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିରୋଧରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ।



ବିଜେଡି କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

# ଉତ୍ତମ ଚରିତ୍ର ହିଁ ସାଧୁ ମଣିଷର ପରିଚାୟକ

ସିନାପାଲି,୧୬।୨(ଡି.ଏନ୍.ଏ.)




ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ପ୍ରବଚକ ।

**ସିନାପାଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ**

ସିନାପାଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଦଶମ ବାର୍ଷିକ ଉତ୍ସବରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ଏହି ପ୍ରତିଷ୍ଠା ଉତ୍ସବରେ ପ୍ରତ୍ୟହ ନଅ କୁଣ୍ଡୀୟ ଘୃତଯଜ୍ଞ, ଜ୍ଞାନଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହେଉଛି। ବିଶେଷକରି ଜ୍ଞାନଯଜ୍ଞରେ ପ୍ରସିଦ୍ଧ ପ୍ରବଚକ ପ୍ରଭୁଦାସ ଅନନ୍ତ ଚରଣ ମହାରାଜଙ୍କ ଅମୃତବାଣୀ ଶୁଣିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି। ଆତ୍ମିକ ଚେତନା ଜାଗ୍ରତ ପୂର୍ବକ ବ୍ୟକ୍ତିଗତ ଚରିତ୍ର ନିର୍ମାଣ ସହ ଉତ୍ତମ ପାରିବାରିକ ଏବଂ ସାମାଜିକ ଜୀବନ ଶୈଳୀ ଦ୍ୱାରା ଜଣେ ମଣିଷ ସାଧୁ ହୋଇପାରିବ ବୋଲି ଉପସ୍ଥିତ ଲୋକଙ୍କୁ ଅନନ୍ତ ବାବା ମାର୍ଗଦର୍ଶନ କରାଉଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ମନ୍ଦିର ପରିଚାଳନା କମିଟିର ସଭାପତି ବୈଶମ୍ପାୟନ ମେହେର, ସମ୍ପାଦକ ତୁଳସୀରାମ ମେହେର, ସହସମ୍ପାଦକ ନବୀନ ଚନ୍ଦ୍ର ମେହେର, ରୂପେଶ ଚନ୍ଦ୍ର ମେହେର ଓ ଉପଦେଷ୍ଟା ଡମ୍ବରୁଧର ମେହେର, ନାରାୟଣ ପାତ୍ର, ପ୍ରଦୀପ ଜୈନ, ଗୋଲାମଣି ସାଙ୍କ ସହ ରୋହିତ ମେହେର, ରାମକଷ୍ଣ ମେହେର, ଶିବପ୍ରସାଦ ମେହେର, ନୀଳାଞ୍ଚଳ ମେହେର, ପ୍ରଦୀପ ମେହେର, ମୁରଲିଧର ମେହେର, ରଘୁ ପୁରୋହିତ, ଲକ୍ଷ୍ମଣ ମେହେର, ରୂପଧର ମେହେର, ବୁଧୁ ମାଝୀ, ଗୁରୁବାରୁ ମେହେର, ଜଗମୋହନ ମେହେର, ତିଳେଶ୍ୱର ମେହେର, ଜଙ୍ଗ ମେହେର, କିରଣ ମେହେର, ଭୀଷ୍ମ ମେହେର, ଇଲୁ ମେହେର, ବବଲୁ ମେହେର, ଆଲୋକ ବେହେରା ପ୍ରମୁଖ ସହଯୋଗ କରୁଛନ୍ତି । ଗତ ୨୦୧୩ ମସିହାରେ ପୁରୀର ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବଙ୍କ ଦ୍ୱାରା ୭୧ ଫୁଟ ଉଚ୍ଚ ବିଶିଷ୍ଟ ଏଠାକାର ଭବ୍ୟ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ପରେ ଏହା ନୂଆପଡ଼ା ଜିଲା ତଥା ଛତିଶଗଡ଼ ଅଞ୍ଚଳର ଜଗନ୍ନାଥପ୍ରେମୀଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଛି।

## ସଂକ୍ଷେପରେ

### କାଞ୍ଚଲି ଗାଁରେ ବାଘ ଆତଙ୍କ

**ଗୋଟିଏ ଗାଈ ମୃତ, ପହଞ୍ଚିଲା ବନ ବିଭାଗ**

**ଲାଞ୍ଜିଗଡ,୧୬।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦକ୍ଷିଣ ବନଖଣ୍ଡ ତଥା ବିଶ୍ୱନାଥପୁର ବନାଞ୍ଚଳ ସଂରକ୍ଷିତ ଜଙ୍ଗଲର କାଞ୍ଚଲି ଗାଁରେ ବାଘ ଆତଙ୍କ ଦେଖାଦେଇଛି। ବାଘ ଆକ୍ରମଣରେ ଗୋଟିଏ ଗାଈର ମୃତ୍ୟୁ ଘଟିବା ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଧୀରେ ଧୀରେ ବାଘ ସଂଖ୍ୟା ଲୋପ ପାଇବାକୁ ବସିଥିବା ବେଳେ ବାଘର ଉପସ୍ଥିତିକୁ ନେଇ କାଞ୍ଚଲି ଓ ଏହାର ଆଖପାଖ ଅଞ୍ଚଳରେ କୋକୁଆ ଭୟ ଖେଳିଯାଇଛି। ଖବର ପାଇ ବନବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସୂଚନା ଅନୁସାରେ,କାଞ୍ଚଲି ଗାଁର କେତେଜଣ ବ୍ୟକ୍ତି ଚରିବାକୁ ଯାଇଥିବା ନିଜ ଗୋରୁଗାଈ ଖୋଜିବାକୁ ଯାଇଥିବା ବେଳେ ବାଘ ଆକ୍ରମଣରେ ଏକ ଗାଈର ମୃତ୍ୟୁ ଘଟିଥିବା ଦେଖିବାକୁ ପାଇଥିଲେ। ସନ୍ଧାନ ନେବାରୁ ଏହା ଉକ୍ତ ଗାଁର ଧନେ ହରିଜନ ଙ୍କର ବୋଲି ଜଣାପଡିଥିଲା। ଏ ନେଇ ବନ ବିଭାଗକୁ ଖବର ଦିଆଯିବା ପରେ ବିଶ୍ୱନାଥପୁର ରେଞ୍ଜର ନରୋତ୍ତମ ମାଝୀଙ୍କ ନେତୃତ୍ୱରେ ସିକେରକୁପା ବନପାଳ ଗିରିଧାରୀ ନାଏକ, ବନରକ୍ଷୀ ତପିମଣି କୁମାର, ବନ କର୍ମଚାରୀ ରାଜ କିଶୋର ନାଏକ, ବିଶ୍ୱମ୍ଭର ଗଉଡ, ଚନ୍ଦ୍ରଧ୍ୱଜ ଶବର, ଡେନି ସେନାପତି, ସରୋଜ ପ୍ରଧାନ, ଅଜିତ ନାଏକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ବାଘର ଗତିବିଧି ଉପରେ ନଜର ରଖିଛନ୍ତି। ଅପରପକ୍ଷରେ ପ୍ରାଣୀ ବିଶେଷଜ୍ଞଙ୍କ ଦ୍ୱାରା ମୃତ ଗାଈର ବ୍ୟବଚ୍ଛେଦ କରାଯାଇ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଏ ବିଷୟରେ ଲାଞ୍ଜିଗଡ ରେଞ୍ଜର ମାଝୀଙ୍କୁ ପଚାରିବାରେ ଏହା ଚିତା ବାଘ ହୋଇପାରେ। ଏ ନେଇ ଅନୁସନ୍ଧାନ କରାଯାଉଛି। ମୃତ ଗାଈର ମାଲିକଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ସେ କହିଛନ୍ତି।

### ଭୀମକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

**ରୁପ୍ରାରୋଡ,୧୬।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଗତ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ମହାସମାରୋହରେ ପାଳିତ ହୋଇଛି। ପ୍ରଥମ ଦିବସରେ ଗ୍ରାମର ଇଷ୍ଟଦେବତା ରାମେଶ୍ୱର ମହାଦେବଙ୍କ ପୀଠରୁ ମଶାଲ ଶୋଭାଯାତ୍ରାରେ ବାହାରି ବିଦ୍ୟାଳୟ ପରିସରରେ ସ୍ଥାପନା କରାଯାଇଥିଲା । ଏହାଛଡା ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଦିବସରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ମାଝୀ, ଭୀମକେଲା ସରପଞ୍ଚ ଜାନକୀ ଗଉଡ, ସମିତି ସଭ୍ୟା ସୁମିତ୍ରା ମାଝୀ, ଶାନ୍ତି ନାନୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଭଗବାନ ଦାଶଙ୍କ ସ୍ମୃତିଚାରଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ଏହାଛଡା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

# ଚାଷୀଙ୍କ ବିକ୍ଷୋଭ, ସ୍ମାରକପତ୍ର ପ୍ରଦାନ

**ବରଗଡ଼ ଅଫିସ୍,୧୬।୨**



ଚାଷୀମାନେ ଭଟଲି ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ବରଗଡ଼ ଜିଲା ଭଟଲି ବ୍ଲକ ଅଞ୍ଚଳର ଚାଷୀମାନେ ବିଦ୍ୟୁତ ବିଲ୍ ଛାଡ଼ ଦାବି କରିଛନ୍ତି। ଏହି ଦାବି ନେଇ ସେମାନେ ଗୁରୁବାର ଜୟ କିଷାନ ଆନ୍ଦୋଳନ ନେତୃତ୍ୱରେ ଭଟଲି ତହସିଲ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଜି. ରଶ୍ମିରେଖାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଭଟଲି ବ୍ଲକ ଅଞ୍ଚଳକୁ ଏପର୍ଯ୍ୟନ୍ତ ଜଳସେଚନର କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଇନାହିଁ। ଚାଷୀମାନେ ବାଧ୍ୟହୋଇ ଗଭୀର ନଳକୂପକୁ ବିକଳ୍ପ ଭାବେ ବାଛି ନେଇଛନ୍ତି। ତାହା ଅସ୍ଥାୟୀ ଏବଂ ଖର୍ଚ୍ଚ ବହୁଳ ଅଟେ। ସେହିପରି ଦିନକୁ ଦିନ କୃଷି ଉପକରଣ ଏବଂ କୃଷିକାର୍ଯ୍ୟ ଖର୍ଚ୍ଚ ବଢ଼ିଚାଲିଛି। ମଣ୍ଡି ବ୍ୟବସ୍ଥା ଠିକ୍ ନ ଥିବାରୁ ଚାଷୀଙ୍କୁ ଫସଲର ଉଚିତ ମୂଲ୍ୟ ମିଳୁନାହିଁ। ଏଭଳି ସ୍ଥିତିରେ ବିଦ୍ୟୁତ ବିଲ୍ ଦେବା ଚାଷୀଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି।

ଅନ୍ୟପଟେ ବିଭିନ୍ନ ପ୍ରତିକୂଳ ପରିସ୍ଥିତି କାରଣରୁ ତଥା ବିଦ୍ୟୁତ ବିଭାଗର ଖାମଖିଆଲି ନୀତି ଯୋଗୁ କୃଷକମାନଙ୍କ ଉପରେ ବିଦ୍ୟୁତ ଦେୟ ବକେୟା ରହିଛି। ଦେଶର ଅନେକ ରାଜ୍ୟରେ ରାଜ୍ୟ ସରକାରମାନେ କୃଷକଙ୍କୁ ମାଗଣାରେ ବିଦ୍ୟୁତ ଯୋଗାଇ ଦେଉଥିବା ବେଳେ ଓଡ଼ିଶାରେ ବିଦ୍ୟୁତ ଦେୟ ଅସୁଲିରେ କୃଷକଙ୍କ ପ୍ରତି ଜୁଲମ କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ରାଜ୍ୟରେ କୃଷିକ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ ବିଲ୍ ଛାଡ଼ କରିବାକୁ ଚାଷୀମାନେ ଦାବି କରିଛନ୍ତି। ସେହିପରି ବକେୟା ବିଦ୍ୟୁତ ଦେୟ ସରକାର ନିଜେ ବହନ କରନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି। କୌଣସି ପରିସ୍ଥିତିରେ ଫସଲ ଥିବା

**ବିଦ୍ୟୁତ୍ ବିଲ୍ ଛାଡ଼ ଦାବି**

ସମୟରେ ବିଦ୍ୟୁତ କାଟ୍ ନ କରିବାକୁ ଦାବି ହୋଇଛି। ଏହି ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ଜୟ କିଷାନ ଆନ୍ଦୋଳନ ପକ୍ଷରୁ ଚେତାବନୀ ଦିଆଯାଇଛି। ଜୟ କିଷାନ ଆନ୍ଦୋଳନ ଭଟଲି ଶାଖାର କୋଷାଧ୍ୟକ୍ଷ ବିଜୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ମିନିଷ୍ଟର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଜିଲା ସଭାପତି ସୁଶିଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଚାଷୀନେତା ଶିବ ପ୍ରସାଦ ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଦେବେନ୍ଦ୍ର ପ୍ରଧାନ, କ୍ଷୀରୋଦ୍ର ବୁଧିଆ, ସ୍ୱାଧୀନ ପ୍ରଧାନ, ପବିତ୍ର ମହାପାତ୍ର, ବରିଷ୍ଠ ପ୍ରଧାନ, ଥବିର ସାହୁ, ଭେଡ଼େନ ବ୍ଲକ ସଭାପତି ମହେଶ୍ୱର ପ୍ରଧାନ, ସୋହେଲା ବ୍ଲକ ସଭାପତି ସୁରେନ୍ଦ୍ର ମେହେର, ଅରୁଣ କୁମାର ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### କଳାହାଣ୍ଡି ଜନ ପ୍ରତିନିଧିଙ୍କ ଭୁବନେଶ୍ୱର ଯାତ୍ରା

**ଭବାନୀପାଟଣା,୧୬।୨(ସ୍ୱ.ପ୍ର.)**

ଭୁବନେଶ୍ୱର ଜାତୀୟ କର୍ମଶାଳାରେ ଯୋଗ ଦେବା ପାଇଁ କଳାହାଣ୍ଡି ଜିଲାର ୪୨ ଜଣ ଜନ ପ୍ରତିନିଧିଙ୍କ ସମେତ ସରକାରୀ ଅଧିକାରୀ ଗୁରୁବାର ମଧ୍ୟାହ୍ନରେ ଗସ୍ତ କରିଛନ୍ତି। ଏଥିରେ ଜିଲାର ୨୬ ଜଣ ସରପଞ୍ଚ, ୧୩ ଜଣ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ତଥା ସରକାରୀ ଅଧିକାରୀ ଭାବେ ଜିଲା ପଞ୍ଚାୟତ ଅଧିକାରୀ ଓ ଡିପିଏମ ( ଆରଜିସିଏ) ଆଦି ରହିଛନ୍ତି। ଭବାନୀପାଟଣା ଜିଲା ପରିଷଦ କାର୍ଯ୍ୟାଳୟରୁ ଏକ ବସ ଯୋଗେ ସେମାନେ ଭୁବନେଶ୍ୱର ଯାତ୍ରା କରିଛନ୍ତି। ଏହି ଯାତ୍ରାକୁ ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ୧୭ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଏସଆଇଆରଡି (ପଞ୍ଚାୟତିରାଜ ବିଭାଗ) ଦ୍ୱାରା କିଟ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ପରିସରରେ ଏହି ଜାତୀୟ କର୍ମଶାଳା ଅନୁଷ୍ଠିତ ହେବ ।

# କଳାପାଣି କଲେଜର ବାର୍ଷିକୋତ୍ସବ

**ବରଗଡ଼ ଅଫିସ, ୧୬।୨**



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ବ୍ଲକ କଳାପାଣି ଗାନ୍ଧୀ ମେମୋରିଆଲ କଲେଜର ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ସାମଗ୍ରିକ ବିକାଶରେ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଉଲ୍ଲେଖ କରିଥିଲେ। ଏହି ଅବସରରେ ସେ ଉକ୍ତ କଲେଜର ଭିତ୍ତିଭୂମିକୁ ସୁଦୃଢ଼ ପାଇଁ ୧୫ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନରେ ନିର୍ମାଣ ହେବାକୁ ଥିବା ନୂତନ କଲେଜ କୋଠାଘରର ଶିଳାନ୍ୟାସ କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ତଥା ସାମାଜିକ କର୍ମୀ ଲକ୍ଷ୍ମୀ ନାରାୟଣ ଦାଶ, ଜିଲା ପରିଷଦ ସଭ୍ୟା ମିନାକ୍ଷୀ ପାଣ୍ଡେ ସମ୍ମାନିତ ଅତିଥି ଏବଂ କବି ନୀତିଶ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅମୃତାଂଶୁ ମହାପାତ୍ର ଓ ସୁଧା ସାହୁଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପପତି ସୁଶୀଲ ଦାଶ, ଅଭିନବ ଅଗ୍ରୱାଲ, ମାନକୁନୁ ପ୍ରଧାନ, ମାନୁ ମିଶ୍ର, ଗଣେଶ ମହାପାତ୍ର, ଓକିଲ ପ୍ରଧାନ, ବିନୋଦ ମହାପାତ୍ର, ବାସୁଦେବ ଦାଶ, ସାଗର ସାହୁ, ପ୍ରମୋଦ ନାଏକ, ନେପାଳ ପ୍ରଧାନ, ଟଙ୍କ ପ୍ରଧାନ, ଡୋଲାମଣି ପ୍ରଧାନ, ବିପିନ ପ୍ରଧାନ, ସୋମନାଥ ସାହୁ, ଦଖିଲ ପ୍ରଧାନ, ସୁହାସିନୀ ତରିଆ ପ୍ରମୁଖ ଉପସ୍ଥିତ ଥିଲେ ।

### ଉତ୍ତମ ଚରିତ୍ର ହିଁ ସାଧୁ ମଣିଷର ପରିଚାୟକ

**ସିନାପାଲି,୧୬।୨(ଡି.ଏନ୍.ଏ.)**

ସିନାପାଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଦଶମ ବାର୍ଷିକ ଉତ୍ସବରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ଏହି ପ୍ରତିଷ୍ଠା ଉତ୍ସବରେ ପ୍ରତ୍ୟହ ନଅ କୁଣ୍ଡୀୟ ଘୃତଯଜ୍ଞ, ଜ୍ଞାନଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହେଉଛି। ବିଶେଷକରି ଜ୍ଞାନଯଜ୍ଞରେ ପ୍ରସିଦ୍ଧ ପ୍ରବଚକ ପ୍ରଭୁଦାସ ଅନନ୍ତ ଚରଣ ମହାରାଜଙ୍କ ଅମୃତବାଣୀ ଶୁଣିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି। ଆତ୍ମିକ ଚେତନା ଜାଗ୍ରତ ପୂର୍ବକ ବ୍ୟକ୍ତିଗତ ଚରିତ୍ର ନିର୍ମାଣ ସହ ଉତ୍ତମ ପାରିବାରିକ ଏବଂ ସାମାଜିକ ଜୀବନ ଶୈଳୀ ଦ୍ୱାରା ଜଣେ ମଣିଷ ସାଧୁ ହୋଇପାରିବ ବୋଲି ଉପସ୍ଥିତ ଲୋକଙ୍କୁ ଅନନ୍ତ ବାବା ମାର୍ଗଦର୍ଶନ କରାଉଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ମନ୍ଦିର ପରିଚାଳନା କମିଟିର ସଭାପତି ବୈଶମ୍ପାୟନ ମେହେର, ସମ୍ପାଦକ ତୁଳସୀରାମ ମେହେର, ସହସମ୍ପାଦକ ନବୀନ ଚନ୍ଦ୍ର ମେହେର, ରୂପେଶ ଚନ୍ଦ୍ର ମେହେର ଓ ଉପଦେଷ୍ଟା ଡମ୍ବରୁଧର ମେହେର, ନାରାୟଣ ପାତ୍ର, ପ୍ରଦୀପ ଜୈନ, ଗୋଲାମଣି ସାଙ୍କ ସହ ରୋହିତ ମେହେର, ରାମକଷ୍ଟ ମେହେର, ଶିବପ୍ରସାଦ ମେହେର, ନୀଳାଞ୍ଚଳ ମେହେର, ପ୍ରଦୀପ ମେହେର, ମୁରଲିଧର ମେହେର, ରଘୁ ପୁରୋହିତ, ଲକ୍ଷ୍ମଣ ମେହେର, ରୂପଧର ମେହେର, ବୁଧୁ ମାଝୀ, ଗୁରୁବାରୁ ମେହେର, ଜଗମୋହନ ମେହେର, ତିଳେଶ୍ୱର ମେହେର, ଜଙ୍ଗ ମେହେର, କିରଣ ମେହେର, ଭୀଷ୍ମ ମେହେର, ଇଲୁ ମେହେର, ବବଲୁ ମେହେର, ଆଲୋକ ବେହେରା ପ୍ରମୁଖ ସହଯୋଗ କରୁଛନ୍ତି । ଗତ ୨୦୧୩ ମସିହାରେ ପୁରୀର ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବଙ୍କ ଦ୍ୱାରା ୭୧ ଫୁଟ ଉଚ୍ଚ ବିଶିଷ୍ଟ ଏଠାକାର ଭବ୍ୟ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ପରେ ଏହା ନୂଆପଡ଼ା ଜିଲା ତଥା ଛତିଶଗଡ଼ ଅଞ୍ଚଳର ଜଗନ୍ନାଥପ୍ରେମୀଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଛି।

# ଉଚ୍ଚାକାଂକ୍ଷୀ ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

**ବରଗଡ଼ ଅଫିସ୍,୧୬।୨**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ସତୀହାରୀ ସରକାରୀ ବାଳିକା ହାଇସ୍କୁଲରେ ଗୁରୁବାର ଉଚ୍ଚାକାଂକ୍ଷୀ ଛାତ୍ରୀଛାତ୍ରଙ୍କ ଆଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତି ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଟଲି ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ସରୋଜ କୁମାର ଭୁଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଫଳତାର ପାହାଚ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୪୩ଜଣ ଛାତ୍ରୀଛାତ୍ରଙ୍କ ସମେତ ସାଧନ କର୍ମୀମାନେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।


ବିଇଓ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଉଛନ୍ତି ।

# ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ


ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୁବର୍ଣ୍ଣପୁର ଜିଲା ହାଇସ୍କୁଲ ପ୍ରଧାନଶିକ୍ଷକ ସମ୍ମିଳନୀ**

**ସୋନପୁର, ୧୬।୨(ନି. ପ୍ର )**

ସୁବର୍ଣ୍ଣପୁର ଜିଲାର ସମସ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ସମ୍ମିଳନୀ ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡକ୍ଟର ରାଧାକାନ୍ତ ଗଡ଼ତିଆ, ମଞ୍ଜୁଲତା ଭୋଇ, ବିନିକା ଗୋଷ୍ଠୀ ଶିକ୍ଷାଅଧିକାରୀ ଗଣେଶ କିଶାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ଓ ବିଦ୍ୟାଳୟ ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ସେହିପରି ସମ୍ମିଳନୀରେ ପରୀକ୍ଷା ଫଳ, ଫଳ ବିଶ୍ଳେଷଣ, ଦ୍ୱିତୀୟ ସମାପ୍ତି ସୂଚକ ଆକଳନ, ଅଧାରୁ ପାଠ ଛାଡ଼ିବାକୁ ନିରାକରଣ, ଆର୍ଥିକ ପରିଚାଳନା, ସିଙ୍ଗଲ ନୋଡାଲ ଆକାଉଣ୍ଟ, ଗଭର୍ଣ୍ଣାସ ତଥା ଶିକ୍ଷାର୍ଥୀ ଅଧିଗ୍ରହଣ କାର୍ଯ୍ୟକ୍ରମ ଆଦି ବିଷୟରେ ଅଧିକାରୀ ତଥା ବିଭାଗୀୟ କର୍ମକର୍ତ୍ତାମାନେ ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକମାନଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ସମଗ୍ର ଶିକ୍ଷା ସୁବର୍ଣ୍ଣପୁରର ଅର୍ଥ ପରାମର୍ଶଦାତା ରାଜୀବ ପୁରୋହିତ, ପ୍ରୋଗ୍ରାମର ରାଜନାରାୟଣ ମିଶ୍ର, ଜିଲା ବିଜ୍ଞାନ ନିରୀକ୍ଷକ ପର୍ଶୁରାମ ମେହେର ଉପସ୍ଥିତ ରହି ଉପରୋକ୍ତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସାହାରା ଟ୍ରଷ୍ଟ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ର, ମୁର୍ଛୁଣ୍ଡୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କାଳିଆ କର୍ମୀ, କଟାପାଲି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଗଞ୍ଜେଇ ଚାଲାଣ ମାମଲା**

**ବୌଦ୍ଧ,୧୬।୨(ସ୍ୱ.ପ୍ର.)**

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଅଜ୍ଞନା ସ୍ୱାଇଁ ଗୁରୁବାର ଏକ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ପ୍ରମାଣ ଅଭାବରୁ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ, ବୌଦ୍ଧ ଥାନା ଗୋଚ୍ଛାପଡା ଗ୍ରାମରେ ବିପୁଳ ପରିମାଣରେ ଗଞ୍ଜେଇ ଥିବା ନେଇ ସ୍ପେଶାଲ ଟାସ୍କ ଫୋର୍ସ ଟିମ୍ ବିଶେଷ ସୂତ୍ରରୁ ଖବର ପାଇ ଗତ ୨୭।୦୬।୨୦୧୪ ତାରିଖ ସକାଳୁ ଗୋଚ୍ଛାପଡା ଗ୍ରାମର ଚକ୍ର ବାଘ ଓ ଝାଣ୍ଟୁ ବାଘଙ୍କ ଘର ଉପରେ ଚଢାଉ କରିଥିଲେ। ସେମାନଙ୍କ ଘରୁ ୧୫ ବସ୍ତା ଗଞ୍ଜେଇ ଜବତ କରିବା ସହ ଚକ୍ର ଓ ଝାଣ୍ଟୁଙ୍କୁ ଗିରଫ କରିଥିଲେ । ଜବତ ଗଞ୍ଜେଇକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ତାହା ୨୩୫ କେଜି ହୋଇଥିଲା। ଏହି ଘଟଣାରେ ସ୍ପେଶାଲ ଟାସ୍କ ଫୋର୍ସ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ଏହି ମାମଲା ପରବର୍ତ୍ତୀ ସମୟରେ ସ୍ପେଶାଲ କେଶ ନମ୍ବର ୨/୧୫ରେ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ବିଚାର ହୋଇଥିଲା। ବିଚାର ସମୟରେ ୧୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗୁରୁବାର ପ୍ରମାଣ ଅଭାବରୁ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଦୁଇ ଅଭିଯୁକ୍ତ ଚକ୍ର ଓ ଝାଣ୍ଟୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଏହି ମାମଲାକୁ ବରିଷ୍ଠ ଓକିଲ ଅଶୋକ ମିଶ୍ର ପରିଚାଳନା କରୁଥିଲେ ।

# ଶିବିରରେ ୯୧୨ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ପଦ୍ମପୁର,୧୬।୨(ଡି.ଏନ.ଏ)**

ପଦ୍ମପୁର ଟାଉନ କ୍ଲବ ପରିସରରେ ଗୁରୁବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପଦ୍ମପୁର ଟାଉନ କ୍ଲବ ସଭାପତି ଶିରିଷ ବହିଦାର, ଉପସଭାପତି ଲାଲ ବିହାରୀ ମିଶ୍ର, ସମ୍ପାଦକ ପ୍ରତାପ ମିଶ୍ର, କୋଷାଧ୍ୟକ୍ଷ ଗୋବିନ୍ଦ ଅଗ୍ରୱାଲଙ୍କ ସମେତ ସଭ୍ୟମାନେ ଉପସ୍ଥିତ ଥିଲେ। ଡା. ସନ୍ତୋଷ ଟେଟେ(ମେଡ଼ିସିନ), ଡା. ପ୍ରଭାକର ତ୍ରିପାଠୀ (ଅସ୍ଥିଶଲ୍ୟ), ଡା. ଇପ୍‌ସିତା ଦେବତା (ଚର୍ମରୋଗ), ଡା. ମନୋଜ କୁମାର ସାହୁ(ମୂତ୍ରରୋଗ), ଡା. ଶ୍ୱେତା ପଟ୍ଟନାୟକ (ଦନ୍ତରୋଗ), ଡା. ରାଜେଶ କୁମାର ଷଟି) ଓ ଡା. ସୁଧାଂଶୁ ଶେଖର ଭୋଇ (କିଡ୍‌ନୀ ରୋଗ) ଯୋଗଦେଇ ରୋଗୀଙ୍କୁ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ। ଶିବିରରେ ୯୧୨ ଜଣ ରୋଗୀଙ୍କ ଚିକିତ୍ସା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ସୋହବ ରାଜା, ଜୁବୁଲି ପଣ୍ଡା, ସୁକାନ୍ତ ପ୍ରଧାନ, ସବ୍ୟସାଚୀ ରାୟ ପ୍ରମୁଖ ସହଯୋଗ କରିଥିଲେ। ମୁରଲିକ୍ରୀଷ୍ଣା ଫାଉଣ୍ଡେଶନ, ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଏବଂ ଟାଉନ କ୍ଲବର ମିଳିତ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା।


ଅତିଥିମାନେ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

# କେନ୍ଦ୍ର ବିରୋଧରେ ରାସ୍ତାକୁ ଓହ୍ଲାଇଲା ବିଜେଡି

**ବରଗଡ଼ ଅଫିସ୍,୧୬।୨**



ବରଗଡ଼ ଗାନ୍ଧୀ ଛକରେ ବିଜେଡିର ପ୍ରତିବାଦ ସଭା ।

ଧାନକିଣା ନୀତି ଓ ଚାଉଳ କାଟ୍ ପ୍ରତିବାଦରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିରୋଧରେ ବିଜେଡି ରାସ୍ତାକୁ ଓହ୍ଲାଇଛି। ଏହି କ୍ରମରେ ଗୁରୁବାର ବରଗଡ଼ ବିଜେଡି ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକରେ ବିକ୍ଷୋଭ ଏବଂ ପ୍ରତିବାଦ ସଭା ହୋଇଥିଲା। ବରଗଡ଼ ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଯୋଗଦେଇ ଦଳର ରାଜ୍ୟ ଉପସଭାପତି ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ସଂଘୀୟ ବ୍ୟବସ୍ଥାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମାନ ଦାୟିତ୍ୱ ରହିଛି। ମାତ୍ର କେନ୍ଦ୍ର ସରକାର ଓଡ଼ିଶା ପ୍ରତି ବାରମ୍ବାର ଅଣଦେଖା ମନୋଭାବ ପୋଷଣ କରିଆସୁଛନ୍ତି। କେନ୍ଦ୍ରୀୟ ବଜେଟ୍‌ରେ ଖାଦ୍ୟ ସଂଗ୍ରହ ବ୍ୟୟ ବରାଦ ପୂର୍ବାପେକ୍ଷା ୨୦ହଜାର କୋଟିକୁ କମାଇ ଦିଆଯାଇଛି। ସେହିପରି ରାଜ୍ୟରୁ ଚାଉଳ ଉଠାଣକୁ କେନ୍ଦ୍ର ସରକାର ୮୦ଭାଗ କମାଇ ଦେଇଛନ୍ତି। କେବଳ ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ କେନ୍ଦ୍ର ସରକାର ଦେଉଥିବା ୫କି.ଗ୍ରା ଚାଉଳ ବନ୍ଦ କରିଦେଇଛନ୍ତି। ଏଭଳି ଭାବରେ କେନ୍ଦ୍ର ସରକାର ରାଜ୍ୟର ୩କୋଟି ୨୫ଲକ୍ଷ ଜନତାଙ୍କ ପେଟରେ ଲାତ ମାରିବା ଦୁର୍ଭାଗ୍ୟଜନକ ବୋଲି ପୂର୍ବତନ ଏମ୍‌ପି ଆଚାର୍ଯ୍ୟ କହିଥିଲେ।

ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କେନ୍ଦ୍ର ସରକାରଙ୍କ କାର୍ଯ୍ୟଶୈଳୀକୁ ସମାଲୋଚନା କରିଥିଲେ। କେନ୍ଦ୍ରୀୟ ବଜେଟ୍‌ରେ କୃଷକଙ୍କୁ ନିରାଶ କରାଯାଇଛି ବୋଲି ସେ କହିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଥିଲେ, ରାଜ୍ୟରେ ଆଇନ ଶୃଙ୍ଖଳା କଥା କହି ଭାଜପା ଆନ୍ଦୋଳନ ମାଧ୍ୟମରେ କୁମ୍ଭୀର କାନ୍ଦଣା କରୁଛି। ଅଥଚ ଖୋଦ୍ ଭାଜପା ବିଧାୟକ ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଜଣେ ମହିଳା ପୋଲିସ ଅଧିକାରୀଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରୁଛନ୍ତି। ଏଥିରୁ ଭାଜପାର ଆଭିମୁଖ୍ୟ ସ୍ପଷ୍ଟ ବାରି ହୋଇପଡୁଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ସରପଞ୍ଚ ନିରଞ୍ଜନ ମଲ୍ଲିକ, କାଉନସିଲର ଜ୍ୟୋସ୍ନା ପାଇକ, ହାରାଧନ ଦେବତାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଏଥିରେ ସାମିଲ ହୋଇଥିଲେ। ପ୍ରତିବାଦ ସଭା ପରେ ଦଳୀୟ ନେତା ଓ କର୍ମୀମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ୪ କିଲୋ କାଟିବା ପାଇଁ ମିଲର୍ସଙ୍କ ଧମକ

■ କୁତ୍ରା ମଣ୍ଡିରେ ଧାନ କିଣା
■ ସଲାସୁତୁରାରେ ଚାଲିଛି କାମ

କୁତ୍ରା, ୧୬।୨(ଡି.ଏନ୍.ଏ.)

ଧାନମଣ୍ଡିରେ ଏବର୍ଷ କଟ୍‌ନୀଛଟ୍‌ନୀ ସମ୍ପୂର୍ଣ୍ଣ ମାତ୍ରାରେ ବନ୍ଦ କରିବା ପାଇଁ ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କଟ୍‌ନୀ ଛଟ୍‌ନୀ ହେଲେ ମିଲର୍ସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। କିନ୍ତୁ ଏହାର ଖୋଲାଖୋଲି ଭାବରେ ଉଲ୍ଲଂଘନ କରାଯାଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା କୁତ୍ରା ଲ୍ୟାମ୍ପସରେ। ଧାନ କିଣିବାକୁ ନେଇ ମିଲର୍ସଙ୍କ ଧମକ ଦେଖିବାକୁ ମିଳୁଛି। ବିଭିନ୍ନ ଆଳଦେଖାଇ ୪ କିଲୋ ଧାନ କାଟିବା ନେଇ ମିଲର୍ସ ଚାଷୀଙ୍କୁ ଧମକ ଦେଉଛନ୍ତି। ୪ କିଲୋ ଧାନ କାଟିବୁ ନ ହେଲେ ଧାନ ଉଠାଇବୁ ନାହିଁ ବୋଲି ରୋକ୍‌ଠୋକ୍ ମନା କରୁଛନ୍ତି। ଲ୍ୟାମ୍ପସ କର୍ମଚାରୀଙ୍କ ସହିତ ସଲାସୁତୁରା କରି ଏଭଳି କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। କୁତ୍ରା ଲ୍ୟାମ୍ପସରେ




ରାଜଗାଙ୍ଗପୁର ବ୍ଲକ ଝଗରପୁରସ୍ଥିତ ରାଇସ ମିଲ ପକ୍ଷରୁ ଧାନ ଉଠାଯାଉଛି। କିନ୍ତୁ ଏଠି ମିଲର୍ସଙ୍କ ଖୋଲାଖୋଲି ଦାଦାଗିରି ଚାଲିଥିବା ଦେଖିବାକୁ ମିଳୁଛି। ବିନା ବିଏମ୍‌ସି ଟେଷ୍ଟ କରି ଧାନ ଖରାପ ଥିବା କହୁଛନ୍ତି। ଏଭଳି କରିବା ପାଇଁ ସାହାସ କାହା ପାଖରୁ ମିଳୁଛି ତାହା ମନରେ ପ୍ରଶ୍ନ ସୃଷ୍ଟି କରୁଛି। ଲ୍ୟାମ୍ପସ କର୍ମଚାରୀଙ୍କ ସହଯୋଗରେ ଏଭଳି ହେଉନାହିଁ ତ ବୋଲି ପ୍ରଶ୍ନ ମନ ଭିତରେ ଉଙ୍କି ମାରୁଛି। ଏହାକୁ ନେଇ ଲ୍ୟାମ୍ପସ କର୍ମଚାରୀଙ୍କୁ ପଚାରିବାରୁ ଲ୍ୟାମ୍ପସ ଏମ୍‌ଡି କାଟିବା ପାଇଁ କହିଥିବା ପ୍ରକାଶ କରିଥିଲେ। ଏହାକୁ ନେଇ ଏମ୍‌ଡିଙ୍କୁ ପଚାରିବାରୁ ଏଭଳି କହିନାହିଁ। ଆମର ବୈଠକରେ ୩ କିଲୋ କାଟିବା ପାଇଁ ନିଷ୍ପତ୍ତି ହୋଇଥିବା ପ୍ରକାଶ କରିଛନ୍ତି। ତେବେ କେଉଁ ଆଧାରରେ ୩ କିଲୋ କାଟୁଛନ୍ତି ତାହା ନିଶ୍ଚିତ ଭାବରେ ତଦନ୍ତ ସାପେକ୍ଷ। ୩ କିଲୋ କାଟି ଲ୍ୟାମ୍ପସ କର୍ମଚାରୀ ଏବଂ ମିଲର୍ସ ମାଲେମାଲ ହେଉଛନ୍ତି। କୁତ୍ରା ବ୍ଲକ ଅଞ୍ଚଳ ହେଉଛି ଏକ ଆଦିବାସୀ ବହୁଳ ଅଞ୍ଚଳ। ଏଠାରେ ୮୦ ପ୍ରତିଶତ ଲୋକ ଚାଷ ପ୍ରତି ନିର୍ଭରଶୀଳ। ମୁଣ୍ଡଝାଳ ତୁଣ୍ଡରେ ମାରି ଚାଷ କାର୍ଯ୍ୟ କରିଥାନ୍ତି। ଏଭଳି ସ୍ଥଳେ କଟ୍‌ନୀଛଟ୍‌ନୀ ଦ୍ୱାରା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗୁଛି। ତେଣୁ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ସଂକ୍ଷେପରେ

### ହନୁମାନ ମନ୍ଦିରରେ ୧୫୧ ପ୍ରହର ଅଖଣ୍ଡ ନାମ ସଂକୀର୍ତ୍ତନ

ରାଜଗାଙ୍ଗପୁର,୧୬।୨(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରର ଷ୍ଟେସନପଡାରେ ଥିବା ହନୁମାନ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ସନ୍ଧ୍ୟାରେ କଳସ ଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମରୁ ୧୫୧ ପ୍ରହର ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ କମିଟି ଦ୍ୱାରା ଆରମ୍ଭ କରାଯାଇଛି। ଶୁକ୍ରବାର ସକାଳୁ ନାମଧାରଣ ଆରମ୍ଭ ହୋଇ ଦୀର୍ଘ ଏକୋଇଶ ଦିନ ଧରି କ୍ରମାଗତ ଚାଲିବ ଓ ଆସନ୍ତା ମାର୍ଚ୍ଚ ୮ ବୁଧବାର ପୂର୍ଣ୍ଣାହୁତି ହେବ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେବାପାଇଁ କମିଟି ତରଫରୁ ଅନୁରୋଧ କରାଯାଇଛି।

### ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ

ନାକଟିଦେଉଳ,୧୬।୨(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକର ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଗିରିଶ୍ଚନ୍ଦ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସହାକାରୀ ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି, ରାମପୁର ସଦର କେନ୍ଦୁପତ୍ର ରେଞ୍ଜ ଅଫିସର ଛବିଳ କୁମାର ପ୍ରଧାନ ମୁଖ୍ୟବକ୍ତା ଓ ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନ, ସମିତି ସଭ୍ୟା ବିଳାସିନୀ ପ୍ରଧାନ, କିସିଣ୍ଡା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ପ୍ରକାଶ କୁମାର ପଣ୍ଡା ଅତିଥି ପରିଚୟ ଦେଇଥିବାବେଳେ ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରମୋଦ କୁମାର ସାହୁ ମଞ୍ଚ ପରିଚାଳନା ଓ ଶିକ୍ଷୟିତ୍ରୀ ଦିପ୍ତିମୟୀ ବେହେରା ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ମୈତ୍ରୀ ବଘାର ଓ ଶିକ୍ଷକ ସୁଜିତ କୁମାର ସାହୁଙ୍କ ସଂଯୋଜନାରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ରକ୍ତଦାନ ଶିବିର: ୫୬ ୟୁନିଟ୍ ସଂଗୃହୀତ

ଲହୁଣୀପଡ଼ା,୧୬।୨(ଡି.ଏନ.ଏ.): ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଜାମୁଡ଼ିହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାମୁଡ଼ିହି ୟୁଥ କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ଜଣାପଡିଛି। ମୁଖ୍ୟ ଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ, ଜିଲା ପରିଷଦ ସଦସ୍ୟା ଶୁଶିଳା ମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଡା. ପ୍ରଶାନ୍ତ କୁମାର ଦାସ, ଲୋକନାଥ ସାହୁ, କୌଶିକ ରଣା, କୈଳାସ ଖଟୁଆ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଓମନ୍ତ କୁମାର ମାହାନ୍ତ, ସରପଞ୍ଚ ନେଲସନ ମୁଣ୍ଡା, ଉତ୍ତମ କୁମାର ଦାସ,ପୂର୍ବତନ ଜିଲା ପରିଷଦ ସଦସ୍ୟା ଶୁଶିଳା ମୁଣ୍ଡା, ବିକ୍ରମ ମୁଣ୍ଡାରୀ, ବିଟୁ ମୁଣ୍ଡାରୀ, ସମୀର ପ୍ରଧାନ, ସିନ୍ଧୁ ମୁଣ୍ଡାରୀ, ସୂର୍ଯ୍ୟ ମୁଣ୍ଡାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ତରଫରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର


ହେମଗିରରେ ବିଜେଡ଼ି ପକ୍ଷରୁ ବିକ୍ଷୋଭ କରାଯାଉଛି।

କୁଆଁରମୁଣ୍ଡା/ବଡ଼ଗାଁ/ହେମଗିର,୧୬।୨(ଡି.ଏନ.ଏ.)

## କେନ୍ଦ୍ରର ଚାଷୀମାରଣ ନୀତିକୁ ବିରୋଧ

କେନ୍ଦ୍ର ନେତୃତ୍ୱାଧୀନ ଭାଜପା ସରକାରର ଚାଷୀମାରଣ ନୀତି ଓ ସାଧାରଣ ଗରିବଙ୍କୁ ମିଳୁଥିବା ମାଗଣା ୫ କେଜିକୁ କାଟିବାକୁ ବିରୋଧ କରି ଗୁରୁବାର ସୁନ୍ଦରଗଡ଼ ଜିଲାର ବିଭିନ୍ନ ବ୍ଲକରେ ବିଜେଡ଼ି ପକ୍ଷରୁ ଆନ୍ଦୋଳନ କରାଯାଇଛି। କୁଆଁରମୁଣ୍ଡା ବିଜେଡି ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ପରେ କେନ୍ଦ୍ର ସରକାରଙ୍କ ବିରୋଧରେ ଏକ ସ୍ମାରକପତ୍ର ବିଡ଼ିଓଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ପ୍ରତିନିଧିମଣ୍ଡଳୀରେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେରକେଟା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁନିତା ଅହିର, ସରପଞ୍ଚ ରାଜେଶ ହାଁସଦ, ଦିଲ୍ଲୀପ ଏକ୍କା, ନରେଶ ସୁରିନ, ରାଜେଶ କେରକେଟା, ଅର୍ଜୁନ ମିଞ୍ଜ, ମୀନାକ୍ଷୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ଗାଁ ବ୍ଲକ ବିଜେଡ଼ି ତରଫରୁ ଦଳୀୟ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଆସି ବିଡ଼ିଓ କ୍ଷମାନିଧି ଭୋଇଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପୂର୍ବାହ୍ନରେ ବିଜେଡ଼ି ଜିଲା ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପୋ, ଜିଲା ସାଧାରଣ ସମ୍ପାଦକ ଅରୁଣ ଦିକ୍ଷୀତ, ବଡ଼ଗାଁ ସମିତି ମେମ୍ବର ଶାରିକା କେରକେଟା, ବରିଷ୍ଠ ଦଳୀୟ ନେତା ବସନ୍ତ ସାହୁଙ୍କ ନେତୃତ୍ୱରେ କର୍ମୀମାନେ କେନ୍ଦ୍ର ସରକାର୍ ବିରୋଧରେ ନାରା ଦେଇ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ବିଡ଼ିଓ ଭୋଇଙ୍କୁ ସ୍ମାରକପତ୍ର ଦେଇଥିଲେ। ଶୋଭାଯାତ୍ରାରେ ଦଳର ସକ୍ରିୟ କର୍ମୀ ଧରଣୀଧର ସା, ଦେବାଶିଷ ପୁରୋହିତ, ଅମିୟ ମୁଦୁଲି, ଭଗବାନ ଲାକ୍ରା, ରଜତ ମହାପାତ୍ର, ହୀରା ବେହେରା, ଆଲୋକ ପଟ୍ଟନାୟକ ପ୍ରମୁଖଙ୍କ ସହିତ ଅଞ୍ଚଳର ଶତାଧିକ କର୍ମୀ ଯୋଗଦେଇଥିଲେ। ହେମଗିର ବ୍ଲକ କାର୍ଯ୍ୟାଳୟଠାରେ ବିଜୁ ଜନତା ଦଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ହେମଗିର ବିଡିଓ ଡକ୍ଟର ଜଗଦିଶ ମହାନନ୍ଦଙ୍କୁ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ବିକ୍ଷୋଭରେ ଜିଲା ବିଜେଡି ଉପସଭାପତି ଶୁକାନ୍ତ ପତି ଯୋଗଦେଇଥିଲେ। ହେମଗିର ଜିଲା ପରିଷଦ ସଭ୍ୟା ମହିମା ସେଠ, ସୁକାନ୍ତ ମିଶ୍ର, ଶାନ୍ତ ଧୂଆ, ପ୍ରକାଶ ବହିଦାର, ପ୍ରମୋଦ ପତି, ହେମଗିର ବିଜୁ ଯୁବ ଜନତା ଦଳର ସଭାପତି କଳାକାହ୍ନୁ ମେହେର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉତିଆ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ର ସରକାରଙ୍କ ଚାଷୀ, ଗରିବମାରଣ ନୀତିକୁ ବିରୋଧ

ଦେବଗଡ଼, ୧୬।୨(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ଗରିବମାରଣ ନୀତି ପ୍ରତିବାଦରେ ଗୁରୁବାର ଦେବଗଡ଼ ଜିଲାର ସମସ୍ତ ତିନୋଟି ବ୍ଲକ ସମେତ ଜିଲା ମୁଖ୍ୟାଳୟଠାରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାର ପ୍ରଥମେ ଗରିବଙ୍କ ଚାଉଳ ବନ୍ଦ କଲେ ପରେ ଜାତୀୟ ଖାଦ୍ୟ ସୁରକ୍ଷାରେ ମିଳୁଥିବା ଚାଉଳକୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ନାମିତ କରି ଗରିବ ଖାଉଟିଙ୍କୁ ଭ୍ରମିତ କରିବା ସହ ଗରିବଙ୍କ ହକର ୫ କେଜି ଚାଉଳ କାଟିଲେ। କେନ୍ଦ୍ରରେ ଥିବା ଭାଜପା ସରକାର ବିରୋଧରେ ଦେବଗଡ଼ ଜିଲା ବାରକୋଟ ବ୍ଲକ ଠାରେ ବ୍ଲକ ସଭାପତି ହୀରାଧର ସାହୁ ଓ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ତିଳେଇବଣି ବ୍ଲକ ଠାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଭୂପେନ୍ଦ୍ର ପ୍ରସାଦ ନାୟକ ଓ ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ରିଆମାଳ ବ୍ଲକଠାରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଓ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ଓ ଜିଲା ମୁଖ୍ୟାଳୟଠାରେ ବିଜେଡି ଜିଲା ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈଙ୍କ ନେତୃତ୍ୱରେ ଶତାଧିକ ବିଜେଡି ଦଳୀୟ ପଦାଧିକାରୀ,କର୍ମୀ ଓ ଜନସାଧାରଣ କେନ୍ଦ୍ର ସରକାରଙ୍କ ଗରିବଙ୍କ ଚାଉଳ କାଟ ସହ ଚାଷୀଙ୍କଠାରୁ ଧାନ କିଣା କାଟ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜୁ କୃଷକ ସେଲ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ଜିଲା ଯୁବ ବିଜେଡ଼ି ସଭାପତି ପ୍ରତାପ ଦେବ, ନଗର ସଭାପତି ଶୁକଦେବ ଭଞ୍ଜ, ଅମରେନ୍ଦ୍ର ଗଙ୍ଗଦେବ,ଦେବେନ୍ଦ୍ର ବେହେରା, ଯୁବ ନେତା ରାଜକିଶୋର ଦାଶ, ପିଙ୍କୁ ନାଏକ ଙ୍କ ସମତେ ଅନ୍ୟ ନେତା କର୍ମୀମାନେ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ସମିତ୍


@ ଶରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦେବଗଡ଼ ଜିଲାପାଳଙ୍କୁ ଟ୍ରଫି ସହ ସମ୍ମାନିତ



ମୁଖ୍ୟମନ୍ତ୍ରୀ ଦେବଗଡ଼ ଜିଲାପାଳଙ୍କୁ ସମ୍ମାନିତ କରିଛନ୍ତି।

ଦେବଗଡ଼ ୧୬।୨(ଡି.ଏନ୍.ଏ.)

ଓଡ଼ିଶାରେ ପରିଭ୍ରମଣ କରୁଥିବା ହକି ବିଶ୍ୱକପ ଟ୍ରଫି, ଦେବଗଡ଼ ଜିଲାରେ ଜାନୁଆରୀ ୫ ତାରିଖରେ ପହଞ୍ଚିଥିଲା। ଜିଲା ପ୍ରଶାସନ, ବିଭିନ୍ନ ବର୍ଗର ଜନତା, ବଣିକ ସଂଘ, ବିଭିନ୍ନ ଅନୁଷ୍ଠାନର ଲୋକ, ସ୍କୁଲ ଛାତ୍ରୀ,ଛାତ୍ର ସାଂସ୍କୃତିକ ଦଳ, ସ୍ୱୟଂ ସହାୟକ ଗୋଷ୍ଠୀ, ମ୍ୟୁଜିକା ସଙ୍ଗମ ଏଣ୍ଡ ସଙ୍ଗମ, ସାଧାରଣ ଜନତା, ବରିଷ୍ଠ ନାଗରିକ, ୮୯ ବ୍ୟାଚ, ବସ ଆସୋସିଏସନ ଟ୍ରଫିକୁ ସ୍ୱାଗତ କରିଥିଲେ। ଏହି ସ୍ୱାଗତ ସମାରୋହରେ ସବୁ ବର୍ଗର ଜନତା ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ପ୍ରବଳ ସଂଖ୍ୟାରେ ଜନ ସାଧାରଣ ସାମିଲ ହୋଇଥିଲେ। ଶୋଭାଯାତ୍ରା ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ଏହି ପରିକ୍ରମା ସୁନ୍ଦର ଓ ସଫଳତା ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେବଗଡ଼ ଜିଲାର ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଟ୍ରଫି ସହିତ ସମ୍ମାନିତ କରିଛନ୍ତି। ଏହା ଦେବଗଡ଼ ଜିଲା ପାଇଁ ଗର୍ବ ଓ ଗୌରବ। ଏହି ପରିପ୍ରେକ୍ଷୀରେ ଜିଲାପାଳ ଉପାଧ୍ୟାୟ ଜିଲା ପ୍ରଶାସନ ଓ ଜିଲାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

ଦେବଗଡ଼, ୧୬।୨(ଡି.ଏନ୍.ଏ.)

ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ଦେବଗଡ଼ ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସ୍ୱାସ୍ଥ୍ୟ ସେବାର ଗୋଷ୍ଠୀ ସହଭାଗିତାରେ ଗାଁ କଲ୍ୟାଣ ସମିତି ତଥା ଆଶା କର୍ମୀମାନଙ୍କର ଭୂମିକା ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ଦେବଗଡ ଜିଲାକୁ ମ୍ୟାଲେରିଆ ମୁକ୍ତ କରିବାରେ ଆଶାକର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିସହ କୋଭିଡ ପରିଚାଳନା କ୍ଷେତ୍ରରେ ଆଶାମାନେ ଯେଭଳି ଆଗକୁ ଆସି କାମ କରିଛନ୍ତି ତାହା ବେଶ ପ୍ରଶଂସନୀୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଆଶା ଓ ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ସଫଳତାର ସହ କାର୍ଯ୍ୟ କରିଥିବା ଆଶା କର୍ମୀମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରେବେକା ବିଲିଂ ସିଡିଏମଓ ଡ. ସାଧନା ଦାଶ, ଡ. ପ୍ରଭାତ କୁମାର ଓଝା, ଡ. ଧରୁନଜ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଦେବାନନ୍ଦ ସାମଲ ଓ ଜ୍ୟୋତ୍ସ୍ନାରାଣୀ ଶର୍ମା ମଞ୍ଚ ପରିଚାଳନା କରିଥିଲେ। ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।


ଅଙ୍ଗନୱାଡି କର୍ମୀଙ୍କୁ ପୁରସ୍କୃତ କରାଯାଉଛି।

# ଆକର୍ଷଣୀୟ ପାଲଟିଛି ଖଜୁରିପତ୍ରରୁ ତିଆରି ସାମଗ୍ରୀ

■ ଖଜୁରୀପତ୍ରରୁ ବିଭିନ୍ନ ସୌଖିନ ସାମଗ୍ରୀ ତିଆରି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କୁତ୍ରା,୧୬।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କିରିଙ୍ଗସେରା ପଞ୍ଚାୟତ କଲିଜାପଥର କମ୍ୟୁନିଟି ସେଣ୍ଟରଠାରେ ଖଜୁରୀପତ୍ରରୁ ବିଭିନ୍ନ ସୌଖିନ ସାମଗ୍ରୀ ତିଆରି ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ଶିବିର ୧୦ ଦିନ ଧରି ଚାଲିଥିଲା। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂସ୍ଥା ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ଅନୁସନ୍ଧାନ ଓ ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ଓମ୍ୱାଡିସିର ସହାୟତାରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହା ଓଡ଼ିଶାର ଏକମାତ୍ର ସେଣ୍ଟର ଯେଉଁଠି ଖଜୁରିପତ୍ରରୁ ବିଭିନ୍ନ ପ୍ରକାର ସୌଖିନ ସାମଗ୍ରୀ ତିଆରି କରିବା ପାଇଁ ତାଲିମ ପ୍ରଦାନ କରାଯାଉଛି। ଏଥିରେ ଗ୍ରାମର ୫୦ ଜଣ ମହିଳାଙ୍କୁ ଖଜୁରୀପତ୍ରରୁ ବିଭିନ୍ନ ସାମଗ୍ରୀ ଭେନିଟିବ୍ୟାଗ, ମନିପର୍ସ, କଲମ ଷ୍ଟାଣ୍ଡ, ଚଟିଆ, ଲ୍ୟାପଟପ୍ ବ୍ୟାଗ ସହିତ ଅନ୍ୟାନ୍ୟ ସାମଗ୍ରୀ ନିର୍ମାଣ କରିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ଖଜୁରୀପତ୍ରରୁ ତିଆରି ବିଭିନ୍ନ ସାମଗ୍ରୀ ଆକର୍ଷଣୀୟ ପାଲଟିଛି। ଏହି ସାମଗ୍ରୀକୁ ବିଭିନ୍ନ ମେଳାରେ ନେଇ ବିକ୍ରି କରାଯିବ। ବିକ୍ରି କରିବା ପାଇଁ ସମ୍ପୂର୍ଣ୍ଣ ରୂପରେ ସହଯୋଗ କରିବେ ବୋଲି ସଂସ୍ଥା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇଥିଲେ। ପ୍ରଶିକ୍ଷଣ ନେଇଥିବା ମହିଳାମାନଙ୍କୁ ଉତ୍ସାହିତ କରିବା ସହିତ ଏହାକୁ ଜୀବନରେ କାର୍ଯ୍ୟକାରୀ କରି ସ୍ୱାବଲମ୍ବୀ ହେବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ଅଧିକାରୀ ମଦନ ସିଂ, କିରିଙ୍ଗସେରା ସରପଞ୍ଚ ମଳି କୁଜୁର, ଅନୁଷ୍ଠାନର କାର୍ଯ୍ୟକ୍ରମ ପରିଚାଳନା ଅଧିକାରୀ ଦେବାଶିଷ ପ୍ରଧାନ, ନାରୀ ନେତ୍ରୀ ତରୁଣୀଲତା ସୁନାନୀଙ୍କ ସହିତ ଗ୍ରାମର ବ୍ୟକ୍ତି ଉପସ୍ଥିତ ଥିଲେ। ଜିଲା ସଂଯୋଜକ ମହେଶ୍ୱର ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାପତି ସୁଶିଳା ଲାକ୍ରା ଓ ସମ୍ପାଦିକା ମଞ୍ଜୁଲତା ଲାକ୍ରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଖଜୁରି ପତ୍ରରୁ ତିଆରି ହୋଇଥିବା ବିଭିନ୍ନ ସୌଖୀନ ସାମଗ୍ରୀ।



ଭାରତୀୟ ମୋବାଇଲ ୟୁଜର୍ସ ଜଣ ପିଛା ମାସକୁ ୧୯.୫ ଜିବି ଡେଟା ବ୍ୟବହାର କରୁଛନ୍ତି, ଯାହାକି ୬,୬୦୦ ଗୀତ ସହ ସମାନ। ନୋକିଆର ଆନୁଏଲ ମୋବାଇଲ ବ୍ରଡ୍‌ବ୍ୟାଣ୍ଡ ଇଣ୍ଡେକ୍ସ ଅନୁଯାୟୀ ଗତ ୫ ବର୍ଷରେ ଭାରତର ମୋବାଇଲ ଡେଟା ଟ୍ରାଫିକ୍ ୩.୨ ଗୁଣ ବୃଦ୍ଧି ପାଇ ମାସକୁ ୧୪ ଏକ୍ସାବାଇଟ୍‌ରେ ପହଞ୍ଚିଥିଲା। ୨୦୧୮ରେ ଦେଶର ମାସିକ ଡେଟା ବ୍ୟବହାର ୪.୫ ଏକ୍ସାବାଇଟ୍ ଥିବାବେଳେ ୨୦୨୨ରେ ଏହା ୧୪.୪ ଏକ୍ସାବାଇଟ୍‌କୁ ବୃଦ୍ଧି ପାଇଥିଲା।



## ସଂକ୍ଷେପରେ

### ପାକିସ୍ତାନରେ ପେଟ୍ରୋଲ ୨୭୨ ଟଙ୍କା

**ଇସ୍‌ଲାମାବାଦ,୧୬।୨:** ଋଣ ପାଇବା ନିମନ୍ତେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)କୁ ଖୁସି କରିବା ଲାଗି ପାକିସ୍ତାନ ସରକାର ବୁଧବାର ରାତିରେ ପେଟ୍ରୋଲ ଏବଂ ଗ୍ୟାସ୍ ଦର ପୁଣି ବଢ଼ାଇଛନ୍ତି। ପେଟ୍ରୋଲ ଲିଟର ପିଛା ଦର ୨୨ ଟଙ୍କା ୨୦ ପଇସା ବଢ଼ି ୨୭୨ ଟଙ୍କାରେ ପହଞ୍ଚିଛି। ଡଲାର ତୁଳନାରେ ପାକିସ୍ତାନୀ ଟଙ୍କା ମୂଲ୍ୟ ଅତ୍ୟଧିକ ହ୍ରାସ ପାଇଥିବାରୁ ଦର ବଢ଼ିଥିବା କୁହାଯାଉଛି। ସେହିପରି ପାକିସ୍ତାନରେ ହାଇସ୍ପିଡ୍ ଡିଜେଲ ଦର ୨୮୦ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ କିରୋସିନ ଲିଟର ୨୦୨ ଟଙ୍କା ୭୩ ପଇସାରେ ପହଞ୍ଚିଛି। ଲାଇଟ୍ ଡିଜେଲ ଦର ୧୯୬ ଟଙ୍କା ୬୮ ପଇସା ରହିଛି। ତୈଳ ଦର ବଢ଼ାଇବା ଲାଗି ଆଇଏମ୍‌ଏଫ୍ ସର୍ତ୍ତ ରଖିଥିଲା। ପାକିସ୍ତାନରେ ଦରଦାମ୍ ରେକର୍ଡ ସ୍ତରରେ ଥିବାବେଳେ ତୈଳ ଦର ବୃଦ୍ଧି ଏହାକୁ ଆହୁରି ବଢ଼ାଇବ।

### ବ୍ରିଟେନ ଯିବେ ରାହୁଲ

**ନୂଆଦିଲ୍ଲୀ,୧୬।୨(ପି.ଟି.):** କଂଗ୍ରେସ ନେତା ରାହୁଲ ଗାନ୍ଧୀ ଚଳିତ ମାସ ଶେଷ ଭାଗରେ ବ୍ରିଟେନ ଗସ୍ତରେ ଯାଇ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ବିଜ୍‌ନେସ୍ ସ୍କୁଲରେ ବକ୍ତୃତା ଦେବେ। ରାହୁଲ ତାଙ୍କ ପୂର୍ବତନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବା ସହ ସେଠାରେ ରାଜନୀତି, ଅନ୍ତର୍ଜାତୀୟ ସମ୍ପର୍କ ଏବଂ ଗଣତନ୍ତ୍ର ଉପରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ବକ୍ତୃତା କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି କହିଛନ୍ତି। ରାହୁଲଙ୍କୁ ସ୍ୱାଗତ କରିବାରେ ଆମେ ଖୁସି ବୋଲି କେମ୍ବ୍ରିଜ୍ ଜଜ୍ ବିଜ୍‌ନେସ ସ୍କୁଲ୍ ପକ୍ଷରୁ ଟୁଇଟ୍ କରାଯାଇଛି। ସେଠାରେ ରାହୁଲ କେମ୍ବ୍ରିଜ୍ ଏମ୍‌ବିଏ ଉପରେ ବକ୍ତୃତା ଦେବା ସହ ବିଗ୍ ଡାଟା ଆଣ୍ଡ ଡେମୋକ୍ରାସି ଏବଂ ଭାରତ-ଚାଇନା ସମ୍ପର୍କ ଉପରେ ଆଲୋଚନାରେ ଭାଗନେବେ। ଫେବୃୟାରୀ ୨୪ରୁ ୨୬ ରାହୁଲ ଛତିଶଗଡ଼ର ରାୟପୁରରେ ହେବାକୁ ଥିବା ଦଳର ୮୫ତମ ଅଧିବେଶନରେ ଯୋଗଦେବେ।

### ରାମଗଡ଼ ଉପନିର୍ବାଚନ ପୂର୍ବରୁ ଏଜେଏସ୍‌ୟୁ ନେତାଙ୍କୁ ହତ୍ୟା

**ରାମଗଡ଼,୧୬।୨:** ଝାଡ଼ଖଣ୍ଡର ରାମଗଡ଼ରେ ଉପନିର୍ବାଚନ ହେବାକୁ ଯାଉଥିବାବେଳେ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟ୍ସ ୟୁନିୟନ (ଏଜେଏସ୍‌ୟୁ) ପାର୍ଟି ନେତା ମନୋଜ ମୁଣ୍ଡାଙ୍କୁ କେତେଜଣ ଅଜଣା ବନ୍ଧୁକଧାରୀ ଗୁଳିକରି ହତ୍ୟା କରିଛନ୍ତି। ୩୨ ବର୍ଷୀୟ ମନୋଜ



ରାମଗଡ଼ ଜିଲା ପତ୍ରାଟୁ ବ୍ଲକ୍‌ର ଦଳୀୟ ଉପସଭାପତି ଥିଲେ। ବୁଧବାର ରାତିରେ ଆମଝରିଆ ଗ୍ରାମରେ ମନୋଜ ପାରମ୍ପରିକ କୁକୁଡ଼ା ଲଢ଼େଇ ଦେଖୁଥିବାବେଳେ ତାଙ୍କୁ ହତ୍ୟା କରାଯାଇଛି। ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଏଜେଏସ୍‌ୟୁ ଏବଂ ବିରୋଧୀ ଦଳ ଭାଜପା ଦାବି କରିଛି। ଆସନ୍ତା ୨୭ ତାରିଖରେ ଉପନିର୍ବାଚନ ଥିବାବେଳେ ଏହା କେତେ ମୁକ୍ତ ଓ ଅବାଧ ହେବ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ଏଜେଏସ୍‌ୟୁ ଜିଲା ସଭାପତି ଦିଲୀପ ଡାଙ୍ଗୀ କହିଛନ୍ତି।

### ସୁକେଶଙ୍କୁ ଗିରଫ କଲା ଇଡି

**ମୁମ୍ବାଇ,୧୬।୨:** ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କୁ ଗୁରୁବାର ଆଉ ଏକ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ରେଲିଗର ପ୍ରମୋଟର



ମାଲଭିନ୍ଦର ସିଂଙ୍କ ସ୍ତ୍ରୀ ଜପନାଙ୍କଠାରୁ ୩.୫ କୋଟି ଟଙ୍କା ସୁକେଶ ଠକି ନେଇଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ଇଡି କହିଛି। ଜେଲରେ ଥିବା ମାଲଭିନ୍ଦରଙ୍କୁ ଜାମିନରେ ବାହାର କରିବା ଲାଗି ସୁକେଶ ଏହି ଟଙ୍କା ଜାପନାଙ୍କଠାରୁ ନେଇଥିଲେ। ରେଲିଗର ଫିନ୍‌ଭେଷ୍ଟ ଲିମିଟେଡ୍ (ଆର୍‌ଏଫ୍‌ଏଲ୍)ରୁ ଟଙ୍କା ହେର୍‌ଫେର୍ ଅଭିଯୋଗରେ ମାଲଭିନ୍ଦର ଏବେ ଜେଲରେ ରହିଛନ୍ତି।

### ନାବାଳିକାଙ୍କୁ ଛାତରୁ ଠେଲି ହତ୍ୟା

**ଧାନବାଦ,୧୬।୨:** ଝାଡ଼ଖଣ୍ଡର ଧାନବାଦ ଜିଲାରେ ଜଣେ ୧୬ ବର୍ଷର ବାଳିକାଙ୍କୁ ୪ ଜଣ ଯୁବକ ଆପାର୍ଟମେଣ୍ଟ ଛାତରୁ ଠେଲିଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ବୁଧବାର ସନ୍ଧ୍ୟାରେ ରାଞ୍ଚିଠାରୁ ୧୭୦ କିଲୋମିଟର ଦୂର ଭେଲାଟାଣ୍ଡ ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତକଙ୍କ ମାଆଙ୍କ ଏତଲା କ୍ରମେ ୪ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସେମାନଙ୍କ ମଧ୍ୟରୁ ୨ ଜଣ ଉକ୍ତ ଆପାର୍ଟମେଣ୍ଟରେ ରହୁଥିଲେ। ମୃତ ନାବାଳିକା ଦ୍ୱାଦଶ ଶ୍ରେଣୀରେ ପଢ଼ୁଥିଲେ।

# ଦ.ଆଫ୍ରିକାରୁ ୧୨ ଚିତା ଆଣୁଛି ଆଇଏଏଫ୍ ବିମାନ

**ନୂଆଦିଲ୍ଲୀ, ୧୬।୨**



ଆଉ ୧୨ ଚିତାବାଘ ଆଣିବା ପାଇଁ ଭାରତୀୟ ବାୟୁସେନା (ଆଇଏଏଫ୍)ର ସି-୧୭ ଗ୍ଲୋବମାଷ୍ଟର ବିମାନ ଗୁରୁବାର ଦକ୍ଷିଣ ଆଫ୍ରିକା ଯାଇଛି। ସେଠାରେ ଶୁକ୍ରବାର ପହଞ୍ଚି ସେହି ଦିନ ଭାରତ ଫେରିବ। ଶନିବାର ସକାଳ ୧୦ଟାବେଳେ ସି-୧୭ ଗ୍ଲୋବମାଷ୍ଟର ବିମାନ ଗ୍ୱାଲିଅରରେ ପହଞ୍ଚିବ ବୋଲି 'ଚିତା' ପ୍ରେଜେକ୍ଟର ମୁଖ୍ୟ ଏସ୍.ପି. ଯାଦବ କହିଛନ୍ତି। ଅନ୍ୟପକ୍ଷେ ଶନିବାର ଦିନ ଆଇଏଏଫ୍ ବିମାନରେ ଅଣାଯିବାକୁ ଥିବା ଚିତାଙ୍କୁ ସେହି ଦିନ ମଧ୍ୟପ୍ରଦେଶର କୁନୋ ନ୍ୟାଶନାଲ ପାର୍କରେ ଛଡ଼ାଯିବ ବୋଲି ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରି କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। ହିଣ୍ଡୋନ ଏୟାରବେସ୍‌ରୁ ଗୁରୁବାର ଏହି ବିମାନ ଦ. ଆଫ୍ରିକା ଅଭିମୁଖେ ଉଡ଼ାଣ ଭରିଛି। ଫେବୃୟାରୀ ୧୮ରେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଉପସ୍ଥିତିରେ ଚିତାଙ୍କୁ କୁନୋ ନ୍ୟାଶନାଲ ପାର୍କରେ ଛଡ଼ାଯିବାର କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ ୨୦୨୨ ସେପ୍ଟେମ୍ବର ୧୭ରେ ନାମ୍ବିଆରୁ ଅଣାଯାଇଥିବା ଚିତା ଏବେ କୁନୋ ନ୍ୟାଶନାଲ ପାର୍କର ପରିବେଶକୁ ଗ୍ରହଣ କରିସାରିଛନ୍ତି। ୮ ଚିତା ଆସିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ସେମାନଙ୍କୁ ଜଙ୍ଗଲ ମଧ୍ୟକୁ ଛଡ଼ାଯାଇଥିଲା।

# କମ୍ୟୁନିଷ୍ଟ ଚାଇନା ଭୁଶୁଡ଼ି ପଡ଼ିବ: ନିକ୍କି ହାଲି

**ଚାର୍ଲେଷ୍ଟୋନ୍,୧୬।୨**



ପୂର୍ବର ସୋଭିଏଟ୍ ୟୁନିୟନ ଭୁଶୁଡ଼ି ପଡ଼ିବା ଭଳି କମ୍ୟୁନିଷ୍ଟ ଚାଇନା ମଧ୍ୟ ଶେଷ ହୋଇଯିବ ବୋଲି ଭାରତୀୟ ବଂଶୋଦ୍ଭବ ରିପବ୍ଲିକାନ୍ ନେତ୍ରୀ ନିକ୍କି ହାଲି କହିଛନ୍ତି। ୨୦୨୪ରେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଆଶାୟୀ ନିକ୍କି ତାଙ୍କ ପ୍ରଥମ ଉଦ୍‌ବୋଧନରେ ବେଜିଂକୁ କଡ଼ା ଚେତାବନୀ ଦେଇଛନ୍ତି। ଆମେରିକା ଆକାଶରେ ଚାଇନାର ସନ୍ଦିଗ୍ଧ ଗୁପ୍ତଚର ବେଲୁନ୍‌କୁ ଖସାଯିବାକୁ ନେଇ ଦୁଇ ଦେଶ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିଥିବାବେଳେ ସାଉଥ୍ କାରୋଲିନାର ପୂର୍ବତନ ଗଭର୍ନର ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସେ ତାଙ୍କ ସମର୍ଥକମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଆମେରିକା ସୈନ୍ୟବାହିନୀ ସବୁଠୁ ଶକ୍ତିଶାଳୀ ଓ ସମର୍ଥ। ଶକ୍ତିଶାଳୀ ସେନା ଯୁଦ୍ଧ ଆରମ୍ଭ କରେନି, ବରଂ ଯୁଦ୍ଧକୁ ରୋକିଥାଏ। ଆମେ ଆମ ସହଯୋଗୀ ଇସ୍ରାଏଲ୍ ଏବଂ ୟୁକ୍ରେନ୍ ସହ ରହିଛୁ ଏବଂ ଶତ୍ରୁ ଦେଶ ଇରାନ ଓ ରୁଷିଆ ବିରୋଧରେ ଛିଡ଼ାହୋଇଛୁ। ଚାଇନା କେବଳ ହାରିଯିବ ନାହିଁ, ଏହା ସୋଭିଏଟ୍ ୟୁନିୟନ ଭଳି ଇତିହାସରେ ପାଉଁଶ ଗଦାରେ ଶେଷ ହୋଇଯିବ ବୋଲି ନିକ୍କି କହିଥିଲେ।

# ନିର୍ବାଚନରେ ଇସ୍ରାଏଲ୍ ସଂସ୍ଥାର ହସ୍ତକ୍ଷେପ

## ତଦନ୍ତ ଦାବିକଲା କଂଗ୍ରେସ

**ପ୍ୟାରିସ୍/ନୂଆଦିଲ୍ଲୀ,୧୬।୨**

ଇସ୍ରାଏଲ୍ ସ୍ପେଶାଲ ଫୋର୍ସର ୫୦ ବର୍ଷୀୟ ପୂର୍ବତନ ଅପରେଟିଭ୍ ତାଲ୍ ହନାନ୍‌ଙ୍କ ନେତୃତ୍ୱାଧୀନ 'ଟିମ୍ ଜର୍ଜ' ବିଶ୍ୱର ୩୦ରୁ ଊର୍ଦ୍ଧ୍ୱ ନିର୍ବାଚନକୁ ପ୍ରଭାବିତ କରିଛି। ଇସ୍ରାଏଲୀ କଣ୍ଟ୍ରାକ୍ଟର୍ସଙ୍କୁ ନେଇ ଗଠିତ 'ଟିମ୍ ଜର୍ଜ' ଭାରତ, ବ୍ରିଟେନ, ଆମେରିକା, କାନାଡା, ଜର୍ମାନୀ, ସୁଇଜରଲାଣ୍ଡ, ମେକ୍ସିକୋ, ସେନେଗାଲ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସମେତ ପ୍ରାୟ ୨୦ ଦେଶରେ ଫେକ୍ ସୋସିଆଲ ମିଡିଆ କ୍ୟାମ୍ପେନ୍ ଜରିଆରେ ଜନମତକୁ ପ୍ରଭାବିତ କରିଥିବା ନେଇ ଖବରଦାତାମାନଙ୍କ ଏକ ଅନ୍ତର୍ଜାତୀୟ ଗୋଷ୍ଠୀ ପ୍ରଘଟ କରିବା ପରେ ଦେଶବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଉକ୍ତ ଟିମ୍ ଭାରତୀୟ ନିର୍ବାଚନଗୁଡ଼ିକରେ କିପରି ହସ୍ତକ୍ଷେପ କରିଥିଲା ତା'ର ବିଧିବଦ୍ଧ ତଦନ୍ତ ହେଉ ବୋଲି ଗୁରୁବାର କଂଗ୍ରେସ ଦାବି କରିଛି। କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନୀରବତା ଭଙ୍ଗ କରନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛି।

କଂଗ୍ରେସ ମୁଖପାତ୍ର ପବନ ଖେରା ଓ ସୁପ୍ରିୟା ଶ୍ରୀନେଟ୍ ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି 'ଟିମ୍ ଜର୍ଜ' ଓ ଶାସକ ଭାଜପାର ଆଇଟି ସେଲ୍ ମଧ୍ୟରେ ସାମଞ୍ଜସ୍ୟ ରହିଥିବା ଅଭିଯୋଗ ଆଣିଛନ୍ତି। ସୁପ୍ରିୟା କହିଛନ୍ତି, ଭାରତରେ ଆମେ ଏକ ଢାଞ୍ଚାକୁ ଦେଖୁଛୁ। ଏକ ଅନ୍ତର୍ଜାତୀୟ ଏଜେନ୍ସି ଏପରି ଗମ୍ଭୀର ଅଭିଯୋଗ ଆଣିଥିବାବେଳେ ଦେଶର ଗଣତନ୍ତ୍ରକୁ ରକ୍ଷା କରିବାରେ କେନ୍ଦ୍ର ସରକାର ଭୂମିକା ନେଇଥିଲେ ସେ ସମ୍ପର୍କରେ ନୀରବତା ଭଙ୍ଗକରି ସତ କୁହନ୍ତୁ। ଭାରତର ନିର୍ବାଚନୀ ପ୍ରକ୍ରିୟା ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଥିବାରୁ ତଦନ୍ତ ହେବା ଉଚିତ। ଯଦି ସରକାର କିଛି କରୁନାହାନ୍ତି ତେବେ ଏହାର ତାତ୍ପର୍ଯ୍ୟ ହେଉଛି ଦେଶର ଗଣତନ୍ତ୍ର ଓ ନିର୍ବାଚନଗୁଡ଼ିକରେ ହସ୍ତକ୍ଷେପ ପାଇଁ ସାହାଯ୍ୟ ଲୋଡୁଛନ୍ତି। ଭାରତୀୟମାନଙ୍କ ଡେଟାକୁ ବିଦେଶୀ ସଂସ୍ଥା ହାତରେ ଟେକିଦେଇ ସାଲିସ କରାଯାଉଛି। ମୋଦି ସରକାର ବିରୋଧରେ ତଥ୍ୟ ଚୋରି ଅଭିଯୋଗ ପ୍ରଥମ ଥର ପାଇଁ ଆସିନାହିଁ। ନିର୍ବାଚନୀ ପ୍ରକ୍ରିୟାରେ ଜାଲିଆତି ପାଇଁ ଡେଟା ଚୋରି ଓ ହେରଫେର ନେଇ ପୂର୍ବରୁ ମଧ୍ୟ ଅଭିଯୋଗ ହୋଇଛି। କର୍ଣ୍ଣାଟକରେ ଯାହା ଘଟିଥିଲା ସମସ୍ତେ ଦେଖିଛନ୍ତି। କେନ୍ଦ୍ର ସରକାର ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି। ଭାଜପାର ଆଇଟି ସେଲ୍ ଦେଶର ନିର୍ବାଚନୀ ପ୍ରକ୍ରିୟାକୁ ପ୍ରଭାବିତ କରିବା ଲାଗି ଫେକ୍ ନ୍ୟୁଜ୍ ଓ ଅପପ୍ରଚାର ଚଳାଇଥାଏ। ସୋସିଆଲ ମିଡିଆରେ ଗୁଜବ ବିସ୍ତାର କରି ନିର୍ବାଚନ ଜିତିବା ପାଇଁ ତାକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରିଥାଏ। ତେଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ବୋଲି ଶ୍ରୀନେଟ୍ କହିଛନ୍ତି। ସେହିପରି ପବନ ଖେରାଙ୍କ ମତରେ ଶାସକ ଦଳ ଦେଶର ଗଣତନ୍ତ୍ରକୁ ହାଇଜାକ୍ କରିନେଇଛି। ଗଣତନ୍ତ୍ରକୁ ପ୍ରଭାବିତ କରିବା ପାଇଁ ଏକ ଇସ୍ରାଏଲୀ ଏଜେନ୍ସିର ସହାୟତା ନିଆଯାଉଛି। ସେମାନେ ଭାରତରେ ବସି ଭାରତ ବିରୋଧରେ ଷଡ଼ଯନ୍ତ୍ର ରଚୁଛନ୍ତି। ଭାଜପା ବିଦେଶୀ ହ୍ୟାକର୍ସଙ୍କ ଏକ ନେଟ୍‌ୱର୍କକୁ ବ୍ୟବହାର କରି ନିର୍ବାଚନଗୁଡ଼ିକରେ ହସ୍ତକ୍ଷେପ କରିଛି। ମୋଦି ସରକାର ପୂର୍ବରୁ ମଧ୍ୟ କ୍ୟାମ୍ବ୍ରିଜ୍ ଆନାଲିଟିକା ଏବଂ ପେଗାସସ୍ ସ୍ପାଏୱେରର ବ୍ୟବହାର କରିଥିବା ଅଭିଯୋଗ ଆସିଥିଲା। ପୋଷ୍ଟ କାର୍ଡ ନ୍ୟୁଜ୍ ଏବଂ ଟିମ୍ ଜର୍ଜ ମଧ୍ୟରେ କ'ଣ ସମ୍ପର୍କ ରହିଛି ବୋଲି ପବନ ପ୍ରଶ୍ନ କରିଛନ୍ତି।

## 'ଫରବିଡେନ୍ ଷ୍ଟୋରିଜ୍'ର ଚାଞ୍ଚଲ୍ୟକର ପ୍ରଘଟ

forbidden stories

ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ବିକଶିତ ପେଗାସସ୍ ସ୍ପାଏୱେର ଗୁପ୍ତଚରଗିରି ବିବାଦ ନ ଥମୁଣୁ 'ଟିମ୍ ଜର୍ଜ' ଭାରତ ସମେତ ବିଶ୍ୱର ୩୦ରୁ ଊର୍ଦ୍ଧ୍ୱ ନିର୍ବାଚନକୁ ପ୍ରଭାବିତ କରିଥିବା ଦାବି କରିଛି। ସଂସ୍ଥାର ମୁଖ୍ୟ ତାଲ୍ ହନାନ୍ ନିଜକୁ 'ଜର୍ଜ' ଭାବେ ଛଦ୍ମ ପରିଚୟ ଦେଇ ତାଙ୍କ ଗୋଷ୍ଠୀକୁ 'ଟିମ୍ ଜର୍ଜ' ଆଖ୍ୟା ଦେଇଛନ୍ତି। ଟୁଇଟର୍, ଲିଙ୍କେଡ୍‌ଇନ୍, ଟେଲିଗ୍ରାମ୍, ଜିମେଲ୍, ଇନଷ୍ଟାଗ୍ରାମ୍ ଓ ୟୁଟ୍ୟୁବ୍‌ରେ ଏହି ଟିମ୍‌ର ଅନେକ ହଜାର ଫେକ୍ ସୋସିଆଲ ମିଡିଆ ପ୍ରୋଫାଇଲ ରହିଛି। ହନାନ୍‌ଙ୍କ ମତରେ 'ଟିମ୍ ଜର୍ଜ' ସଦସ୍ୟମାନେ 'ବ୍ଲାକ୍ ଅପରେଶନ୍ସ' ଜରିଆରେ ୩୩ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର କାର୍ଯ୍ୟରେ ନିୟୋଜିତ ଥିବାବେଳେ ସେଥିରୁ ୨୭ଟିରେ ସଫଳତା ମିଳିଛି। ହ୍ୟାକିଂ, ଅନ୍ତର୍ଘାତୀ କାର୍ଯ୍ୟ ଓ ସୋସିଆଲ ମିଡିଆରେ ସ୍ୱୟଂଚାଳିତ ମିଥ୍ୟା ସୂଚନା ପ୍ରସାର ଭଳି ଉପାୟ ଆପଣାଇ ଏହା କରାଯାଇଥିବା ବୁଧବାର ପ୍ରଘଟ ହୋଇଥିଲା। ଫ୍ରାନ୍ସଭିତ୍ତିକ ଅଣଲାଭକାରୀ ସଂସ୍ଥା 'ଫରବିଡେନ୍ ଷ୍ଟୋରିଜ୍'ର ନିର୍ଦ୍ଦେଶକ୍ରମେ ଫ୍ରାନ୍ସର ଲେ ମୋଣ୍ଡେ, ଜର୍ମାନୀର ଡେର୍ ସ୍ପିଏଜେଲ୍ ଏବଂ ସ୍ପେନ୍‌ର ଏଲ୍ ପେସ୍ ସମେତ ୩୦ଟି ମିଡିଆ ହାଉସ୍‌ର ସାମ୍ବାଦିକମାନେ ଅନୁସନ୍ଧାନ ଚଳାଇଥିଲେ। ୩ ଜଣ ସାମ୍ବାଦିକ କ୍ଲାଏଣ୍ଟ ପରିଚୟ ଦେଇ ଟିମ୍‌ର କେତେକ ଗୋପନୀୟ ଫୁଟେଜ୍ ହାତେଇବାରେ ସକ୍ଷମ ହୋଇଛନ୍ତି। ୨୦୨୧ରେ ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ବିକଶିତ ପେଗାସସ୍ ସ୍ପାଏୱେରକୁ ବିଶ୍ୱର ୫୦,୦୦୦ ବ୍ୟକ୍ତିଙ୍କ ବିରୋଧରେ ଗୁପ୍ତଚରଗିରି ପାଇଁ ବ୍ୟବହାର କରାଯାଇଥିଲା। ଏହି ଚାଞ୍ଚଲ୍ୟକର ପ୍ରଘଟ ମଧ୍ୟ 'ଫରବିଡେନ୍ ଷ୍ଟୋରିଜ୍' କରିଥିଲା।

## ୱାଶିଂମେଶିନ୍, କୁଲର ବିକ୍ରି ଟଙ୍କାରେ ଫେରାର୍ ହେବାକୁ ବସିଥିଲେ ହାର୍ଦ୍ଦିକ



**ମୁମ୍ବାଇ, ୧୬।୨**

ମୁମ୍ବାଇ ନାଲାସୋପାରାରେ ଲିଭ୍-ଇନ୍ ପାର୍ଟନ ହତ୍ୟା ଅଭିଯୁକ୍ତ ହାର୍ଦ୍ଦିକଙ୍କୁ ବୁଧବାର ପୋଲିସ ଗିରଫ କରିଛି। ପୋଲିସ ସୂଚନାନୁସାରେ ଘରେ ଥିବା ୱାଶିଂମେଶିନ୍, କୁଲର ଏବଂ କିଛି ବାସନ ବିକ୍ରି ଟଙ୍କାରେ ହାର୍ଦ୍ଦିକ ଫେରାର୍ ହେବାକୁ ଚେଷ୍ଟା କରିଥିବା ପୋଲିସ କହିଛି। ମେଘା ଧାନ୍ ସିଂ ତୋରଭି (୩୫)ଙ୍କ ଘର କର୍ଣ୍ଣାଟକର ଗୁଲବର୍ଗାରେ। ନର୍ସିଂ ଟ୍ରେନିଂ ସାରି ମୁମ୍ବାଇରେ ସେ କାମ କରୁଥିଲେ। ୩ ବର୍ଷ ହେବ ହାର୍ଦ୍ଦିକ ଓ ମେଘା ପ୍ରେମ ସମ୍ପର୍କରେ ଥିବାବେଳେ ଗତ ୬ ମାସ ହେବ ସେ ନାଲାସୋପାରାରେ ଏକ ଘର ଭଡ଼ା ନେଇ ରହୁଥିଲେ। ଘରେ ମେଘା ଏକୁଟିଆ ରୋଜଗାର କରୁଥିବାବେଳେ ହାର୍ଦ୍ଦିକ ବେକାର ଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଘଟଣା ଦିନ ରାତିରେ ଭୀଷଣ ଝଗଡ଼ା ହେବା ପରେ ହାର୍ଦ୍ଦିକ ଟାୱେଲରେ ମେଘାଙ୍କ ଗଳାଚିପି ହତ୍ୟା କରିଥିଲେ।

# ଭାଜପା ଚାପରେ ପ୍ରଧାନ ସଚିବଙ୍କୁ ହଟାଇଲେ ରାଜ୍ୟପାଳ

**କୋଲକାତା,୧୬।୨**



ଆଇଏଏସ୍ ଅଧିକାରୀ ନନ୍ଦିନୀ ଚକ୍ରବର୍ତ୍ତୀ | ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ

ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ନିଜ ବ୍ୟାପାର ବୁଝିବା ପାଇଁ ରାଜଭବନରେ ଏକ ନୂଆ ଟିମ୍ ଗଠନ କରିବେ। ଏ ଦିଗରେ ପ୍ରଥମ ପଦକ୍ଷେପ ସ୍ୱରୂପ ରାଜ୍ୟପାଳଙ୍କ ପ୍ରଧାନ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ରାଜଭବନରୁ ପର୍ଯ୍ୟଟନ ବିଭାଗକୁ ବଦଳି କରାଯାଇଛି। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ନନ୍ଦିନୀଙ୍କୁ ଭାଜପା ପକ୍ଷରୁ ବାରମ୍ବାର ଟାର୍ଗେଟ କରାଯାଉଥିଲା। ତେଣୁ ତାଙ୍କ ବଦଳି ପାଇଁ ରାଜଭବନ ପକ୍ଷରୁ ରବିବାର ଅନୁରୋଧ କରାଯାଇଥିଲା। ଶେଷରେ ନନ୍ଦିନୀଙ୍କୁ ରାଜଭବନ ଦାୟିତ୍ୱରୁ ରିଲିଫ୍ କରାଯାଇଛି।

ପଶ୍ଚିମବଙ୍ଗ ଗୃହ ବିଭାଗ ପକ୍ଷରୁ ବୁଧବାର ଜାରି ଏକ ବିବୃତିରେ କୁହାଯାଇଛି ଯେ, ରାଜ୍ୟପାଳ ପଶ୍ଚିମବଙ୍ଗ କ୍ୟାଡର ୧୯୯୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ତଥା ରାଜ୍ୟପାଳଙ୍କ ପ୍ରିନ୍ସିପାଲ ସେକ୍ରେଟାରି ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ପର୍ଯ୍ୟଟନ ବିଭାଗ ପ୍ରଧାନ ସଚିବ ଭାବେ ନିଯୁକ୍ତ କରିଛନ୍ତି। ନିକଟରେ ସେଣ୍ଟ ଜାଭିଅର୍ସ ୟୁନିଭର୍ସିଟି ଏବଂ ବିଧାନସଭାରେ ରାଜ୍ୟପାଳ ଭାଷଣ ଦେବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପ୍ରଶଂସା କରିଥିଲେ। ଏହା ପୂର୍ବରୁ ଗତ ଡିସେମ୍ବର ୧୫ରେ କୋଲକାତା ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ରାଜ୍ୟପାଳ ବୋଷ ମମତାଙ୍କୁ 'ଏକ କାବ୍ୟିକ ରାଜ୍ୟର ସୃଜନଶୀଳ ମୁଖ୍ୟମନ୍ତ୍ରୀ' ଭାବେ ଅଭିହିତ କରିଥିଲେ। ମମତାଙ୍କ ସହ ରାଜ୍ୟପାଳଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କକୁ ନେଇ ଭାଜପା ଚିନ୍ତିତ ହୋଇଯାଇଛି। ନନ୍ଦିନୀ ରାଜଭବନରେ ପଶ୍ଚିମବଙ୍ଗ ସରକାରଙ୍କ ଏଜେଣ୍ଡାକୁ କାର୍ଯ୍ୟକାରୀ କରିବାକୁ ଯାଇ ରାଜ୍ୟପାଳଙ୍କୁ ବିଭିନ୍ନ ପ୍ରସଙ୍ଗରେ ବିଭ୍ରାନ୍ତ କରୁଥିବା ନେଇ ଭାଜପା ଅଭିଯୋଗ ଆଣିବା ସହ ତାଙ୍କୁ ହଟାଇବା ପାଇଁ ଦାବି କରିଆସୁଥିଲା। ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମଦାର ଶନିବାର ରାଜ୍ୟପାଳ ବୋଷଙ୍କୁ ଭେଟି ତାଙ୍କୁ ହଟାଇବାକୁ ଅନୁରୋଧ କରିଥିଲେ। ସ୍ଥିତି ଏପରି ହୋଇଯାଇଥିଲା ଯେ, ରାଜ୍ୟପାଳ ତାଙ୍କୁ ବଦଳି କରିବାକୁ ବାଧ୍ୟ ହୋଇଥିଲେ। ବୋଷ ତାଙ୍କ ପୂର୍ବସୂରୀ ପୂର୍ବତନ ରାଜ୍ୟପାଳ ତଥା ବର୍ତ୍ତମାନର ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କ ପଥ ଅନୁସରଣ କରନ୍ତୁ ବୋଲି ଭାଜପା ଚାହୁଁଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଭିଯୋଗ ଆଣିଛି।





୧୯୯୪ରୁ ୨୦୧୧ ମଧ୍ୟରେ ଇଟାଲୀରେ ୩ ଥର ପ୍ରଧାନମନ୍ତ୍ରୀ ହୋଇଥିବା ସିଲିଭୋ ବର୍ଲିସ୍କୋନିଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବା କରିମା ଏଲ୍-ମହରୋଗ୍ ଗୁରୁବାର ଏକ ପ୍ରେସ୍ କନ୍‌ଫରେନ୍ସରେ ନିଜ ପୁସ୍ତକ ଧରି ଫଟୋ ପାଇଁ ପୋଜ୍ ଦେଉଛନ୍ତି। ନାଇଟ୍ କ୍ଲବ୍ ଡ୍ୟାନ୍ସର ମହରୋଗ୍‌ଙ୍କୁ ମାତ୍ର ୧୬ ବର୍ଷ ହୋଇଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ସିଲିଭୋ ତାଙ୍କ ସମେତ ୨୮ ଜଣ ସ୍ୱଳ୍ପବୟସ୍କାଙ୍କୁ ଅର୍ଥ ଦେଇ ଯୌନ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଥିଲା।

# ବେତନ ଦିଅ, ଫେରିବାକୁ ବାଧ୍ୟକର ନାହିଁ

## କଶ୍ମୀରୀ ପଣ୍ଡିତ କର୍ମଚାରୀଙ୍କ ଦାବି

**ଶ୍ରୀନଗର,୧୬।୨**





ପ୍ରଧାନମନ୍ତ୍ରୀ ପ୍ୟାକେଜ୍‌ରେ ନିଯୁକ୍ତି ପାଇଥିବା କଶ୍ମୀରୀ ପଣ୍ଡିତ କର୍ମଚାରୀମାନେ ଶିବରାତ୍ରି ପୂର୍ବରୁ ସେମାନଙ୍କ ବକେୟା ବେତନ ପ୍ରଦାନ କରିବା ସହ ସୁରକ୍ଷାଗତ କାରଣରୁ କଶ୍ମୀର ଫେରିବା ପାଇଁ ବାଧ୍ୟ ନ କରିବାକୁ ଦାବି କରିଛନ୍ତି। ଗତ କିଛି ମାସ ହେଲା କଶ୍ମୀରୀ ପଣ୍ଡିତ କର୍ମଚାରୀମାନଙ୍କୁ ବେତନ ପୈଠ କରାଯାଇ ନ ଥିବା କଶ୍ମୀରର ପ୍ରବାସୀ ବିସ୍ଥାପିତ କର୍ମଚାରୀ ସଂଘର ଅଧ୍ୟକ୍ଷ ରୁବନ ସାପ୍ରୁ କହିଛନ୍ତି। ବକେୟା ବେତନ ପୈଠ ଲାଗି ସରକାର କୌଣସି ସର୍ତ୍ତ ରଖିବା ଉଚିତ ନୁହେଁ। ସମସ୍ତ ପିଏମ୍ ପ୍ୟାକେଜ୍ କର୍ମଚାରୀ ଯେପରି ବେତନ ପାଇ ସେମାନଙ୍କ ସଂସ୍କୃତି ଓ ଧର୍ମୀୟ ପରାମ୍ପରାର ପର୍ବ ମହାଶିବରାତ୍ରି ପାଳନ କରିପାରିବେ, ପ୍ରଶାସନ ତାହା ସୁନିଶ୍ଚିତ କରୁ ବୋଲି ସାପ୍ରୁ କହିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ମେ'ରେ କଶ୍ମୀରୀ ପଣ୍ଡିତ କର୍ମଚାରୀ ରାହୁଲ ଭଟ୍ଟଙ୍କୁ ଆତଙ୍କବାଦୀମାନେ କେନ୍ଦ୍ରୀୟ କଶ୍ମୀରରେ ଥିବା ତାଙ୍କ କାର୍ଯ୍ୟାଳୟରେ ହତ୍ୟା କରିଥିଲେ। ଏହାର ପ୍ରତିବାଦରେ ପ୍ରାୟ ୫,୦୦୦ କଶ୍ମୀରୀ ପଣ୍ଡିତ କର୍ମଚାରୀ ଗତବର୍ଷ ମେ' ୧୨ରୁ ଧର୍ମଘଟ କରିଆସୁଛନ୍ତି। ଏହି ହତ୍ୟାକାଣ୍ଡ ପରେ ଅଧିକାଂଶ ପିଏମ୍ ପ୍ୟାକେଜ୍ କର୍ମଚାରୀ ଉପତ୍ୟକା ଛାଡ଼ି ଜମ୍ମୁ ପଳାଇଥିଲେ। ସେଠାରେ ସେମାନେ କ୍ରମାଗତ ଭାବେ ଆନ୍ଦୋଳନ କରିଆସୁଥିବାବେଳେ କେତେଜଣ ଉପତ୍ୟକାକୁ ଫେରି କାର୍ଯ୍ୟରେ ଯୋଗଦେଲେଣି। ଧର୍ମଘଟରେ ସାମିଲ ଥିବା କର୍ମଚାରୀମାନେ ଭାଜପା କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ କରିଥିଲେ।

# ଦାବି ପୂରଣ ନ ହେଲେ ଜୋର୍‌ଦାର ଆନ୍ଦୋଳନ

## ଲଦାଖକୁ ରାଜ୍ୟ ମାନ୍ୟତା ଦାବିରେ ବିକ୍ଷୋଭ

**ନୂଆଦିଲ୍ଲୀ,୧୬।୨**



ସୋନମ ୱାଙ୍ଗ୍‌ଚୁକ୍

ଲଦାଖକୁ ରାଜ୍ୟ ମାନ୍ୟତା ଏବଂ ଷଷ୍ଠ ଅନୁଚ୍ଛେଦ ଅନୁଯାୟୀ ସାମ୍ବିଧାନିକ ସୁରକ୍ଷା ଯୋଗାଇଦେବା ଦାବିରେ ଲଦାଖର ବିଭିନ୍ନ ସଂଗଠନ ଦିଲ୍ଲୀର ଯନ୍ତରମନ୍ତରରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଲଦାଖ ଗ୍ରୁପ୍ ପକ୍ଷରୁ ଗୁରୁବାର କୁହାଯାଇଛି। ଲଦାଖରେ ଗଣତନ୍ତ୍ର ପ୍ରତି ସାଲିସ କରାଯାଉଛି ଏବଂ ନିଷ୍ପତ୍ତି ନେବାରେ ସ୍ଥାନୀୟ ଲୋକଙ୍କୁ ସୁଯୋଗ ଦିଆଯାଉ ନାହିଁ ବୋଲି ଲଦାଖ ଆପେକ୍ସ ବଡି ଏବଂ କାର୍‌ଗିଲ ଡେମୋକ୍ରାଟିକ୍ ଆଲିଆନ୍ସ ତରଫରୁ ପରିବେଶ କର୍ମୀ ତଥା ଶିକ୍ଷାବିତ୍ ସୋନମ ୱାଙ୍ଗ୍‌ଚୁକ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ବିନା ବ୍ୟବସ୍ଥାପିକାରେ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ହେବ ବୋଲି ଆମେ କେବେ କଳ୍ପନା କରି ନ ଥିଲୁ। ଜନସାଧାରଣଙ୍କ ଅଂଶଗ୍ରହଣ ବିନା ଲଦାଖ ପାଇଁ ବଜେଟ ମଞ୍ଜୁର ହେବ କିପରି ବୋଲି ୱାଙ୍ଗ୍‌ଚୁକ୍ ପ୍ରଶ୍ନ କରିଛନ୍ତି।

ଉପରୋକ୍ତ ସଂଗଠନର 'ଚଲୋ ଦିଲ୍ଲୀ' ଡାକରାରେ ବହୁସଂଖ୍ୟାରେ ଲୋକ ବୁଧବାର ଯନ୍ତରମନ୍ତରରେ ଏକାଠି ହୋଇଥିଲେ। ପରିବେଶ ସୁରକ୍ଷା ଲାଗି ଲଦାଖ ପରିବେଶବିତ୍ ସୋନମ ୱାଙ୍ଗ୍‌ଚୁକ୍‌ଙ୍କ ୫ ଦିନିଆ ଅନଶନ ଏହି ପ୍ରସଙ୍ଗକୁ ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରାଇଥିଲା। ଇତିମଧ୍ୟରେ ଲଦାଖର ପ୍ରଥମ ଉପରାଜ୍ୟପାଳ ଆର୍.କେ. ମାଥୁରଙ୍କ ସ୍ଥାନରେ ଅରୁଣାଚଳପ୍ରଦେଶର ପୂର୍ବତନ ରାଜ୍ୟପାଳ ବ୍ରିଗେଡିୟର ବି.ଡି. ମିଶ୍ରା ଦାୟିତ୍ୱ ଗ୍ରହଣ କରିଛନ୍ତି। ଆନ୍ଦୋଳନକୁ ନିୟନ୍ତ୍ରଣ କରିବାରେ ବିଫଳ ହେବାରୁ ମାଥୁରଙ୍କୁ ବଦଳାଗଲା ବୋଲି ବିଶ୍ୱାସ କରାଯାଉଛି। ଲେହର ବୌଦ୍ଧଧର୍ମାବଲମ୍ବୀ ଏବଂ କାର୍‌ଗିଲର ମୁସଲମାନମାନେ ୪ ଦାବି ପୂରଣ ଲାଗି ହାତ ମିଳାଇଛନ୍ତି। ସେଗୁଡ଼ିକ ହେଲା ରାଜ୍ୟ ମାନ୍ୟତା ପ୍ରଦାନ, ଷଷ୍ଠ ଅନୁଚ୍ଛେଦ ଅନୁଯାୟୀ ସାମ୍ବିଧାନିକ ସୁରକ୍ଷା, ଲେହ ଓ କାର୍ଗିଲ ପାଇଁ ଅଲଗା ଲୋକ ସଭା କ୍ଷେତ୍ର ଏବଂ ନିଯୁକ୍ତିକ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା।

## ସଂକ୍ଷେପରେ

### ଯୁବ ନେତୃତ୍ୱ ତାଲିମ ଶିବିର

**ଭବାନୀପାଟଣା,୧୬।୨(ସ୍ୱ.ପ୍ର.):** ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଶାଖା ପକ୍ଷରୁ ଭବାନୀପାଟଣା ପଲିଟେକନିକ ପ୍ରଶିକ୍ଷଣ କେନ୍ଦ୍ରଠାରେ ଚାଲିଥିବା ଯୁବ ନେତୃତ୍ୱ ଓ ଗୋଷ୍ଠୀ ବିକାଶ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ, ସମ୍ମାନିତ ଅତିଥିଭାବେ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଅଧକ୍ଷ ଅମୂଲ୍ୟ କୁମାର ପଣ୍ଡା, ଅଧାପକ ହିରେନ୍ଦ୍ର କୁମାର ଯୋଗ ଦେଇଥିଲେ।

### ପୂର୍ବତନ ସରପଞ୍ଚ ଅଭିମନ୍ୟୁ ନାଗଙ୍କ ପରଲୋକ



**ବଲାଙ୍ଗୀର ଅଫିସ,୧୬।୨:** ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଦଶପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଅଭିମନ୍ୟୁ ନାଗଙ୍କ ଗୁରୁବାର ଚିମିନିଭାଟିପଡାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ସ୍ତ୍ରୀ ସବିତା, ପୁତ୍ର ଅଶୋକ, ମ୍ୟୁନିସିପାଲିଟି କାଉନସିଲର ଶମ୍ଭୁ ନାଗ ଓ କମ୍ଭୁ ନାଗ, ପୁତ୍ରବଧୂ ସରିତା, ସ୍ନେହଲତା ଓ କୁମୁଦିନୀ, ନାତିନାତୁଣୀ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ପୌରାଧକ୍ଷା ଲିକା ସାହୁ, ମ୍ୟୁନିସିପାଲିଟିର ସମସ୍ତ କାଉନସିଲର ଓ ସଙ୍ଗଠକ ଲୋଟସ ଷଡଙ୍ଗୀ ଶୋକବ୍ୟକ୍ତ କରିଛନ୍ତି।



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଧାରଣାରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

# ଗରିବଙ୍କ ଚାଉଳ କାଟିବା ବନ୍ଦ କର

**କେନ୍ଦ୍ର ବିରୋଧରେ ଗର୍ଜିଲା ବିଜେଡି**

**ବଲାଙ୍ଗୀର ଅଫିସ,୧୬।୨**

ପିଡିଏସ୍ ଚାଉଳ କାଟକୁ ବିରୋଧ କରି କେନ୍ଦ୍ର ସରକାରଙ୍କ ବିରୋଧରେ ବଲାଙ୍ଗୀର ବିଜେଡି ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣା ଦିଆଯାଇଥିଲା। କେନ୍ଦ୍ର ସରକାର ଗରିବ କଲ୍ୟାଣ ଯୋଜନା ଜରିଆରେ ଲୋକଙ୍କ ଚାଉଳ ଯୋଗାଉଥିବା କହୁଥିବାବେଳେ ତାଙ୍କ ଚାଉଳ କାଟ ନୀତି ଯୋଗୁଁ ଓଡିଶାର ୩.୨୫ଲକ୍ଷ ଲୋକ ପ୍ରଭାବିତ ହେବେ ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାରେ ବିଚଳିତ ହୋଇ କେନ୍ଦ୍ର ସରକାର ଏଭଳି ଲୋକ ବିରୋଧୀ ନୀତି ଅବଲମ୍ବନ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ଉପାଧକ୍ଷା ଗାୟିତ୍ରୀ ଭୋଇ ପୂର୍ବତନ ପୌରାଧକ୍ଷା ଦମୟନ୍ତୀ ବାଗ, ଜିଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା, ଭଗବାନ ବଗର୍ତ୍ତୀ, ଆଡଭୋକେଟ ଜୟରାମ ମିଶ୍ର, ଲକ୍ଷ୍ମଣ କୁମାର ମେହେର, ଟିମା ମହାନ୍ତି, ଦେବାଶିଷ ଲେଙ୍କା ଓ ଅନ୍ୟମାନେ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ତୁରନ୍ତ ଓଡିଶାର ଗରିବ ଲୋକଙ୍କ ଚାଉଳ କାଟିବା ବନ୍ଦ କରନ୍ତୁ ବୋଲି ଦାବି କରାଯାଇଥିଲା। ଏହିମର୍ମରେ ଜିଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ଉଚିତ୍ ପରାମର୍ଶ ଦେବାକୁ ଅନୁରୋଧ କରାଯାଇଥିଲା।

# କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଲା ବିଜେଡି

**ଗୋଲାମୁଣ୍ଡା,୧୬।୨(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ବୈମାତୃକ ମନୋଭାବ ଓ କୃଷକ ବିରୋଧୀ ଆଭିମୁଖ୍ୟ ବିରୋଧରେ ଗୁରୁବାର ବିଜେଡି ଗୋଲାମୁଣ୍ଡା ବ୍ଲକ ତରଫରୁ ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତି ଓ ୫ କେଜି ଚାଉଳ କାଟି ଗରିବଙ୍କ ମୁହଁରୁ ଆହାର ଛଡାଇ ଥିବା କହିଥିଲେ। ବ୍ଲକ ସଭାପତି ଦୟା ସାଗର ଚଲାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧକ୍ଷା ପଞ୍ଚମୀ ଦୀପ, ହେମାଙ୍ଗିନୀ ରାଉତ, ସରିତା ମାଝୀ, ଜୟସେନ ସାହୁ, ଜିଲା ବିଜେଡି ସମ୍ପାଦକ ତଥା ବୃନ୍ଦାବାହାଲ ସରପଞ୍ଚ ଇଂ. ଦିନେଶ କୁମାର ରାଉତ, ଯୁବ ବିଜେଡି ସଭାପତି ହେମନ୍ତ ସାହୁ, ଛାତ୍ର ବିଜେଡି ସଭାପତି ଟୁଟୁ ମଙ୍ଗରାଜ, ମହିଳା ସଭାନେତ୍ରୀ ଚେତନା ମାଝୀ, ରଞ୍ଜନ ସାହୁ, ଦୁର୍ଗେ ସାହୁ, କିରଣ ସିଂଙ୍କ ସମେତ ବିଜେଡି। କର୍ମୀମାନେ ଯୋଗ ଦେଇଥିଲେ। ଏହିଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଶ୍ରୀଧର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଚାଉଳ କାଟ ପ୍ରତିବାଦରେ ବିକ୍ଷୋଭ

**କର୍ଲାମୁଣ୍ଡା,୧୬।୨(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମିଳୁଥିବା ଚାଉଳରୁ ପାଞ୍ଚ କେଜି କାଟିଥିବା ଅଭିଯୋଗ କରି ବିଜେଡି ପକ୍ଷରୁ କର୍ଲାମୁଣ୍ଡା ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଯୁବନେତା ଦଳଜିତ ସିଂ, ବ୍ଲକ ସଭାପତି ସୁରେନ୍ଦ୍ର ସାହୁ, ବ୍ଲକ ଅଧକ୍ଷା କୁନି ସାହୁ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ଜିଲା ଛାତ୍ର ବିଜେଡି ସଭାପତି ଅଜିତ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ସଂଗୀତ ଭୋଇ, ଛାତ୍ର ବିଜେଡି ବ୍ଲକ ସଭାପତି ସଲିମ ଶେଖର ରଣା, ଯୁବ ବିଜେଡି ଡିଜିଟାଲ ସଂଯୋଜକ ତ୍ରିଶଙ୍କ ରଣା, ପୂର୍ବତନ ସରପଞ୍ଚ ସଂଯୁକ୍ତା ସାହୁ, ପ୍ରଦୀପ ସାହୁ, ନନ୍ଦିକିଶୋର ଭୋଇ, ଦୀନବନ୍ଧୁ ସାହୁଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇ କେନ୍ଦ୍ର ବିରୋଧରେ ନାରାବାଜି କରିଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାପୂର୍ବରୁ ରିଞ୍ଜା ଛକଠାରୁ କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ବଂଶୀଧର ସାମଲଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲା।

ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com




@ ସମିତ୍



@ ଶରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜାତୀୟ ବ୍ୟାଡମିଣ୍ଟନ ଶିବିର ପରିଦର୍ଶନ କଲେ ବିଧାୟକ




ବିଧାୟକ ନରସିଂହ ମିଶ୍ରଙ୍କ ସହ ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ଶିବିରାର୍ଥୀ।

**ବଲାଙ୍ଗୀର ଅଫିସ, ୧୬।୨**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନଡୋର ଷ୍ଟାଡିୟମରେ ଆଗାମୀ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ ପାଇଁ ଚାଲିଥିବା ରାଜ୍ୟ ଚୟନ ତଥା ପ୍ରଶିକ୍ଷଣ ଶିବିରକୁ ଗୁରୁବାର ବିଧାୟକ ନରସିଂହ ମିଶ୍ର ପରିଦର୍ଶନ କରିଥିଲେ। ସପ୍ତାହବ୍ୟାପୀ ହେବାକୁ ଥିବା ଏହି ଶିବିରରେ ବିଧାୟକ ମିଶ୍ର ଜାତୀୟସ୍ତର କୋଚ ମୁରଲୀ କ୍ରିଷ୍ଣା, ଗୋବର୍ଦ୍ଧନ ରେଡ୍ଡି ଏବଂ ସଚିନ ରାଣାଙ୍କ ସହ ଖେଳ, ଖେଳାଳି ଓ ଭିତ୍ତିଭୂମିକୁ ନେଇ ଆଲୋଚନା କରିଥିଲେ। ଉପସ୍ଥିତ ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଜିଲା ବ୍ୟାଡମିଣ୍ଟନ ସଂଘ ତରଫରୁ ଉପଲବ୍ଧ କରାଯାଇଥିବା ସୁବିଧା ସୁଯୋଗ ଉପରେ ଖେଳାଳିମାନେ କେତେ ଦୂର ଖୁସି ଅଛନ୍ତି ପଚାରି ବୁଝିଥିଲେ। ଗତ ଜାନୁୟାରୀ ମାସରେ ହୋଇଥିବା ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପରୁ ଉଭୟ ମହିଳା ଓ ପୁରୁଷ ବର୍ଗରୁ ବଛା ବଛା ୧୯ ଜଣ ଖେଳାଳି ଏହି ଶିବିର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଶିବିରରେ ସେମାନଙ୍କୁ ପ୍ରଶିକ୍ଷଣ ଦେବା ସହ ଜାତୀୟ ପ୍ରତିଯୋଗିତା ପାଇଁ ଚୟନ କରାଯିବ। ଏହି କାର୍ଯ୍ୟକ୍ରମରେ ଖେଳାଳି, କୋଚ ବ୍ୟତୀତ ଜାତୀୟ ଶିବିରର ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମଟାରୀ, ଜିଲା ସଭାପତି ଗୋପାଳ ପଣ୍ଡା, ଅନନ୍ତ ବେହେରା, ସୁଧୀର ପଣ୍ଡା, ସୁଶାନ୍ତ ଚୋପଦାର, ବାସୁଦେବ ବେହେରା, ମାନସ ମହାନ୍ତି, ସିଦ୍ଧାର୍ଥ ମିଶ୍ର ଓ ଶୁଭ୍ରାଂଶୁ ପଣ୍ଡା ଉପସ୍ଥିତ ଥିଲେ।

## କଳାହାଣ୍ଡି ଜିଲାକୁ ପୁରସ୍କୃତ କଲେ ମୁଖ୍ୟମନ୍ତ୍ରୀ

**ହକି ବିଶ୍ୱକପ,ଜିଲା ଉତ୍ସବ ଓ ପଲ୍ଲୀଶ୍ରୀ ମେଳାରେ ସଫଳତା**



**ଭବାନୀପାଟଣା,୧୬।୨(ସ୍ୱ.ପ୍ର.)**

ହକି ବିଶ୍ୱକପ୍, କଳାହାଣ୍ଡି ଜିଲା ଉତ୍ସବ ଓ ପଲ୍ଲୀଶ୍ରୀ ମେଳାରେ ବେଶ ସଫଳତା ପୂର୍ଣ୍ଣ ଆୟୋଜନ କରିଥିବାରୁ କଳାହାଣ୍ଡି ଜିଲାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାନପତ୍ର ଦେଇ ପୁରସ୍କୃତ କରିଛନ୍ତି। ଏହାକୁ କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଗ୍ରହଣ କରିଥିଲେ। ଭୁବନେଶ୍ୱରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଯୋଗଦେଇ ଏହା ପ୍ରଦାନ କରିଥିଲେ। ଏହି ପୁରସ୍କାରକୁ ନେଇ କଳାହାଣ୍ଡି ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୪୦ — **ବିଜ୍ଞାପନ** — ତା:୦୯।୦୨।୨୦୨୩

No. CAD-4845: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ଶଚ୍ଚିନ୍ଦ୍ର କୁମାର ମାଣ୍ଡିଆ, ପିତା: ୰ପୂର୍ଣ୍ଣଚନ୍ଦ୍ର ମାଣ୍ଡିଆ, ସା: ବାହାଦଲପୁର, ପୋ.:ସରକନ୍ତରା, ଥା.: ଖଣ୍ଡଗିରି, ଜି.: ଖୋର୍ଦ୍ଧା | ଏଲ୍.ଆଇ.ଜି.-୧୧ (LIG-11) ଡୁମୁଡୁମା, ଚତୁର୍ଥ ପର୍ଯ୍ୟାୟ, ହାଉସିଂ ପ୍ରକଳ୍ପ, ଭୁବନେଶ୍ୱର, ଜିଲା: ଖୋର୍ଦ୍ଧା | ୧. ଅନୁପମା ଦାସ ମାଣ୍ଡିଆ (ସ୍ତ୍ରୀ) ୨. ଅଂଶିତ ପ୍ରିୟଦର୍ଶୀ (ପୁତ୍ର) ୩. ଆଶି ପ୍ରିୟଦର୍ଶିନୀ (କନ୍ୟା) |

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0594/2223

**Government of Odisha**
**Planning & Convergence Department**
File No.: 16327300072022
Letter No.:3223, Date :14.02.2023

**CORRIGENDUM-II**

**No.X-25:** In continuation to this Department Tender Call Notice for hiring of vehicle no. 640/P, dated 12/01/2023 and subsequent corrigendum No. 2008/P, dated 04/02/2023, the due date for the receipt of sealed tender documents for the hiring of three (03) nos. BS-IV or above type of vehicles (Innova/ Hexa/ XUV 500) along with driver on monthly hiring basis is hereby extended till 12:00 Noon of 24/02/2023 and the tender shall be opened on 24/02/2023 at 4:00 PM. All other terms and conditions remained unchanged.

Sd./- Joint Secretary to Govt.
OIPR-50001/11/0015/2223

**OFFICE OF THE MUNICIPAL COUNCIL, DEOGARH**
Email: eo-deogarhmncp@gov.in,
Contact- 06641295020
Notice No. 219/DM, Dated 14/02/2023

**SHORT QUOTATION CALL NOTICE**

**No. C-2473:-** The Executive Officer, Deogarh Municipality is invites sealed quotation from the interested agencies having valid PAN card, GSTIN certificate and current ITR for installation and repairing of complete CCTV set up. The sealed quotation should reach in this office by speed post/ registered post on or before **23.02.2023 till 05.00 P.M.** and will be opened on **24.02.2023 at 11A.M.** in presence of the quotationers or their representatives. The undersigned have reserves every right to accept or reject all of the quotations without assigning any reason thereof.

Sd./- Executive Officer
Deogarh Municipality
OIPR-13088/11/0026/2223

**Detail E-Tender Call Notice For Supply of Plastic Crates for fruits & vegetables**
**THE ODISHA AGRO INDUSTRIES CORPORATION LIMITED**
(A Government of Odisha Undertaking)
95, SATYA NAGAR, BHUBANESWAR - 751007

**E-TENDER CALL NOTICE**

**No.CAD-4850:** e-Tender quotation in conformity with technical specification, terms & conditions in bid documents are invited from manufacturers for **"Supply of Plastic Crates for fruits & vegetables"**. For details, please visit website https://tendersodisha.gov.in. or https://odishaagro.nic.in/from **dt 16.02.2023 to 09.03.2023**

Sd./-MANAGING DIRECTOR
OIPR-01047/11/0050/2223

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, JAGATSINGHPUR IRRIGATION DIVISION**
Ph.No.06724-220038, E-mail:eejspurirr@gmail.com

No.A-1171: **'e' Procurement Notice No. JSD-19 of 2022-23**

| | | | |
|---|---|---|---|
| 1 | Total No. of Works | : | 06 (Six) Nos. |
| 2 | Tender Cost (Approx) | : | Rs.50.52 Lakh to Rs.81.74 Lakh |
| 3 | Tender Paper Cost | : | Rs.10,000/- (Online payment) (Non-refundable) |
| 4 | Class of Contractor | : | 'B' Class Contractor |

5. Other details are as follows:

| Procurement Officer | Bid Identification No. | Availability of Tender From | Availability of Tender To | Last date & time for seeking tender clarification in e-Procurement portal | Date & Time of Opening of Technical Bid (Cover-I) | Place of Opening Bid |
|---|---|---|---|---|---|---|
| Superintending Engineer, Jagatsinghpur Irr. Division, Jagatsinghpur | JSD-19/ 2022-23 | 20.02.2023 at 10.00 hours | 09.03.2023 at 17.00 hours | 04.03.2023 upto 5.00 PM during office hours | 10.03.2023 at 11.00 Hours | O/o. the Superintending Engineer, Jagatsinghpur Irr. Division, Jagatsinghpur |

Further details can be seen from the Govt. website "https://tendersodisha.gov.in."

Sd./- Superintending Engineer,
Jagatsinghpur Irrigation Division, Jagatsinghpur
OIPR-32050/11/0011/2223

**DIRECTORATE OF AGRICULTURE & FOOD PRODUCTION**
**ODISHA KRUSHI BHAWAN, BHUBANESWAR**
Notice No./Agril., Date: 397/DE Dt.15.02.2023

**NOTICE INVITING EXPRESSION OF INTEREST**

**No.L-132:** Expression of Interest is invited in two bid system i.e. Technical bid & Financial bid from reputed Manufacturers / MSME Units for procurement & supply Mini Dal Mills(As per details in Annexure-1 ) to selectedWSHG/FPO/FPCs/SHGs/FPOs/FPCsin different districts of Odisha. The details of the machines to be supplied and Cost of EoI document are indicated in the following table:

| Sl. No. | Name of the Post-Harvest Machine to be procured and supplied | Approximate nos. to be procured and supplied | Cost of EoI document |
|---|---|---|---|
| 1. | Mini Dal Mill with Single Phase, 1 HP Electric Motor (as per specification in Annexure-1A) | 220 Nos. | Rs.10000.00+ Rs.1800.00 (GST), Non-refundable |

The EoI documents can be downloaded from the website of Government of Odisha ( www.odisha.gov.in /https//agrisnetodisha.ori.nic.in) from 16.02.2023 to 02.03.2023.The cost of EoI documents is Rs.10000/- + 18% GST to be deposited in shape of Bank Draft drawn in favour of "Development Engineer, OFMRDC, Bhubaneswar" payable at Bhubaneswar. The EoI documents may be sent through registered post/ speed post/Courrier only addressed to the Development Engineer OFMRDC, Satyanagar, Bhubaneswar-751007. The last date of receipt of the EoI documents is 03.03.2023 up to 5:00 P.M. The Technical Bid submitted in the EoI documents shall be opened on next working day i.e. on 04.03.2023 at 3:00 P.M. in presence of the bidders or their authorized representatives. Any clarification may be obtained from the Office of the Development Engineer ( Mobile No.9778312631) on working days only from 16.02.2023 to 02.03.2023 during office hours between 11 A.M. to 5 P.M. The undersigned reserves the right to cancel any or all bids without assigning any reason and without incurring any liabilities thereof. The undersigned also reserves the right to relax any clauses as in technical & financial bids.

Sd./- Director of Agriculture & Food Production
Odisha, Bhubaneswar
OIPR-01051/11/0010/2223

**OFFICE OF THE DISTRICT FISHERIES OFFICER, KANDHAMAL PHULBANI**
Phone: -06842-253683
Mail Id:-dfokandhamal@gmail.com
Quotation Notice No.244/Dt.13.02.2023

**No.M-84:** Sealed quotation in plain papers are invited from intending travel Agencies/ Tour Operators/ Private Vehicle owners of Bolero/ Indigo diesel driver non A/c vehicle with a minimum fuel efficiency of 12 & 17 Km/ litre respectively for the year 2023-24 which will be received from Dt. 20.02.2023 up to Dt.27.02.2023 of 01.00 PM in the Official hour & day and will be opened on the same day (i.e. 27.02.2023) at 3.30 PM in presence of quotationer or their authorised representative at the Office of the undersigned. The sealed cover should be superscribed as **"Quotation for Monthly Hire Charges of Vehicle"** at the top. The monthly rate of hire charges should be quoted excluding fuel & lubricants. The quotation should be accompanied with a security deposit of Rs. 5000.00 (Rupees Five Thousand) only in shape of Account payee Bank Draft dully pledge in favour of District Fisheries Officer, Kandhamal, Phulbani, Payable at Phulbani which will be refunded to the un-success quotationer after finalisation of quotation. The security deposit of the successful quotationer may be forfeited if he/ she fails to provide vehicle or violet any point on terms & conditions. The terms & conditions for hiring vehicle with application Form will be available with the office of undersigned on payment of Rs. 100/- (Rupees One Hundred) only from Dt. 20.02.2023 (10.00 AM) to Dt. 27.02.2023 (01.00 PM). The filled in application form of the quotation in all respect should be accompanied with self attested Xerox copy of valid Registration Certificate, Insurance Certificate, Fitness Certificate, Contract Carriage Permit, Pollution Certificate, Proof of up to dated Tax payment, Light Transport Vehicle driving licence of driver and agreed Term & condition. **The vehicle must be in road worthy condition and shall not be more than 3 (Three) years old from date of initial registration.**
The rate so approved by the committee will be valid up-to Dt. 28.02.24.
The undersigned reserve the right to accept or reject any or all quotations without assigning any reason thereof.

Sd./- District Fisheries Officer
Kandhamal, Phulbani
OIPR-06067/11/0002/2223

**ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିମେଲା**
**OFFICE OF THE NOTIFIED AREA COUNCIL, BALIMELA**
Odisha, Pin-764051, e-Mail: eonacbalimela@gmail.com
Letter No.288/2023 — Dated:- 14.02.2023

**EXPRESSION OF INTEREST**

**No.C-2468:-** Expression of Interest are invited from the interesting candidate for requirement of One Lab Technician (only Women/ Transgender person of locality) will be hired for NAC Balimela Treatment Plant (SeTP), Nandi Line, Ward No.-11 which has to be operated by Bana Durga SHG/Mission Shakti Group.

**Qualification:**
1. **Compulsory**: M.Sc. in Chemistry/M.Sc. Biochemistry/M.Sc. Environmental Science or any equivalent degree and B.Sc. Chemistry.
2. **Desirable**: 1 year work experience in the same field.

**Job Role:**
1. To support the CLF/ALF/Mission Shakti Group/Transgender Group towards adherence to standarized SOP for O&M of the SeTP.
2. To perform all the tests required to be done at the SeTP at every interface as per SOP developed by OWSSB.
3. To maintain record of all data generated and ensure sufficient inventory of all consumables required at the SeTP.
4. To coordinate with the ULB on O&M of SeTP.
5. To seek technical support from OWSSB and ULB as and when required.

**N.B.: 1. The selected candidate work as the staff of Selected SHG i.e. Banadurga SHG.**
**2. She is not treated as NAC employee.**

**Remuneration: Rs.15000/- per Month (Consolidated)**

**All the documents should reach the undersigned on 28.02.2023 by 04.00 PM through Registered Post / Speed Post only and the same will be opened on the same day i.e. on 28.02.2023 at 5.00 PM. The applicant is remain present at the time of opening of Application.**

Sd./- Executive Officer
NAC, Balimela
OIPR-13140/11/0018/2223

See Career Appointment on every Wednesday & Saturday

## ସଂକ୍ଷେପରେ

### ବାଇକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

**ରାଉରକେଲା ଅଫିସ,୧୬।୨:** ବାଇକ୍ ଧକ୍କା ଦେବାରୁ ବ୍ରାହ୍ମଣୀତରଙ୍ଗ ଥାନା କୁଲୁଙ୍ଗା ଅଞ୍ଚଳର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ହେଲେ ତୁଳସୀ ମାଝୀ(୬୨)। ପୋଲିସ ଏକ ମାମଲା (ନଂ.୨୯।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, କୁଲୁଙ୍ଗା କିଷାନପଡା ଅଞ୍ଚଳର ତୁଳସୀ ସକାଳ ସାଢ଼େ ୯ଟାରେ ଘର ପାଖ ପଟେଲ କମ୍ପ୍ଲେକ୍ସରୁ ଘରକୁ ଫେରୁଥିବା ବେଳେ ତାଙ୍କ ପଛପଟୁ ଏକ ବାଇକ୍ (ନଂ.ଓଡି୧୪ଏବି/୯୭୮୧) ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବୃଦ୍ଧାଙ୍କ ନାତି ଉମେଶ ମାଝୀ ଥାନାରେ ଅଭିଯୋଗ କରିଥିଲେ।

### ସ୍କୁଟି ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୧୬।୨:** ସ୍କୁଟି ଚୋରି କରି ଅଭିଯୋଗରେ ରଘୁନାଥପାଲି ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୋନୁ ଓରଫ ସୁମିତ ଘାଷି(୨୨)। ଏ ନେଇ ପୋଲିସ ଏକ ମାମଲା (ନଂ.୧୯।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି। ଗତ ଗତ ଜାନୁଆରୀ ୧୮ରେ ପାକିସ୍ଥାନ କଲୋନୀର ସୁମିତ ସିଭିଲଟାଉନସିପ୍ ଅଞ୍ଚଳର ଜଣଙ୍କ ଘର ଦୁଆର ମୁହଁରୁ ଉକ୍ତ ସ୍କୁଟିକୁ (ନଂ.ଓଡଇ୧୪କେ/୦୭୧୦) ଚୋରି କରିନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସ୍କୁଟି ଜବତ କରିଥିଲା।

### ଭାଜପା ପକ୍ଷରୁ ପୁଣି ବ୍ଲକ ଅଫିସ ଘେରାଉ

**କୁଚିଣ୍ଡା,୧୬।୨(ଡି.ଏନ.ଏ.):** କୁଚିଣ୍ଡା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଅନିୟମିତତା ବିରୋଧରେ ଭାଜପା ପକ୍ଷରୁ ଗୁରୁବାର ପୁଣି ବ୍ଲକ ଅଫିସ ଘେରାଉ କରାଯାଇଥିଲା। ପୂର୍ବତନ ବିଧାୟକ ରବିନାରାୟଣ ନାଏକଙ୍କ ନେତୃତ୍ୱରେ ଶତାଧିକ ହିତାଧିକାରୀ ଓ ଭାଜପା କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ଏକ ତାଲିକା ଚୟନ କରିବା ପାଇଁ କୁଚିଣ୍ଡା ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଏକ ତାଲିକା ପ୍ରଦାନ କରିଥିଲେ।

### ଡାନିଏଲ ସ୍କୁଲର ବାର୍ଷିକ ଉତ୍ସବ

**ବ୍ରଜରାଜନଗର,୧୬।୨(ଡି.ଏନ.ଏ.):** ବ୍ରଜରାଜନଗର ଗଜପତିନଗରସ୍ଥିତ ଡାନିଏଲ ସ୍କୁଲର ୩୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ତାପସ ରାୟ ଚୌଧୁରୀ, ଥାନା ଅଧିକାରୀ ଧବଳେଶ୍ୱର ସାହୁ, ଶିକ୍ଷା ନିକେତନର ଅଧକ୍ଷ ପ୍ରହ୍ଲାଦ ନାୟକ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଶହୀଦ ବଳରାମ ପ୍ରଧାନ, ଶହୀଦ ଦୀପକ ସେନ ଭୋଇ, ଶହୀଦ ଉମାକାନ୍ତ ନାୟକଙ୍କ ପରିବାରକୁ ସମ୍ମାନିତ କରାଯାଇଥିଲା। ଖବରଦାତା ପ୍ରତାପ କେଶରୀ ସିଂହଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ବିଜୟ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଚ୍ୟାମ୍ବର ଅଫ୍ କମର୍ସର ପ୍ରତିଷ୍ଠା ଦିବସ

**ରାଉରକେଲା ଅଫିସ,୧୬।୨:** ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସର ୬୧ତମ ପ୍ରତିଷ୍ଠା ଦିବସ ବୁଧବାର ସନ୍ଧ୍ୟାରେ ସଭାପତି ସୁବ୍ରତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ଏହି ଉତ୍ସବରେ ପଶ୍ଚିମାଞ୍ଚଳ ଡିଆଇଜି ନିତି ଶେଖର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଉରକେଲାର ଶିଳ୍ପକ୍ଷେତ୍ରରେ ସଂଘର ଅବଦାନ ଉପରେ ମତ ରଖିଥିଲେ। ସାଧାରଣ ସମ୍ପାଦକ ସୁନୀଲ କଣ୍ଡ୍ୟାଲ, ଉପସଭାପତି ନରେଶ ଆରିୟା, ରାଜେଶ ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ, ଶୁଭମ କାପୁର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସଂଘର ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ।

# ବିକ୍ଷୋଭ ପ୍ରଦର୍ଶନ କଲା ବିଜେଡି

**ରାଉରକେଲା ଅଫିସ,୧୬।୨**


ବିଜେଡି ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ରାଉରକେଲା ବିଜେଡି ପକ୍ଷରୁ ଗୁରୁବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ଧାନ ଓ ଚାଉଳ କାଟ୍ ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ ଦଳୀୟ କର୍ମୀ ରାଉରକେଲା ସିଂହାସନୀ ମନ୍ଦିରରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ କେନ୍ଦ୍ର ସରକାରଙ୍କ ବିରୋଧରେ ନାରା ଦେଇଥିଲେ। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରୁ ୫କେଜି ଚାଉଳ କାଟି ଗରିବଙ୍କ ମୁହଁରୁ ଅନ୍ନ ଛଡାଇ ନେଇଥିବା ବିଧାୟକ ନାୟକ କହିଥିଲେ। ରାଜ୍ୟରୁ ଯେତିକି ଧାନ ଉଠାଇବା କଥା କେନ୍ଦ୍ର ସରକାର ସେତିକି ଉଠାଉ ନାହାନ୍ତି। ଫଳରେ ରାଜ୍ୟରେ ଧାନକିଣା ହ୍ରାସ ପାଉଥିବା ବେଳେ ଧାନ ବିକ୍ରି କରି ନ ପାରି ଚାଷୀ ଆଖିରୁ ଲୁହ ଗଡାଉଛି। ଏହାସହ ରାଜ୍ୟରେ ଗ୍ୟାସ ଡିଜେଲ ଏବଂ ପେଟ୍ରୋଲ ଦର ବୃଦ୍ଧି ଉପରେ କେନ୍ଦ୍ର

**କେନ୍ଦ୍ର ସରକାରଙ୍କ ଚାଉଳକାଟ୍‌କୁ ବିରୋଧ**

ସରକାର ଅଙ୍କୁଶ ନ ଲଗାଇ ଆଦାନୀ ଗ୍ରୁପ୍‌କୁ ରାଷ୍ଟ୍ରାୟତ ବୀମା କମ୍ପାନୀ ଏବଂ ବ୍ୟାଙ୍କରୁ ଆର୍ଥିକ ପୁଞ୍ଜିନିବେଶକୁ ସ୍ୱୀକୃତି ଦେଇ ଦେଶର ଅର୍ଥନୈତିକ ବ୍ୟବସ୍ଥାକୁ ଦୁର୍ବଳ କରୁଛନ୍ତି ବୋଲି ବିଧାୟକ ଦର୍ଶାଇଥିଲେ। ବିକ୍ଷୋଭ ଶୋଭାଯାତ୍ରାରେ ରାଉରକେଲା ନଗର ସଭାପତି ଗଗନ ପଣ୍ଡା, ପୂର୍ବତନ ଜିଲା ସଭାପତି ଆନନ୍ଦ ମହାନ୍ତି, ଜିଲା ଉପସଭାପତି ତଥା ମୁଖପାତ୍ର ଜୟନ୍ତ କୁମାର ମିଶ୍ର, ରାଜ୍ୟ ଯୁବ ସମ୍ପାଦକ ବିଭୂତି ଭୂଷଣ ପୁହାନ, ଆଇନଜୀବୀ ସନ୍ତୋଷ ନାୟକଙ୍କ ସମେତ ଶତାଧିକ ଯୁବ, ଛାତ୍ର ଏବଂ ମହିଳା ନେତ୍ରୀ ସାମିଲ ହୋଇଥିଲେ।

# ୨୫ରୁ ମିନି ରାଜସ୍ଥାନୀ ମେଳା

**ରାଉରକେଲା ଅଫିସ,୧୬।୨**

ରାଉରକେଲା ରାଜସ୍ଥାନ ପରିଷଦର ୫୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୫ ତାରିଖରୁ ବାସନ୍ତୀ ନଗର ଡିଏଭି ପୋଖରୀ ନିକଟ ଖେଳ ପଡିଆରେ ମିନି ରାଜସ୍ଥାନୀ ମେଳା ଆରମ୍ଭ ହେବ। ଏ ନେଇ ବୁଧବାର ରାଉରକେଲା ରାଜସ୍ଥାନ ପରିଷଦ କାର୍ଯ୍ୟାଳୟର ଅମର ଭବନ ସଭାଗୃହରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମେଳା ଆୟୋଜନ ଉପରେ ସବିଶେଷ ସୂଚନା ପ୍ରଦାନ କରାଯାଇଛି। ପରିଷଦର ସଭାପତି ଶୈଳେନ୍ଦ୍ର ମାରୋଠିଆ ସୂଚନା ଦେଇଥିଲେ, ମିନି ରାଜସ୍ଥାନୀ ମେଳା ରାଜସ୍ଥାନ ଓ ଓଡିଆ ସଂସ୍କୃତିର ବିକାଶ ନିମନ୍ତେ ଆୟୋଜନ ହେବ। ଏଥିରେ ରାଜସ୍ଥାନ ଓ ଓଡିଶାର ବହୁ କଳାକାର ଭାଗ ନେବେ। ମେଳା ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଚାଲିବ। ରାଜସ୍ଥାନୀ ଓ ଓଡିଆ ଖାଦ୍ୟ ବ୍ୟଞ୍ଜନ ଆଦି ୪୦ଟି ଷ୍ଟଲ ପ୍ରଦର୍ଶିତ ହେବ। ରାଜସ୍ଥାନର ମନଲୋଭା ବ୍ୟଞ୍ଜନ ସହିତ ଓଡିଶାର ରସଗୋଲା, ଛେନା ମାଲପୁଆ ବିଶେଷ ଆକର୍ଷଣ ସାଜିବ। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମେଳାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମେଳାର ବିଭିନ୍ନ ଦିବସରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ଏମ୍‌ପି ଜୁଏଲ ଓରାମ, ବିଧାୟକ ସୁବ୍ରତ ତରାଇ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ, ରାଜ୍ୟ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ, ବିଧାୟକ ଦିବ୍ୟଶଙ୍କର ମିଶ୍ର, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ରାଜସ୍ଥାନ ମନ୍ତ୍ରୀ ପ୍ରହ୍ଲାଦ ଗୋଏଙ୍କା, ପଦ୍ମଶ୍ରୀ ପ୍ରହ୍ଲାଦ ଅଗ୍ରୱାଲ, ରାଜସ୍ଥାନ ଜୈସଲମେର ମହାରାଜା ଚେତନ ରାଜ୍ ସିଂ, ଉଦୟପୁର ମହାରାଜା କୁଅଁର ଲକ୍ଷ୍ୟରାଜ ସିଂ, ରାଜସ୍ଥାନ ପରିଷଦ ସଂରକ୍ଷକ ଗୋପାଳ ବଗାଡିଆ ପ୍ରମୁଖ ଯୋଗଦେବା ପାଇଁ ସମ୍ମତି ଜଣାଇଛନ୍ତି। ସେହିପରି ସ୍ୱତନ୍ତ୍ର ଅତିଥି ଭାବେ ପଶ୍ଚିମାଞ୍ଚଳ ଡିଆଇଜି ନୀତିଶେଖର, ସୁନ୍ଦରଗଡ ଜିଲାପାଳ ପରାଗ ହର୍ଷଦ ଗାଭାଲି, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ, ଅତିରିକ୍ତ ଜିଲାପାଳ ଶୁଭଙ୍କର ମହାପାତ୍ର ପ୍ରମୁଖ ମେଳାରେ ଯୋଗଦେବାର ବୃତାନ୍ତ ହୋଇଛି। ମେଳାରେ ଦର୍ଶକଙ୍କୁ ରାଜସ୍ଥାନୀ ଓଟରେ ବସିବା ମଜା ନେବା ପାଇଁ ୩ଟି ଓଟ ସବାରୀ ରାଜସ୍ଥାନରୁ ଆସିବ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ବୀଣା ଗ୍ରୁପ୍‌ରେ ସୀମା ମିଶ୍ର ଏବଂ ରାଜା ହୁସେନଙ୍କ ଦ୍ୱାରା ସୁରସଙ୍ଗୀତ କାର୍ଯ୍ୟକ୍ରମ ସହିତ ରାଜସ୍ଥାନୀ ଠୁମରୀ ଜାଗରା, କଟପୁତଲି, କରତଲ ନୃତ୍ୟ ଆଦି ରାଜସ୍ଥାନୀ ଆର୍ଟସ ଗ୍ୟାଲେରୀ, ରାଜସ୍ଥାନର ୬ ଝାଙ୍କିଆଁ କଳାକୃତି ପ୍ରଦର୍ଶିତ ହେବ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ପରିଷଦର ସମ୍ପାଦକ ପୱନ ଗେରିୱାଲ, ଉପସଭାପତି ଯୁଗଳ ମାରୋଠିଆ, ସୁରେଶ କେଜ୍ରିୱାଲ, ସହ ସମ୍ପାଦକ ଗୋପାଳ ଶରପାଙ୍ଗି, ମନୀଷା ଟୋଡି, କୋଷାଧ୍ୟକ୍ଷ ନଟବର ବୋଗରିଆ ଏବଂ ନିର୍ବାହୀ ଅଧିକାରୀ ପବନ ଖରିୱାଡ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀର ସୂଚନା ଦିଆଯାଉଛି।

# ଜଙ୍ଗଲ ସୁରକ୍ଷା ସଚେତନତା ଶୋଭାଯାତ୍ରା


ଗ୍ରାମବାସୀ ଓ ପିଲାମାନେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

**ରାଉରକେଲା ଅଫିସ,୧୬।୨**

ନିଆଁ କବଳରୁ ଜଙ୍ଗଲ ସୁରକ୍ଷା ପାଇଁ ରାଉରକେଲା ବନପାଳ ଯଶୋବନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଗୁରୁବାର ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି କ୍ରମରେ ବିଶ୍ରା ଫରେଷ୍ଟ ରେଞ୍ଜର ଓ କର୍ମଚାରୀମାନେ ଜଙ୍ଗଲ ନିଆଁ ଉପରେ ଜନସଚେତନତା ସୃଷ୍ଟି କରିଥିଲେ। ବିଶ୍ରା ଫରେଷ୍ଟ ରେଞ୍ଜ୍ ଉନ୍ନୟନ ଅଧିକାରୀ ଦୁବରାଜ ସିଂ, ରେଞ୍ଜର ମାଣିକେଶ୍ୱରୀ ହାଁସଦା, ଫରେଷ୍ଟର ବିଜୟ କର୍ଲୋ ଏବଂ ଅନ୍ୟ ଅଧିକାରୀମାନେ ଲଣ୍ଡିଡିରି, ବଡରାମଲୋଇ, ଚିରୁବେଡା, ଯୋଡାବନ୍ଧ, ରାମଲୋଇ ଆଦି ଗାଁକୁ ଯାଇ ଗୀତ ଏବଂ ବେତାର ବାର୍ତ୍ତା ମାଧ୍ୟମରେ ଲୋକଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବାକୁ ନିବେଦନ କରିଥିଲେ। ଏହି ଅଭିଯାନରେ ସ୍କୁଲର ପିଲାମାନେ ସାମିଲ ହୋଇଥିଲେ।

# କାମରେ ଲାଗୁନି ଷ୍ଟ୍ରିଟ ଲାଇଟ

**ସଇଁତଲା,୧୬।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ସହରରେ ରାସ୍ତାଘାଟ ଆଲୋକୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଇଁତଲା ପଞ୍ଚାୟତକୁ ୨୦ଟି ଷ୍ଟ୍ରିଟ ଲାଇଟ ପ୍ରଦାନ କରିଛି । ଲାଇଟଗୁଡ଼ିକ ଏକମାସରୁ ଊର୍ଦ୍ଧ୍ୱ ହେବ ଖୁଣ୍ଟରେ ଲାଗିଥିଲେ ମଧ୍ୟ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇନାହିଁ । ଫଳରେ ସହରର ରାସ୍ତାଘାଟ ରାତିରେ ଅନ୍ଧାରରେ ରହୁଛି। ବିଦ୍ୟୁତ୍ ବିଭାଗ ଏସ୍‌ଡ଼ିଓ ଅଂଶୁମାନ ସାହୁଙ୍କୁ ପଚାରିବାରୁ ପଞ୍ଚାୟତ ତରଫରୁ ଆବଶ୍ୟକ କାଗଜପତ୍ର ଦିଆଯାଇ ନ ଥିବା କହିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଖଗେଶ୍ୱର କମ୍ପଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଯାଇ ସମସ୍ତ ଷ୍ଟ୍ରିଟ ଲାଇଟ ଜଳିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ବିପୁଳ ପରିମାଣର ମଦ ଜବତ, ୩ ଗିରଫ



**ରାଉରକେଲା ଅଫିସ,୧୬।୨**

ରାଉରକେଲା ଅବକାରୀ ପୋଲିସ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଝାରପଡା ଗ୍ରାମରେ ଚଢାଉ କରି ବିପୁଳ ପରିମାଣର ମଦ ଜବତ କରିଛି। ଏହି ଘଟଣାରେ ୨ ମହିଳାଙ୍କ ସମେତ ୩ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପ୍ରଶାନ୍ତ ବଡାଇକ ଏବଂ ଦୁଇ ମହିଳା। ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଝାରପଡା ଗ୍ରାମର ଉକ୍ତ ଦୁଇଜଣ ମହିଳା ଏକ ବନ୍ଦ ଘରେ ମଦ ତିଆରି କରି ବିଭିନ୍ନ ବ୍ରାଣ୍ଡ ବୋତଲରେ ଭର୍ତ୍ତି କରି ବିକ୍ରି କରୁଥିବା ଖବର ପାଇ ପୋଲିସ ବୁଧବାର ସକାଳ ସାଢେ ୬ଟାରେ ଚଢାଉ କରିଥିଲା। ଚଢାଉ ବେଳେ ୨୧୫ ଲିଟର ନକଲି ମଦ, ୧୭୫୦ ମଦ ଠିପି ଓ ୧୭୬୮ଟି ଲେବୁଲ ଓ ୩୨୪୦ଟି ମତ ବୋତଲକୁ ଜବତ କରାଯାଇଥିଲା। ସେହିପରି ଉକ୍ତ ଅଞ୍ଚଳରୁ ଏକ ସ୍କୁଟିରେ ୨୧ ଲିଟର ମଦ ନେଇ ପାନପୋଷ ଯାଉଥିବା ବେଳେ ପ୍ରଶାନ୍ତଙ୍କୁ ପୋଲିସ କାବୁ କରିଥିଲା।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୪୦ | **ବିଜ୍ଞାପନ** | ତା:୦୯।୦୨।୨୦୨୩

No. CAD-4845: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ଶଚ୍ଚିନ୍ଦ୍ର କୁମାର ମାଣ୍ଡିଆ, ପିତା: ୰ପୂର୍ଣ୍ଣଚନ୍ଦ୍ର ମାଣ୍ଡିଆ, ସା: ବାହାଦଲପୁର, ପୋ.:ସରକନ୍ତରା, ଥା.: ଖଣ୍ଡଗିରି, ଜି.: ଖୋର୍ଦ୍ଧା | ଏଲ୍.ଆଇ.ଜି.-୧୧ (LIG-11) ଡୁମୁଡୁମା, ଚତୁର୍ଥ ପର୍ଯ୍ୟାୟ, ହାଉସିଂ ପ୍ରକଳ୍ପ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୧. ଅନୁପମା ଦାସ ମାଣ୍ଡିଆ (ସ୍ତ୍ରୀ) ୨. ଅଂଶିତ ପ୍ରିୟଦର୍ଶୀ (ପୁତ୍ର) ୩. ଆଶି ପ୍ରିୟଦର୍ଶିନୀ (କନ୍ୟା) |

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0594/2223

**Government of Odisha**
**Planning & Convergence Department**
File No.: 16327300072022
Letter No.:3223, Date :14.02.2023

**CORRIGENDUM-II**

**No.X-25:**In continuation to this Department Tender Call Notice for hiring of vehicle no. 640/P, dated 12/01/2023 and subsequent corrigendum No. 2008/P, dated 04/02/2023, the due date for the receipt of sealed tender documents for the hiring of three (03) nos. BS-IV or above type of vehicles (Innova/ Hexa/ XUV 500) along with driver on monthly hiring basis is hereby extended till 12:00 Noon of 24/02/2023 and the tender shall be opened on 24/02/2023 at 4:00 PM. All other terms and conditions remained unchanged.

Sd./- Joint Secretary to Govt.
OIPR-50001/11/0015/2223

**OFFICE OF THE MUNICIPAL COUNCIL, DEOGARH**
Email: eo-deogarhmncp@gov.in,
Contact- 06641295020
Notice No. 219/DM, Dated 14/02/2023

**SHORT QUOTATION CALL NOTICE**

**No. C-2473:-** The Executive Officer, Deogarh Municipality is invites sealed quotation from the interested agencies having valid PAN card, GSTIN certificate and current ITR for installation and repairing of complete CCTV set up. The sealed quotation should reach in this office by speed post/ registered post on or before **23.02.2023 till 05.00 P.M.** and will be opened on **24.02.2023 at 11A.M.** in presence of the quotationers or their representatives. The undersigned have reserves every right to accept or reject all of the quotations without assigning any reason thereof.

Sd./- Executive Officer
Deogarh Municipality
OIPR-13088/11/0026/2223

**Detail E-Tender Call Notice For Supply of Plastic Crates for fruits & vegetables**
**THE ODISHA AGRO INDUSTRIES CORPORATION LIMITED**
(A Government of Odisha Undertaking)
95, SATYA NAGAR, BHUBANESWAR - 751007

**E-TENDER CALL NOTICE**

**No.CAD-4850:**e-Tender quotation in conformity with technical specification, terms & conditions in bid documents are invited from manufacturers for **"Supply of Plastic Crates for fruits & vegetables"**. For details, please visit website https://tendersodisha.gov.in. or https://odishaagro.nic.in/from **dt 16.02.2023 to 09.03.2023**

Sd./-MANAGING DIRECTOR
OIPR-01047/11/0050/2223

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, JAGATSINGHPUR IRRIGATION DIVISION**
Ph.No.06724-220038, E-mail:eejspurirr@gmail.com
No.A-1171: **'e' Procurement Notice No. JSD-19 of 2022-23**

| | | | |
|---|---|---|---|
| 1 | Total No. of Works | : | 06 (Six) Nos. |
| 2 | Tender Cost (Approx) | : | Rs.50.52 Lakh to Rs.81.74 Lakh |
| 3 | Tender Paper Cost | : | Rs.10,000/- (Online payment) (Non-refundable) |
| 4 | Class of Contractor | : | 'B' Class Contractor |

5. Other details are as follows:

| Procurement Officer | Bid Identification No. | Availability of Tender | | Last date & time for seeking tender clarification in e-Procurement portal | Date & Time of Opening of Technical Bid (Cover-I) | Place of Opening Bid |
|---|---|---|---|---|---|---|
| | | From | To | | | |
| Superintending Engineer, Jagatsinghpur Irr. Division, Jagatsinghpur | JSD-19/ 2022-23 | 20.02.2023 at 10.00 hours | 09.03.2023 at 17.00 hours | 04.03.2023 upto 5.00 PM during office hours | 10.03.2023 at 11.00 Hours | O/o. the Superintending Engineer, Jagatsinghpur Irr. Division, Jagatsinghpur |

Further details can be seen from the Govt. website "https://tendersodisha.gov.in."

Sd./- Superintending Engineer,
Jagatsinghpur Irrigation Division, Jagatsinghpur
OIPR-32050/11/0011/2223

**DIRECTORATE OF AGRICULTURE & FOOD PRODUCTION**
**ODISHA KRUSHI BHAWAN, BHUBANESWAR**
Notice No./Agril., Date: 397/DE Dt.15.02.2023

**NOTICE INVITING EXPRESSION OF INTEREST**

**No.L-132:**Expression of Interest is invited in two bid system i.e. Technical bid & Financial bid from reputed Manufacturers / MSME Units for procurement & supply Mini Dal Mills(As per details in Annexure-1 ) to selectedWSHG/FPO/FPCs/SHGs/FPOs/FPCsin different districts of Odisha. The details of the machines to be supplied and Cost of EoI document are indicated in the following table:

| Sl. No. | Name of the Post-Harvest Machine to be procured and supplied | Approximate nos. to be procured and supplied | Cost of EoI document |
|---|---|---|---|
| 1. | Mini Dal Mill with Single Phase, 1 HP Electric Motor (as per specification in Annexure-1A) | 220 Nos. | Rs.10000.00+ Rs.1800.00 (GST), Non-refundable |

The EoI documents can be downloaded from the website of Government of Odisha ( www.odisha.gov.in /https//agrisnetodisha.ori.nic.in) from 16.02.2023 to 02.03.2023.The cost of EoI documents is Rs.10000/- + 18% GST to be deposited in shape of Bank Draft drawn in favour of "Development Engineer, OFMRDC, Bhubaneswar" payable at Bhubaneswar. The EoI documents may be sent through registered post/ speed post/Courrier only addressed to the Development Engineer OFMRDC, Satyanagar, Bhubaneswar-751007. The last date of receipt of the EoI documents is 03.03.2023 up to 5:00 P.M. The Technical Bid submitted in the EoI documents shall be opened on next working day i.e. on 04.03.2023 at 3:00 P.M. in presence of the bidders or their authorized representatives. Any clarification may be obtained from the Office of the Development Engineer ( Mobile No.9778312631) on working days only from 16.02.2023 to 02.03.2023 during office hours between 11 A.M. to 5 P.M. The undersigned reserves the right to cancel any or all bids without assigning any reason and without incurring any liabilities thereof. The undersigned also reserves the right to relax any clauses as in technical & financial bids.

Sd./- Director of Agriculture & Food Production
Odisha, Bhubaneswar
OIPR-01051/11/0010/2223

**OFFICE OF THE DISTRICT FISHERIES OFFICER, KANDHAMAL PHULBANI**
Phone: -06842-253683
Mail Id:-dfokandhamal@gmail.com
Quotation Notice No.244/Dt.13.02.2023

**No.M-84:**Sealed quotation in plain papers are invited from intending travel Agencies/ Tour Operators/ Private Vehicle owners of Bolero/ Indigo diesel driver non A/c vehicle with a minimum fuel efficiency of 12 & 17 Km/ litre respectively for the year 2023-24 which will be received from Dt. 20.02.2023 up to Dt.27.02.2023 of 01.00 PM in the Official hour & day and will be opened on the same day (i.e. 27.02.2023) at 3.30 PM in presence of quotationer or their authorised representative at the Office of the undersigned. The sealed cover should be superscribed as **"Quotation for Monthly Hire Charges of Vehicle"** at the top. The monthly rate of hire charges should be quoted excluding fuel & lubricants. The quotation should be accompanied with a security deposit of Rs. 5000.00 (Rupees Five Thousand) only in shape of Account payee Bank Draft dully pledge in favour of District Fisheries Officer, Kandhamal, Phulbani, Payable at Phulbani which will be refunded to the un-success quotationer after finalisation of quotation. The security deposit of the successful quotationer may be forfeited if he/ she fails to provide vehicle or violet any point on terms & conditions. The terms & conditions for hiring vehicle with application Form will be available with the office of undersigned on payment of Rs. 100/- (Rupees One Hundred) only from Dt. 20.02.2023 (10.00 AM) to Dt. 27.02.2023 (01.00 PM). The filled in application form of the quotation in all respect should be accompanied with self attested Xerox copy of valid Registration Certificate, Insurance Certificate, Fitness Certificate, Contract Carriage Permit, Pollution Certificate, Proof of up to dated Tax payment, Light Transport Vehicle driving licence of driver and agreed Term & condition. **The vehicle must be in road worthy condition and shall not be more than 3 (Three) years old from date of initial registration.**
The rate so approved by the committee will be valid up-to Dt. 28.02.24.
The undersigned reserve the right to accept or reject any or all quotations without assigning any reason thereof.

Sd./- District Fisheries Officer
Kandhamal, Phulbani
OIPR-06067/11/0002/2223

**ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିମେଳା**
**OFFICE OF THE NOTIFIED AREA COUNCIL, BALIMELA**
Odisha, Pin-764051, e-Mail: eonacbalimela@gmail.com
Letter No.288/2023 Dated:- 14.02.2023

**EXPRESSION OF INTEREST**

**No.C-2468:-** Expression of Interest are invited from the interesting candidate for requirement of One Lab Technician (only Women/ Transgender person of locality) will be hired for NAC Balimela Treatment Plant (SeTP), Nandi Line, Ward No.-11 which has to be operated by Bana Durga SHG/Mission Shakti Group.

**Qualification:**
1. **Compulsory**: M.Sc. in Chemistry/M.Sc. Biochemistry/M.Sc. Environmental Science or any equivalent degree and B.Sc. Chemistry.
2. **Desirable**: 1 year work experience in the same field.

**Job Role:**
1. To support the CLF/ALF/Mission Shakti Group/Transgender Group towards adherence to standarized SOP for O&M of the SeTP.
2. To perform all the tests required to be done at the SeTP at every interface as per SOP developed by OWSSB.
3. To maintain record of all data generated and ensure sufficient inventory of all consumables required at the SeTP.
4. To coordinate with the ULB on O&M of SeTP.
5. To seek technical support from OWSSB and ULB as and when required.

**N.B.: 1. The selected candidate work as the staff of Selected SHG i.e. Banadurga SHG.**
**2. She is not treated as NAC employee.**

**Remuneration: Rs.15000/- per Month (Consolidated)**

**All the documents should reach the undersigned on 28.02.2023 by 04.00 PM through Registered Post / Speed Post only and the same will be opened on the same day i.e. on 28.02.2023 at 5.00 PM. The applicant is remain present at the time of opening of Application.**

Sd./- Executive Officer
NAC, Balimela
OIPR-13140/11/0018/2223

See Career Appointment on every Wednesday & Saturday

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: କ୍ରମାଗତ ୩ୟ ଦିନ ଲାଗି ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ବିଶେଷକରି ଗୁରୁବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୪୪ (୪୪.୪୨) ପଏଣ୍ଟ ବଢ଼ି ୬୧,୩୨୦ (୬୧,୩୧୯.୫୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୨୦ (୨୦.୦୦) ପଏଣ୍ଟ ବୃଦ୍ଧି ଘଟି ୧୮,୦୩୬ (୧୮,୦୩୫.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ‘ପରିବହନ କ୍ଷେତ୍ରରେ ପରିବର୍ତ୍ତନ ଆଣିବ’

**ପିଏମ୍ ଗତିଶକ୍ତି ଓ ଜାତୀୟ ଲଜିଷ୍ଟିକ୍ସ ନୀତି ଉପରେ ବିସ୍ତୃତ ଆଲୋଚନା**




ଭୁବନେଶ୍ୱର,୧୬।୨

କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ‘ପିଏମ୍ ଗତିଶକ୍ତି ଓ ଜାତୀୟ ଲଜିଷ୍ଟିକ୍ସ ନୀତି’ ଶୀର୍ଷକ ବିଷୟବସ୍ତୁ ଉପରେ ପୂର୍ବ ଜୋନ୍ ସମ୍ମିଳନୀ ସ୍ଥାନୀୟ ଜୟଦେବ ନିକଟସ୍ଥ ଏକ ହୋଟେଲ ପରିସରରେ ଆୟୋଜିତ ହୋଇଯାଇଛି। ବିଶେଷ କରି ଭାରତ ସରକାର ଅଧୀନରେ ଥିବା ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ସମ୍ବୋଧିତ କରି କହିଥିଲେ, ଲଜିଷ୍ଟିକ୍ସ ହେଉଛି ଦେଶ ପାଇଁ ସବୁଠୁ ବଡ଼ ଆହ୍ୱାନ। ଏପରିକି ପିଏମ୍ ଗତିଶକ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହାଦ୍ୱାରା ପରିବହନ କ୍ଷେତ୍ରର ଏକ ବୈପ୍ଳବିକ ପରିବର୍ତ୍ତନ ସହ ବିଭିନ୍ନ ବିଭାଗରେ ରହିଥିବା ବାଧକଗୁଡ଼ିକ ଦୂର କରିବାରେ ଦୀର୍ଘକାଳୀନ ଭିତ୍ତିରେ ସହାୟତା ମିଳିବ। ସେହିଭଳି ବିଭିନ୍ନ ବିଭାଗ ଓ ମନ୍ତ୍ରଣାଳୟକୁ ଗୋଟିଏ ପ୍ଲାଟ୍‌ଫର୍ମକୁ ଆଣିବା ସହ ଦେଶ ମଧ୍ୟରେ ଏହା ବହୁ ପରିମାଣରେ ଖଣି ଓ ମାଲ ପରିବହନ ଦିଗରେ ବେଶ୍ ସହାୟକ ହୋଇପାରିବ। ଏପରିକି କେବଳ ଓଡ଼ିଶା ଦେଶର ୧୪ରୁ ୧୫ଟି ରାଜ୍ୟକୁ ତାପଜ କୋଇଲା ପରିବହନ କରୁଛି, ପୂର୍ବାଞ୍ଚଳ କ୍ଷେତ୍ରରେ ଲଜିଷ୍ଟିକ୍ସ ସୁବିଧାର ବିକାଶ ଆବଶ୍ୟକତା ଉପରେ ସେ ବିସ୍ତୃତ ଆଲୋକପାତ କରିଥିଲେ। ସେହିପରି ଇସ୍ପାତ ମନ୍ତ୍ରଣାଳୟର ସଚିବ ନଗେନ୍ଦ୍ର ନାଥ ସିହ୍ନା କହିଥିଲେ, ଇସ୍ପାତ କ୍ଷେତ୍ର ପାଇଁ ଲଜିଷ୍ଟିକ୍ସ ଏକ ଜୀବନ ଓ ମୃତ୍ୟୁ ପରିସ୍ଥିତି ଭଳି ସମସ୍ୟା ଲାଗି ରହିଛି। ଏପରିକି ଗୋଟିଏ ଟନ୍ ଇସ୍ପାତ ଉତ୍ପାଦନ ଲାଗି ୪ ଟନ୍ ସାମଗ୍ରୀ ପରିବହନ କରିବାକୁ ପଡ଼ିଥାଏ। ତେଣୁ ୧୨୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ଲାଗି ପ୍ରାୟ ୬୦୦ନିୟୁତ ଟନ୍ ସାମଗ୍ରୀକୁ ସାରା ଦେଶରେ ପରିବହନ କରାଯିବାର ଆବଶ୍ୟକତା ରହିଛି। ଅପରପକ୍ଷରେ କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଏମ୍. ନାଗରାଜୁ କହିଥିଲେ, ପିଏମ୍ ଗତିଶକ୍ତି କାର୍ଯ୍ୟକ୍ରମରେ ନିହିତ ରହିଥିବା ସମନ୍ୱୟ ଦୃଷ୍ଟିକୋଣ ଉତ୍ପାଦନ କ୍ଷମତା ବଢ଼ାଇବ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ। ଏଥିସହିତ ଭିତ୍ତିଭୂମି ନିର୍ମାଣରେ ବର୍ଜ୍ୟବସ୍ତୁ ପରିମାଣ ମଧ୍ୟ ହ୍ରାସ କରିବ। ଉକ୍ତ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ୪ ରାଜ୍ୟରେ ପ୍ରାକୃତିକ ସମ୍ବଳ ଭର୍ତ୍ତି ହୋଇରହିଛି ବୋଲି ନାଗରାଜୁ କହିଥିଲେ। ଦେଶର ଶିଳ୍ପ ବିକାଶରେ ଏହି ସବୁ ରାଜ୍ୟ ଦୃଢ ମୂଳ ଦୁଆ ନିର୍ମାଣ କରିବାରେ ସହାୟକ ହୋଇପାରିବେ ବସ୍ତୁ ଓ ସାମଗ୍ରୀର ବାଧାମୁକ୍ତ ଓ ବ୍ୟୟସାପେକ୍ଷ ପରିବହନ ସୁନିଶ୍ଚିତ କରିବା ଲାଗି ଏ ସବୁ ରାଜ୍ୟରେ ଏକ ବ୍ୟବସ୍ଥିତ ଲଜିଷ୍ଟିକ୍ସ ନୀତି ବିଶେଷ ସହାୟକ ହୋଇପାରିବ। ଝାଡ଼ଖଣ୍ଡ ସରକାରଙ୍କ ଖଣି ସଚିବ ଅବୁବାକର ସିଦ୍ଦିକି ପି, ଏନ୍ଏଲ୍ସିଆଇଏଲ୍‌ର ଅଧ୍ୟକ୍ଷ ପ୍ରସନ୍ନ କୁମାର ମୋଟୁପଲ୍ଲୀ ମଧ୍ୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ।

## ଗୋଦ୍‌ରେଜ୍‌ର ଲିକ୍ ପ୍ରୁଫ୍ ସ୍ପ୍ଲିଟ୍ ଏୟାର କଣ୍ଡିସନର




ଭୁବନେଶ୍ୱର,୧୬।୨

ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ଆଣ୍ଟି ଲିକ୍ ପ୍ରଯୁକ୍ତିକୁ ବ୍ୟବହାରକରି ପ୍ରସ୍ତୁତ କରାଯାଇଥିବା ଲିକ୍ ପ୍ରୁଫ୍ ସ୍ପ୍ଲିଟ୍ ଏୟାର କଣ୍ଡିସନରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ପକ୍ଷରୁ ମଧ୍ୟ ଉକ୍ତ ପ୍ରଯୁକ୍ତିର ପେଟେଣ୍ଟ ପାଇଁ ଆବେଦନ କରାଯାଇଛି। ବିଶେଷକରି ଚିନ୍ତାଶୀଳ ଭାବେ ବସ୍ତୁ ତିଆରି କରିବା ଦର୍ଶନକୁ ନେଇ ପ୍ରସ୍ତୁତ ଶିଳ୍ପର ଏହି ପ୍ରଥମ ନବସୃଜନ ଆଜିର ଦିନରେ ଏସି ବ୍ୟବହାରକାରୀମାନେ ସାମ୍ନା କରୁଥିବା ଅନେକ ସମସ୍ୟାର ସମାଧାନ କରିପାରିବ। ସେହିଭଳି ଗୋଦ୍‌ରେଜ୍ ଲିକ୍ ପ୍ରୁଫ୍ ସ୍ପ୍ଲିଟ୍ ଏସିରେ ବ୍ୟବହାର କରାଯାଇଥିବା ସମ୍ପୂର୍ଣ୍ଣ ନୂଆ ଆଣ୍ଟି ଲିକ୍ ପ୍ରଯୁକ୍ତିର ଲକ୍ଷ୍ୟ ହେଉଛି, ଏସିରୁ ହେଉଥିବା ଲିକ୍ ପାଇଁ ସ୍ଥାୟୀ ସମାଧାନ ପ୍ରଦାନ କରିବା। ଏଥିରେ ୫ଇନ୍-୧ କନ୍‌ଭର୍ଟିବଲ୍ କୁଲିଂ ପ୍ରଯୁକ୍ତି, ଆଇ-ସେନ୍ସ ପ୍ରଯୁକ୍ତି, ଇନ୍‌ଭର୍ଟର ପ୍ରଯୁକ୍ତି, ଆର୍‌୩୨ ପରିବେଶ ମିତବ୍ୟୟୀ ରେଫ୍ରିଜରାଣ୍ଟ, ୧୦୦% କପର କଏଲ୍ ଏବଂ କଳଙ୍କିବିହୀନ ପାଇପ୍ ଭଳି ସୁବିଧା ରହିଛି। ଏ ସମ୍ପର୍କରେ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ବ୍ୟବସାୟ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ଉପସଭାପତି କମଳ ନନ୍ଦୀ କହିଛନ୍ତି, ଗ୍ରାହକମାନେ ସାମ୍ନା କରୁଥିବା ଯେକୌଣସି ପ୍ରକାର ସମସ୍ୟାକୁ ଅତ୍ୟାଧୁନିକ ପ୍ରଯୁକ୍ତିର ଅଭିନବ ଉପାୟରେ ସମାଧାନ କରିବା ଲାଗି ଆମେ ନିରନ୍ତର ଭାବେ କାର୍ଯ୍ୟ କରୁଛୁ। ଆମର ଗବେଷଣା ଓ ଡିଜାଇନ୍ ସେଣ୍ଟରରେ ଏକାଧିକ ପରୀକ୍ଷଣ ପରେ ଆମେ ଉପଯୁକ୍ତ ଆଣ୍ଟି ଲିକ୍ ପ୍ରଯୁକ୍ତିର ବିକାଶ କରିଥିଲୁ।

## ଓଡ଼ିଶା ବଜାରରେ ପ୍ରବେଶ କରିବ ବର୍ଗର ସିଂ

ଭୁବନେଶ୍ୱର,୧୬।୨

ଦେଶର ପ୍ରମୁଖ ଫୁଡ୍ ପ୍ଲାଟ୍‌ଫର୍ମ ତଥା ଭାରତ ନିର୍ମିତ ବର୍ଗର ଚେନ୍ ‘ବର୍ଗର ସିଂ’ ପ୍ରଥମ ଥର ପାଇଁ ଓଡ଼ିଶା ବଜାରରେ ପ୍ରବେଶ କରିବାକୁ ଯାଉଛି। ଭୁବନେଶ୍ୱର, ବ୍ରହ୍ମପୁର, କଟକ, ରାଉରକେଲା, ସମ୍ବଲପୁର ଭଳି ୮ଟି ପ୍ରମୁଖ ସହରରେ ତା’ର ନୂଆ ବିକ୍ରୟ କେନ୍ଦ୍ର ଖୋଲିବା ସହ ଉକ୍ତ ବିକ୍ରୟ କେନ୍ଦ୍ରରେ ୧୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତ ପ୍ରଦାନ କରିବ ବୋଲି ବର୍ଗର ସିଂ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ବର୍ଗର ସିଂର ପ୍ରତିଷ୍ଠାତା ତଥା ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର କବିର ଜିତ ସିଂ କହିଛନ୍ତି, ଆମେ ଓଡ଼ିଶାକୁ ଆମ ବ୍ୟବସାୟ ସମ୍ପ୍ରସାରିତ କରି ଭାରତ ଉପଯୋଗୀ ବର୍ଗରର ଉତ୍ପାଦ ସବୁ ବର୍ଗଙ୍କୁ ଯୋଗାଇଦେବୁ। ସେହିଭଳି ଆମର ଉତ୍ପାଦ ବର୍ଗଗୁଡ଼ିକୁ ଓଡ଼ିଶା ବଜାରରେ ପ୍ରଦର୍ଶନ କରିବାକୁ ଆଗ୍ରହୀ ଅଛୁ। ଏପରିକି ଆମେ ଆଶା କରୁଛୁ ଯେ ବର୍ଗର ସିଂ ସାମାନ୍ୟ ବର୍ଗରକୁ ଅପ୍ରତ୍ୟାଶିତ ଭାବେ ଖାଦ୍ୟ ବର୍ଗରେ ସାମିଲ କରାଇବା ସହ ଉକ୍ତ ଅଞ୍ଚଳରେ ଏକ ଉଚ୍ଚତର ସ୍ତରକୁ ନେଇଯିବା ଏବଂ ଆମ ଗ୍ରାହକଙ୍କ ହୃଦୟ ଜିତିବା ପରମ୍ପରା ଜାରି ରଖୁଛି ବୋଲି କବିର ମତପ୍ରକାଶ କରିଛନ୍ତି।




ଜୀ ସାର୍ଥକ ପକ୍ଷରୁ ଗୁରୁବାର ସ୍ଥାନୀୟ ଅଶୋକନଗରଠାରେ ଆୟୋଜିତ ଜୀ ସାର୍ଥକ ଫିଲ୍ମସର ନୂଆ ଓଡ଼ିଆ ସିନେମା ‘ବନ୍ଦିନୀ’ର ଅଡିଓ ଓ ପୋଷ୍ଟର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉପସ୍ଥିତ କଳାକାର, ବନ୍ଦିନୀ ଟିମ୍ ଓ ଜୀ ସାର୍ଥକର ବରିଷ୍ଠ ଅଧିକାରୀମାନେ ବନ୍ଦିନୀର ଅଡିଓ ଓ ପୋଷ୍ଟର ରିଲିଜ କରୁଛନ୍ତି।

## ଟାଟା ଷ୍ଟିଲ୍ ପକ୍ଷରୁ ଟିଏମ୍‌ଟି ବାର୍ ପରିବହନ

ଭୁବନେଶ୍ୱର,୧୬।୨

ଟାଟା ଷ୍ଟିଲ୍ ପକ୍ଷରୁ ଇଣ୍ଡୋ-ବାଂଲାଦେଶ ପ୍ରୋଟୋକଲ୍ ରୁଟ୍‌କୁ ବ୍ୟବହାରକରି ପଶ୍ଚିମବଙ୍ଗରୁ ତ୍ରିପୁରାକୁ ମଲ୍ଟି-ମୋଡାଲ ମାଧ୍ୟମରେ ଟିଏମ୍‌ଟି ବାର୍ ପରିବହନ କରାଯାଇଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଉପସଭାପତି ଜିଏସ୍‌ପି ଆଣ୍ଡ ସପ୍ଲାଏ ଚେନ୍ ପୀୟୂଷ ଗୁପ୍ତା କହିଛନ୍ତି, ଅନ୍ତର୍ଦ୍ଦେଶୀୟ ଜଳପଥକୁ ବ୍ୟବହାର ପାଇଁ ଉଭୟ ଭାରତ ଓ ବାଂଲାଦେଶ ନିମନ୍ତେ ଇଣ୍ଡୋ-ବାଂଲାଦେଶ ପ୍ରୋଟୋକଲ୍ ରୁଟ୍ ଏକ ଭରସାଯୋଗ୍ୟ ସମନ୍ୱିତ ଲଜିଷ୍ଟିକ୍ସ ସମାଧାନରେ ପରିଣତ ହୋଇଛି। ବିଶେଷ କରି ଉତ୍ତର ପୂର୍ବାଞ୍ଚଳରେ ବୃଦ୍ଧି ପାଉଥିବା ବଜାରକୁ ଭଲ ଭାବେ ସାମଗ୍ରୀ ଯୋଗାଇ ଗ୍ରାହକମାନଙ୍କ ନିକଟରେ ପହଞ୍ଚିବାରେ ଏହା ଆହୁରି ସହାୟକ ହୋଇପାରିବ। ପରିବହନର ମାଧ୍ୟମ ଓ ମଲ୍ଟିମୋଡାଲ ମାଲ ପରିବହନର ଏକ ମାଧ୍ୟମ ଭାବେ ଏହି ରୁଟ୍ ଏକ ଚମତ୍କାର ଉଦାହରଣ। ଏହା ପିଏମ୍ ଗତିଶକ୍ତି କାର୍ଯ୍ୟକ୍ରମକୁ ସମର୍ଥନ କରିବାର ଏକ ଉଦ୍ୟମ ଏବଂ କମ୍ପାନୀର ସ୍କୋପ୍ ୩ କାର୍ବନ ପରିମାଣ କମ୍ କରିବା ଦିଗରେ ଏକ ଅଭିଯାନ। ଏହା ଇସ୍ପାତ କ୍ଷେତ୍ରକୁ ଡିକାର୍ବନାଇଜ୍ କରିବାରେ ଯୋଗଦାନ ପ୍ରଦାନ କରିବ। ସେହିଭଳି ଟାଟା ଷ୍ଟିଲ୍‌ର ଚିଫ୍ ଗ୍ରୁପ୍ ଶିପିଙ୍ଗ୍ ରଞ୍ଜନ ସିହ୍ନା କହିଛନ୍ତି, ଏହି ପରିବହନ ଲାଗି ଟିଏମ୍‌ଆଇଏଲ୍ଏଲ୍ ଟିମ୍ ସହିତ ଟାଟା ଷ୍ଟିଲ୍ କରିଥିବା ଉଦ୍ୟମ ପ୍ରଶଂସାଯୋଗ୍ୟ। ନିଜ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ଲାଗି ଏହି ସମୟକୁ ଆହୁରି ହ୍ରାସ କରିବାକୁ କମ୍ପାନୀ ଆଶା ରଖିଛି। ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଅତିରିକ୍ତ ଓ ଛୋଟ ଅଞ୍ଚଳଗୁଡ଼ିକୁ ସେବା ପ୍ରଦାନ କରିବା ଲାଗି ଏହି ରୁଟ୍‌କୁ ବ୍ୟବହାର କରିବା ସମ୍ଭାବନା ରହିଛି।

# ଫୁର୍‌ସତ



କାର୍ତ୍ତିକ ଆର୍ଯ୍ୟାନ୍

## ବଡ଼ ପରଦାରେ କାର୍ତ୍ତିକଙ୍କ ‘ଶେହଜାଦା’

**ମୁମ୍ବାଇ:** ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟାନ୍ ତାଙ୍କ ଆଗାମୀ ଫିଲ୍ମ ‘ଶେହଜାଦା’ର ପ୍ରମୋଶନକୁ ନେଇ ବ୍ୟସ୍ତ ଅଛନ୍ତି। ସେ ଦେଶର ବିଭିନ୍ନ ସ୍ଥାନକୁ ଯାଇ ସେଠାରେ ଫିଲ୍ମର ପ୍ରମୋଶନ କରୁଛନ୍ତି। ଏହା ମଧ୍ୟରେ ଶାହରୁଖ ଖାନ୍‌ଙ୍କ ଫିଲ୍ମ ‘ପଠାନ’ ଭଳି ଦୁବାଇର ବୁର୍ଜ ଖଲିଫାରେ କାର୍ତ୍ତିକଙ୍କ ଫିଲ୍ମ ‘ଶେହଜାଦା’ର ଟ୍ରେଲର ଦେଖିବାକୁ ମିଳିଛି। ଏଥିନେଇ ସେ ତାଙ୍କ ସୋସିଆଲ ମିଡିଆରେ ଭିଡିଓ ଶେୟାର କରିଛନ୍ତି। ତେବେ କାର୍ତ୍ତିକଙ୍କ ଏହି ବହୁ ପ୍ରତୀକ୍ଷିତ ଫିଲ୍ମ ଫେବୃୟାରୀ ୧୭ ଅର୍ଥାତ୍ ଶୁକ୍ରବାର ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଛି। ଫିଲ୍ମ ପାଇଁ ପ୍ରି ବୁକିଂ ମଧ୍ୟ ଏହି ସପ୍ତାହ ପ୍ରାରମ୍ଭରୁ ଆରମ୍ଭ ହୋଇଯାଇଛି। ଏହାର ଡିଜିଟାଲ ଷ୍ଟ୍ରିମିଂ ଏବଂ ମ୍ୟୁଜିକ୍ ରାଇଟ୍ସ ବିକ୍ରୟ କରି ବଜେଟ୍‌ର ପାଖାପାଖି ୭୦ ପ୍ରତିଶତରୁ ଅଧିକ ରୋଜଗାର କରିସାରିଲାଣି। ରିପୋର୍ଟ ମୁତାବକ, ନିର୍ଦ୍ଦେଶକ ରୋହିତ ଧାୱନଙ୍କ ଫିଲ୍ମ ‘ଶେହନାଜ’ ୬୫ କୋଟି ବଜେଟ୍‌ରେ ପ୍ରସ୍ତୁତ କରାଯାଇଛି। ଫିଲ୍ମ ରିଲିଜ୍ ହେବା ପୂର୍ବରୁ ମ୍ୟୁଜିକ୍ ରାଇଟ୍ସରେ ୧୦ କୋଟି, ସାଟେଲାଇଟ୍ସ ୧୫ କୋଟି, ଓଟିଟି ରାଇଟ୍ସ ଡିଜିଟାଲ ଷ୍ଟ୍ରିମିଂ ପାଇଁ ୪୦ କୋଟି ବିକ୍ରି ହୋଇଥିବା ଜଣାପଡ଼ିଛି। ତେବେ ଏହି ଫିଲ୍ମ ପାଇଁ କାର୍ତ୍ତିକ କୌଣସି ଫି’ ନେଇ ନ ଥିବା ଜଣାପଡ଼ିଛି। ଫିଲ୍ମରେ କାର୍ତ୍ତକଙ୍କ ସମେତ କୀର୍ତ୍ତି ସାନନ୍ ଜଣେ ଓକିଲ ଭୂମିକାରେ ନଜରକୁ ଆସିବେ। ଏଥିସହ ମନୀଷା କୋଇରାଲା, ପରେଶ ରାୱଲ, ରୋନିତ୍ ରୟ, ସନି ହିନ୍ଦୁଜା, ସାଲିନି କପୁର ପ୍ରମୁଖଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ କାର୍ତ୍ତିକ ଏବଂ କୀର୍ତ୍ତିଙ୍କୁ ୨ୟ ଥର ପାଇଁ ଏକାଠି ଦେଖିବାକୁ ମିଳିବ। ଏହା ପୂର୍ବରୁ ଦୁହେଁ ଏକାଠି ଫିଲ୍ମ ‘ଲୁକା ଛୁପି’ରେ ନଜର ଆସିଥିଲେ। ଏହି ଚଳଚ୍ଚିତ୍ରଟି ଅଲ୍ଲୁ ଅର୍ଜୁନଙ୍କ ତେଲୁଗୁ ଫିଲ୍ମ ‘ଆଲା ବୈକୁଣ୍ଠପୁରମଲ୍ଲୁ’ର ଅଫିସିଆଲ୍ ହିନ୍ଦୀ ରିମେକ୍।

## ଭାରତୀୟ ସେନା ପାଇଁ ବେଙ୍ଗାଲୁରୁର ଜେଟ୍‌ପ୍ୟାକ୍ ସୁଟ୍

ନୂଆଦିଲ୍ଲୀ



ବେଙ୍ଗାଲୁରୁର ଏକ କମ୍ପାନୀ ଭାରତୀୟ ସଶସ୍ତ୍ର ବାହିନୀ ପାଇଁ ଜେଟ୍‌ପ୍ୟାକ୍ ସୁଟ୍ ଯୋଗାଇବାରେ ଉଦ୍ୟମ ଚଳାଇଛି। ଯେଉଁଥିରେ କି ଭାରତୀୟ ସେନା ଏହି ସୁଟ୍‌ରେ କଠିନ ଅଞ୍ଚଳରେ ବ୍ୟକ୍ତିଗତ ଭାବେ ଉଡ଼ିବାରେ ସକ୍ଷମ ହୋଇପାରିବ। ତେବେ ଜାନୁୟାରୀରେ ଭାରତୀୟ ସେନା ୪୮ଟି ଜେଟ୍‌ପ୍ୟାକ୍ ସୁଟ୍ ପାଇଁ ଏକ ପ୍ରସ୍ତାବ ଦେଇଥିଲା। ଜେଟ୍‌ପ୍ୟାକ୍ ସୁଟ୍ ହେଉଛି ସେନାଙ୍କ ଏକ ଅଂଶ, ଯାହାକି ଜରୁରିକାଳୀନ ପରିସ୍ଥିତିରେ ବ୍ୟକ୍ତିଗତ ଭାବେ ଶୀଘ୍ର ସେହି ସ୍ଥାନରେ ପହଞ୍ଚିବାରେ ସାହାଯ୍ୟ କରେ। ବେଙ୍ଗାଲୁରୁ ଦ୍ୱାରା ପ୍ରସ୍ତୁତ ଏହି ଜେଟ୍‌ପ୍ୟାକ୍ ସୁଟ୍ ଇନ୍ଧନ ଭାବେ ଡିଜେଲରେ ପରିଚାଳିତ ହେବ। ଏହା ମୁଖ୍ୟତଃ ୧୦ କି.ମି. ଏବଂ ୮ ମିନିଟ ପର୍ଯ୍ୟନ୍ତ ଉଡ଼ିବାରେ ସକ୍ଷମ ହୋଇପାରିବ। ଏହି ସୁଟ୍ ୪୦ରୁ ୮୦ କିଲୋ ଭାର ବହନ କରିପାରିବାର କ୍ଷମତା ରଖିଛି। ସୁଟ୍ ୩ ହଜାର ମିଟର ଉଚ୍ଚତାରେ ଉଡ଼ିବା କ୍ଷମତା ରଖିଥିବାବେଳେ ଭୂମିଠାରୁ ଏହା ମୁଖ୍ୟତଃ ୧୦ରୁ ୨୦ ଫୁଟ୍ ମଧ୍ୟରେ ଉଡ଼ିବା ଉଚିତ। ଆବସଲ୍ୟୁଟ୍ କମ୍ପୋଜିଟ୍ ମ୍ୟାନେଜିଂ ଡାରେକ୍ଟର ରାଘବ ରେଡ୍ଡିଙ୍କ ତଥ୍ୟ ଅନୁସାରେ, ଭୂମିରେ ବାଧା ପରିସ୍ଥିତି ପାଇଁ ଏହି ସୁଟ୍ ବହୁତ ଭଲ। ବ୍ରିଟିଶ୍ ନାଗରିକ ରିଚାର୍ଡ ବ୍ରାଉନିଂ ଜେଟ୍‌ପ୍ୟାକ୍ ସୁଟ୍ ଉଦ୍ଭାବନ କରିଥିଲେ। ସେ ଏହି ସୁଟ୍‌କୁ ମୁଖ୍ୟତଃ ବ୍ରିଜ୍ ଭାଙ୍ଗିବା ସମୟରେ ନଦୀକୁ ପାର୍ କରିବା, ମାଇନ୍ ଅଞ୍ଚଳରେ କିଛି ଅସୁବିଧା ହେଲେ ସେଠାରୁ ଅନ୍ୟତ୍ର ଯାଇପାରିବା, ବନ୍ୟା ସମୟରେ ଜରୁରୀ ସାମଗ୍ରୀ ବଣ୍ଟନ ଏବଂ ସେହି ଅଞ୍ଚଳରୁ ଉଦ୍ଧାର ଆଦି ବିଭିନ୍ନ କାର୍ଯ୍ୟ ପାଇଁ ତିଆରି କରାଯାଇଥିଲା। ତେବେ ଏହି ଜେଟ୍‌ପ୍ୟାକ୍ ସୁଟ୍ ଅଗ୍ନି ଲାଗିଥିବା ଅଞ୍ଚଳର ଉତ୍ତାପ ବହନ କରିବାର କ୍ଷମତା ରଖିଥାଏ ଏବଂ ଏଥିରେ କିଛି ଔଷଧ ସାମଗ୍ରୀ ମଧ୍ୟ ନେବା ପାଇଁ ବ୍ୟବସ୍ଥା ରହିଛି।

## ପାଣି ଭିତରେ କିସ୍ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

**କେପ୍‌ଟାଉନ:** ନିକଟରେ ପ୍ରେମୀଯୁଗଳ ଭାଲେଣ୍ଟାଇନ୍ ଡେ’ ପାଳନ କରିଛନ୍ତି। ତେବେ ଜଣେ ଦମ୍ପତି ଏହି ଦିବସକୁ ଏକ ଭିନ୍ନ ଭାବେ ପାଳନ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ନିଜ ନାମ ଲେଖାଇଛନ୍ତି। ଦମ୍ପତି ସାଉଥ୍ ଆଫ୍ରିକାର ବେଥ୍ ଲେଇଲେ ଏବଂ କାନାଡାର ମାଇଲ୍ସ କ୍ଲଉଟିର୍ ପାଣି ଭିତରେ କିସ୍ କରି ବିଶ୍ୱ ରେକର୍ଡ କରିଛନ୍ତି। ସେମାନେ ପାଣି ଭିତରେ ରହି ୪ ମିନିଟ୍ ୬ ସେକେଣ୍ଡ ପର୍ଯ୍ୟନ୍ତ କିସ୍ କରିଥିଲେ, ଯାହାକି ପୂର୍ବ ରେକର୍ଡକୁ କାଟି ଦେଇଛି। ପୂର୍ବ ରେକର୍ଡରେ ଏହାର ସମୟ ୩ ମିନିଟ୍ ୨୪ ସେକେଣ୍ଡ ଥିଲା। ଏହି କିସ୍ ସମ୍ପର୍କରେ ଦମ୍ପତିଙ୍କୁ ୩ ବର୍ଷ ପୂର୍ବେ ଏପରି ଉପାୟ ଆସିଥିଲା। ଏହି ରେକର୍ଡ କରିବାର କିଛି ସପ୍ତାହ ପୂର୍ବରୁ ଦମ୍ପତି ଏହାର ଟ୍ରେନିଂ ନେବା ଆରମ୍ଭ କରିଥିଲେ। ହେଲେ ଏହା ସେମାନଙ୍କ ପାଇଁ କଷ୍ଟ ଏବଂ ବିପଦପୂର୍ଣ୍ଣ ଥିଲା। ପ୍ରଥମେ ଆଗରୁ ହୋଇଥିବା ପୂର୍ବ ରେକର୍ଡ ପର୍ଯ୍ୟନ୍ତ ଯିବା ପାଇଁ ସେମାନଙ୍କୁ କଷ୍ଟ ହେଉଥିଲା। ହେଲେ ଟ୍ରେନିଂ ଫଳରେ ସେମାନେ ଏହି ରେକର୍ଡ ହାସଲ କରିଥିବା କହିଛନ୍ତି।





## ସ୍ତ୍ରୀଙ୍କୁ ସରପ୍ରାଇଜ ଦେବାକୁ ହାତରେ ମ୍ୟାରେଜ୍ ସାର୍ଟିଫିକେଟ ଟାଟୁ



**ବ୍ୟାଙ୍କକ:** ପ୍ରେମୀଯୁଗଳ ତାଙ୍କ ପ୍ରେମ ପାଇଁ ଭାଲେଣ୍ଟାଇନ୍ ଡେ’ରେ ବିଭିନ୍ନ ପ୍ରକାର ଖାଦ୍ୟ କିମ୍ବା ଅନ୍ୟ ସାମଗ୍ରୀ ଗିଫ୍ଟ ଆକାରରେ ଦେଇଥାନ୍ତି। ତେବେ ଜଣେ ୩୪ ବର୍ଷୀୟ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ସରପ୍ରାଇଜ ଦେବା ପାଇଁ ଏକ ଉପାୟ ଅବଲମ୍ବନ କରିଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ଥାଇଲାଣ୍ଡର ସରାବୁଲି ସହରର ଜଣେ ଟାଟୁ ଆର୍ଟିଷ୍ଟ ତାଙ୍କ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ ଜଣେ ବ୍ୟକ୍ତିଙ୍କ ହାତରେ ଏକ ସାର୍ଟିଫିକେଟର ଟାଟୁ ହୋଇଥିବା ଦେଖାଯାଉଛି। ଦମ୍ପତିଙ୍କ ବିବାହକୁ ୮ ବର୍ଷ ପୂରିଥିବାବେଳେ ସ୍ତ୍ରୀଙ୍କୁ ଭାଲେଣ୍ଟାଇନ୍ ସରପ୍ରାଇଜ ଦେବା ପାଇଁ ସ୍ୱାମୀ ନିଜ ହାତରେ ତାଙ୍କ ମ୍ୟାରେଜ୍ ସାର୍ଟିଫିକେଟକୁ ଟାଟୁ କରିଦେଇଛନ୍ତି। ତେବେ ଏହା କରିବାକୁ ଟାଟୁ ଆର୍ଟିଷ୍ଟଙ୍କୁ ୮ ଘଣ୍ଟା ସମୟ ଲାଗିଥିଲା। ସ୍ୱାମୀଙ୍କ ହାତରେ ଏପରି ଟାଟୁ ଦେଖି ସ୍ତ୍ରୀ ବହୁତ ଖୁସି ହୋଇଥିଲେ। ଏହି ଟାଟୁ ସେମାନଙ୍କ ପ୍ରେମର ପ୍ରତୀକ ବୋଲି ସେ କହିଛନ୍ତି।

## ସମୁଦ୍ରରେ ଡଙ୍ଗା ବୁଡ଼ି ମତ୍ସ୍ୟଜୀବୀ ମୃତ

ଗଞ୍ଜାମ,୧୬।୨(ଡି.ଏନ୍.ଏ.): ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ପୋଡ଼ମପେଟା ଗ୍ରାମର ଜଣେ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ମାରିବାକୁ ଯିବାବେଳେ ଡଙ୍ଗା ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ସେ ହେଲେ ଏନ. କାଳିଆ (୩୫)। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ସବୁଦିନ ଭଳି ଗୁରୁବାର ଭୋର ସମୟରେ କାଳିଆ ଡଙ୍ଗା ନେଇ ମାଛ ଧରିବାକୁ ସମୁଦ୍ରକୁ ଯାଉଥିଲେ L ହଠାତ୍ ଉଚ୍ଚ ଜୁଆର ଆସିଯିବାରୁ ଡଙ୍ଗାଟି ଭାରସ୍ୟାମ ହରାଇ ଓଲଟି ପଡ଼ିଥିଲା। କାଳିଆ ବୁଡ଼ିଯାଇ ପ୍ରାଣ ହରାଇଥିଲେ। ରମ୍ଭା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ମେଡିକାଲକୁ ପଠାଇଛି ।

## ସଂକ୍ଷେପରେ

### ଲାଞ୍ଚ: ଭିଜିଲାନ୍ସ ଜାଲରେ ଆର୍‌ଆଇ


ସତ୍ୟନାରାୟଣ କଉଡ଼ି

କୁଚିଣ୍ଡା,୧୬।୨(ଡି.ଏନ.ଏ.): ସମ୍ବଲପୁର ଜିଲା କୁଚିଣ୍ଡା ତହସିଲ ଅନ୍ତର୍ଗତ ଗୋଛରା ରାଜସ୍ୱ ନିରୀକ୍ଷକ ସତ୍ୟନାରାୟଣ କଉଡି ଗୁରୁବାର ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସମ୍ବଲପୁର ଭିଜିଲାନ୍ସ ବିଭାଗ ହାତରେ ଧରାପଡି ଗିରଫ ହୋଇଛନ୍ତି। ଗୋଛରା ପଞ୍ଚାୟତ ଗୁରୁଆଁ ଗ୍ରାମର ଖତୁ କିଷାନ ନାମକ ବ୍ୟକ୍ତି ଜମି ପଟ୍ଟା ପାଇଁ କୁଚିଣ୍ଡା ତହସିଲରେ ଆବେଦନ କରିଥିଲେ। ଏ ସମ୍ପର୍କରେ କୁଚିଣ୍ଡା ତହସିଲରେ ଏକ ମ୍ୟୁଟେସନ ମାମଲା ରୁଜୁ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ତହସିଲ ପକ୍ଷରୁ ଗୋଛରା ଆର୍‌ଆଇଙ୍କୁ ନିର୍ଦ୍ଦେଶ ରହିଥିଲା। ମାତ୍ର ରିପୋର୍ଟ ଦେବା ପାଇଁ ଆର୍‌ଆଇ ଦରଖାସ୍ତକାରୀଙ୍କୁ କୁଆଡେ ଟଙ୍କା ଲାଞ୍ଚ ମାଗିଥିଲେ। ଖତୁ ଏ ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କଠାରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଭିଜିଲାନ୍ସ ଡିଏସ୍‌ପି କବିତା ସାହୁଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ଗୋଛରା ଆର୍‌ଆଇ ଅଫିସ ପାଖରେ ଛକି ବସିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଆର୍‌ଆଇ କଉଡି ୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ବିଭାଗ ଅତର୍କିତ ଚଢ଼ାଉ କରି ରାସାୟନିକ ପ୍ରଲେପ ଦିଆ ଟଙ୍କା ଜବତ ସହ ତାଙ୍କୁ ଗିରଫ କରିଥିଲେ। ପରେ କୁଚିଣ୍ଡା ମହୁଲଡିହିସ୍ଥିତ ତାଙ୍କ ଭଡା ଘରେ ମଧ ଭିଜିଲାନ୍ସ ଟିମ୍ ଯାଞ୍ଚ କରିଛି। ଏ ନେଇ ଭିଜିଲାନ୍ସ ବିଭାଗରେ କେସ୍ ନଂ.୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

### ୩୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୬।୨(ଡି.ଏନ୍.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ପୋଲିସ ନିକଟରେ ଗୁରୁବାର ୩୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧରେ ୩ଜଣ ହାର୍ଡକୋର ମାଓବାଦୀ ରହିଛନ୍ତି। ଏମାନଙ୍କ ପାଇଁ ଛତିଶଗଡ଼ ସରକାର ୩ ଲକ୍ଷ ଲେଖାଏ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ। ବର୍ତ୍ତମାନ ଛତିଶଗଡ଼ରେ ବହୁ ସିଆର୍‌ପିଏଫ୍ କ୍ୟାମ୍ପ ପ୍ରତିଷ୍ଠା ହେବାରୁ ଏହି ମାଓବାଦୀମାନେ ଭୟଭୀତ ହୋଇ ଆତ୍ମସମର୍ପଣ କରିଥିବା ସୁକ୍‌ମା ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ଏବେ ଛତିଶଗଡ଼ରେ ପୋଲିସ ଓ ସିଆର୍‌ପିଏଫ୍ ଦ୍ୱାରା ବହୁ ଉନ୍ନୟନମୂଳକ କାର୍ଯ୍ୟ ହେଉଛି। ପ୍ରତି ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟାଳୟ, ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିରେ ପ୍ରଭାବିତ ହୋଇ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ତେବେ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସେମାନଙ୍କୁ ଥଇଥାନ କରିବା ସହ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଏସ୍‌ପି କହିଛନ୍ତି।

### ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ

#### ଏୟୁସିସିବି ଶାଖାରୁ ଅର୍ଥ ଆତ୍ମସାତ୍ ମାମଲା

କାମାକ୍ଷାନଗର, ୧୬।୨(ଡି.ଏନ୍.ଏ.): କାମାକ୍ଷାନଗରସ୍ଥିତ ଅନୁଗୋଳ ସଂଯୁକ୍ତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଏୟୁସିସିବି) ଶାଖାରୁ ଅର୍ଥ ଆତ୍ମସାତ୍ ମାମଲାର ରାୟ ବୁଧବାର ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ସରୋଜିନୀ ସାହୁ ଏହାର ଶୁଣାଣି କରି ଅଭିଯୁକ୍ତ ସଞ୍ଜୟ ଶତପଥୀଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୩ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଏୟୁସିସିବିର କାମାକ୍ଷାନଗର ଶାଖାରେ କାର୍ଯ୍ୟରତ କର୍ମଚାରୀ ସଞ୍ଜୟ କୁମାର ଶତପଥୀ, ସହଦେବ ସାହୁ, ଅକ୍ଷୟ କୁମାର ମୁଦୁଲି, ଶାନ୍ତନୁ କୁମାର ବରାଳ ୧ କୋଟି ୧୫ ଲକ୍ଷ ୩୦୦ ଟଙ୍କାର ଅର୍ଥ ଆତ୍ମସାତ୍ କରିଥିବା ଅଡିଟ୍ ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା। ଏ ସମ୍ପର୍କରେ ତତ୍କାଳୀନ ବ୍ୟାଙ୍କ ସମ୍ପାଦକ ଭକ୍ତେଶ୍ୱର ମଲ୍ଲିକ ଭୁବନେଶ୍ୱରସ୍ଥିତ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୭/୧୯, ଦଫା ୪୦୯, ୪୬୭, ୪୬୮, ୪୭୧, ୪୭୭ (କ), ୧୨୦(ବି) ଦଫାରେ ମାମଲା ରୁଜୁ ହୋଇଥିଲା। ଡିଏସପି ମନୋଜ କୁମାର ସାମନ୍ତ ଏହାର ତଦନ୍ତ କରି କୋର୍ଟରେ ରିପୋର୍ଟ ଦାଖଲ କରିଥିଲେ। ଅଭିଯୁକ୍ତ ସଞ୍ଜୟ ବିଚାରାଧୀନ ବନ୍ଦୀ ଥିବାବେଳେ ଅଗ୍ରାଧିକାର ଭିତ୍ତିରେ ତାଙ୍କ ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଏପିପି ଅଶୋକ କୁମାର ଖୁଣ୍ଟିଆ ଏବଂ କ୍ୟାଭର ଏପିପି ସନ୍ଦୀପ ପଣ୍ଡା ମାମଲା ପରିଚାଳନା କରିଥିଲେ।

# ଦୁର୍ନୀତି ପ୍ରମାଣ ଥାଇ କାର୍ଯ୍ୟାନୁଷ୍ଠାନ ନାହିଁ

## ଚିଠି ଚାପି ଦେଇଛି ବନ ବିଭାଗ

- ଟିଟିଲାଗଡ଼ କେନ୍ଦୁପତ୍ର ଡିଭିଜନରେ ଅର୍ଥ ତୋସରପାତ
- ମୃତକଙ୍କ ପରିବାର ପାଇଁ ଆର୍ଥିକ ସହାୟତାକୁ ଅନ୍ୟମାନଙ୍କୁ ପ୍ରଦାନ

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

ସ୍ୱଚ୍ଛ ଶାସନ ଓ ଦୁର୍ନୀତିମୁକ୍ତ ପ୍ରଶାସନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମୋ ସରକାର' ଓ ୫-'ଟି'କୁ ଗୁରୁତ୍ୱ ଦେଉଥିବାବେଳେ ବନ ବିଭାଗ କିନ୍ତୁ ବେଫିକର। ସଲାସୁତୁରାରେ କାମ ଚାଲିଥିବାବେଳେ ଉପରିସ୍ଥ ଅଧିକାରୀଙ୍କ ଲାଞ୍ଚଖୋର ମନୋଭାବ ବନ ବିଭାଗକୁ ଦୁର୍ନୀତିରେ ବୁଡ଼ାଇବାରେ ଲାଗିଛି। ବନ ବିଭାଗରେ ଏଭଳି କଳା କାରବାରର ଅନେକ ନଜିର ରହିଥିବାବେଳେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ରାଜ୍ୟର ଜଙ୍ଗଲ ସମ୍ପଦ ଓ ବନ୍ୟପ୍ରାଣୀ ଆଜି ଅସୁରକ୍ଷିତ ହୋଇପଡିଛି।

ଫରେଷ୍ଟ ଗାର୍ଡ କିମ୍ବା ଫରେଷ୍ଟର ବା ରେଞ୍ଜରଙ୍କ ପରେ ଏବେ ଜଣେ ଡିଏଫ୍‌ଓଙ୍କ ବିରୋଧରେ ଆର୍ଥିକ ତୋସରପାତର ଅଭିଯୋଗ ଆସିଛି। କଞ୍ଜରଭେଟର ବା ସଂରକ୍ଷକ ପଦବୀ ପାଇଁ ପଦୋନ୍ନତି ପାଇବା ଅପେକ୍ଷାରେ ଥିବା ସମ୍ପୃକ୍ତ ଡିଏଫ୍‌ଓଙ୍କ ବିରୋଧରେ ଦୁର୍ନୀତିର ପ୍ରମାଣ ମିଳିଥିଲେ ମଧ ବନ ବିଭାଗ ଫାଇଲକୁ ଚାପି ଦେଇଛି। ଦୁଇମାସ ହେଲାଣି ଉକ୍ତ ଡିଏଫ୍‌ଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପିସିସିଏଫ୍‌ଙ୍କୁ ଚିଠି ହୋଇଥିଲେ ବି ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ଓ ବିଭାଗୀୟ ଚିଠିରୁ ମିଳିଥିବା ତଥ୍ୟ ଅନୁସାରେ, ଟିଟିଲାଗଡ଼ କେନ୍ଦୁପତ୍ର ଡିଭିଜନରେ ଚଞ୍ଚକତା କରାଯାଇ ଦୁଇଥର ୬ ଲକ୍ଷ ଟଙ୍କା ହିସାବରେ ମୋଟ ୧୨ ଲକ୍ଷ ଟଙ୍କା ତୋସରପାତ କରାଯାଇଛି। କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କ ମୃତ୍ୟୁ ପରେ ଦିଆଯାଉଥିବା ଆର୍ଥିକ ଅନୁଦାନରେ ହେରଫେର କରାଯାଇଛି। ଟିଟିଲାଗଡ଼ କେନ୍ଦୁପତ୍ର ଡିଏଫ୍‌ଓ ୨୯୧ଟି ମାମଲାରେ ଆର୍ଥିକ ଅନୁଦାନ ପାଇଁ କେନ୍ଦୁପତ୍ର ପିସିସିଏଫ୍‌ଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ଏଥିମଧ୍ୟରୁ କେନ୍ଦୁପତ୍ର ପିସିସିଏଫ୍ ୨୨୯ ମାମଲାକୁ ଅନୁମୋଦନ ଦେବା ସହିତ ମୋଟ ୨ କୋଟି ୪୪ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହିସବୁ ଟଙ୍କା ମୃତ କେନ୍ଦୁପତ୍ର ତୋଳାଳିଙ୍କ ନୋମିନିମାନଙ୍କୁ ଦିଆଯିବା କଥା। କିନ୍ତୁ ଟିଟିଲାଗଡ଼ କେନ୍ଦୁପତ୍ର ଡିଏଫ୍‌ଓ ମାତ୍ର ୨୧୦ ଜଣଙ୍କୁ ୨ କୋଟି ୪ ଲକ୍ଷ ଦେଇଥିଲେ। ତେବେ ହିତାଧିକାରୀଙ୍କ ଜମା ଖାତା ଯାଞ୍ଚ ବେଳେ ୨୨ଜଣ ହିତାଧିକାରୀଙ୍କୁ ୧୩ ଲକ୍ଷ ଟଙ୍କା ଦିଆଯାଇ ନ ଥିବା ଜଣାପଡ଼ିଥିଲା। ଏଥିସହିତ ମଞ୍ଜୁରୀ ନ ହୋଇ ଥିବା ଲୋକଙ୍କୁ ୬ ଲକ୍ଷ ଟଙ୍କା ଦିଆଯାଇଥିବାବେଳେ ଆଉ ୬ ଲକ୍ଷ ଟଙ୍କା ଡବଲ ପେମେଣ୍ଟ ମଧ କରାଯାଇଛି। ଖାଲି ସେତିକି ନୁହେଁ, ପେମେଣ୍ଟ କରିବା ପାଇଁ କୌଣସି ରେକର୍ଡ ମଧ ରଖାଯାଇ ନାହିଁ। ମନଇଚ୍ଛା ଡବଲ ପେମେଣ୍ଟ କରିବା ସହିତ କେନ୍ଦୁପତ୍ର ପିସିସିଏଫ୍ ପାଖରେ ସମାନ ନାଁକୁ ବାରମ୍ବାର ମଞ୍ଜୁରୀ ପାଇଁ ପଠା ଯାଇଥିବାର ଚାଞ୍ଚଲ୍ୟକର ଘଟଣା ମଧ ଘଟିଛି। ଦେବପ୍ରିୟ କମ୍ପ ଟିଟିଲାଗଡ଼ କେନ୍ଦୁପତ୍ର ଡିଏଫ୍‌ଓ ଥିବାବେଳେ ଏହିସବୁ ଅନିୟମିତତା ହୋଇଥିବା ଜଣାପଡିଥିଲା। ଏପରିକି ତଦନ୍ତ ବେଳେ ସେ କୌଣସି ରେକର୍ଡ / ଫାଇଲ / ରେଜିଷ୍ଟର ଦେଖାଇ ପାରି ନ ଥିଲେ। ଏହି ଆର୍ଥିକ ଅନିୟମିତତା ବିଷୟରେ ବଲାଙ୍ଗୀର କେନ୍ଦୁପତ୍ର ସର୍କଲର ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ(ସିସିଏଫ୍) ଗତ ଡିସେମ୍ବର ୭ରେ ନିଜ ଅଫିସ ମେମୋ ନଂ.୨୦୯୩/୪ KL/୨୦୨୨ରେ କେନ୍ଦୁପତ୍ର ପିସିସିଏଫ୍‌ଙ୍କୁ ଜଣାଇଛନ୍ତି। ତେବେ ସରକାରୀ ନିୟମାନୁସାରେ, ଉକ୍ତ ଚିଠି ଆଧାରରେ ଦେବପ୍ରିୟ କମ୍ପଙ୍କ ବିରୋଧରେ ପ୍ରୋସିଡିଂ ଆରମ୍ଭ ହେବା ସହ ତାଙ୍କଠାରୁ ୧୨ ଲକ୍ଷ ଟଙ୍କା ରିକଭରି କରାଯିବା କଥା। କିନ୍ତୁ ଦୁଇମାସ ପରେ ବି ବିଭାଗ ପକ୍ଷରୁ ଏଯାଏ ସେପରି କିଛି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା ଜଣାପଡିଛି। ବର୍ତ୍ତମାନ ଦେବପ୍ରିୟ ବୌଦ୍ଧ ଡିଏଫ୍‌ଓ ଭାବରେ ଅବସ୍ଥାପିତ ଥିବାବେଳେ ପ୍ରମୋଶନ ପାଇବାକୁ ଚେଷ୍ଟା ଚଳାଇଥିବା ଶୁଣାଯାଉଛି। ଉଲ୍ଲେଖଯୋଗ୍ୟ, ଡିଏଫ୍‌ଓ ଦେବପ୍ରିୟ ବୌଦ୍ଧ ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅରୁଣ ମେଣ୍ଡିଲିଙ୍କୁ ମାସିକ ଦରମା ଦେଉଥିବା ନେଇ ଅଭିଯୋଗ ହୋଇଥିଲେ ମଧ ତାଙ୍କ ବିରୋଧରେ ବନ ବିଭାଗ କିଛି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଏନେଇ ତତ୍କାଳୀନ ଟିଟିଲାଗଡ଼ ଡିଏଫ୍‌ଓ ଦେବପ୍ରିୟ ଏବଂ କେନ୍ଦୁପତ୍ର ପିସିସିଏଫ୍ ପୁସା ମାକ୍ରୋଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।



ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ଗୁରୁବାର ସଂସ୍କାର ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତଜ୍ଞ ସ୍ୱର୍ଗତ ପ୍ରଫୁଲ୍ଲ କରଙ୍କ ସ୍ମୃତିରେ ଆୟୋଜିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'କମଳ ଦେଶର ରାଜକୁମାର'ରେ କଣ୍ଠଶିଳ୍ପୀ ମହାପ୍ରସାଦ କର ଏବଂ ଅନ୍ତରା ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# 'ପାରମ୍ପରିକ ଚିକିତ୍ସା ପଦ୍ଧତିର ଗୁରୁତ୍ୱ ରହିଛି'

## ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଉଦ୍‌ଯାପିତ

ଭୁବନେଶ୍ୱର,୧୬।୨(ବ୍ୟୁରୋ)– ପ୍ରଦର୍ଶନୀ ପଡ଼ିଆରେ ୭ଦିନ ଧରି ଚାଲିଥିବା ପଞ୍ଚଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ନଦୀ, ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ପତାୟତ ସାହୁ ଏବଂ ପ୍ରଧାନ ବନ ସଂରକ୍ଷକ ଓ ଜଙ୍ଗଲବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଦୈନନ୍ଦିନ ଜୀବନରେ ଜଙ୍ଗଲଜାତ ଦ୍ରବ୍ୟ ତଥା ଔଷଧୀୟ ବୃକ୍ଷର ବ୍ୟବହାର ଓ ଉପକାର ସମ୍ପର୍କରେ ମତ ରଖିଥିଲେ। ଆୟୁର୍ବେଦ ବିଜ୍ଞାନ ଉପରେ ତଥ୍ୟଭିତ୍ତିକ ମତ ଉପସ୍ଥାପନ କରି ଆୟୁର୍ବେଦିକ ତଥା ପାରମ୍ପରିକ ଚିକିତ୍ସା ପଦ୍ଧତିର ଯଥେଷ୍ଟ ଗୁରୁତ୍ୱ ରହିଥିବା ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଦୀପ ନାୟକ ଯୋଗଦେଇ ମେଳାର ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ। ଅନୁସୂୟା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ମେଳା ଶେଷ ଦିନରେ ଲୋକେ ବିଭିନ୍ନ ଜଙ୍ଗଲଜାତ ସାମଗ୍ରୀ, ଔଷଧୀୟ ବୃକ୍ଷ ଓ ଜଡ଼ିବୁଟି ଔଷଧ କିଣୁଥିବା ଦେଖିବାକୁ ମିଳିଥିଲା। ରାଜ୍ୟ ଓ ରାଜ୍ୟ ବାହାରୁ ବୈଦ୍ୟ, କବିରାଜ, ଔଷଧୀୟ ବୃକ୍ଷଲତା ସହ ସଂପୃକ୍ତ ଚାଷୀ, ପ୍ରାଥମିକ ସଂଗ୍ରହକାରୀ, ବନ ସୁରକ୍ଷା ସମିତିର ସଭ୍ୟ, ପାରମ୍ପରିକ ଚିକିତ୍ସକ, ବ୍ୟବସାୟୀ, ବେସରକାରୀ ସଂଗଠନ, ଔଷଧ ପ୍ରସ୍ତୁତକାରୀ ଏବଂ ରପ୍ତାନୀକାରୀମାନେ ଯୋଗଦେଇଥିଲେ। ବିଭିନ୍ନ ଷ୍ଟଲରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଆୟୁର୍ବେଦିକ ପରାମର୍ଶ ଦିଆଯାଇଥିଲା। ସେହିପରି ନାଡ଼ୀ ପରୀକ୍ଷା ଦ୍ୱାରା ଅମ୍ଳପିତ୍ତ, ମଧୁମେହ, ଆମ୍‌ବାତ, ଗଣ୍ଠିବାତ, ଶ୍ୱାସରୋଗ, ସ୍ତ୍ରୀ ରୋଗ, ଉଚ୍ଚ ରକ୍ତଚାପ, ହୃଦରୋଗ ଆଦିର ଚିହ୍ନଟ ପ୍ରକ୍ରିୟା ପ୍ରତି ଲୋକଙ୍କ ଆଗ୍ରହ ପ୍ରକାଶ ପାଇଥିଲା। ଲୋକେ ପ୍ରଦର୍ଶନୀ ବୁଲି ଦୈନନ୍ଦିନ ଜୀବନୀରେ ଔଷଧୀୟ ଉଦ୍ଭିଦର ଉପଯୋଗିତା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ।

# ପାଠପଢ଼ାରେ ପ୍ରଯୁକ୍ତିବିଦ୍ୟାକୁ ପ୍ରାଥମିକତା ଦେବାକୁ ଧର୍ମେନ୍ଦ୍ରଙ୍କ ପରାମର୍ଶ

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

ସ୍କୁଲ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ହେଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ସ୍କୁଲ ଶିକ୍ଷାକୁ ମଜଭୁତ କରିବା ପାଇଁ ଭୁବନେଶ୍ୱର ଠାରେ ଗୁରୁବାର ଦୁଇଦିନିଆ ଷ୍ଟାର୍ସ(ଷ୍ଟ୍ରେଙ୍ଗ୍‌ଥେନିଂ ଟିଚିଂ-ଲର୍ଣ୍ଣିଂ-ଆଣ୍ଡ୍ ରେଜଲ୍ଟ ଫର୍ ଷ୍ଟେଟ୍ସ)ର ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସ୍କୁଲ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଅବସରରେ ଯୋଗ ଦେଇ ସୂଚନା ଦେଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ବୈଠକର ପ୍ରଥମ ଦିନରେ 'ଷ୍ଟାର୍ସ' ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ୬ଟି ରାଜ୍ୟ ଯଥା ଓଡ଼ିଶା, ରାଜସ୍ଥାନ, ମହାରାଷ୍ଟ୍ର, କେରଳ, ମଧ୍ୟପ୍ରଦେଶ ଏବଂ ହିମାଚଳ ପ୍ରଦେଶରେ ଯୋଜନାର ରୂପରେଖ ଏବଂ ଅଗ୍ରଗତିର ସମୀକ୍ଷା କରାଯାଇଛି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଜାତୀୟ ଶିକ୍ଷା ନୀତି ଆଧାରରେ ଶିକ୍ଷା କ୍ଷେତ୍ରକୁ ମଜଭୁତ କରିବା ଦିଗରେ ଉପସ୍ଥିତ ଅଧିକାରୀ ଏବଂ ଜିଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ର ଅଧ୍ୟାପକମାନଙ୍କୁ ଆହ୍ୱାନ କରିଛନ୍ତି। ଅଭିନବ ପଦ୍ଧତିରେ ଶିକ୍ଷା ଦାନ କରିବା ସହ ପାଠପଢାରେ ପ୍ରଯୁକ୍ତିବିଦ୍ୟାକୁ ପ୍ରାଥମିକତା ଦେବାକୁ ଧର୍ମେନ୍ଦ୍ର ପରାମର୍ଶ ଦେଇଛନ୍ତି।

# ଯୁବତୀଙ୍କ ଗଳା କାଟି ହତ୍ୟା, ଅଭିଯୁକ୍ତ ଫେରାର

ପାଇକମାଳ,୧୬।୨(ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ଥାନା ଜର୍ଜଗଡ଼ ଗ୍ରାମରେ ଗୁରୁବାର ଜଣେ ଯୁବତୀଙ୍କୁ ଗଳା କାଟି ହତ୍ୟା କରାଯାଇଛି। ମୃତା ଯୁବତୀ ଜଣକ ହେଲେ ଉକ୍ତ ଗ୍ରାମର ନମିତା ଶତନାମୀ(୨୧)। ସେହିପରି ହତ୍ୟାକାଣ୍ଡର ପ୍ରତିରୋଧ କରିବାକୁ ଯାଇ ଅଭିଯୁକ୍ତଙ୍କ ଆକ୍ରମଣରେ ମୃତା ଯୁବତୀଙ୍କ ସାନ ଭଉଣୀ ସରୋଜିନୀ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ପାଇକମାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି। ସରୋଜିନୀଙ୍କ ଏତଲା କ୍ରମେ ପାଇକମାଳ ଥାନା ପୋଲିସ ଦଫା ୩୦୨, ୩୦୭ ଆଇପିସିରେ ଏକ ମାମଲା (ନଂ.୪୫/୨୩) ରୁଜୁ କରି ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ, ଗୁରୁବାର ସକାଳ ପ୍ରାୟ ୯ଟା ସମୟରେ ନମିତା ଓ ସରୋଜିନୀ ଗାଧୋଇବା ପାଇଁ ଗ୍ରାମ ନିକଟ ନାଳକୁ ଯାଇଥିଲେ। ଗାଧୋଇବା ପୂର୍ବରୁ ନମିତା ନାଳ ଉପରକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ପୂର୍ବରୁ ଛପି ରହିଥିବା ଅଭିଯୁକ୍ତ ଜଣଙ୍କ ଧାରୁଆ ଅସ୍ତ୍ରରେ ତାଙ୍କ ଗଳାକୁ କାଟି ଦେଇଥିଲେ। ଏହି ସମୟରେ ନମିତାଙ୍କ ଚିତ୍କାର ଶୁଣି ସରୋଜିନୀ ନାଳ ପାର ହୋଇ ଘଟଣାସ୍ଥଳରେ ପହଞ୍ଚି ପ୍ରତିରୋଧ କରିଥିଲେ। କିନ୍ତୁ ଅଭିଯୁକ୍ତ ଜଣଙ୍କ ସରୋଜିନୀଙ୍କୁ ମଧ ଆକ୍ରମଣ କରିଥିଲେ ଏବଂ ନିକଟସ୍ଥ ଜଙ୍ଗଲ ଭିତରକୁ ଖସି ପଳାଇଥିଲେ। ଖବର ପାଇ ପାଇକମାଳ ଥାନାଧିକାରୀ ସୁଶାନ୍ତ କୁମାର ବଢେଇ ଓ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ କରିଥିଲେ। ସାଇଣ୍ଟିଫିକ ଅଫିସର ସୁଶ୍ରୀ ପ୍ରିୟଦର୍ଶିନୀ ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। କିଛିଦିନ ତଳେ ଜଣେ ରାଜମିସ୍ତ୍ରୀ ତାଙ୍କ ଘରେ ସିମେଣ୍ଟ ପଲସ୍ତରା କାମ କରୁଥିଲେ ଏବଂ ସେ ଏହି ଘଟଣା ଭିଆଇଛନ୍ତି ବୋଲି ସରୋଜିନୀ ପୋଲିସ ଆଗରେ ବୟାନ ଦେଇଛନ୍ତି। ସେହିପରି ହତ୍ୟାକାଣ୍ଡ ସମୟରେ ଉକ୍ତ ମିସ୍ତ୍ରୀଙ୍କ ହାତରୁ ଏକ ମୋବାଇଲ ଛଡାଇ ଆଣି ଥାନାରେ ଦେଇଥିବା ସରୋଜିନୀ କହିଛନ୍ତି। ଏ ନେଇ ଥାନାଧିକାରୀ ବଢେଇଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ସେ କହିଛନ୍ତି।

# ମହିଳାଙ୍କଠାରୁ ଝାମ୍ପିନେଲେ ଲକ୍ଷେ ଟଙ୍କା

ଢେଙ୍କାନାଳ ଅଫିସ, ୧୬।୨



ଗାଡ଼ିରୁ ପଡ଼ି ଆହତ ହୋଇଥିବା ସୁନନ୍ଦା।

ଢେଙ୍କାନାଳ ସହର ଆନନ୍ଦ ବଜାର ନିକଟରୁ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଜଣେ ମହିଳାଙ୍କଠାରୁ ୧ ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଲୁଟ୍‌ର ଶିକାର ହୋଇଛନ୍ତି ସୁନନ୍ଦା ରାଉତ। ସଦର ଥାନା ଦାମୋଦରନାଳୀ ଗ୍ରାମର ସୁନନ୍ଦା ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରେ ଥିବା ଆକାଉଣ୍ଟରୁ ୧ଲକ୍ଷ ଟଙ୍କା ଉଠାଇ ସ୍ୱାମୀ ହେମନ୍ତ କୁମାର ରାଉତଙ୍କ ସହ ସ୍କୁଟିରେ ଘରକୁ ଫେରୁଥିଲେ। ଉଠାଇଥିବା ଟଙ୍କା, ୪ଟି ପାସ୍‌ବୁକ୍, ୫ଟି ଏଟିଏମ୍ କାର୍ଡ, ଏକ ପାନକାର୍ଡକୁ ପଲିଥିନ୍ ବ୍ୟାଗ୍‌ରେ ରଖି ସୁନନ୍ଦା ଧରିଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଉକ୍ତ ପଲିଥିନ ବ୍ୟାଗ୍ ଝାମ୍ପି ନେଇଥିଲେ। ହେମନ୍ତ ସ୍କୁଟିରେ ଅଭିଯୁକ୍ତଙ୍କ ପିଛା କରୁଥିବାବେଳେ ସୁନନ୍ଦା ରାସ୍ତାରେ ଗାଡ଼ିରୁ ଖସିପଡ଼ି ଗୁରୁତର ହୋଇଛନ୍ତି। ସୂଚନା ପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ନଂ. ୧୦୧/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଜନଗହଳିପୂର୍ଣ୍ଣ ସ୍ଥାନରେ ଏଭଳି ଘଟଣା ପରେ ସହରରେ ଲୁଟେରା ଗୋଷ୍ଠୀ ସକ୍ରିୟ ହୋଇଉଠିଥିବା ସ୍ପଷ୍ଟ ହୋଇଛି। ପୋଲିସ ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବା ସହ ସହରରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

# ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

## ରାଜ୍ୟ ସମବାୟ ବ୍ୟାଙ୍କ ଏମ୍‌ଡିଙ୍କ ପୁନଃ ନିଯୁକ୍ତିକୁ ଚ୍ୟାଲେଞ୍ଜ

- ଏପ୍ରିଲ ୬ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୧୬।୨

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ପଦରେ ଅବସରପ୍ରାପ୍ତ ପ୍ରଶାସକ ଗୋପବନ୍ଧୁ ଶତପଥୀଙ୍କ ପୁନଃ ନିଯୁକ୍ତିକୁ ଚ୍ୟାଲେଞ୍ଜ କରି ଆଗତ ମାମଲାରେ ହାଇକୋର୍ଟ ନିଯୁକ୍ତି ଉପରେ ଗୁରୁବାର ଅନ୍ତରୀଣ ରହିତାଦେଶ ଦେଇଛନ୍ତି। ଏଥିସହ ସମବାୟ ନିବନ୍ଧକଙ୍କୁ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ବେଣୁମାଧବ ତ୍ରିପାଠୀଙ୍କ ପକ୍ଷରୁ ଦାଏର ଏହି ମାମଲାର ଶୁଣାଣି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠରେ ହୋଇଥିଲା। ଆସନ୍ତା ଏପ୍ରିଲ ୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀରୁ ପ୍ରକାଶ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ପଦରୁ ଗୋପବନ୍ଧୁ ଶତପଥୀ ଅବସର ଗ୍ରହଣ କରିଥିଲେ। ପରେ ସରକାର ପୁଣି ୧ ବର୍ଷ ପାଇଁ ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରାଗଲା ବୋଲି ୨୦୨୨ ମାର୍ଚ୍ଚ ୯ରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହାକୁ ବେଆଇନ ଦର୍ଶାଇ ବେଣୁମାଧବ ହାଇକୋର୍ଟରେ ଏକ ମାମଲା ଦାଏର କରିଥିଲେ। ହାଇକୋର୍ଟ ମାମଲାର ବିଚାର କରି ଗତ ଜାନୁୟାରୀ ୨୫ରେ ତାଙ୍କ ପୁନଃ ନିଯୁକ୍ତିକୁ ରଦ୍ଦ କରିଦେଇଥିଲେ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବି ସେହି ଜାନୁୟାରୀ ୨୫ରେ ତାଙ୍କୁ ପୁନଃନିଯୁକ୍ତି ଦିଆଯିବା ନେଇ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ବେଣୁମାଧବ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ବିଚାର ପାଇଁ ଗ୍ରହଣ କରିବା ସହ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ରାଜ୍ୟ ସରକାର, ସମବାୟ ବ୍ୟାଙ୍କ ସମେତ ଅନ୍ୟମାନଙ୍କୁ ଜବାବ ଦେବାକୁ ନୋଟିସ୍ ଜରି କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ପ୍ରଫୁଲ୍ଲ କୁମାର ରଥ ମାମଲା ପରିଚାଳନା କରୁଛନ୍ତି।

# ଜବାବ ଦାଖଲ ପାଇଁ ସମୟ ନେଲେ ସରକାର

## ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟ ଶୂନ୍ୟ ମାମଲା



- ମାର୍ଚ୍ଚ ୯ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୧୬।୨

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୬ଟି ସଦସ୍ୟ ପଦ ଖାଲି ପଡିଛି। ଏହାଦ୍ୱାରା ଆୟୋଗ ସମ୍ପୂର୍ଣ୍ଣ ଅଚଳ ସ୍ଥିତିରେ ପହଞ୍ଚିଛି। ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଗୁରୁବାର ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଇନ୍‌ର କାର୍ଯ୍ୟକାରିତା ପାଇଁ ପ୍ରତିଷ୍ଠିତ ସଂସ୍ଥାର ପଦବୀ ପୂରଣ ନ କରିବା ଦ୍ୱାରା ଏହାର ଉଦ୍ଦେଶ୍ୟକୁ ବିଫଳ କରାଯାଉଛି ବୋଲି ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ତେବେ ଆୟୋଗର ସ୍ଥିତି ବିଷୟରେ ଜବାବ ଦାଖଲ ପାଇଁ ସରକାର ସମୟ ନେଇଛନ୍ତି। ଏଥିପାଇଁ ଅଦାଲତ ଅନୁମତି ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ଶିଶୁ ଅଧିକାର ସୁରକ୍ଷା ଆଇନ ୨୦୦୫ ପାଇଁ କମିଶନ୍‌ର ଉପଧାରା ୧୭ ଅଧୀନରେ ୨୦୧୦ ସେପ୍ଟେମ୍ବର ୩୦ରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପ୍ରତିଷ୍ଠା ହୋଇଥିଲା। ଏଥିରେ ଜଣେ ଅଧ୍ୟକ୍ଷ ଓ ୬ ଜଣ ସଦସ୍ୟ ରହିବାର ବ୍ୟବସ୍ଥା ରହିଛି। ୨୦୨୨ ଅକ୍ଟୋବର ୧୪ରେ ଆୟୋଗର ଅଧ୍ୟକ୍ଷା ଭାବେ ମନ୍ଦାକିନୀ କରଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ସଦସ୍ୟ ପଦରେ କେହି ନାହାନ୍ତି। ୨୦୨୦ ମେ' ୧୯ରୁ ୪ଟି ସଦସ୍ୟ ପଦ ଖାଲି ପଡ଼ିଛି। ସେହିପରି ୨୦୨୧ ଜାନୁୟାରୀ ୧୦ରେ ଗୋଟିଏ ଓ ୨୦୨୨ ଅଗଷ୍ଟ ୨୫ ତାରିଖରୁ ଆଉ ଏକ ସଦସ୍ୟ ପଦ ଖାଲିପଡିଛି। ସଦସ୍ୟ ପଦ ଖାଲି ହେବାର ୬ ମାସ ମଧ୍ୟରେ ତାହା ପୂରଣ ହେବା କଥା। ପୁଣି କୌଣସି ବୈଠକର ନିଷ୍ପତ୍ତି ପାଇଁ ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ମିଶାଇ ୪ ଜଣଙ୍କ କୋରମ ବାଧ୍ୟତାମୂଳକ ରହିଛି। ଗତ ଜାନୁୟାରୀ ୩୧ ତାରିଖ ସୁଦ୍ଧା ୨୩୭୨ ମାମଲା ଆୟୋଗରେ ବିଚାରାଧୀନ ରହିଛି। ଏହାବାଦ୍ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆର୍ଥିକ ଦୁର୍ବଳ ଲୋକଙ୍କ ପାଇଁ ମୂଲ୍ୟବାନ ସେବା ଯୋଗାଉଥିବା ଏକ ସଂସ୍ଥା। ଏଥିରେ କୌଣସି କୋର୍ଟ ଫି' ଲାଗେନାହିଁ। ଓକିଲଙ୍କୁ ନିଯୁକ୍ତ କରିବାର ଆବଶ୍ୟକତା ମଧ ନାହିଁ। କେବଳ ସେତିକି ନୁହେଁ, ନ୍ୟାୟିକ ବ୍ୟବସ୍ଥାରେ ଅଦାଲତର ମାମଲା ଚାପକୁ ହ୍ରାସ କରିବାରେ ଆୟୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏସବୁ ଦୃଷ୍ଟିରୁ ତୁରନ୍ତ ଆୟୋଗରେ ସଦସ୍ୟ ନିଯୁକ୍ତି ଦେବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ପ୍ରବୀର କୁମାର ଦାସ ଗତ ୮ ତାରିଖରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଅଦାଲତ ମାମଲାକୁ ବିଚାର ପାଇଁ ଗ୍ରହଣ କରି ଗୁରୁବାର ପ୍ରଥମ ଶୁଣାଣି କରିଛନ୍ତି। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ଏବଂ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗର ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ଓମେନ୍ସ ପ୍ରିମିୟର ଲିଗ୍

**ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ସର୍ବ ପ୍ରଥମ ସଂସ୍କରଣ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ୫ଟି ଫ୍ରାଞ୍ଚାଇଜ୍ ଦଳକୁ ନେଇ ଏହି ପ୍ରତିଯୋଗିତା ମାର୍ଚ୍ଚ ୪ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଲିଗ୍‌ରେ ମୋଟ ୨୨ଟି ମ୍ୟାଚ ଖେଳାଯିବ। ମ୍ୟାଚଗୁଡ଼ିକ ମୁମ୍ବାଇର ବ୍ରାବୋର୍ନ ଓ ଡିୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଖେଳାଳି ନିଲାମ ପ୍ରକ୍ରିୟା ଇତିମଧ୍ୟରେ ଶେଷ ହୋଇଛି। ଏଥିରେ ୫୯.୫ କୋଟି ଟଙ୍କା ବିନିମୟରେ ମୋଟ ୮୭ ଖେଳାଳି କିଣା ଯାଇଥିବାବେଳେ ଭାରତର ସ୍ମୃତି ମନ୍ଧାନା ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି।**



ସ୍ମୃତି ମନ୍ଧାନା

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସର୍ବ ପ୍ରଥମ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ପାଇଁ କ୍ଷେତ୍ର ପ୍ରସ୍ତୁତ। ପ୍ରଥମ ସଂସ୍କରଣରେ ୫ଟି ଫ୍ରାଞ୍ଚାଇଜ୍ ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଦିଲ୍ଲୀ କ୍ୟାପିଟାଲ୍ସ, ଗୁଜରାଟ ଜାଏଣ୍ଟ୍ସ, ୟୁପି ୱାରିଅର୍ଜ ଓ ମୁମ୍ବାଇ ଇଣ୍ଡିଆନ୍ସ। ପ୍ରତିଯୋଗିତାର ଖେଳାଳି ନିଲାମ ପ୍ରକ୍ରିୟା ଇତିମଧ୍ୟରେ ଶେଷ ହୋଇଛି। ଏଥିରେ ୫୯.୫ କୋଟି ଟଙ୍କା ବିନିମୟରେ ମୋଟ ୮୭ ଖେଳାଳି କିଣା ଯାଇଥିବା ବିସିସିଆଇ ସୂତ୍ରରୁ ପ୍ରକାଶ କରାଯାଇଛି।

**୩ ଟପିଲେ ୩ କୋଟି:** ଡବ୍ଲ୍ୟୁପିଏଲ୍ ଖେଳାଳି ନିଲାମରେ ୭ ଖେଳାଳି ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ କିଣା ଯାଇଛନ୍ତି। ଏପରିକି ୩ ଖେଳାଳି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ମଧ୍ୟ କିଣାଯାଇଛନ୍ତି। ସେମାନଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିଛନ୍ତି ଭାରତୀୟ ଓପନର ସ୍ମୃତି ମନ୍ଧାନା। ତାଙ୍କ ମୂଲ୍ୟ ରହିଛି ୩.୪ କୋଟି ଟଙ୍କା। ତାଙ୍କ ତଳକୁ ଅଷ୍ଟ୍ରେଲିଆ ଅଲ୍‌ରାଉଣ୍ଡର ଆଶ୍‌ଲେ ଗାର୍ଡନର ୩.୨ ଓ ଇଂଲଣ୍ଡର ନାତାଲି ସ୍କିଭର-ବ୍ରଣ୍ଟଙ୍କ ମୂଲ୍ୟ ୩.୨ କୋଟି ଟଙ୍କା ରହିଛି। କେବଳ ମୁମ୍ବାଇ ଇଣ୍ଡିଆନ୍ସ ଓ ୟୁପି ୱାରିଅର୍ଜ ସମ୍ପୂର୍ଣ୍ଣ ୧୨ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ମାତ୍ର ଏହି ଦୁଇ ଦଳ ଆବଶ୍ୟକ ୧୮ ଖେଳାଳି କିଣିବାରେ ସମର୍ଥ ହୋଇନାହାନ୍ତି। ଯଥାକ୍ରମେ ୧୭ ଓ ୧୬ ଖେଳାଳି କିଣି ସମସ୍ତ ଅର୍ଥ ସାରିଛନ୍ତି। କେବଳ ଗୁଜରାଟ ଜାଏଣ୍ଟ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପୂରା ୧୮ ଖେଳାଳି କିଣିବାରେ ସକ୍ଷମ ହୋଇଛନ୍ତି। ଏହା ସତ୍ତ୍ୱେ ସେମାନଙ୍କ ନିକଟରେ ଯଥାକ୍ରମେ ୫ ଲକ୍ଷ ଓ ୧୦ ଲକ୍ଷ ଟଙ୍କା ବଳିଛି। ଅନ୍ୟପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ୧୮ ଖେଳାଳି କୋଟା ପୂରଣ ପାଇଁ ମାତ୍ର ୧୧.୬୫ କୋଟି ଟଙ୍କା ଆବଶ୍ୟକ କରିଛି।

**ମନ୍ଧାନାଙ୍କ ପାଇଁ ଦୌଡ଼:** ସ୍ମୃତି ମନ୍ଧାନା ଡବ୍ଲ୍ୟୁପିଏଲ୍ ନିଲାମରେ ଦାମୀ ଖେଳାଳି ସାବ୍ୟସ୍ତ ହୋଇଥିଲେ। ତାଙ୍କ ନାଁ ନିଲାମ ପ୍ରକ୍ରିୟାରେ ଆସିବା ମାତ୍ରେ ଘୋଡ଼ା ଦୌଡ଼ ଆରମ୍ଭ ହୋଇ ଯାଇଥିଲା। ତାଙ୍କ ପାଇଁ ୨୮ ଥର ପାଡେଲ ଉଠିଥିଲା, ଯାହାକି କୌଣସି ଖେଳାଳିଙ୍କ କ୍ଷେତ୍ରରେ ସର୍ବାଧିକ। ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଫ୍ରାଞ୍ଚାଇଜ୍ ମଧ୍ୟରେ ମୁଖ୍ୟତଃ ଦୌଡ଼ ଲାଗିଥିଲା। ଶେଷରେ ସେ ତାଙ୍କ ବେସ୍ ପ୍ରାଇସ୍‌ଠାରୁ ୬.୮ ଗୁଣା ଅଧିକ ମୂଲ୍ୟରେ ବାଙ୍ଗାଲୋର ଦଳକୁ ଯାଇଥିଲେ। କୌଣସି ଖେଳାଳିଙ୍କ ପାଇଁ ଦୁଇ ଫ୍ରାଞ୍ଚାଇଜ୍ ମଧ୍ୟରେ ଏତେ ସମୟ ପ୍ରତିଦ୍ୱନ୍ଦ୍ୱିତା ଏହା ପ୍ରଥମ ଥିଲା। ଅନ୍ୟପକ୍ଷରେ ୫ ଖେଳାଳିଙ୍କ ପାଇଁ ୪ ଫ୍ରାଞ୍ଚାଇଜ୍ ମଧ୍ୟରେ ଦୌଡ଼ ଦେଖିବାକୁ ମିଳିଥିଲା। ସେମାନେ ହେଲେ ହରମନପ୍ରୀତ କୌର, ଦୀପ୍ତି ଶର୍ମା, ବେଥ୍ ମୁନୀ, ମାରିଜାନେ କାପ୍ ଓ ତାଲିଆ ମ୍ୟାକ୍‌ଗ୍ରା।

**ଅଷ୍ଟ୍ରେଲୀୟ ଖେଳାଳିଙ୍କ ଚାହିଦା:** ଅନ୍ତର୍ଜାତୀୟ ସ୍ତରରେ ମହିଳା କ୍ରିକେଟରେ ଅଷ୍ଟ୍ରେଲିଆ ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନର ପ୍ରଭାବ ଡବ୍ଲ୍ୟୁପିଏଲ୍ ଖେଳାଳି ନିଲାମ ଉପରେ ପଡ଼ିଥିଲା। ବିଦେଶୀ ଖେଳାଳିଙ୍କ ମଧ୍ୟରେ ଅଷ୍ଟ୍ରେଲୀୟଙ୍କ ଚାହିଦା ଅଧିକ ରହିଥିଲା। ନିଲାମରେ ୩୦ ବିଦେଶୀ ଖେଳାଳି ବିକ୍ରି ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୪ ଅଷ୍ଟ୍ରେଲିଆର ଥିଲେ। ଅଷ୍ଟ୍ରେଲିଆ ଖେଳାଳିଙ୍କ ପାଇଁ ଫ୍ରାଞ୍ଚାଇଜ୍‌ମାନେ ୧୪.୨୫ କୋଟି ଟଙ୍କା ବ୍ୟୟ କରିଥିଲେ। ଯାହାକି ୫ ଦଳର ମୋଟ ଖର୍ଚ୍ଚର ପାଖାପାଖି ଏକ ଚତୁର୍ଥାଂଶ। ୫୭ ଜଣ ଭାରତୀୟ ଖେଳାଳି ୩୨.୨ କୋଟି ଟଙ୍କାରେ ବିକ୍ରି ହୋଇଥିଲେ। ଏ କ୍ଷେତ୍ରରେ ଇଂଲଣ୍ଡ ଖେଳାଳିମାନେ ତୃତୀୟ ସ୍ଥାନରେ ରହିଥିଲେ। ଏହାର ୭ ଖେଳାଳି ୭.୩୫ କୋଟି ଟଙ୍କାରେ ବିକ୍ରି ହୋଇଥିଲେ। ସହଯୋଗୀ ଦେଶ ଗୁଡ଼ିକ ମଧ୍ୟରୁ କେବଳ ତାରା ନୋରିସଙ୍କୁ କ୍ୟାପିଟାଲ୍ସ କିଣିଥିଲା। ନୋରିସ ହେଉଛନ୍ତି ଆମେରିକାର ବାମହାତୀ ସିମର। ୨୦୨୨ରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ତେବେ ୨୦୧୪ରୁ ୨୦୨୨ ମଧ୍ୟରେ ସେ ଇଂଲଣ୍ଡରେ ୧୦୦ରୁ ଊର୍ଦ୍ଧ୍ୱ ପେସାଦାର ସୀମିତ ଓଭର ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ୫୭ ଖେଳାଳିଙ୍କ ପାଇଁ ନିଲାମରେ ୫୪.୨୫ କୋଟି ଟଙ୍କା ବ୍ୟୟ ହୋଇଥିଲା। ୩୦ ଅନ୍‌କ୍ୟାପେଡଙ୍କ ପାଇଁ ୫.୨୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ବିଦେଶର ମାତ୍ର ଜଣେ ଅନ୍‌କ୍ୟାପେଡ ଖେଳାଳି ଅଷ୍ଟ୍ରେଲିଆର ଲୌରା ହାରିସ ବିକ୍ରି ହୋଇଥିଲେ। ତାଙ୍କୁ କ୍ୟାପିଟାଲ୍ସ ୪୫ ଲକ୍ଷ ଟଙ୍କାରେ କିଣିଥିଲା। ଅନ୍‌କ୍ୟାପେଡ ଭାବେ ସେ ଥିଲେ ଦ୍ୱିତୀୟ ସର୍ବାଧିକ ମହଙ୍ଗା ଖେଳାଳି। ତନୁଜା କନୱର ୫୦ ଲକ୍ଷ ଟଙ୍କାରେ ଜାଏଣ୍ଟ୍ସ ଦଳକୁ ଯାଇ ଏହି ତାଲିକାର ଶୀର୍ଷରେ ଅଛନ୍ତି।

**ଅଲ୍‌ରାଉଣ୍ଡରଙ୍କ ଉପରେ ଫୋକସ:** ନିଲାମ ସମୟରେ ଫ୍ରାଞ୍ଚାଇଜ୍‌ଗୁଡ଼ିକ ହାତରେ ୧୨ କୋଟି ଟଙ୍କା ଲେଖାଏ ରହିଥିବାରୁ ସେମାନେ ଅଲ୍‌ରାଉଣ୍ଡରଙ୍କୁ ଫୋକସ କରିଥିଲେ। ନିଲାମରେ ବିକ୍ରି ହୋଇଥିବା ଖେଳାଳିଙ୍କ ମଧ୍ୟରୁ ୪୬ ଜଣ ଥିଲେ ଅଲ୍‌ରାଉଣ୍ଡର। ଏମାନଙ୍କ ମଧ୍ୟରୁ ପ୍ରତି ଦଳରେ ଅତିକମ୍‌ରେ ୭ ଜଣ ଲେଖାଏ ରହିଛନ୍ତି। ଓଭରଅଲ୍ ଅଲ୍‌ରାଉଣ୍ଡରଙ୍କ ପାଇଁ ୩୪.୩ କୋଟି ଟଙ୍କା ବିକ୍ରି ହୋଇଥିବା ଜଣାଯାଇଛି। ଏହା ମଧ୍ୟରେ ଅଷ୍ଟ୍ରେଲିଆର ୯ ଖେଳାଳିଙ୍କ ପାଇଁ ୯.୬ କୋଟି ଟଙ୍କା ସାମିଲ। ମାତ୍ର ୧୭ ଜଣ ସ୍ପେଶାଲିଷ୍ଟ ବୋଲର ନିଲାମ ସମୟରେ ବିକ୍ରି ହୋଇଛନ୍ତି। ଅନ୍ୟ ୨୪ ଜଣଙ୍କ ମଧ୍ୟରେ ସ୍ପେଶାଲିଷ୍ଟ ବ୍ୟାଟର କିମ୍ବା ଉଇକେଟ କିପର ବ୍ୟାଟର ରହିଛନ୍ତି। ଆଇସିସି ର୍‍ୟାଙ୍କିଙ୍ଗର ଟପ୍-୧୦ରେ ଥିବା ବୋଲରଙ୍କ ମଧ୍ୟରୁ ମାତ୍ର ୬ ଜଣ ବିକ୍ରି ହୋଇଛନ୍ତି। ଏହି ୬ ଜଣଙ୍କ ମଧ୍ୟରୁ ୩ ଜଣ ଅଲ୍‌ରାଉଣ୍ଡର।

**ହାପି ବିଡର ଦିଲ୍ଲୀ କ୍ୟାପିଟାଲ୍ସ:** ଅକ୍ସନ ଟେବୁଲରେ ସବୁଠାରୁ ସକ୍ରିୟ ରହିଥିଲା କ୍ୟାପିଟାଲ୍ସ ଟିମ୍। ଏହି ଦଳ ୩୮ ଖେଳାଳିଙ୍କ ପାଇଁ ବିଡ୍ କରିଥିଲା ଏବଂ ୧୮ ଖେଳାଳି କିଣିଥିଲା। ସେମାନଙ୍କ ମଧ୍ୟରୁ ୯ ଜଣଙ୍କୁ ବେସ୍ ପ୍ରାଇସ୍‌ରେ ହିଁ ନେଇଥିଲା। ୟୁପି ୱାରିଅର୍ଜ ବିଡ୍ ଲଗାଇଥିବା ୧୫ ଖେଳାଳିଙ୍କ ମଧ୍ୟରୁ ୭ ଜଣଙ୍କୁ ବେସ୍ ପ୍ରାଇସ୍‌ରେ କିଣି ପାରିଥିଲା।

**ସର୍ବକନିଷ୍ଠ ଓ ବୟସ୍କ:** ଖେଳାଳି ନିଲାମରେ ସବୁଠାରୁ ବୟସ୍କ ଖେଳାଳିଭାବେ ବିକ୍ରି ହୋଇଥିଲେ ଜାସିଆ ଅଖତର। ସେ ହେଉଛନ୍ତି ଜଣେ ୩୪ ବର୍ଷୀୟ ଅନ୍‌କ୍ୟାପେଡ ଭାରତୀୟ। ବିକ୍ରି ହୋଇଥିବା ଖେଳାଳିଙ୍କ ମଧ୍ୟରେ ଆଉ ୩ ଖେଳାଳି ଟୁର୍ନାମେଣ୍ଟ ଆରମ୍ଭ ବେଳକୁ ୩୪ ବର୍ଷରୁ ଊର୍ଦ୍ଧ୍ୱ ହୋଇ ଯାଇଥିବେ। ଏମାନେ ହେଲେ ଇରିନ ବର୍ନ୍ସ, ଶବନମ ଇସମାଇଲ ଓ ହରମନପ୍ରୀତ। ସର୍ବକନିଷ୍ଠ ଖେଳାଳିଙ୍କ ମଧ୍ୟରେ ୨ ଜଣ ୧୫ ବର୍ଷୀୟ ରହିଥିବା ଜଣାଯାଇଛି। ସେମାନେ ହେଲେ ସୋନମ ଯାଦବ ଓ ଶବନମ ଶକିଲ। ସୋନମ ଜୁଲାଇ ୨୦୦୭ରେ ଜନ୍ମ ହୋଇଥିଲେ। ଶକିଲ ହେଉଛନ୍ତି ତାଙ୍କଠାରୁ ୧ ମାସ ବଡ଼। ବିଦେଶୀ ଖେଳାଳିଙ୍କ ମଧ୍ୟରେ ସର୍ବକନିଷ୍ଠ ଅଛନ୍ତି ଆଲିସେ କାପ୍‌ସେ। ୨୦୦୪ ଅଗଷ୍ଟରେ ଜନ୍ମିତ ଇଂଲଣ୍ଡର କାପ୍‌ସେଙ୍କୁ ଏବେ ୧୮ ବର୍ଷ।



ଆଶ୍‌ଲେ ଗାର୍ଡନର

# ବିଭିନ୍ନ ଦଳର ଶକ୍ତି ଓ ଦୁର୍ବଳତା

**ଡବ୍ଲ୍ୟୁପିଏଲ୍‌ର ପ୍ରଥମ ସଂସ୍କରଣରେ ଅଂଶଗ୍ରହଣ କରୁଥିବା ୫ ଫ୍ରାଞ୍ଚାଇଜ୍ ଦଳର ଖେଳାଳି ତାଲିକା ଚୂଡ଼ାନ୍ତ ହୋଇଯାଇଛି। ବିଭିନ୍ନ ଦଳର ଶକ୍ତି ଓ ଦୁର୍ବଳତାକୁ ନେଇ ଏହି ଉପସ୍ଥାପନା..**

## ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର

ଖେଳାଳି: ୧୮, ଖର୍ଚ୍ଚ: ୧୧.୯ କୋଟି

ମୁଖ୍ୟ ଖେଳାଳି: ପୁରୁଷ ଆଇପିଏଲ୍‌ରେ ବିରାଟ କୋହଲି, ଏବି ଡି'ଭିଲର୍ସ ଓ କ୍ରିସ୍ ଗେଲ୍‌ଙ୍କୁ ନେବାଭଳି ମହିଳା ପ୍ରିମିୟର ଲିଗ୍‌ରେ ଏହି ଫ୍ରାଞ୍ଚାଇଜ୍ ସ୍ମୃତି ମନ୍ଧାନା, ୪ ଥର ଟି୨୦ ବିଶ୍ୱକପ ବିଜୟିନୀ ଏଲିସେ ପେରୀ ଓ ଦକ୍ଷିଣ ଆଫ୍ରିକାର ଡାନେ ଭାନ୍ ନିକର୍କଙ୍କ ପରି ନିର୍ଭୀକ ଖେଳାଳିଙ୍କୁ ନିଜ ଦଳରେ ସାମିଲ କରିଛି।

ଶକ୍ତି: ଏହି ଦଳର ତାରକା ଖଚିତ ବିଦେଶୀ ଖେଳାଳିମାନେ ବହୁଗୁଣ ସମ୍ପନ୍ନ। ପେରୀ, ସୋଫି ଡେଭିନେ, ଭାନ୍ ନିକର୍କ, ହିଥର ନାଇଟ ଆଦି ସମସ୍ତେ ବ୍ୟାଟିଂ ଓ ବୋଲିଂ କରିବାର ଦକ୍ଷତା ରଖିଛନ୍ତି। ଏହା ବ୍ୟତୀତ ବିସ୍ଫୋରକ ବ୍ୟାଟିଂ କରୁଥିବା ମନ୍ଧାନା, ରିଚା ଘୋଷ, ରେଣୁକା ସିଂ ଆଦି ହାଇ ପ୍ରୋଫାଇଲ ଭାରତୀୟ ଅନ୍ତର୍ଜାତୀୟ ଅଭିଜ୍ଞ ସମ୍ପନ୍ନ ଖେଳାଳି। ଏମାନେ ମ୍ୟାଚର ମୋଡ଼ ବଦଳାଇବାକୁ ସକ୍ଷମ।

ଦୁର୍ବଳତା: ଏହି ଦଳରେ କ୍ୱାଲିଟି ଭାରତୀୟ ରିଷ୍ଟ ସ୍ପିନର ନାହାନ୍ତି। ମୁମ୍ବାଇର ଲାଲ ମାଟିରେ ସେମାନଙ୍କ ଅନୁପସ୍ଥିତି ଅନୁଭୂତ ହୋଇପାରେ।

## ମୁମ୍ବାଇ ଇଣ୍ଡିଆନ୍ସ

ଖେଳାଳି: ୧୭, ଖର୍ଚ୍ଚ: ୧୨ କୋଟି

ମୁଖ୍ୟ ଖେଳାଳି: ହରମନପ୍ରୀତ କୌର, ନାତାଲି ସ୍କିଭର-ବ୍ରଣ୍ଟ ଓ ପୂଜା ବସ୍ତ୍ରକାର କୌଣସି ପରିସ୍ଥିତିରେ ମ୍ୟାଚର ମୋଡ଼ ବଦଳାଇବାକୁ ସକ୍ଷମ। ୨୦୧୩ରେ ମୁମ୍ବାଇରେ ହିଁ ହରମନପ୍ରୀତ କ୍ୟାରିୟରରେ ପ୍ରଥମ ବିଶ୍ୱକପ ଶତକ ହାସଲ କରିଥିଲେ। ଉଭୟ ପେସ୍ ଓ ସ୍ପିନ ଖେଳିବାକୁ ସ୍କିଭର-ବ୍ରଣ୍ଟ ମାହିର। ସେ କ୍ୱାଲିଟି ମିଡିୟମ ପେସ୍ ବୋଲିଂ ମଧ୍ୟ କରିଥାନ୍ତି। ବସ୍ତ୍ରକାର ହେଉଛନ୍ତି ଲୋୟର ଅର୍ଡରରେ ଜଣେ ବିଗ୍-ହିଟର। ମିଡିଲ ଓଭରରେ ସେ ଭଲ ବୋଲିଂ କରିଥାନ୍ତି।

ଶକ୍ତି: ବ୍ୟାକ୍‌ଅପ୍ ଖେଳାଳି ଦଳର ମୁଖ୍ୟ ଶକ୍ତି। ୧୯ ବର୍ଷରୁ କମ୍ ଭାରତୀୟ ଦଳର ଏକାଧିକ ଖେଳାଳି ଏଥିରେ ଅଛନ୍ତି।

ଦୁର୍ବଳତା: ଉଇକେଟ କିପର ୟାସ୍ତିକା ଭାଟିଆଙ୍କର କେହି ବ୍ୟାକ୍‌ଅପ୍ ନାହାନ୍ତି। ଏହା ବ୍ୟତୀତ ଦଳରେ ଭାରତୀୟ ଦ୍ରୁତ ବୋଲରଙ୍କ ଅଧିକ ବିକଳ୍ପ ମଧ୍ୟ ନାହାନ୍ତି।

## ଗୁଜରାଟ ଜାଏଣ୍ଟ୍ସ

ଖେଳାଳି: ୧୮, ଖର୍ଚ୍ଚ: ୧୧.୫ କୋଟି

ମୁଖ୍ୟ ଖେଳାଳି: ଘରୋଇ କ୍ରିକେଟରେ ସ୍ନେହ ରାଣାଙ୍କ ପର୍ଯ୍ୟାପ୍ତ ଅଭିଜ୍ଞତା ଥିବାରୁ ସେ ଗୁଜରାଟ ଜାଏଣ୍ଟ୍ସ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି। ରେଲୱେ ଦଳର ମୁଖ୍ୟ କୋଚ୍ ନୁଶିନ ଅଲୀ ଖାଦିରଙ୍କ ଉପସ୍ଥିତି ମଧ୍ୟ ଦଳକୁ ଫାଇଦାରେ ରଖିବ। ଏହା ବ୍ୟତୀତ ଅଷ୍ଟ୍ରେଲିଆର ଆଶ୍‌ଲେ ଗାର୍ଡନରଙ୍କ ଉପସ୍ଥିତି ମଧ୍ୟ ଦଳକୁ ଫାଇଦାରେ ରଖିବ। ବିକ୍ରି ହେବାର ଗୋଟିଏ ଦିନପରେ ସେ ଟି୨୦ରେ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରିଛନ୍ତି।

ଶକ୍ତି: ଦଳରେ ବିଭିନ୍ନ ବିଭାଗ ପାଇଁ ଭଲ ସ୍ପେଶାଲିଷ୍ଟ ବିଦେଶୀ ଖେଳାଳି ଅଛନ୍ତି। ଡିଅଣ୍ଡ୍ରା ଡୋଟିନ ଓ ଆନାବେଲ ସୁଥରଲାଣ୍ଡଙ୍କ ପରି ସିମ୍-ବୋଲିଂ ଅଲ୍‌ରାଉଣ୍ଡର ମ୍ୟାଚର ମୋଡ଼ ପରିବର୍ତ୍ତନ କରିବାର ଦକ୍ଷତା ରଖିଛନ୍ତି।

ଦୁର୍ବଳତା: ଅଭିଜ୍ଞ ଭାରତୀୟ ଖେଳାଳିଙ୍କ ଅଭାବ ଅନୁଭୂତ ହେବ। ହର୍ଲିନ ଦେଓଲ, ଏସ. ମେଘନା ଓ ଡି. ହେମଲତାଙ୍କ ବ୍ୟତୀତ ଅନ୍ୟ କୌଣସି ସ୍ଥାନୀୟ ଖେଳାଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସ୍ଥିତି ସମ୍ଭାଳିବାକୁ ନାହାନ୍ତି।

## ୟୁପି ୱାରିୟର୍ଜ

ଖେଳାଳି ୧୬, ଖର୍ଚ୍ଚ: ୧୨ କୋଟି

ମୁଖ୍ୟ ଖେଳାଳି: ୱାରିୟର୍ଜର ଟପ୍ ଅର୍ଡରରେ ଆଲିସା ହିଲି ମୁଖ୍ୟ ଭୂମିକା ଗ୍ରହଣ କରିବେ। ତାଙ୍କ ନିକଟରେ ପର୍ଯ୍ୟାପ୍ତ ଅନ୍ତର୍ଜାତୀୟ ଅଭିଜ୍ଞତା ରହିଛି। ସେ ବିଶ୍ୱର ଅନ୍ୟତମ ବିସ୍ଫୋରକ ବ୍ୟାଟରଭାବେ ପରିଚିତ। ଏହି ଅଷ୍ଟ୍ରେଲୀୟ ଖେଳାଳିଙ୍କ ଷ୍ଟ୍ରାଇକ୍ ହାର ୧୨୮.୨୬ ରହିଛି। ବିଶେଷ ପରିସ୍ଥିତିରେ ସେ ଏକାକୀ ଦଳକୁ ଜିତାଇବାର ଦକ୍ଷତା ରଖିଛନ୍ତି। ଦୀପ୍ତି ଶର୍ମା ଦ୍ୱିତୀୟ ଭାରତୀୟ ମହଙ୍ଗା ଖେଳାଳିଭାବେ ଏହି ଦଳକୁ ୨.୬ କୋଟି ଟଙ୍କାରେ ଯାଇଛନ୍ତି। ମୁମ୍ବାଇର ସ୍ପିନ୍ ଫ୍ରେଣ୍ଡଲୀ କଣ୍ଡିଶନରେ ସେ ଉଭୟ ବ୍ୟାଟିଂ ଓ ବୋଲିଂରେ କମାଲ ଦେଖାଇବା ଆଶା ରହିଛି।

ଶକ୍ତି: ୱାରିୟର୍ଜ ହେଉଛି ଏକ ସନ୍ତୁଳିତ ଦଳ। ଦୀପ୍ତି, ଦେବୀକା ବୈଦ୍ୟ, ପାର୍ଶଭି ଚୋପ୍ରା, ତାହଲିଆ ମ୍ୟାକଗ୍ରା ଓ ଗ୍ରେସ୍ ହାରିସଙ୍କ ପରି ଦକ୍ଷ ଅଲ୍‌ରାଉଣ୍ଡର ଏହି ଦଳରେ ରହିଛନ୍ତି। ଉଭୟ ବ୍ୟାଟ୍ ଓ ବଲ୍‌ରେ ଏମାନେ ଖେଳର ମୋମେଣ୍ଟମ ବଦଳାଇ ଦେଇପାରିବେ। ସ୍ପିନର ତ୍ରୟ ରାଜେଶ୍ୱରୀ ଗାଏକ୍ୱାଡ, ସୋଫି ଏକେଲଷ୍ଟୋନ ଓ ଦୀପ୍ତିଙ୍କ ଉପସ୍ଥିତି ଏବଂ ଶବନିମ ଇସମାଇଲ ଓ ଅଞ୍ଜଲି ସର୍ଭାନିଙ୍କ ପେସ୍ ଦଳକୁ ବୋଲିଂ ବିଭାଗରେ ବେଶ୍ ଶକ୍ତିଶାଳୀ କରିଛି। ଟପ୍ ଅର୍ଡରରେ ହିଲି, ୧୯ ବର୍ଷରୁ କମ୍ ଭାରତୀୟ ଓପନର ଶ୍ୱେତା ଶେରାୱତ ଓ ମ୍ୟାକଗ୍ରା ରହିଛନ୍ତି।

ଦୁର୍ବଳତା: କିରନ ନଭଗିରେ ଓ ବିଶେଷ ଜଣାଶୁଣା ନ ଥିବା ଲକ୍ଷ୍ମୀ ଯାଦବଙ୍କ ଉପରେ ମିଡିଲ ଅର୍ଡର ବ୍ୟାଟିଂ ନିର୍ଭର କରିବ। ଯଦି ଇନିଂସ ଆରମ୍ଭରେ ଶୀଘ୍ର ଉଇକେଟ ପଡ଼ିଯାଏ ତେବେ ଆଙ୍କର ଭୂମିକା ନେବାପାଇଁ ମଧ୍ୟ ଦଳରେ ସେମିତି ଅଧିକ ଖେଳାଳି ନାହାନ୍ତି।



ନାତାଲି ସ୍କିଭର-ବ୍ରଣ୍ଟ



ହରମନପ୍ରୀତ କୌର

## ଦିଲ୍ଲୀ କ୍ୟାପିଟାଲ୍ସ

ଖେଳାଳି: ୧୮, ଖର୍ଚ୍ଚ: ୧୧.୬୫ କୋଟି

ମୁଖ୍ୟ ଖେଳାଳି: ନିଜ ନେତୃତ୍ୱରେ ମେଗ୍ ଲାନିଂ ଏକାଧିକ ଥର ଅଷ୍ଟ୍ରେଲିଆକୁ ବିଶ୍ୱକପ ବିଜେତା କରିଛନ୍ତି। ଜେମିମା ରୋଡ୍ରିଗ୍ସେଜ, ଶେଫାଳି ବର୍ମା ଓ ମାରିଜାନେ କାପ୍ସଙ୍କ ଫର୍ମ। ମଧ ଦଳପାଇଁ ଉପଯୋଗୀ ସାବ୍ୟସ୍ତ ହେବ।

ଶକ୍ତି: ଶେଫାଳି, ରୋଡ୍ରିଗ୍ସେଜ ଓ ଲାନିଂଙ୍କୁ ନେଇ କ୍ୟାପିଟାଲ୍ସର ଟପ୍ ଅର୍ଡର ବେଶ୍ ଶକ୍ତିଶାଳୀ। ପୁନମ ଯାଦବ, ଜେସ ଜୋନାସେନ, ରାଧା ଯାଦବ, ଶିଖା ପାଣ୍ଡେ, ଅରୁନ୍ଧତୀ ରେଡ୍ଡୀ ଓ ମାରିଜାନେ କାପ୍‌ଙ୍କୁ ନେଇ ଏହାର ବୋଲିଂ ଗ୍ରୁପ୍‌ରେ ମଧ୍ୟ ଅନେକ ଅନ୍ତର୍ଜାତୀୟ ଅଭିଜ୍ଞ ଖେଳାଳି ରହିଛନ୍ତି।

ଦୁର୍ବଳତା: ଏହି ଦଳରେ ତାନିଆଙ୍କର ବ୍ୟାକ୍‌ଅପ୍ ଉଇକେଟ କିପର କେହି ନାହାନ୍ତି। ଏହା ଆବଶ୍ୟକ ସମୟରେ ଚିନ୍ତାର କାରଣ ହୋଇପାରେ।

## ସଫଳତା

ବିରହମପୁର ଗୋସାଣୀ ନୂଆଗାଁ
ମଧୁସ୍ମିତା କରି ପଣ
ଆଫ୍ରିକାର ଉଚ୍ଚତମ କିଲମାଞ୍ଜାରୋ
ଶୃଙ୍ଗ କଲା ଆରୋହଣ
କଷଟି ପଥର ବଣ
ମାଇନସ ତାପମାତ୍ରା କଷ୍ଟ ସହି
ଫୁଟାଏ ବିଜୟ ବାଣ।

ଫାଷ୍ଟ ଓମେନ୍ସ ପ୍ରିମିୟର ଲିଗ୍‌ର
ନିଲାମରେ ପାଇ ସ୍ଥାନ
ସୋପିଆଁ ଜିଲାର ଜେସିଆ ଅଖତର
ହୋଇଛି ନମ୍ବର ୱାନ
ଏ ଜମ୍ମୁ କଶ୍ମୀର ଜନ୍ମ
ରାଜ୍ୟକୁ ଓମେନ୍ସ କ୍ରିକେଟ ମ୍ୟାପ୍‌ରେ
ସ୍ଥାନ ଦେଇ ହେଲା ଧନ୍ୟ।



ଡବ୍ଲ୍ୟୁପିଏଲ୍ କଣ୍ଟ୍ରାକ୍ଟରେ ସ୍ଥାନପାଇ
କ୍ରିକେଟର ମିନୁ ରାଣୀ
ସଂଘର୍ଷ ଯୁଦ୍ଧରେ ଏ ନୂଆ ସୋପାନ
କହେ ତ୍ୟାଗ ଫଳ ମଣି
ପୁଅ ହେଉ ଝିଅ ପୁଣି
ଲକ୍ଷ୍ୟ ନିଷ୍ଠା ତ୍ୟାଗ ଧୈର୍ଯ୍ୟ ସଫଳତା
ବଡ଼ ମନ୍ତ୍ର ଥାଅ ଜାଣି।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧୭/୨୦୨୩ Bhubaneswar, Friday, February 17/ 2023

# ଟପ୍ ଅର୍ଡର ଚିନ୍ତାରେ ଭାରତ

**ନୂଆଦିଲ୍ଲୀ,୧୬।୨(ପି.ଟି)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ୪ ମ୍ୟାଚ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହେବ। ଭାରତ ଏହି ମ୍ୟାଚ୍ ପାଇଁ ଫେଭରିଟ୍ ରହିଥିବା ବେଳେ ଟପ୍ ଅର୍ଡର ବ୍ୟାଟିଂକୁ ନେଇ ଦଳ ସାମାନ୍ୟ ଚିନ୍ତାରେ ରହିଛି। ଅଧିନାୟକ ରୋହିତ ଶର୍ମା ଶତକ ହାସଲ କରି ଫର୍ମକୁ ଫେରିଥିଲେ ମଧ୍ୟ ଲୋକେଶ ରାହୁଲଙ୍କ ଫର୍ମ ଭାରତୀୟ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି। ନାଗପୁରର ଧିମା ଟ୍ରାକ୍‌ରେ ଚମତ୍କାର ଧୈର୍ଯ୍ୟର ପରିଚୟ ଦେଇ ରୋହିତ ଶର୍ମା ଶତକ ହାସଲ କରିଥିଲେ। ତେବେ ଟପ୍ ଅର୍ଡରରେ ଅନ୍ୟ ବ୍ୟାଟରମାନେ ବିଫଳ ହୋଇଥିଲେ। ୩ ନେଟ୍ ବୋଲର ସୌରଭ କୁମାର, ପୁଲକିତ ନାରଙ୍ଗ ଓ ହ୍ରିତିକ ଶୋକିନଙ୍କୁ କୋହଲି ବୁଧବାର ଖେଳିଥିଲେ। ଭାରତୀୟ ବ୍ୟାଟିଂ କୋଚ୍ ବିକ୍ରମ ରାଠୋରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ସେସନ୍ ପାଇଁ ପିଚ୍‌ରେ ରଫ୍ ମାର୍କ ତିଆରି କରାଯାଇଥିଲା। ତେଣୁ ଦ୍ୱିତୀୟ ଟେଷ୍ଟରେ ନାଥନ ଲିୟନ୍ ଓ ଟଡ୍ ମର୍ଫିଙ୍କ ବିପକ୍ଷରେ କୋହଲିଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ।





ଅଭ୍ୟାସ ଅବସରରେ ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା ଓ ଶ୍ରେୟସ ଆୟାର।

**ରାହୁଲଙ୍କ ପାଇଁ ଶେଷ ସୁଯୋଗ:** ନୂଆଦିଲ୍ଲୀ ଟେଷ୍ଟ ଓପନିଙ୍ଗ ବ୍ୟାଟର ଲୋକେଶ ରାହୁଲଙ୍କ ପାଇଁ ଶେଷ ସୁଯୋଗ। ଭାରତୀୟ ଦଳରେ ଓପନିଙ୍ଗ ସ୍ଥାନ ପାଇଁ ଏକାଧିକ ବିକଳ୍ପ ରହିଛି। ରେଡ୍ ହଟ୍ ଫର୍ମରେ ଥିବା ଶୁବମନ ଗିଲ୍‌ଙ୍କୁ ବାଦ୍ ଦେଇ ଦଳ ଲୋକେଶ ରାହୁଲଙ୍କୁ ଦଳରେ ସ୍ଥାନ ଦେଇଛି। ରାହୁଲ ଭାରତ ପାଇଁ ୪୬ ଟେଷ୍ଟ ଖେଳି ସାରିଥିବା ବେଳେ ତାଙ୍କର ଆଭରେଜ ମାତ୍ର ୩୪ ରହିଛି। ଦ୍ୱିତୀୟ ଟେଷ୍ଟରେ ବିଫଳ ହେଲେ ରାହୁଲଙ୍କ ପାଇଁ ଭାରତୀୟ ଦଳର ରାସ୍ତା ବନ୍ଦ ହେବାର ସମ୍ଭାବନା ରହିଛି। ଶୁବମାନ ଗିଲ୍‌ଙ୍କ ଅଷ୍ଟ୍ରେଲିଆ ବିପକ୍ଷ ରେକର୍ଡ ଚମତ୍କାର ଥିବା ବେଳେ ଦ୍ୱିତୀୟ ଟେଷ୍ଟରେ ଭଲ ପ୍ରଦର୍ଶନ ନ ଦେଲେ ରାହୁଲ ବାଦ୍ ପଡିବାର ସମ୍ଭାବନା ଅଧିକ।

**ଆଜି ଦ୍ୱିତୀୟ ଟେଷ୍ଟ**
**ମ୍ୟାଚ୍ ସମୟ: ସକାଳ ୯.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ମଧ୍ୟକ୍ରମ ଉପରେ ଗୁରୁତ୍ୱ:** ଦ୍ୱିତୀୟ ଟେଷ୍ଟ ପୂର୍ବରୁ ମଧ୍ୟକ୍ରମ ବ୍ୟାଟିଂକୁ ବେଶ୍ ପ୍ରଶଂସା କରିଛନ୍ତି ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍। ନିକଟ ଅତୀତରେ ଭାରତୀୟ ଦଳର ଟପ୍ ଅର୍ଡର ସଂଘର୍ଷ କରିଥିବା ବେଳେ ଶ୍ରେୟସ ଆୟାର, ରିଷଭ ପନ୍ତ ଏବଂ ରବୀନ୍ଦ୍ର ଜାଡେଜା ହିଁ ଦଳକୁ ସଙ୍କଟରୁ ଉଦ୍ଧାର କରିଛନ୍ତି। ପ୍ରଥମ ଟେଷ୍ଟରେ ମଧ୍ୟ ଜାଡେଜା ଓ ଅକ୍ଷର ପଟେଲ ସମାନ ଦାୟିତ୍ୱ ନିର୍ବାହ କରିଥିଲେ। ଜମଥା ପରି ଧିମା ନ ହେଲେ ମଧ୍ୟ ଅରୁଣ ଜେଟଲୀ ଷ୍ଟାଡିୟମର ପିଚ୍ ଧିମା ରହିବ। ଏହା ସହିତ ପୁନର୍ବାର ଭାରତୀୟ ମିଡିଲ ଅର୍ଡର ବ୍ୟାଟିଂ ଉପରେ ସମସ୍ତଙ୍କ ନଜର ରହିବ। ଏହି ଷ୍ଟାଡିୟମର ଉଭୟ ପାର୍ଶ୍ୱର ବାଉଣ୍ଡାରି ସାମାନ୍ୟ ଛୋଟ ଥିବାରୁ ବ୍ୟାଟର ଏହାର ଫାଇଦା ଉଠାଇବାକୁ ପ୍ରୟାସ କରିପାରନ୍ତି।

**ଶ୍ରେୟସ ବନାମ ସୂର୍ଯ୍ୟକୁମାର:** ୩୧ ଦିନ ଧରି ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟରୁ ଦୂରେଇ ରହିବା ପରେ ଶ୍ରେୟସ ଆୟାର ଦଳକୁ ଫେରିଛନ୍ତି। ଦ୍ୱିତୀୟ ଟେଷ୍ଟରେ ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ସେ ଚୂଡାନ୍ତ ଏକାଦଶରେ ସାମିଲ ହୋଇପାରନ୍ତି। ତେବେ ପ୍ରତ୍ୟାବର୍ତ୍ତନ ପରେ ତୁରନ୍ତ ୫ ଦିନିଆ ମ୍ୟାଚର କାର୍ଯ୍ୟଭାର ସମ୍ଭାଳିବାରେ ଆୟର ସମର୍ଥ ହେବେ କି ନାହିଁ ତାହା ବଡ ପ୍ରଶ୍ନ ରହିଛି। ଅନ୍ୟ ପକ୍ଷରେ ଯଦି ଆୟର ନ ଖେଳନ୍ତି ତେବେ ସୂର୍ଯ୍ୟକୁମାରଙ୍କୁ ଆଉ ଏକ ସୁଯୋଗ ମିଳିବ।

**ପୂଜାରାଙ୍କ ଶତକୀୟ ଟେଷ୍ଟ:** ଭାରତୀୟ ଟେଷ୍ଟ ବ୍ୟାଟିଂର ମେରୁଦଣ୍ଡ ଭାବରେ ବିଗତ ୧୩ ବର୍ଷ ଧରି ଖେଳିଥିବା ଚେତେଶ୍ୱର ପୂଜାରା ଦିଲ୍ଲୀର ଅରୁଣ ଜେଟଲୀ କ୍ରିକେଟ ଷ୍ଟାଡିୟମରେ ନିଜର ୧୦୦ ତମ ଟେଷ୍ଟ ଖେଳିବେ। ୧୩ତମ ଭାରତୀୟ ଖେଳାଳି ଭାବରେ ସେ ଏହି ସଫଳତା ହାସଲ କରିବାକୁ ଯାଉଛନ୍ତି। ୯୯ ଟେଷ୍ଟରୁ ୪୪ ଆଭରେଜରେ ୧୯ ଶତକ ଓ ୩୪ ଅର୍ଦ୍ଧଶତକ ସହିତ ୭୦୨୧ ରନ୍ ସଂଗ୍ରହ କରିଛନ୍ତି। ଶତକୀୟ ଟେଷ୍ଟରେ ପୂଜାରା କ୍ୟାରିୟରର ବିଂଶତମ ଶତକ ହାସଲ କରିବା ଲକ୍ଷ୍ୟରେ ରହିବେ।

# ସେଲ୍‌ଫି ପାଇଁ ପୃଥ୍ୱୀ ଶ'ଙ୍କୁ ଆକ୍ରମଣ

**ମୁମ୍ବାଇ,୧୬।୨**

ସେଲ୍‌ଫି ଉଠାଇବାକୁ କେନ୍ଦ୍ର କରି ପୂର୍ବତନ ଭାରତୀୟ କ୍ରିକେଟର ପୃଥ୍ୱୀ ଶ'ଙ୍କୁ ଆକ୍ରମଣ ହୋଇଛି। ପୃଥ୍ୱୀଙ୍କ ସାଙ୍ଗ ଏ ନେଇ ପୋଲିସ ନିକଟରେ ଅଭିଯୋଗ କରିଥିବା ବେଳେ ଦୁଇ ଜଣଙ୍କୁ ଅଟକ ରଖାଯାଇଛି। ଅଭିଯୋଗ ଅନୁସାରେ ୮ ଜଣ ଲୋକ ପୃଥ୍ୱୀଙ୍କ ଗାଡିକୁ ପିଛା କରିବା ପରେ ବେସ୍ ବଲ୍ ବ୍ୟାଟରେ ପିଟି କାରର ଆଗପଟ କାଚ ଭାଙ୍ଗି ଦେଇଥିଲେ। ମୁମ୍ବାଇ ବିମାନ ବନ୍ଦରର ଏକ ବିଳାସପୂର୍ଣ୍ଣ ହୋଟେଲରେ ପୃଥ୍ୱୀ ରହିଥିବା ବେଳେ ଶୋଭିତ୍ ଠାକୁର ଏବଂ ସପନା ଗିଲ୍ ସେଲ୍‌ଫି ପାଇଁ ନିକଟକୁ ଆସିଥିଲେ। ସେଲ୍‌ଫି ନେବା ପରେ ମଧ୍ୟ ଉଭୟ ପୃଥ୍ୱୀଙ୍କୁ ଛାଡି ନ ଥିଲେ। ହୋଟେଲ କର୍ମଚାରୀଙ୍କ ନିକଟରେ ଅଭିଯୋଗ ପରେ ଉଭୟଙ୍କୁ ବାହାର କରାଯାଇଥିଲା। ପୃଥ୍ୱୀ ହୋଟେଲରୁ ବାହାରିବା ପରେ ଉଭୟ ଅନ୍ୟମାନଙ୍କ ସହିତ ମିଶି ଗାଡିକୁ ପିଛା କରିଥିଲେ। ଏକ ବେସ୍ ବଲ ବ୍ୟାଟରେ ଆକ୍ରମଣ କରିବା ସହିତ ଗାଡିର ୱିଣ୍ଡ ସିଲ୍ଡ ଭାଙ୍ଗି ଦେଇଥିଲେ। ତେବେ ଶୋଭିତ ଏବଂ ସପନା ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଉଭୟ ୫୦ ହଜାର ଟଙ୍କା ଦାବି କରିଥିବା ବେଳେ ପଇସା ନ ମିଳିଲେ ମିଛ ମାମଲାରେ ଫସାଇବାକୁ ଧମକ ଦେଇଥିଲେ। ପୃଥ୍ୱୀ ଶ' ପ୍ରଥମେ ଆକ୍ରମଣ କରିଥିବା ନେଇ ଶୋଭିତ ଓ ସପନାଙ୍କ ଓକିଲ ଅଲୀ କାଶିଫ ଖାନ୍ ବୟାନ ଦେଇଛନ୍ତି। ଏହା ସହିତ ଏକ ଭିଡିଓରେ ସପନା ଏବଂ ପୃଥ୍ୱୀ ଏକ ବେସ୍ ବଲ୍ ବ୍ୟାଟକୁ ଛଡାଇବାକୁ ପ୍ରୟାସ କରୁଥିବା ଦେଖିବାକୁ ମିଳିଛି। ଅଭିଯୋଗ ପରେ ସପନାଙ୍କୁ ଓଶିୱାରା ପୋଲିସ ଷ୍ଟେଶନରେ ଅଟକ ରଖାଯାଇଥିବା ଜଣାପଡିଛି।



ପୃଥ୍ୱୀଙ୍କୁ ଆକ୍ରମଣ ସମୟର ଦୃଶ୍ୟ।

## ଜଙ୍ଗ୍‌ଙ୍କୁ ହରାଇ କ୍ୱାର୍ଟରରେ ନାଗାଲ

**ଚେନ୍ନାଇ, ୧୬।୨ (ପି.ଟି.):** ସୁମିତ ନାଗାଲ ଏଠାରେ ଚାଲିଥିବା ଚେନ୍ନାଇ ଓପନ ଚ୍ୟାଲେଞ୍ଜର ଟେନିସ ଟୁର୍ନାମେଣ୍ଟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସେ ଲଢୁଆ ପ୍ରତ୍ୟାବର୍ତ୍ତନ ସହ ଚାଇନିଜ ତାଇପେର ଜାସନ ଜଙ୍ଗ୍‌ଙ୍କୁ ୩-୬, ୬-୨, ୬-୦ରେ ହରାଇ ଦେଇଛନ୍ତି। ଏଥି ସହିତ ସେ ଭାରତୀୟ ଚ୍ୟାଲେଞ୍ଜକୁ ଉଜ୍ଜୀବିତ ରଖିଛନ୍ତି। ୨୫ ବର୍ଷୀୟ ଭାରତୀୟ ଖେଳାଳି କ୍ୱାଲିଫାଇଙ୍ଗ ଜରିଆରେ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଏଟିପି ର୍‍ୟାଙ୍କିଙ୍ଗରେ ୫୦୬ ନମ୍ବର ସ୍ଥାନରେ ରହିଥିବା ନାଗାଲ କ୍ୱାର୍ଟରଫାଇନାଲରେ ଗ୍ରେଟ୍ ବ୍ରିଟେନର ଜେ କ୍ଲାର୍କ (୩୧୩)ଙ୍କୁ ଭେଟିବେ। କ୍ଲାର୍କ ୩-୬, ୬-୩, ୬-୪ରେ ଦିମିତାର କୁଜ୍‌ମାନୋଭଙ୍କୁ ପରାସ୍ତ କରି ପରବର୍ତ୍ତି ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଅନ୍ୟପକ୍ଷରେ ଦ୍ୱିତୀୟ ସିଡ୍ ଜେମ୍ସ ଡକ୍‌ୱର୍ଥ ସର୍ବିୟାର ହମାଦ ମେଡ୍‌ଜୋଭିଚ୍‌ଙ୍କୁ ୬-୨, ୭-୬ (୩)ରେ ହରାଇ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟତମ ଖେଳାଳି ମାକ୍ସ ପର୍ସେଲ ମଧ୍ୟ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।




# ସୋହିନୀ, ଆରାଧ୍ୟା ସମ୍ବର୍ଦ୍ଧିତ



ସୋହିନୀ, ଆରାଧ୍ୟାଙ୍କୁ ଓଡ଼ିଶା ଟେନିସ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

**ଭୁବନେଶ୍ୱର, ୧୬।୨ (କ୍ରୀଡ଼ା ପ୍ରତିନିଧି)**

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ**

ଭୋପାଳରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଟେନିସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶାର ସୋହିନୀ ମହାନ୍ତି ଓ ଆରାଧ୍ୟା ବର୍ମାଙ୍କୁ ଗୁରୁବାର ଓଡ଼ିଶା ଟେନିସ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୋହିନୀ-ଆରାଧ୍ୟା ଯୋଡ଼ି ବାଳିକା ଡବଲ୍‌ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଫାଇନାଲରେ ଏହି ଯୋଡ଼ି ମଧ୍ୟପ୍ରଦେଶ ଯୋଡ଼ିଙ୍କୁ ୭-୬, ୭-୬ ସେଟ୍‌ରେ ହରାଇ ଦେଇଥିଲେ। ଓଡ଼ିଶା ଟେନିସ ଆସୋସିଏଶନ ପକ୍ଷର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୋହିନୀ ଓ ଆରାଧ୍ୟାଙ୍କୁ ୨୫,୦୦୦ ଟଙ୍କା ଲେଖାଏ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟଙ୍କ କୋଚ୍ ସୟଦ ଫରହାନ ଅଲୀ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ ହୋଇଥିଲେ। ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟ ପାଇଁ ରାଜ୍ୟର ଖେଳାଳିଙ୍କୁ ଅଧିକ ଅଭ୍ୟାସ ସୁଯୋଗ ଦେବା ଲକ୍ଷ୍ୟରେ ଓଡ଼ିଶା ଟେନିସ ଆସୋସିଏଶନ ଏକାଧିକ ଏଆଇଟିଏ ଟୁର୍ନାମେଣ୍ଟ ଆୟୋଜନର ଲକ୍ଷ୍ୟ ରଖିଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଓଡ଼ିଶା ଟେନିସ ଆସୋସିଏଶନ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ଏବଂ ଆସୋସିଏଶନର ଅନ୍ୟ ସଦସ୍ୟଙ୍କ ସମେତ ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ।

# କ୍ଷମା ମାଗିଲା ଆଇସିସି

**ଦୁବାଇ, ୧୬।୨(ପି.ଟି.)**

ଟେଷ୍ଟ ଟିମ୍ ର୍‍ୟାଙ୍କିଙ୍ଗରେ ବୈଷୟିକ ତ୍ରୁଟି ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କ୍ଷମା ମାଗିଛି। ବୁଧବାର ପ୍ରଥମେ ଭାରତକୁ ନମ୍ବର ୧ ଟେଷ୍ଟ ଦଳ ଭାବେ ଘୋଷଣା କରିବାର କିଛି ସମୟ ପରେ ଏହାର ଅପ୍‌ଡେଟ୍ ତାଲିକାରେ ରୋହିତ ଶର୍ମାଙ୍କ ଦଳକୁ ନମ୍ବର ୨ ବୋଲି ଦର୍ଶାଇଥିଲା। ନାଗପୁରରେ ପ୍ୟାଟ୍ କୁମିନ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ବିପକ୍ଷରେ ଇନିଂସ ଓ ୧୩୨ ରନ ବିଜୟ ପରେ ଆଇସିସି ରୋହିତଙ୍କ ଦଳକୁ ନମ୍ବର ୱାନ୍ ଦଳ ବୋଲି ଘୋଷଣା କରିଥିଲା। ଗୁରୁବାର ଆଇସିସି ନିଜ ତ୍ରୁଟିକୁ ସ୍ୱୀକାର କରିବା ସହ ବୈଷୟିକ ତ୍ରୁଟି ଯୋଗୁ ଆଇସିସି ୱେବ୍‌ସାଇଟ୍‌ରେ ଭୁଲବଶତଃ ଭାରତକୁ ନମ୍ବର ୱାନ ଦଳ ଭାବେ ଦର୍ଶାଯାଇଥିଲା ବୋଲି କହିଛି। ଏହି କାର୍ଯ୍ୟ ପାଇଁ ଆଇସିସି କ୍ଷମା ପ୍ରାର୍ଥନା ମଧ୍ୟ କରିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଜିମ୍ବାୱେର ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ପରେ ଆଇସିସି ଏହାର ଟେଷ୍ଟ ଟିମ୍ ର୍‍ୟାଙ୍କିଙ୍ଗ ତାଲିକାରେ ଅପ୍‌ଡେଟ୍ କରିଥିଲା। ଦିଲ୍ଲୀରେ ଶୁକ୍ରବାର ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଅଷ୍ଟ୍ରେଲିଆ ନମ୍ବର ୱାନ ର୍‍ୟାଙ୍କିଙ୍ଗ ଦଳ ଭାବେ ଖେଳିବ। ଅଷ୍ଟ୍ରେଲିଆର ରେଟିଙ୍ଗ ପଏଣ୍ଟ ବର୍ତ୍ତମାନ ୧୨୬ ରହିଥିବା ବେଳେ ଭାରତର ୧୧୫ ରହିଛି। ଭାରତ ବର୍ତ୍ତମାନ ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ୨୦୨୧-୨୩ ଫାଇନାଲ ଦୌଡ଼ରେ ରହିଛି। ଏହି ମର୍ଯ୍ୟାଦାପୂର୍ଣ୍ଣ ଇଭେଣ୍ଟର ଫାଇନାଲ ପାଇଁ ଅଷ୍ଟ୍ରେଲିଆ ମଧ୍ୟ ଅନ୍ୟତମ ଦାବିଦାର ରହିଛି। ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଜୁନ୍ ୭ରୁ ୧୧ ଲଣ୍ଡନସ୍ଥିତ ଓଭାଲଠାରେ ଖେଳାଯିବ।

**ଟିମ୍ ର୍‍ୟାଙ୍କିଙ୍ଗ୍‌ରେ ତ୍ରୁଟି ଘଟଣା**

# ସୁପର୍-୮ରେ ଓଡ଼ିଶା

**ଭୁବନେଶ୍ୱର,୧୬।୨ (ସ୍ପୋର୍ଟ୍ସ ବ୍ୟୁରୋ)**

**ଦୃଷ୍ଟିବାଧିତ ନାଗେଶ ଟ୍ରଫି**

ରାଜସ୍ଥାନର ଆଜମେରରେ ଲରେନ୍ସ ମେୟର ପବ୍ଲିକ୍ ସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଦୃଷ୍ଟିବାଧିତ ନାଗେଶ ଟ୍ରଫିର ସୁପର-୮ରେ ପ୍ରବେଶ କରିଛି ଓଡ଼ିଶା । ଗୁରୁବାର ଜମ୍ମୁ-କଶ୍ମୀରକୁ ୮ ଉଇକେଟରେ ହରାଇଥିବା ଓଡ଼ିଶା କ୍ରମାଗତ ତୃତୀୟ ଗ୍ରୁପ୍ ମ୍ୟାଚ ଜିତିବା ପରେ ସୁପର-୮ରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଜମ୍ମୁ କଶ୍ମୀର ୨୦ ଓଭରରେ ୧୫୬ ରନରେ ସମସ୍ତ ଉଇକେଟ ହରାଇଥିଲା। ଏମ୍‌ଡି ଅଜିମ୍ ସର୍ବାଧିକ ୫୬ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ତପନ କୁମାର ଗୌଡ, ସୁଖରାମ ମାଝି, ନକୁଳ ବଡନାୟକ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ଏମ୍‌ଡି ଜାଫର ଇକବାଲ ଗୋଟିଏ ଉଇକେଟ ହାସଲ କରିଥିଲେ। ଜବାବରେ ଓଡ଼ିଶା ୧୧.୪ ଓଭରରେ ଦୁଇ ଉଇକେଟ ହରାଇ ୧୫୭ ରନ୍ ସଂଗ୍ରହ କରିଥିଲା। ଲାଲ ପ୍ରସାଦ ସୋରେନ୍ ସର୍ବାଧିକ ୮୨ ଓ ଶୁକଦେବ ସୋରେନ ୫୫ ରନ୍ କରିଥିଲେ। ଲାଲ ପ୍ରସାଦଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା। ଶୁକ୍ରବାର ଓଡ଼ିଶା ଚତୁର୍ଥ ଲିଗ୍ ମ୍ୟାଚରେ ଆୟୋଜକ ରାଜସ୍ଥାନକୁ ଭେଟିବ।




ଲାଲ ପ୍ରସାଦ ପୁରସ୍କାର ଗ୍ରହଣ କରୁଛନ୍ତି।

# ରଣଜୀ ଫାଇନାଲ: ଦୃଢ଼ ସ୍ଥିତିରେ ସୌରାଷ୍ଟ୍ର

**କୋଲକାତା,୧୬।୨(ପି.ଟି)**

ଐତିହାସିକ ଇଡେନ ଗାର୍ଡେନ୍ସରେ ଗୁରୁବାର ବେଙ୍ଗଲ ଓ ସୌରାଷ୍ଟ୍ର ମଧ୍ୟରେ ରଣଜୀ ଟ୍ରଫି ଫାଇନାଲ ଆରମ୍ଭ ହୋଇଛି। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ସୌରାଷ୍ଟ୍ର ଦୃଢ ସ୍ଥିତିରେ ରହିଛି। ସୌରାଷ୍ଟ୍ର ପାଇଁ ଗ୍ରୀନ୍ ଟ୍ରାକ ପ୍ରସ୍ତୁତ କରିବା ବେଙ୍ଗଲ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଛି। ଦୁଇ ବାମହାତୀ ପେସ୍ ବୋଲର ଜୟଦେବ ଉନାଡକଟ ଓ ଚେତନ ସାକାରିୟାଙ୍କ ଘାତକ ବୋଲିଂ ବଳରେ ବେଙ୍ଗଲକୁ ମାତ୍ର ୧୭୪ ରନରେ ସୀମିତ ରଖିଥିଲା ସୌରାଷ୍ଟ୍ର। ଜବାବରେ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ୨ ଉଇକେଟ ହରାଇ ୮୧ ରନ୍ ସଂଗ୍ରହ କରିଛି। ଟସ୍ ଜିତି ବୋଲିଂ କରିଥିବା ସୌରାଷ୍ଟ୍ର ପକ୍ଷରୁ ଉନାଡକଟ, ସାକାରିୟା ଓ ଚିରାଗ ଜାନି ଘାତକ ବୋଲିଂ କରିଥିଲା। ଟପ୍ ଅର୍ଡରରେ ସୁମନ୍ତ ଗୁପ୍ତା(୧), ଅଭିମନ୍ୟୁ ଈଶ୍ୱରନ୍(୦) ଓ ସୁଦୀପ ଘରାମି(୦) ଦୁଇ ଓଭର ମଧ୍ୟରେ ପ୍ୟାଭିଲିୟନ୍ ଫେରିଥିଲେ। ବେଙ୍ଗଲ ୬୬ ରନରେ ୬ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ସ୍ପିନ ବୋଲିଂ ଅଲରାଉଣ୍ଡର ଶାହବାଜ ଅହମଦ(୬୯) ଓ ଉଇକେଟ କିପର ଅଭିଷେକ ପୋରେଲ(୫୦)ଙ୍କ ମଧ୍ୟରେ ସପ୍ତମ ଉଇକେଟରେ ୧୦୧ ରନ୍‌ର ଭାଗିଦାରି ହେବାରୁ ଦଳ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। ବେଙ୍ଗଲ ୫୪.୧ ଓଭରରେ ୧୭୪ ରନରେ ଅଲଆଉଟ ହୋଇଥିଲା। ଜୟଦେବ ଉନାଡକଟ ଓ ଚେତନ ସାକାରିୟା ୩ଟି ଲେଖାଏ ଉଇକେଟ ନେଇଥିବା ବେଳେ ଚିରାଗ ଜାନି ଓ ଧର୍ମେନ୍ଦ୍ର ସିଂ ଜାଡେଜା ୨ଟି ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ହାସଲ ପରେ ଚେତନ ସାକାରିୟା ।

ଜବାବରେ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ସୌରାଷ୍ଟ୍ର ହାତରେ ୮ ଉଇକେଟ ଥିବା ବେଳେ ଦଳ ୯୩ ରନ୍ ପଛରେ ରହିଛି। ଓପନର ତଥା ଉଇକେଟ କିପର ହାର୍ଭିକ୍ ଦେଶାଇ ୩୮ ଓ ନାଇଟ ୱାଚମ୍ୟାନ ଚେତନ ସାକାରିୟା ୨ ରନ୍‌ରେ କ୍ରିଜରେ ଉପସ୍ଥିତ ଅଛନ୍ତି। ଜୟ ଗୋହିଲ୍ ୬ ଓ ବିଶ୍ୱରାଜ ଜାଡେଜା ୨୫ ରନ୍ କରି ପ୍ୟାଭିଲିୟନ୍ ଫେରିଛନ୍ତି। ଆକାଶ ଦୀପ୍ ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ବେଙ୍ଗଲ ପ୍ରଥମ ଇନିଂସ-୫୪.୧ ଓଭରରେ ୧୭୪/୧୦(ଶାହବାଜ ଅହମଦ-୬୯, ଅଭିଷେକ ପୋରେଲ୍-୫୦, ଆକାଶ ଘଟକ-୧୭, ଚେତନ ସାକାରିୟା-୩/୩୩, ଜୟଦେବ ଉନାଡକଟ-୩/୪୪, ଧର୍ମେନ୍ଦ୍ର ସିଂ ଜାଡେଜା-୨/୧୯)। ସୌରାଷ୍ଟ୍ର ପ୍ରଥମ ଇନିଂସ-୧୭ ଓଭରରେ ୮୧/୨ (ହାର୍ଭିକ ଦେଶାଇ-୩୮*, ବିଶ୍ୱରାଜ ଜାଡେଜା-୨୫, ମୁକେଶ କୁମାର-୧/୨୩, ଆକାଶ ଦୀପ୍-୧/୨୮)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ